# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ODISHA BHASKAR | ଯାହା ଆପଣଙ୍କ କଥା କହେ

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୨୩ | Vol. 21 No-323 | 21 FEBRUARY 2025 FRIDAY BHUBANESWAR | ଶୁକ୍ରବାର, ୨୧ ଫେବୃଆରୀ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦




ସିନ୍ଦେଙ୍କୁ ବୋମାରେ ଉଡାଇଦେବାକୁ ଧମକ | ୬



ଇତିହାସ ରଚିଲେ ରୋହିତ | ୭




**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଅନ୍ତର୍ଜାତୀୟ ମାତୃଭାଷା ଦିବସ

## ୨୧ ଫେବୃଆରୀ ୨୦୨୫

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।"
*ସ୍ବଭାବ କବି ଗଙ୍ଗାଧର ମେହେର*

**ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ମାତୃଭାଷାର ସୁରକ୍ଷା ସହିତ ଏକ ସମୃଦ୍ଧ ଶୈକ୍ଷିକ ବାତାବରଣ ଗଢ଼ିତୋଳିବାକୁ 'ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ'ର ପ୍ରୟାସ ।**

ଗୁଜରାଟ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ଓଡ଼ିଆ ଭାଷା ଶିକ୍ଷା ପାଇଁ ୬୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ସାହିତ୍ୟ ପୁସ୍ତକ ପ୍ରଦାନ ।

ଆଗାମୀ ଶିକ୍ଷା ବର୍ଷରେ ୫ ଲକ୍ଷ ୪୬ ହଜାରରୁ ଊର୍ଦ୍ଧ୍ୱ ବେସରକାରୀ ଓଡ଼ିଆ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଯୋଗାଇବା ପାଇଁ ବ୍ୟବସ୍ଥା ।

ଓଡ଼ିଆ ଭାଷାରେ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା-୨୦୨୪ରେ ଓଡ଼ିଆରେ ସର୍ବାଧିକ ନମ୍ବର ରଖିଥିବା ୭୧୬୦ଜଣ ଛାତ୍ରଛାତ୍ରୀଙ୍କୁ ୫ କୋଟି ୩୭ ଲକ୍ଷ ଟଙ୍କାର 'ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷାବୃତ୍ତି ପୁରସ୍କାର' ପ୍ରଦାନ ।

୪୨୭୩୯ ବିଦ୍ୟାଳୟରେ ଗପ ଶୁଣିବା ଓ ଗପ କହିବା କାର୍ଯ୍ୟକ୍ରମ ।

୪୮୬୫୮ ବିଦ୍ୟାଳୟରେ ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ ।

ରାଜ୍ୟସ୍ତରୀୟ ଭାରତୀୟ ଭାଷା ଉତ୍ସବ ସମାରୋହ ୧୧ ଡିସେମ୍ବର ୨୦୨୪ରେ ଅନୁଷ୍ଠିତ ।

ଭାଷା ଭିତ୍ତିକ ଆକାଂକ୍ଷୀ ପାଠ୍ୟକ୍ରମ 'ସାହିତ୍ୟ ସୃଜନୀ' ମାଧ୍ୟମିକ ବିଦ୍ୟାଳୟରେ ପ୍ରଚଳନ ।

ଉଚ୍ଚ ବିଦ୍ୟାଳୟ ସ୍ତରରେ ଓଡ଼ିଆ ଶିକ୍ଷାର ବିକାଶ ପାଇଁ ୪୯୬ଜଣ ଓଡ଼ିଆ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ ପଦବୀ ସୃଷ୍ଟି କରାଯାଇ ନିଯୁକ୍ତି ପ୍ରକ୍ରିୟା ଜାରିରହିଛି ।

ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ୧୩୧୭ଟି ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ୨୧ଟି ଭାଷାରେ ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ।

DSPL-390 | **ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର** | OIPR 27068/13/0038/2425




କଟକ(ଭାସ୍କର ନ୍ୟୁଜ୍): ମହିଳାଙ୍କ ବିରୁଦ୍ଧରେ ହେଉଥିବା ହିଂସାକୁ ଜାଣିବା, ଏ ଦିଗରେ ଥିବା ଆଇନଗତ ଦିଗ ସମ୍ବନ୍ଧରେ ସଚେତନ କରାଇବା ଓ ଆଇନଗତ ସହାୟତା ଯୋଗାଇ ଦେଇ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ କଟକ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ସହରାଞ୍ଚଳ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଉଦ୍‌ଘାଟନ କରି କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ ମହିଳାଙ୍କ ମୌଳିକ ଅଧିକାରର ସୁରକ୍ଷା ଲାଗି ଆଇନଗତ ଢାଞ୍ଚାକୁ ସୁଦୃଢ଼ କରିବା ଓ ନ୍ୟାୟ ବ୍ୟବସ୍ଥାକୁ ବ୍ୟାପକ ତଥା ସହଜଲଭ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାମାନେ ବିଭିନ୍ନ ଆଇନଗତ ଦିଗ ବିଷୟରେ କିପରି ଜାଣିପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡିଶା ରାଜ୍ୟ ମହିଳା କମିଶନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ପରିଡା କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ ଓ ପ୍ରୋଗ୍ରାମ ଅଫିସର ଶୁଭ୍ରା ଦାଶ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସସ୍ମିତା ମହାନ୍ତି, ସ୍ଥାନୀୟ ଅଭିଯୋଗ କମିଟି ଅଧକ୍ଷ ମିନାକ୍ଷୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଜିଲ୍ଲା ସଂଯୋଜିକା ନିବେଦିତା ପାଣିଗ୍ରାହୀ, ଜିଲ୍ଲା ସଂଯୋଜକ ପୋଷଣ ଶ୍ରୀକାନ୍ତ ଜେନାଙ୍କ ସମେତ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ ।



### ଅରୁଣାଚଳ ପ୍ରଦେଶ ଓ ମିଜୋରାମର ପ୍ରତିଷ୍ଠା ଦିବସ ପାଳିତ

## ବିବିଧତାରେ ଏକତା ଭାରତର ବିଶେଷତ୍ୱ: ରାଜ୍ୟପାଳ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିବିଧତାରେ ଏକତା ଭାରତର ବିଶେଷତ୍ୱ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଆଜି ଅପରାହ୍ନରେ ରାଜଭବନର ନ୍ୟୁ ଅଭିଷେକ ହଲ୍ ଠାରେ ଅରୁଣାଚଳ ପ୍ରଦେଶ ଓ ମିଜୋରାମ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟପାଳ ଏହା କହିଛନ୍ତି। ଏକ ଉତ୍ସବ ମୁଖରିତ ପରିବେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଅରୁଣାଚଳ ପ୍ରଦେଶ ଓ ମିଜୋରାମ ରାଜ୍ୟର ଅଧିବାସୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସୁଖ ସମୃଦ୍ଧି କାମନା କରିଥିଲେ। ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ବିବିଧତା ଆମ ଗୌରବ । ଏପରି କାର୍ଯ୍ୟକ୍ରମ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଭାବନାକୁ ସୁଦୃଢ଼ କରୁଅଛି ଏବଂ ବିବିଧ ସାଂସ୍କୃତିକ ପରଂପରା ଓ ଆକାଂକ୍ଷାକୁ ଏକ ଜାତୀୟ ପରିଚୟରେ ଏକତ୍ରିତ କରୁଛି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ରାଜଭବନରେ ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ପରସ୍ପର ମଧ୍ୟରେ ଖୁସି ଓ ଆନନ୍ଦ ବାଟିଂବାର ପର୍ବ ଯାହା ଆମର ରାଷ୍ଟ୍ରୀୟ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରାଉଛି ବୋଲି ରାଜ୍ୟପାଳ କହିଥିଲେ। ଏତଦ୍‌ବ୍ୟତୀତ ଓଡ଼ିଶାରେ ଶିକ୍ଷା ଲାଭ କରୁଥିବା ଅରୁଣାଚଳ ପ୍ରଦେଶ ଓ ମିଜୋରାମ ରାଜ୍ୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜ୍ଞାନର ସଂପର୍କ ସେତୁ ନିର୍ମାଣ ଓ କର୍ମକ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷମାନଙ୍କ ଓଡିଶାର ବୌଦ୍ଧିକ ଓ ସାଂସ୍କୃତିକ ବିକାଶରେ ଅଂଶ ଗ୍ରହଣ ଓ ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ ଦେଶର ଉତ୍ତର ପୂର୍ବାଂଚଳ କେବଳ ଏକ ଭୌଗଳିକ ଭୂଖଣ୍ଡ ନୁହେଁ ବରଂ ପରଂପରା, ଉତ୍କର୍ଷ କଳା ଓ ଗଭୀର ମୂଲ୍ୟବୋଧର ଗନ୍ତାଘର। ଏହା ଏପରି ଏକ ଭୂମି ଯେଉଁଠାରେ ପ୍ରକୃତି ଏବଂ ସଂସ୍କୃତି ସହବସ୍ଥାନ କରନ୍ତି ଏବଂ ଏଠାରେ ଗୋଷ୍ଠୀ ଓ ଆତ୍ମ ନିର୍ଭରଶୀଳତାର ଆତ୍ମା ବିକଶିତ ହୋଇଥାଏ। ରାଜ୍ୟପାଳ ଡ. କମ୍ଭମ୍ପାଟି ଓଡ଼ିଶା ଆସିବା ପୂର୍ବରୁ ମିଜୋରାମର ରାଜ୍ୟପାଳ ଥିବା ବେଳର ସ୍ମୃତି ରୋମନ୍ଥନ କରିଥିଲେ ଏବଂ ଉତ୍ତର ପୂର୍ବାଂଚଳର ସୌନ୍ଦର୍ଯ୍ୟ ଓ ସମୃଦ୍ଧ ଐତିହ୍ୟର ପ୍ରଶଂସା କରିଥିଲେ। ଏହି ଅବସରରେ ମିଜୋରାମ ରାଜ୍ୟର ରାଜ୍ୟପାଳ ଜେନେରାଲ ଡ. ବିଜୟ କୁମାର ସିଂହଙ୍କ ଶୁଭେଚ୍ଛା ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

## ବିଧାନସଭା ପରିସରରେ ଓଏଏସ୍ ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରଶାସନିକ ସେବାର ଅଧିକାରୀମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଧାନସଭା ପରିସରରେ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତି ସୁରମା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣାର୍ଥୀମାନେ ବିଧାନସଭା ଗ୍ରନ୍ଥାଗାର, ଗବେଷଣା ବିଭାଗ ବୁଲି ଦେଖୁବା ସହ , ବିଧାନସଭାର କାର୍ଯ୍ୟାବଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ବିଶେଷ ଭାବେ ଅବଗତ ହୋଇଥିଲେ। ଏହି ଅବସରରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ମୋନାଲିସା ଲେଙ୍କା, ବିଧାନସଭାର ଯୁଗ୍ମ ସଚିବ ସତିଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରାଜଧାନୀରେ ବର୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପାଣିପାଗ ବିଭାଗର ପୂର୍ବାନୁମାନ ଠିକ୍ ହେଲା । ୨୦ ଗୁରୁବାର ରାଜଧାନୀ ଭୁବନେଶ୍ୱରରେ ବର୍ଷା ତାର କମାଲ ଦେଖାଇଲା । ହଠାତ୍ ବର୍ଷା ସହ ହାଲକା ପବନ ମଧ୍ୟ ଦେଖାଦେଲା । ଯାହାକୁ ନେଇ ରାଜଧାନୀବାସୀ ବେଶ୍ କିଛି ସମୟ ହଇରାଣ ହରକତ ହେଲେ । ବର୍ଷାର ପ୍ରାବଲ୍ୟ ଏତେ ଅଧିକ ରହିଥିଲା ଯେ, ରାଜଧାନୀ ରାଜରାସ୍ତାରେ ପାଣିର ଲହରି ଦେଖିବାକୁ ମିଳିଥିଲା । ଏପରିକି ଯାତାୟାତରେ ମଧ୍ୟ ଅସୁବିଧା ସୃଷ୍ଟି ହୋଇଥିଲା । ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ବିଜୁଳି ଲୋକଙ୍କୁ ଆକ୍ରାମାକ୍ରା କରିପକାଇଥିଲା । ପାଣିପାଗ ବିଭାଗର ହିସାବ ଅନୁଯାୟୀ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ । ବର୍ଷା ଯୋଗୁଁ ଚାଷୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମଧ୍ୟ ମିଳୁଛି ।

## କୃଷିଜାତ ଦ୍ରବ୍ୟର ରପ୍ତାନୀ ବୃଦ୍ଧି ନେଇ ବୈଠକ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶାରୁ କୃଷି-ରପ୍ତାନୀକୁ ପ୍ରୋତ୍ସାହିତ ପାଇଁ ଏକ ପରାମର୍ଶ ବୈଠକ କୃଷି ଭବନରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଦେଶ ବିଦେଶରେ ବହୁତ ଚାହିଦା ରହିଛି । ରପ୍ତାନୀ ସମୟରେ ବ୍ୟବସାୟୀମାନେ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡ଼ିକର ସମାଧାନ କରି ବ୍ୟବସାୟୀଙ୍କ ପାଇଁ ଏକ ଅନୁକୂଳ ଇକୋସିଷ୍ଟମ ସୃଷ୍ଟି କରିବା ବିଷୟରେ ଆଲୋଚନା ହୋଇଥିଲା । ବୈଠକରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ବାଣିଜ୍ୟ ଓ ପରିବହନ ବିଭାଗ, କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀ ବିକାଶ ପ୍ରାଧିକରଣ, ଓ୍ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ଇଇଓ କାର୍ଗୋ ଲଜିଷ୍ଟିକ୍ସ ଆଣ୍ଡ ଆଲାଏଡ୍ ସର୍ଭିସେସ୍ କମ୍ପାନୀ ଲିମିଟେଡ୍ ଏବଂ ପାଲାଡିୟମ୍‌ର ବୈଷୟିକ ସହାୟତା ୟୁନିଟ୍ ପ୍ରତିନିଧିଙ୍କ ସମେତ ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ ।

## ଦୁବାଇର 'ଗଲ୍ ଫୁଡ୍' ପ୍ରଦର୍ଶନୀ ମେଳାରେ ଭାରତ ମସଲା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱର ବ୍ୟବସାୟିକ ପେଣ୍ଠସ୍ଥଳୀ ଉପସାଗରୀୟ ଦେଶ ୟୁନାଇଟେଡ ଆରବ ଏମିରଟ ର ଦୁବାଇଠାରେ ଚାଲିଥିବା 'ଗଲ୍ ଫୁଡ୍'ର ୩୦ ତମ ସଂସ୍କରଣ କ୍ରେତା ବିକ୍ରେତା ପ୍ରଦର୍ଶନୀ ସମ୍ମୀଳନୀରେ ନିଜର ଉପସ୍ଥିତିକୁ ଜାହିର କରିଛି ଭାରତ ମସଲା କମ୍ପାନୀ। ୧୭ ରୁ ୨୧ ପାଞ୍ଚଦିନ ଧରି ଚାଲିଥିବା ଏହି କ୍ରେତା ବିକ୍ରେତା ସମ୍ମିଳନୀରେ ବିଶ୍ୱର ପ୍ରାୟ ୧୨୯ ଦେଶର ଶିଳ୍ପପତି ନିଜର ଉତ୍ପାଦିତ ସାମଗ୍ରୀକୁ ପ୍ରାୟ ୫ ହଜାର ୫୦୦ ଷ୍ଟଲରେ ପ୍ରଦର୍ଶିତ କରାଇଥିଲେ । ଭାରତରୁ ଅନେକ ପ୍ରତିଷ୍ଠିତ ଶିଳ୍ପପତି ଏଥିର ଅଂଶ ଗ୍ରହଣ କରିଥିଲାବେଳେ ଭାରତ ମସଲା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ନିଜର ଉତ୍ପାଦିତ ସାମଗ୍ରୀ କିପରି ବିଦେଶକୁ ଅଧିକରୁ ଅଧିକ ରପ୍ତାନୀ କରିହେବ ସେ ସଂକ୍ରାନ୍ତରେ ଅଂଶଗ୍ରହଣ କରିଥିବା ବ୍ୟବସାୟୀଙ୍କ ସହ ଆଲୋଚନା କରିଥିଲେ। ବିଶେଷ କରି ବିଶ୍ୱର ଅନ୍ୟ ଦେଶ ସହ ବ୍ୟବସାୟକୁ ସମ୍ପ୍ରସାରିତ କରିବା କମ୍ପାନୀର ମୂଳଲକ୍ଷ୍ୟ ହୋଇଥିଲେ ମଧ୍ୟ ଭାରତକୁ ବିଦେଶୀ ମୁଦ୍ରା କିପରି ଅଧିକରୁ ଅଧିକ ଆସିବ ଏବଂ ଅର୍ଥନୀତି ସୁଦୃଢ଼ ହେବ କମ୍ପାନି ସେ ଦିଗ ପ୍ରତି ଧ୍ୟାନ ଦେଇଛି ବୋଲି ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପଣ୍ଡା ପ୍ରଦର୍ଶନୀ ସମ୍ମୀଳନୀରେ ଯୋଗଦେବା ଅବସରରେ କହିଛନ୍ତି। ଭାରତ ମସଲାର ଦୁବାଇ ବ୍ୟବସାୟର ରପ୍ତାନୀ ମୁଖ୍ୟ ରଶ୍ମିରଞ୍ଜନ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଦୁବାଇ ଷ୍ଟକିଷ୍ଟ ଉମର ସର୍ଜିନଙ୍କ ପ୍ରତ୍ୟେକ କର୍ମଚାରୀ ଏହି ସମ୍ମିଳନୀରେ କମ୍ପାନୀର ପ୍ରଚାର ପ୍ରସାରରେ ସହଯୋଗ କରିଥିଲେ।

## ହାତୀ ଚଳପ୍ରଚଳ ଅଞ୍ଚଳରେ ସୁଗମ ଯାତାୟାତ ପାଇଁ ସମନ୍ୱୟ ବୈଠକ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ରୋଡ଼ ରେଳବାଇ କର୍ତ୍ତୃପକ୍ଷ ଏବଂ ବନ ଅଧିକାରୀଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ କାର୍ଯ୍ୟାଳୟରେ ଥିବା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ହାତୀମାନଙ୍କର ସୁଗମ ଯାତାୟାତ, ଦୁର୍ଘଟଣାକୁ ଏଡାଇବା ଏବଂ ଅତ୍ୟଧିକ ହାତୀ ସତର୍କତା କାରଣରୁ ଟ୍ରେନ୍ ବିଳମ୍ବକୁ ହ୍ରାସ କରିବା ପାଇଁ ରେଳ କର୍ତ୍ତୃପକ୍ଷ ଏବଂ ବନ ଅଧିକାରୀଙ୍କ ମଧ୍ୟରେ ଘନିଷ୍ଠ ସମନ୍ୱୟ ରକ୍ଷା କରିବା ଏହି ବୈଠକର ଉଦ୍ଦେଶ୍ୟ। ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ୍. ବାଜଓ୍ୱା, ଏହି ସମନ୍ୱୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଖୋର୍ଦ୍ଧାରୋଡ଼ ମଣ୍ଡଳ ତରଫରୁ ପି.କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ସହ ଟ୍ରେନ ପରିଚାଳନା, ବାଣିଜ୍ୟିକ, ଇଞ୍ଜିନିୟରିଂ, ସିଗନାଲ୍ ଆଣ୍ଡ ଟେଲିକମ୍, ଇଲେକ୍ଟ୍ରିକାଲ୍ (ଅପରେସନ୍) ଏବଂ ସୁରକ୍ଷା ବିଭାଗର ଶାଖା ଅଧିକାରୀ ଉପସ୍ଥିତ ଥିଲେ। ବନ ବିଭାଗର ସୁଦର୍ଶନ ସେଖର ଖୋରା, ଆଇଏଫଏସ, ଆଞ୍ଚଳିକ ମୁଖ୍ୟ ଜଙ୍ଗଲ ସଂରକ୍ଷକ, ଫିଲ୍ଡ ନିର୍ଦ୍ଦେଶକ / ସାତକୋସିଆ ଟାଇଗର ରିଜର୍ଭ, ଅନୁଗୁଳ ଏବଂ କଟକ, ଆଠଗଡ ଢେଙ୍କାନାଳ, ଖୋର୍ଦ୍ଧା ଡିଭିଜନର ବରିଷ୍ଠ ବନ ଅଧିକାରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଜଙ୍ଗଲ ଅଧିକାରୀଙ୍କ ସହ ଘନିଷ୍ଠ ସମନ୍ୱୟ ରକ୍ଷା କରିବାକୁ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ୍. ବାଜଓ୍ୱା ଗୁରୁତ୍ୱାରୋପ କରିଥିଲେ । ବଣୁଆ ଜୀବଜନ୍ତୁ ସଂରକ୍ଷଣ ଏବଂ ସୁରକ୍ଷା ଉପରେ ଲୋକୋ ପାଇଲଟ୍ ଏବଂ ଗାର୍ଡଙ୍କ ପାଇଁ ନିୟମିତ ପ୍ରେରଣା କାର୍ଯ୍ୟକ୍ରମ କରାଯିବ। ଆଇଆରସିଟିସି / ପାନ୍ଟ୍ରି କାର କର୍ମଚାରୀଙ୍କୁ ରେଲୱେ ଟ୍ରାକରେ ଖାଇବା ବର୍ଜ୍ୟବସ୍ତୁ ନ ଫିଙ୍ଗିବାକୁ ନିର୍ଦ୍ଦେଶ ଦିଆଯିବ ଯାହା ବନ୍ୟଜନ୍ତୁମାନଙ୍କୁ ଆକର୍ଷିତ କରିପାରେ। ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ହାତୀ କରିଡର ଗୁଡ଼ିକ ହେଉଛି, ବୈରୀ - କପିଳାସ୍ ରୋଡ଼, କାଇପାଦର-ତାପଙ୍ଗ, ଗୁରୁଡ଼ିଝାଟିଆ-ରାଜଆଠଗଡ଼-ମାଛପୁର, ରାଧାକୀସୋରପୁର-ଘଣ୍ଟିଖାଲ୍, ପରଜଙ୍ଗ-କମଲଙ୍ଗା ଇତ୍ୟାଦି। ହାତୀ ଗତିବିଧି ସମ୍ବନ୍ଧୀୟ ସୂଚନାକୁ ସମ୍ପୃକ୍ତ ବିଭାଗକୁ ପଠାଇବା ପାଇଁ ଖୋର୍ଦ୍ଧା ରୋଡ଼ ମଣ୍ଡଳର କଣ୍ଟ୍ରୋଲ ରୁମ୍ ଦିନରାତି କାର୍ଯ୍ୟ କରୁଛି ଏବଂ ସେଠାରେ ଟ୍ରେନ ଦୁର୍ଘଟଣା ହେତୁ ହାତୀ ମୃତ୍ୟୁକୁ ଏଡାଇବା ପାଇଁ ଷ୍ଟେସନ ମାଷ୍ଟର ଏବଂ ଲୋକୋ ପାଇଲଟମାନଙ୍କୁ ସତର୍କତା ନିର୍ଦ୍ଦେଶ ଜାରି କରାଯାଇଛି । ବେଳେ ବେଳେ ହାତୀ କରିଡରରେ ସତର୍କତା ଆଦେଶ ହେତୁ ଟ୍ରେନର ସମୟାନୁବର୍ତ୍ତିତା ବାଧାପ୍ରାପ୍ତ ହେଉଛି । ତେଣୁ ଟ୍ରେନ୍ ଦୁର୍ଘଟଣାରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ପାଇଁ ରେଲୱେ ବ୍ୟବହାରକାରୀ ରେଳବାଇକୁ ସହଯୋଗ କରିବା ପାଇଁ ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ୍.ଏସ୍. ବାଜଓ୍ୱା ଅନୁରୋଧ କରଛନ୍ତି ।

### ସ୍ପାଇଡର ସତୀଶକୁ ଆଣି ସିନ୍ ରିକ୍ରିଏସନ୍ କଲା ସ୍ପେଶାଲ୍ ସ୍କ୍ୱାଡ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସିନ ରିକ୍ରିଏସନ କରିଛି ସ୍ପାଇଡର ସତୀଶ । ନୟାପଲ୍ଲୀ ଏନ୍-୧ରେ କଲା ସିନ ରିକ୍ରିଏସନ। ସ୍ପାଇଡର ସତୀଶକୁ ଆଣି କ୍ରାଇମ ସ୍ପଟରେ ସିନ୍ ରିକ୍ରିଏସନ୍ କରିଛି ସ୍ପେଶାଲ ସ୍କ୍ୱାଡ। କେମିତି ଚଢୁଥିଲା କାନ୍ଥ, କେମିତି ଲୁଟୁଥିଲା ଟଙ୍କା, ତାର ଡେମୋ ଦେଖାଉଛି ସ୍ପାଇଡର ସତୀଶ । ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଲୁଟ ସହ ୨୦୨୩ରେ ଜଣେ ଠିକାଦାର ସଂସ୍ଥାର ମାଲିକଙ୍କ ଘରୁ ଲୁଟିଥିଲା ସତୀଶ। ପୋଲିସ ଗିରଫ ପରେ ତା ଠାରୁ ହୀରା, ସୁନା ଗହଣା, ନଗଦ ଟଙ୍କା ଜବତ କରିଥିଲା । ଲୁଟ ଟଙ୍କାରେ ମଉଜ କରୁଥିଲା ଲୁଟେରା। ତେବେ କେମିତି ଏକାକୀ ଏହି ଚୋର, ସୁରକ୍ଷା କର୍ମୀଙ୍କୁ ମାତ୍ ଦେଇ ହାଇ ସିକ୍ୟୁରିଟି ଜୋନରୁ ଚୋରି କରୁଥିଲା, ତାର ଦେଖାଇଛି ଡେମୋ ।

## ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାରଙ୍କୁ ଭବ୍ୟ ସ୍ୱାଗତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଛି। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶ, କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା,ସିଦ୍ଧାର୍ଥ ସ୍ୱରୂପ ଦାଶ, ମୁଖପାତ୍ର ପଦ୍ମାକର ଗୁରୁ, କଂଗ୍ରେସ ନେତା ପ୍ରଦୀପ ମହାପାତ୍ର ପ୍ରମୁଖ ଶ୍ରୀ ଲଲ୍ଲୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।



କିଟ୍ ଅଘଟଣ ପରେ ଦୁଃଖ ପ୍ରକାଶ ସହ ନେପାଳି ଛାତ୍ରଛାତ୍ରୀଙ୍କୁ କ୍ୟାମ୍ପସ୍ ଫେରିଆସିବା ପାଇଁ ନିବେଦନ କରୁଛନ୍ତି ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ।

## ଜଙ୍ଗଲ ଅଗ୍ନି ନିର୍ବାପନ ନିମନ୍ତେ ବହୁବିଧ ପଦକ୍ଷେପ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଗାମୀ ବନାଗ୍ନି ଋତୁରେ ଜଙ୍ଗଲରେ ଅଗ୍ନି ନିର୍ବାପନ ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ବନାଗ୍ନି ନିରାକରଣ କାର୍ଯ୍ୟକ୍ରମ ହେଲା ବନାଗ୍ନି ଋତୁର ଯଥେଷ୍ଟ ପୂର୍ବରୁ ନଭେମ୍ବର/ ଡିସେମ୍ବର ମାସ ସୁଦ୍ଧା ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା କାର୍ଯ୍ୟ ଯୋଜନା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ତିଆରି କରାଯାଉଛି, ଯଦ୍ୱାରା ଅନ୍ୟ ବିଭାଗର ଦରକାର ବଳେ ସହାୟତା ମିଳିପାରୁଛି । ଜଙ୍ଗଲ ଆଭ୍ୟନ୍ତରୀଣ ତଥା ଜଙ୍ଗଲ ସୀମାବର୍ତ୍ତୀରେ ଅଗ୍ନି ପ୍ରଶମନ ରେଖା ସୃଷ୍ଟି କରାଯାଇଛି । ବନଖଣ୍ଡ ଏବଂ ରେଞ୍ଜସ୍ତରୀୟ ସଚେତନତା ଅଭିଯାନ, ବନ ସଚେତନତା କାର୍ଯ୍ୟକ୍ରମର ସୂଚନା, ବ୍ୟାନର ଓ ବିଜ୍ଞାପନକୁ ସଠିକ୍ ସ୍ଥାନରେ ପ୍ରଦର୍ଶନ କରାଯାଇଛି ଏବଂ ବନାଗ୍ନି ନିର୍ବାପନ ମକ ଡ୍ରିଲ ଆଦି କରାଯାଉଛି । ବନାଗ୍ନି ଅବରୋଧକ ପ୍ରଶିକ୍ଷିତ ଦଳ ଗଠନ କରାଯାଇଛି ଓ ବନାଗ୍ନି ନିର୍ବାପନ ନିମନ୍ତେ ଆବଶ୍ୟକ ପରିମାଣ ଅଗ୍ନି ନିର୍ବାପକ ବାହନ ଅଗ୍ନି ନିର୍ବାପକ ଉପକରଣ, ଅଗ୍ନି ସୁରକ୍ଷା ଉପକରଣ ଆଦି ପ୍ରଦାନ କରାଯାଇଛି । ବନାଗ୍ନି ନିର୍ବାପନ ନିମନ୍ତେ ୩୩୪ ଗୋଟି ଅଗ୍ନି ସୁରକ୍ଷା ଦଳ /ଫାୟାର ପ୍ରୋଟେକ୍ସନ ସ୍କ୍ୱାର୍ଡ ଗଠନ କରାଯାଇଅଛି । ବନାଗ୍ନି ପ୍ରଶମନରେ ସକ୍ରିୟ ଭାଗିଦାରୀକୁ ଅନୁଭବ କରି ଆବଶ୍ୟକ ମୁତାବକ ବନ ସୁରକ୍ଷା ସମିତିର ସମ୍ପୃକ୍ତି ଅନୁଯାୟୀ ସହାୟତା ରାଶି ପ୍ରଦାନ କରାଯାଉଛି । ଭାରତରେ ଜଙ୍ଗଲ ଅଗ୍ନିକାଣ୍ଡକୁ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଆଇ), ଡେରାଡୁନ୍ ଦ୍ୱାରା ତଦାରଖ କରାଯାଉଛି । ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଆଇ), ଡେରାଡୁନ୍ ସମସ୍ତ ଫରେଷ୍ଟ ଫାୟାର ପଏଣ୍ଟକୁ ରାଜ୍ୟ ସହିତ ଯୋଗଯୋଗ କରନ୍ତି । ସମସ୍ତ ଫାୟାର ପଏଣ୍ଟଗୁଡ଼ିକ ସମ୍ପୃକ୍ତ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ଓଏଫଏମଏସ ପୋର୍ଟାଲ ମାଧ୍ୟମରେ ତାଙ୍କର ମୋବାଇଲ ଆପରେ ଡାଉନଲୋଡ୍ କରାଯାଇଥାଏ । ପଏଣ୍ଟ ଡାଉନଲୋଡ୍ କରିବା ପରେ, ନିୟୋଜିତ ଜଙ୍ଗଲ ଅଧିକାରୀ ନିଆଁକୁ ଆୟତ୍ତ କରିଥାନ୍ତି ଏବଂ ଫଟୋଗ୍ରାଫ ସହିତ ସବିଶେଷ ତଥ୍ୟ ଓଏଫଏମଏସ ର ମୋବାଇଲ ଆପ୍ ମାଧ୍ୟମରେ ଓଏଫଏମଏସ ପୋର୍ଟାଲରେ ଅପଲୋଡ୍ କରିଥାନ୍ତି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ଆଗତ ଏକ ପ୍ରଶ୍ନର ଉତ୍ତର ଦେଇ ଏହି ତଥ୍ୟ ଉପସ୍ଥାପନ କରିଛନ୍ତି ।



ସଂକଳ୍ପ ପଦଯାତ୍ରାରେ ଯୋଗ ଦେବାକୁ ଆସିଥିବା ଆସାମର ପୂର୍ବତନ ବିଧାୟିକା ତଥା ଏଆଇସିସି ସମ୍ପାଦିକା ଓଡିଶାର ସହ ପ୍ରଭାରୀ ସୁଶ୍ରୀ ରୋଜଲିନା ତିର୍କୀଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ସ୍ୱାଗତ କରାଯାଇଛି।

## ଗ୍ରୀଷ୍ମପ୍ରବାହ ମୁକାବିଲା ନିମନ୍ତେ ପ୍ରଶାସନିକ ପ୍ରସ୍ତୁତି ବୈଠକ

କଟକ(ଭାସ୍କର ନ୍ୟୁଜ୍): ଚଳିତ ଗ୍ରୀଷ୍ମ ଋତୁରେ କଟକ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ନିମନ୍ତେ ଗୁରୁବାର ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ରିଲିଫ କମିଶନଙ୍କ ଆଦେଶନାମା ଅନୁଯାୟୀ ଅଂଶୁଘାତ ମୁକାବିଲା ପାଇଁ ବିଭାଗୀୟ ସମନ୍ୱୟ ରକ୍ଷା କରି ଅଂଶୁଘାତ ଜନିତ ମୃତ୍ୟୁହାରକୁ ଶୂନରେ ସୀମିତ ରଖିବା ଉପରେ ଗୁରୁତ୍ୱଆରୋପ କରାଯାଇଛି । ଜିଲ୍ଲା କାର୍ଯ୍ୟାଳୟର ଜରୁରୀକାଳୀନ ଉପବିଭାଗ ପକ୍ଷରୁ ଏଥିପାଇଁ ଏକ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବା ସହିତ ଜିଲ୍ଲାର ସମସ୍ତ ପୌରପରିଷଦ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବ୍ଲକ, ତହସିଲ, ଜିଲ୍ଲା ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଟିପିସିଓଡ଼ିଏଲ ଆଦି କାର୍ଯ୍ୟାଳୟରେ ଅନୁରୂପ ଭାବେ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବା ନିମନ୍ତେ ନିଷ୍ପତି ନିଆଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଦିବ୍ୟଲୋଚନ ମହନ୍ତ, ସଦର ଉପଜିଲ୍ଲାପାଳ ଆଂଚଳିକ ପରିବହନ ଅଧିକାରୀ ବିରଞ୍ଚି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ଜରୁରୀକାଳିନ ଅଧିକାରୀ ସୁଶ୍ରୀ ନିଷ୍ଠା ମହାପାତ୍ର, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## ଟିପି ସ୍କିମ୍ ମାଧ୍ୟମରେ ଯୋଜନାବଦ୍ଧ ଭାବେ ବିକଶିତ ସହର ବୃଦ୍ଧି ଉପରେ ଗୁରୁତ୍ୱ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଗୁରୁତ୍ୱ ବିକଶିତ ଓଡ଼ିଶା ବିକଶିତ ସହର । ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଉନ୍ନୟନ କର୍ତ୍ତୃପକ୍ଷଗୁଡିକ ମାଧ୍ୟମରେ ଯୋଜନାବଦ୍ଧ ଭାବେ ରାଜ୍ୟରେ ବିକଶିତ ସହର ବୃଦ୍ଧି କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏନେଇ ଗୃହ ନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନଷ୍ଠିତ ହୋଇଯାଇଛି । ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢୀ, ପୌର ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆଙ୍କ ସମେତ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଭିସି, ସହର ପ୍ଲାନର ଏବଂ ଅନ୍ୟାନ୍ୟ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ । ବିଡିଏ ଦ୍ୱାରା ଆରମ୍ଭ କରାଯାଇଥିବା ଟିପି ସ୍କିମ୍ କଟକ, ବ୍ରହ୍ମପୁର ଏବଂ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟକାରୀ ଲାଗି ଆଲୋଚନା ହୋଇଥିଲା । ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପିପିପି ମୋଡରେ ସେମାନଙ୍କ ଅଧିନରେ ଥିବା ସରକାରୀ ଜମିଗୁଡିକର ସଦୁପଯୋଗ କର ନିଜର ଆୟ ବୃଦ୍ଧି କରିବା ନିମନ୍ତେ ପରାମର୍ଶ ଦିଆଯାଇଛି । ଖାଲିଥିବା ଟାଉନପ୍ଲାନର ପଦବୀର ଆବଶ୍ୟକତା, ପ୍ରସ୍ତୁତ କରାଯାଉଥିବା ଭିଜନ ଡକ୍ୟୁମେଣ୍ଟର କ୍ରିୟାଶୀଳ ଓ ଆବଶ୍ୟକତା ଦୃଷ୍ଟିରୁ ପରିବର୍ତ୍ତନ କରାଯିବା ଉପରେ ମଧ୍ୟ ଆଲୋଚା କରାଯାଇଛି । ବୈଠକ ପରେ ମନ୍ତ୍ରୀ ଡାଃ ମହାପାତ୍ର ଗଣମାଧ୍ୟମକୁ ସୁଚନା ଦେଇ କହିଛନ୍ତି ଯେ ଆମେ ୨୦୩୬ରେ ବିକଶିତ ଓଡିଶା ପାଇଁ ଚିନ୍ତା କରୁଛୁ ତେଣୁ ସହରର ବିକାଶରେ ଓଡ଼ିଶାର ବିକାଶ ହେବ ଏନେଇ ଗୁରୁତ୍ୱ ଦିଆଯାଉଛି । ସବୁ ଡେଭଲପମେଣ୍ଟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି । କିଛି ଏଜେଣ୍ଡା ଅନୁସାରେ ଟାଉନସିପ ବଢିଲେ ସହରର ବିକାଶରେ ଓଡ଼ିଶାର ବିକାଶ ହେବ । ଯେଉଁଠି ଟାଉନ ପ୍ଲାନର ଅଭାବ ଅଛି ତାହା ପୂରଣ କରାଯିବ । ବିଡିଏ ତରଫରୁ କାର୍ଯ୍ୟକାରୀ ହେଉଥିବା ଟିପି ସ୍କିମର ଅଗ୍ରଗତି ନେଇ ସମୀକ୍ଷା ସହ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ କୁହାଯାଇଛି । କଟକ, ବ୍ରହ୍ମପୁର ଓ ପୁରୀ-କୋଣାର୍କ କର୍ତ୍ତୃପକ୍ଷ ପ୍ରାରମ୍ଭିକ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦିଆଯାଇଛି ।

### ପ୍ରତିଷ୍ଠା ହେଲା ରାଜ୍ୟସ୍ତରୀୟ 'ମୁଁ ଓଡ଼ିଆ' ସଂଗଠନ

## 'ମୁଁ ଓଡ଼ିଆ, ମୋ ଭାଷା ବଢିଆ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): 'ମୁଁ ଓଡ଼ିଆ, ମୋ ଭାଷା ବଢିଆ'। ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିବା ପ୍ରତ୍ୟେକ ଜଣେ ଜଣେ ଓଡ଼ିଆ। ସେମାନେ ପୃଥିବୀର ଯେକୌଣସି ସ୍ଥାନରେ ଥିଲେ ମଧ୍ୟ ନିଜକୁ ଓଡ଼ିଆ ବୋଲି ଗର୍ବ କରିବାର ସମୟ ଆସିଛି। ସମଗ୍ର ବିଶ୍ୱରେ ଯେଉଁ ଓଡ଼ିଆମାନେ ଅବହେଳିତ ହେଉଛନ୍ତି ଏବଂ ନିଜ ଅଧିକାରରୁ ବଞ୍ଚିତ ରହୁଛନ୍ତି, ସେମାନଙ୍କୁ ଜାତୀୟ ମହାସ୍ରୋତରେ ସାମିଲ କରିବା ପୂର୍ବକ ସମଗ୍ର ଓଡିଶାର ୩୦ ଜିଲ୍ଲାରେ ଜନ୍ମିତ ଓଡ଼ିଆମାନଙ୍କୁ ନେଇ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ 'ମୁଁଓଡ଼ିଆ' ଅନୁଷ୍ଠାନର ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଡକ୍ଟର ହରିହର କାନୁନଗୋଙ୍କ ଅଧକ୍ଷତାରେ ମାଷ୍ଟର କ୍ୟାଣ୍ଟିନ୍ ଛକ ନିକଟସ୍ଥ ବୁଲନ ଭାଇ ସେବା ସଦନରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ତଥା ସମାଜ ସଂସ୍କାରକ ସଜ୍ଜନ ଶର୍ମା, ଶିକ୍ଷାବିତ୍ ଶଶଧର ପଣ୍ଡା ଏବଂ ସମାଜସେବୀ ଅବନିକାନ୍ତ ପାଟଯୋଷି ଅତିଥି ଭାବେ ଯୋଗଦେଇ 'ମୁଁ ଓଡ଼ିଆ' ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ସର୍ବସମ୍ମତି କ୍ରମେ ଓଡ଼ିଆ ଭାଷା ସାହିତ୍ୟ ଗବେଷକ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କୁ ଅନୁଷ୍ଠାନର ପ୍ରତିଷ୍ଠାତା ଭାବେ ଘୋଷଣା କରାଯିବା ପରେ ସଜ୍ଜନ ଶର୍ମା, ଗୋଲକ ମହାପାତ୍ର ଏବଂ ଲକ୍ଷ୍ମୀଧର ସାହୁଙ୍କୁ ଉପଦେଷ୍ଟା ଭାବେ ଘୋଷଣା କରାଯାଇଛି। ବେଦିକ୍ ବିଶ୍ୱବିଦ୍ୟାଳୟ କୁଳପତି ତଥା ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡକ୍ଟର ହରିହର କାନୁନଗୋଙ୍କୁ ସଭାପତି, ସମାଜସେବୀ କବି ଦୀନବନ୍ଧୁ ପତିଙ୍କୁ କାର୍ଯ୍ୟକାରୀ ସଭାପତି, ଅବନିକାନ୍ତ ପାଟଯୋଷୀ, ଦୀପାରାଣୀ ପଟ୍ଟନାୟକଙ୍କୁ ଉପସଭାପତି, ଶିକ୍ଷାବିତ୍ ଶଶଧର ପଣ୍ଡାଙ୍କୁ ସାଧାରଣ ସମ୍ପାଦକ, ମାନସ ସୁନ୍ଦର ଶତପଥୀଙ୍କୁ ରାଜ୍ୟ ସଂଯୋଜକ, ବରିଷ୍ଠ ସାମ୍ବାଦିକ ପ୍ରଭାତ କୁମାର ଦାସଙ୍କୁ ସଂଗଠନ ସମ୍ପାଦକ, ତୁଡୁନୁ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷା ତଥା ବିଶିଷ୍ଟ ସମାଜସେବୀ ଡ. ବନ୍ଦନା ହରିଚନ୍ଦନଙ୍କୁ ଯୁଗ୍ମ ସମ୍ପାଦିକା, ରଶ୍ମିତା ମହାନ୍ତି, ପ୍ରସନ୍ନ କୁମାର ଉପାଧ୍ୟାୟ, ଅରୁଣ କୁମାର ସାହୁ, ରମେଶ ଚନ୍ଦ୍ର ପାତ୍ର , କସ୍ତୁରୀ ଚରଣ ନାୟକଙ୍କୁ ସହ ସମ୍ପାଦକ, ଧ୍ରୁବାନନ୍ଦ ବାରିକ୍‌ଙ୍କୁ କୋଷାଧକ୍ଷ ଏବଂ ପ୍ରତି ଜିଲ୍ଲାରୁ ଜଣେ ଜଣେ ଓଡ଼ିଆଙ୍କୁ କାର୍ଯ୍ୟନିର୍ବାହୀ କମିଟିକୁ ମନୋନୟନ କରାଗଲା। ଏହି ଅବସରରେ ଅରୁଣ କୁମାର ସାହୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରିଥିବା ବେଳେ ପଣ୍ଡିତ ଦୈତ୍ୟାରି ମହାପାତ୍ର 'ମୁଁ ଓଡ଼ିଆ' ଅନୁଷ୍ଠାନର ଭିତ୍ତିଭୂମି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନବ ନିର୍ବାଚିତ ସଭାପତି ଡକ୍ଟର ହରିହର କାନୁନଗୋଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ଫେବୃଆରୀ ମାସରେ ପ୍ରତି ଜିଲ୍ଲାରେ ଜିଲ୍ଲାସ୍ତରୀୟ ସଂଗଠନ ଗଠନ ପାଇଁ ଚୂଡାନ୍ତ ନିଷ୍ପତ୍ତି ନିଆଯିବା ପରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଶଶଧର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସ୍ୱତନ୍ତ୍ର ତାଲିମରେ ଆତ୍ମନିର୍ଭର ହେଉଛନ୍ତି ଦୃଷ୍ଟିବାଧିତ: ବୈଷୟିକ ଶିକ୍ଷାମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଏସ୍‌ଏସ୍‌ଇପିଡି), ଓଡ଼ିଶା ସରକାରଙ୍କ ସହାୟତାରେ, ଏନ୍‌ଏବି ଇଣ୍ଡିଆ ସେଣ୍ଟର ଫୋର ବ୍ଲାଇଣ୍ଡ ଓମେନ, ଦିଲ୍ଲୀ ଏବଂ ସ୍କିଲ୍ କାଉନସିଲ୍ ଫର ପରସନ୍ସ ୱିଥ୍ ଡିସାବିଲିଟିର (ଏସ୍‌ସିପିଡବ୍ଲ୍ୟୁଡି) ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରରେ ଏକ ଜାତୀୟ ସମ୍ମିଳନୀ-'ସମାବେଶ ୨୦୨୫' ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ଭାଇଭଉଣୀମାନଙ୍କ ଦକ୍ଷତାକୁ କିଭଳି ବିକଶିତ କରାଯାଇ ସେମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଓଡ଼ିଶା ସରକାରଙ୍କ ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟ ସରକାର ଦକ୍ଷତା ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି । ପ୍ରଧାନମନ୍ତ୍ରୀଙ୍କ 'ସବ୍‌କା ସାଥ୍ ସବ୍‌କା ବିକାଶ ସବ୍‌କା ପ୍ରୟାସ' ମନ୍ତ୍ରକୁ ପାଥେୟ କରି କିଭଳି ସମସ୍ତ ବର୍ଗର ବିକାଶ ହେବ ତାହା ଉପରେ ଗୁରୁତ୍ୱ ଦେଇ ଯୋଜନା ପ୍ରସ୍ତୁତ କରାଯାଉଛି । ଯୁବକ-ଯୁବତୀମାନଙ୍କୁ ପ୍ରଶିକ୍ଷଣ ଦେବା ସହ ଦୃଷ୍ଟିବାଧିତଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ ମାଧ୍ୟମରେ ଆତ୍ମନିର୍ଭର କରାଯାଉଛି । ସ୍କିଲ୍ କାଉନସିଲ୍ ଫର ପରସନ୍ସ ୱିଥ୍ ଡିସାବିଲିଟିକୁ କେବଳ ଦୃଷ୍ଟିହୀନମାନଙ୍କୁ ତାଲିମ ଦେବା ପାଇଁ ନୁହେଁ, ବରଂ ସହାୟକ ପ୍ରଯୁକ୍ତିବିଦ୍ୟା ସହାୟତାରେ ଦୃଷ୍ଟିବାଧିତଙ୍କ ଦକ୍ଷତା ଏବଂ ନିଯୁକ୍ତି ବିଷୟରେ ସଚେତନତା ଆଣି ଓଡ଼ିଶାର ବ୍ୟବସାୟ କ୍ଷେତ୍ରରେ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ଓଡ଼ିଶା ସରକାର ଦାୟିତ୍ୱ ଦେଇଛନ୍ତି । ଜଟଣୀ ଆଇଟିଆଇରେ ଏହି ଭିନ୍ନକ୍ଷମମାନଙ୍କୁ ମାନ୍ୟୁଫାକ୍‌ଚରିଂ, ଆଇଟି, ଆପାରେଲ, ଗାରମେଣ୍ଟସ୍, ହେଲ୍‌ଥକେୟାର, ଫିଜିଓଥେରାପି ଭଳି ବିଭିନ୍ନ କ୍ଷେତ୍ରରେ ତାଲିମ ଦିଆଯାଇ ନିଯୁକ୍ତି ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିୟତି ପଟ୍ଟନାୟକ, ନିର୍ଦ୍ଦେଶିକା, ଏସ୍‌ଏସ୍‌ଇପିଡି, ରଶ୍ମିତା ପଣ୍ଡା, ନିର୍ଦ୍ଦେଶିକା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଶାଳିନୀ ଖାନ୍ନା, ଅଧ୍ୟକ୍ଷା, ଏସ୍‌ସିପିଡବ୍ଲ୍ୟୁଡି, ସିଆଆଇ ମୁଖ୍ୟ ପ୍ରଦୀପ୍ତ ମହାନ୍ତି, ଟାଟାର ସିଏସ୍‌ଆର ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ ଯୋଗ ଦେଇଥିଲେ। ସ୍କିଲ୍ କାଉନସିଲ୍ ଫର ପରସନ୍ସ ୱିଥ୍ ଡିସାବିଲିଟିର ଅଧ୍ୟକ୍ଷା ଶାଳିନୀ ଖାନ୍ନା କହିଛନ୍ତି ଯେ, ଏନ୍‌ଏବି ଇଣ୍ଡିଆ ସେଣ୍ଟର ଫର୍ ବ୍ଲାଇଣ୍ଡ ୱିମେନ୍ ଆଣ୍ଡ ଡିସାବିଲିଟି ଷ୍ଟଡିଜ୍ ଦ୍ୱାରା ଓଡ଼ିଶାର ସ୍ୱତନ୍ତ୍ର ଆଇଟିଆଇରେ ଦୃଷ୍ଟିହୀନ ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା କରାଯାଇଛି ।



ଭାରତୀୟ ଅଲିମ୍ପିକ୍ସ ସଂଘ ଅଧ୍ୟକ୍ଷଙ୍କୁ ଭେଟିଲେ | ୬

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଚାମ୍ପିଅନ୍ସ ଟ୍ରଫିରେ ବିଶ୍ୱ କୀର୍ତ୍ତିମାନ | ୭

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୨୩ Vol. 21 No-323 21 FEBRUARY 2025 FRIDAY BHUBANESWAR ଶୁକ୍ରବାର, ୨୧ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ବନ୍ଧୁକ ମୁନରେ ଲୁଟିଲେ ବ୍ୟାଙ୍କ

ବାରିପଦା, ୨୦।୨ (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ବହଳଦା ଏସ୍‌ବିଆଇ ଶାଖାରେ ଗୁରୁବାର ଏକ ବଡ଼ ଧରଣର ଲୁଟ୍ ହୋଇଛି। ୫ଜଣ ମୁଖାବିନ୍ଧା ଦୁର୍ବୃତ୍ତ ବନ୍ଧୁକ ଦେଖାଇବା ସହ ଶାଖା ପରିଚାଳକ ଓ କର୍ମଚାରୀଙ୍କୁ ମାଡ଼ ମାରି ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୂର୍ବାହ୍ନ ୧୧ଟା ସମୟରେ ବ୍ୟାଙ୍କ କାର୍ଯ୍ୟ ଚାଲୁଥିବାବେଳେ ଏହି ଅଘଟଣ ଘଟିଛି। ପୋଲିସ ତଦନ୍ତ ଆରମ୍ଭ କରିଛି।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମାରି ଫିଙ୍ଗିଦେଲେ !

କାମାକ୍ଷାନଗର, ୨୦।୨ (ଭାସ୍କର ନ୍ୟୁଜ): ତୁମୁସିଙ୍ଗା ଥାନା ଗୁନେଇବିଲି ଗାଁରେ ପ୍ରଭାତୀ ଦେହୁରି ନାମକ ଜଣେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାରବର୍ଗ ଅଭିଯୋଗ କରିଛନ୍ତି। ତାଙ୍କ ମୃତଦେହ ତାଙ୍କ ଗ୍ୟାରେଜ ଘରୁ ଉଦ୍ଧାର କରାଯାଇଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ତାଙ୍କ ମୃତ୍ୟୁ ପଛର କାରଣ କ'ଣ ସେ ନେଇ କିଛି ସ୍ପଷ୍ଟ ହୋଇପାରି ନାହିଁ।

## ଦିଲ୍ଲୀରେ ଚାଲିଲା ବିଜେପି ରାଜ୍

# ଶପଥ ନେଲେ ରେଖା ଗୁପ୍ତା




- ଉପରାଜ୍ୟପାଳ କରାଇଲେ ଶପଥ ପାଠ
- ୬ ମନ୍ତ୍ରୀ ନେଲେ ଶପଥ
- ପ୍ରଧାନମନ୍ତ୍ରୀଙ୍କ ସହ ବହୁ ବିଶିଷ୍ଟ ନେତା ଉପସ୍ଥିତ

କ୍ୟାବିନେଟ୍ ମନ୍ତ୍ରୀଭାବେ ଆଶିଷ ସୁଦ୍, ମନଜିନ୍ଦର ସିଂ ସିର୍ସା, ରବୀନ୍ଦର ଇନ୍ଦ୍ରଜ ସିଂ, କପିଳ ମିଶ୍ରା, ପଙ୍କଜ କୁମାର ସିଂ ମଧ୍ୟ ଶପଥ ● ପୃଷ୍ଠା ୫ ଦେଖନ୍ତୁ

ନୂଆଦିଲ୍ଲୀ, ୨୦।୨: ଦୀର୍ଘ ୨୭ ବର୍ଷ ପରେ ଦିଲ୍ଲୀରେ କ୍ଷମତାକୁ ଫେରିଲା ବିଜେପି। ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ଗ୍ରହଣ କରିଛନ୍ତି ରେଖା ଗୁପ୍ତା। ନୂଆଦିଲ୍ଲୀର ରାମଲୀଳା ମଇଦାନରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ସମାବେଶରେ ରେଖା ପଦ ଓ ଗୋପନୀୟତାର ଶପଥଗ୍ରହଣ କରିଥିଲେ। ଦିଲ୍ଲୀର ଉପରାଜ୍ୟପାଳ ଭି.କେ.ସାକସେନା ତାଙ୍କୁ ଶପଥପାଠ କରାଇଥିଲେ। ତାଙ୍କ ସହ ପରବେଶ ବର୍ମା କ୍ୟାବିନେଟ୍ ମନ୍ତ୍ରୀ ଭାବେ ମଧ୍ୟ ଶପଥଗ୍ରହଣ କରିଥିବାବେଳେ

### ରେଖାଙ୍କୁ ଭେଟିଲେ ମୋହନ

ନୂଆଦିଲ୍ଲୀ, ୨୦।୨: ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ନେଇଛନ୍ତି ରେଖା ଗୁପ୍ତା। ଏହି ଅବସରରେ ତାଙ୍କୁ ଭେଟିଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତାଙ୍କ ସହ ଉପସ୍ଥିତ ରହିଥିଲେ ଦୁଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା। ଏଥିସହ ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ମଧ୍ୟ ଉପସ୍ଥିତ ● ପୃଷ୍ଠା ୫ ଦେଖନ୍ତୁ



## ଏନଡିଏ ବୈଠକରେ ମୋଦୀଙ୍କ ବଡ଼ ଘୋଷଣା

# ଯେଉଁଠି ନିର୍ବାଚନ ହେବ, ସେଠି ଜିତିବୁ



ନୂଆଦିଲ୍ଲୀ, ୨୦।୨: ଗୁରୁବାର ଦିଲ୍ଲୀରେ ନୂତନ ସରକାରର ଶପଥଗ୍ରହଣ ସମାରୋହ ପରେ ଏନଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଏନଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ଭାଜପା ନେତାମାନେ ଉପସ୍ଥିତ ରହିଥିଲେ। ଏହି ବୈଠକରେ ଉଦ୍‌ବୋଧନ ଦେଇ ମୋଦୀ କହିଥିଲେ ଯେ ଦୀର୍ଘ ୨୭ ବର୍ଷ ପରେ ଦିଲ୍ଲୀରେ ବିଜେପି ଶାସନ ଗାଦିକୁ ଫେରିଛି। ଗୁରୁବାର ନୂଆ ସରକାର ଶପଥ ନେଇଛି। ଆଗାମୀ ଦିନରେ ଯେଉଁଠି ବି ନିର୍ବାଚନ ହେବ ସେଠାରେ ବିଜେପି ବିଜୟଲାଭ କରିବ ବୋଲି ମୋଦୀ ଦୃଢୋକ୍ତି ବାଢ଼ିଥିଲେ। ସେ କହିଥିଲେ, ଏନଡିଏ ଏକଜୁଟ ରହିଛି। ଆମେ ସମସ୍ତେ ଏକ ବିକଶିତ ଭାରତ ପାଇଁ କାମ କରିବୁ ଏବଂ ଏକାଠି ମିଳିମିଶି ଲକ୍ଷ୍ୟ ହାସଲ କରିବୁ। ସୂଚନାଯୋଗ୍ୟ ଯେ ବୈଠକରେ ଏନଡିଏ ନେତାମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ● ପୃଷ୍ଠା ୫ ଦେଖନ୍ତୁ

## ■ ଆଜିଠୁ ମାଟ୍ରିକ ପରୀକ୍ଷା ■

# ଶୁଭେଚ୍ଛା ଜଣାଇଲେ ଗଣଶିକ୍ଷା ମନ୍ତ୍ରୀ




କଟକ, ୨୦।୨ (ଭାସ୍କର ନ୍ୟୁଜ): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଉଭୟ ରେଗୁଲାର ଏବଂ ଏକ୍ସରେଗୁଲାର ପିଲାଙ୍କ ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଉଭୟଙ୍କର ପ୍ରତିଦିନ ଗୋଟିଏ ସିଟିଂ ରହିବ ଓ ଗୋଟିଏ ପ୍ରଶ୍ନପତ୍ରରେ ଉଭୟ ପରୀକ୍ଷା ଦେବେ। ସକାଳ ୭.୩୦ରେ ପରୀକ୍ଷା କେନ୍ଦ୍ର ଖୋଲାଯିବ। ପରିଷଦ ପକ୍ଷରୁ ପରୀକ୍ଷାର ସୁପରିଚାଳନା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତବର୍ଷ ୫ଲକ୍ଷ ୧୨ ହଜାର ୪୩୭ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବେ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ୩୦୨୯ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ପ୍ରଶ୍ନପତ୍ରର ସୁରକ୍ଷା ପାଇଁ ୩୧୪ଟି ନୋଡାଲ ସେଣ୍ଟର ସ୍ଥାପନ କରାଯାଇଛି। କପି ରୋକିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। କପି ରୋକିବାକୁ ଫ୍ଲାଇଂସ୍କାର୍ଡଠାରୁ ଆରମ୍ଭ କରି ନୋଡାଲ ଅଫିସରମାନଙ୍କୁ ନିଯୁକ୍ତି ଦିଆଯାଇଛି। ସେଣ୍ଟ୍ରାଲ ଅବଜରଭର, ଜିଲ୍ଲା ସ୍ତରରେ ଅବଜରଭର ● ପୃଷ୍ଠା ୫ ଦେଖନ୍ତୁ

## ବୈଜ୍ଞାନିକଙ୍କ ବଡ଼ ଦାବି

# ପୃଥିବୀରୁ ଶେଷ ହେବେ ମଣିଷ



- ଜଳବାୟୁ ପରିବର୍ତ୍ତନ, ଯୁଦ୍ଧ ମୁଖ୍ୟ କାରଣ
- ରାଜ୍ କରିବେ ବିଭିନ୍ନ ଜୀବଜନ୍ତୁ
- କାୟା ବିସ୍ତାର କରିବ ଅକ୍ଟୋପସ୍
- ୮ଗୋଡ଼ିଆ ପ୍ରାଣୀ କରିବ ରାଜୁତି

ନୂଆଦିଲ୍ଲୀ, ୨୦।୨: ଦୁନିଆ ଦିନେ ନା ଦିନେ ଶେଷ ହେବ। ଡାଇନୋସରଙ୍କ ପରି ପୃଥିବୀରୁ ଲୋପ ପାଇଯିବେ ମଣିଷ। କିନ୍ତୁ ମଣିଷଙ୍କ ପରେ ପୃଥିବୀରେ କିଏ କରିବେ ରାଜ୍? ଏପରି ଏକ ପ୍ରଶ୍ନର ସମାଧାନ କରିଛନ୍ତି ବୈଜ୍ଞାନିକ। ସେମାନେ ଏହି ରହସ୍ୟ ଉପରୁ ପରଦା ହଟାଇଛନ୍ତି। ବୈଜ୍ଞାନିକଙ୍କ କହିବା ଅନୁଯାୟୀ ମଣିଷଙ୍କ ପରେ ବିଶ୍ୱରେ ରାଜ କରିବ ଏକ ଜୀବ। ଯେତେବେଳେ ମଣିଷ ପୃଥିବୀରୁ ଲୋପ ପାଇଯିବେ ସେତେବେଳେ ଏକ ୮ ଗୋଡ ବିଶିଷ୍ଟ ଜୀବ ରାଜ କରିବ। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିପାରେ, କିନ୍ତୁ ନିରାଟ ସତ। ବୈଜ୍ଞାନିକଙ୍କ ଅନୁଯାୟୀ ପୃଥିବୀରେ ନିଜ କାୟା ବିସ୍ତାର କରିବ ଅକ୍ଟୋପସ୍। ଅକ୍ସଫୋର୍ଡ ୟୁନିଭରସିଟିର ଜୀବ ବିଜ୍ଞାନୀ ଟିମ୍ କଲସନ ଗବେଷଣା କରି ଏଭଳି ତଥ୍ୟ ରଖିଛନ୍ତି, ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସଂପ୍ରତି ସମୁଦ୍ର ଜୀବରେ ଅକ୍ଟୋପସ୍‌କୁ ସବୁଠାରୁ ବୁଦ୍ଧିମାନ ଜଳଚର ବୋଲି ଗଣାଯାଇଥାଏ। ଯଦି ବୈଜ୍ଞାନିକଙ୍କ କଥା ସତ ହୋଇଥାଏ, ତେବେ ୮ ଗୋଡ ଥିବା ପ୍ରାଣୀ ପୃଥିବୀ ପୃଷ୍ଠକୁ ପରିଚାଳନା କରିବେ। ସେମାନେ ପାଣି ● ପୃଷ୍ଠା ୫ ଦେଖନ୍ତୁ

## ଏମ୍‌ସିଆଇ ନିୟମକୁ ସୁପ୍ରିମକୋର୍ଟଙ୍କ ଅନୁମୋଦନ

# ବିଦେଶରେ ଏମ୍‌ବିବିଏସ୍ ପାଇଁ ନିଟ୍ ୟୁଜି ପାସ୍ ବାଧ୍ୟତାମୂଳକ



ନୂଆଦିଲ୍ଲୀ, ୨୦।୨: ବିଦେଶରେ ଏମ୍‌ବିବିଏସ୍ କରିବା ପାଇଁ ନିଟ୍ ୟୁଜି ପାସ୍ କରିବା ବାଧ୍ୟତାମୂଳକ। ସୁପ୍ରିମକୋର୍ଟ ମେଡ଼ିକାଲ କାଉନସିଲ ଅଫ୍ ଇଣ୍ଡିଆର ଏହି ନିୟମକୁ ଅନୁମୋଦନ ସହ ବଳବତ୍ତର ରଖିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୧୮ରେ ଲାଗୁ କରାଯାଇଥିବା ଏହି ନିୟମ ବିଦେଶରେ ମେଡ଼ିକାଲ ପଢୁଥିବା ଭାରତୀୟ ଛାତ୍ରଛାତ୍ରୀଙ୍କୁ ଭାରତରେ ମେଡ଼ିସିନ ପ୍ରାକ୍ଟିସ କରିବା ପାଇଁ ଜରୁରି ମାନଦଣ୍ଡ ପୂରଣକୁ ସୁନିଶ୍ଚିତ କରୁଛି। ଶୀର୍ଷ ଅଦାଲତ ନିଜ ରାୟରେ କହିଛନ୍ତି ଯେ ଏହି ନିୟମ ନିରପେକ୍ଷ ଏବଂ ପାରାଦର୍ଶୀ ଅଟେ। ଏହା କୌଣସି ବୈଧାନିକ ପ୍ରାବଧାନ କିମ୍ବା ସମ୍ବିଧାନର ବିରୁଦ୍ଧାଚରଣ କରୁନାହିଁ। ଅଦାଲତ ଆହୁରି କହିଛନ୍ତି ଯେ ଏହି ନିୟମ ଇଣ୍ଡିଆନ ମେଡ଼ିକାଲ କାଉନସିଲ ଆକ୍ଟ ୧୯୫୬ର କୌଣସି ପ୍ରାବଧାନର ବିପରୀତ ନୁହେଁ ଏବଂ କୌଣସି ପ୍ରକାର ଭୁଲ ନୁହେଁ। ନିଟ୍ ୟୁଜି ପାସ୍ କରିବାର ଆବଶ୍ୟକତା ଗ୍ରାଜୁଏଟ୍ ମେଡ଼ିକାଲ ଏଜୁକେଶନ ରେଗୁଲେସନ ୧୯୯୭ରେ ନିର୍ଦ୍ଧାରିତ ଯୋଗ୍ୟ ମାନଦଣ୍ଡ ପୂରଣ ଅତିରିକ୍ତ ଅଟେ। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ବି.ଆର. ଗବାଇ ଏବଂ ଜଷ୍ଟିସ ବିନୋଦ ଚନ୍ଦ୍ରନନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଶୁଣାଣି କରିଛନ୍ତି। ସୂଚନାଯୋଗ୍ୟ ଯେ ୨୦୧୮ରୁ ବିଦେଶରେ ଏମବିବିଏସ୍ କରି ଭାରତରେ ଡାକ୍ତର ହେବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ପାଇଁ ବି ୟୁଜି ନିଟ୍ ବାଧ୍ୟତାମୂଳକ କରାଯାଇଥିଲା। ଆବେଦନକାରୀ ଏମସିଆଇ ନିୟମକୁ ଚାଲେଞ୍ଜ କରି କହିଥିଲେ ଯେ ଇଣ୍ଡିଆନ ମେଡ଼ିକାଲ କାଉନସିଲ ଆକ୍ଟ ୧୯୫୬ରେ ସଂଶୋଧନ କରାନଯାଇ ଏହାକୁ ଲାଗୁ କରାଯାଇଛି। ତେବେ ଖଣ୍ଡପୀଠ କହିଛନ୍ତି ଯେ ମେଡ଼ିକାଲ କାଉନସିଲ ନିକଟରେ ଆକ୍ଟର ଧାରା ୩୩ ଅନୁସାରେ ରେଗୁଲେସନ ଆଣିବାର ଅଧିକାର ରହିଛି। ଶୁଣାଣିବେଳେ ଖଣ୍ଡପୀଠ ଆହୁରି କହିଥିଲେ ଯେ ଏହି ନିୟମରେ ହସ୍ତକ୍ଷେପ କରିବା ପାଇଁ ସେମାନେ କୌଣସି କାରଣ ପାଉନାହାନ୍ତି।




**ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ରାଜ୍ୟବାସୀଙ୍କୁ ମୋର ଅନେକ ଶୁଭେଚ୍ଛା ଓ ଶୁଭକାମନା। ମାତୃଭାଷା ହେଉଛି ଆମ ହୃଦୟର ଭାଷା। ବ୍ୟକ୍ତିତ୍ୱ ଗଠନରେ ମାତୃଭାଷାର ବିଶେଷ ପ୍ରଭାବ ରହିଛି। ଏହା ଆମ ଚିନ୍ତା, ଚେତନା ଓ ଭାବନା ପରିପ୍ରକାଶର ପ୍ରକୃଷ୍ଟ ମାଧ୍ୟମ। ମାତୃଭାଷା କେବଳ ଜାତିର ଭାଷା ଓ ସାହିତ୍ୟକୁ ସମୃଦ୍ଧ କରି ନଥାଏ, ଏହା ଜାତିର ଅସ୍ମିତାକୁ ମଧ୍ୟ ପ୍ରତିଫଳିତ କରେ।

ଆସନ୍ତୁ, ଆଜିର ଏହି ଅନ୍ତର୍ଜାତୀୟ ମାତୃଭାଷା ଦିବସରେ ଆମେ ସମସ୍ତେ ଆମ ମାତୃଭାଷା 'ଓଡ଼ିଆ'ର ଶବ୍ଦ ଭଣ୍ଡାର ଓ ସାହିତ୍ୟକୁ ଆହୁରି ପରିପୁଷ୍ଟ କରିବା ସହ ଏହାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାକୁ ପ୍ରତିଜ୍ଞାବଦ୍ଧ ହେବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL - 391



**ବାର୍ତ୍ତା**

ଅନ୍ତର୍ଜାତୀୟ ମାତୃଭାଷା ଦିବସରେ ସମସ୍ତ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା। ଓଡ଼ିଆ ସାହିତ୍ୟ ଦୀର୍ଘକାଳ ଧରି ଏକ ସୃଜନଶୀଳ ପରମ୍ପରା ସୃଷ୍ଟି କରି ଆସିଛି। ମାତୃଭାଷାର ବିକାଶ ବିନା କୌଣସି ଜାତିର ଉନ୍ନତି ଅସମ୍ଭବ। ଆମ ସଭିଙ୍କ ପାଇଁ ମାତୃଭାଷା ହେଉଛି ଏକ ମୂଲ୍ୟବାନ ସମ୍ପଦ ମଧ୍ୟରୁ ଗୋଟିଏ। ଏହି ସମ୍ପଦକୁ ସଂରକ୍ଷିତ ରଖି ପରବର୍ତ୍ତୀ ପିଢ଼ି ପାଇଁ ଅଗ୍ରସାରିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

OIPR 27068/13/0039/2425



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



## ଦିଲ୍ଲୀରେ ବିଜେପିର ମହିଳା କାର୍ଡ

# ରେଖାଙ୍କ ମୁଣ୍ଡରେ ସୁନା କଳସ

ବିଧାନସଭା ନିର୍ବାଚନ ଫଳାଫଳ ଘୋଷିତ ହେବାର ଏଗାର ଦିନ ପରେ ଜାତୀୟ ରାଜଧାନୀ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀଙ୍କୁ ଚୟନ କରିଛି ବିଜେପି। ଯାହା ଆଶା କରାଯାଉଥିଲା ଶେଷରେ ତାହା ହିଁ ହୋଇଛି ଏବଂ ଜଣେ ମହିଳା ନେତ୍ରୀଙ୍କ ମୁଣ୍ଡରେ ହାତୀ ସୁନା କଳସ ଢ଼ାଳିଛି। ପ୍ରଥମ ଥରର ବିଧାୟିକା ରେଖା ଗୁପ୍ତାଙ୍କୁ ବିଜେପି ବିଧାୟକ ଦଳର ନେତା ରୂପେ ଚୟନ କରାଯାଇଛି। ଦଳର ବହୁ ଅଭିଜ୍ଞ ଓ ଅନୁଭବୀ ନେତା ମୁଖ୍ୟମନ୍ତ୍ରୀ ପଦ ପାଇଁ ଆଶାୟୀ ଥିବାବେଳେ ବିଜେପି ସେମାନଙ୍କୁ ନିରାଶ କରି ରାଜସ୍ଥାନ ଓ ମଧ୍ୟପ୍ରଦେଶ ଢ଼ାଞ୍ଚାରେ ନବାଗତଙ୍କୁ ମନୋନୀତ କରିଛି। ଆମ୍ ଆଦ୍‌ମୀ ପାର୍ଟିର ଗଡ଼କୁ ଭାଙ୍ଗି ଦୀର୍ଘ ୨୭ବର୍ଷ ପରେ ବିଜେପି ଦିଲ୍ଲୀ ଦଖଲ କରିଥିବାରୁ କାହାକୁ ମୁଖ୍ୟମନ୍ତ୍ରୀ ଗାଦିରେ ଅଧିଷ୍ଠିତ କରୁଛି, ତା'ଉପରେ ସମସ୍ତଙ୍କ ନଜର ରହିଥିଲା। ଏଥିପାଇଁ ଅନେକ ବରିଷ୍ଠ ନେତା ଦାବିଦାର ଥିଲେ ହେଁ ଦିଲ୍ଲୀରେ ଦୀର୍ଘବର୍ଷ ଧରି ରହି ଆସୁଥିବା ପରମ୍ପରାକୁ ଅତୁଟ ରଖି ଦଳ ମହିଳା କାର୍ଡ ଖେଳିବା ସହ ରେଖାଙ୍କୁ ମୁଖ୍ୟମନ୍ତ୍ରୀ କରିଛି। ଅତୀତରେ ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜ୍ ଦିଲ୍ଲୀରେ ବିଜେପିର ଶେଷ ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ପରେ କଂଗ୍ରେସ ଦଳର ବରିଷ୍ଠ ନେତ୍ରୀ ଶୀଳା ଦୀକ୍ଷିତ୍ ୧୯୯୮ରୁ ୨୦୧୩ ମସିହା ପର୍ଯ୍ୟନ୍ତ କ୍ରମାଗତ ତିନି ପାଳି ମୁଖ୍ୟମନ୍ତ୍ରୀ ଗାଦିରେ ଅଧିଷ୍ଠିତ ହୋଇଥିଲେ। ତାଙ୍କ ସମୟରେ ଦିଲ୍ଲୀରେ ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। 'ଆପ୍' ଶାସନରେ ଦଳର ସୁପ୍ରିମୋ ଅରବିନ୍ଦ କେଜ୍‌ରିୱାଲ ଜେଲ୍ ଯିବା ପରେ ମହିଳା ନେତ୍ରୀ ଆତିଶୀ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇ ନିର୍ବାଚନ ପର୍ଯ୍ୟନ୍ତ ରହିଥିଲେ। ନୂଆଦିଲ୍ଲୀ ଆସନରେ କେଜ୍‌ରିୱାଲ୍‌ଙ୍କୁ ପରାସ୍ତ କରିଥିବା ପରଭେଶ୍ ବର୍ମାଙ୍କୁ ଉପମୁଖ୍ୟମନ୍ତ୍ରୀ ରୂପେ ଚୟନ କରାଯାଇଛି। ସେ ବିଜେପିର ଜଣେ ଟାଣୁଆ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସାହେବ ସିଂହ ବର୍ମାଙ୍କ ପୁଅ। ଗୁରୁବାର ଅପରାହ୍ନରେ ଦିଲ୍ଲୀର ରାମଲୀଳା ମଇଦାନରେ ଆୟୋଜିତ ଏକ ଭବ୍ୟ ସମାରୋହରେ ରେଖା ଗୁପ୍ତା ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି। ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ବୃନ୍ଦ, ବିଜେପିର ବରିଷ୍ଠ ନେତୃବୃନ୍ଦ ଏବଂ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସମେତ ତାଙ୍କ ମନ୍ତ୍ରିମଣ୍ଡଳରେ ମୋଟ ସାତଜଣ ସଦସ୍ୟ ରହିଛନ୍ତି। ବିଧାୟକ ଦଳର ନେତା ନିର୍ବାଚିତ ହେବା ପରେ ରେଖା ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ଅନ୍ୟ ଦଳୀୟ ନେତାମାନଙ୍କୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ଦିଲ୍ଲୀକୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ରାଜଧାନୀ ରୂପେ ଗଢ଼ି ତୋଳିବା ଦିଗରେ ଉଦ୍ୟମ କରିବେ ବୋଲି ପ୍ରକାଶ କରିଛନ୍ତି। ପଚାଶ ବର୍ଷ ବୟସ୍କା ରେଖା ଦିଲ୍ଲୀର ଶାଲିମାର ଆସନରୁ ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ସେ ଆମ୍ ଆଦ୍‌ମୀ ପାର୍ଟିର ବନ୍ଦନା କୁମାରୀଙ୍କୁ ୨୯ ହଜାରରୁ ଅଧିକ ଭୋଟ୍‌ରେ ପରାସ୍ତ କରିଥିଲେ। ବିଧାନସଭାରେ ନବାଗତା ହୋଇଥିଲେ ହେଁ ଦିଲ୍ଲୀରେ ବିଜେପି ସଂଗଠନକୁ ସୁଦୃଢ଼ କରିବାରେ ରେଖାଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ଛାତ୍ର ରାଜନୀତିରୁ ଜୀବନ ଆରମ୍ଭ କରି ସେ ପରବର୍ତ୍ତୀ ସମୟରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ସଭାପତି ରୂପେ ନିର୍ବାଚିତ ହୋଇଥିଲେ। ଓକିଲାତିକୁ ପେଶା ରୂପେ ଗ୍ରହଣ କରି ଜଣେ ଆଇନଜୀବୀ ରୂପେ ମଧ୍ୟ ସେ ସଫଳତା ଅର୍ଜନ କରିଛନ୍ତି। ଦିଲ୍ଲୀ ପୌର ସଂସ୍ଥାର କାଉନସିଲର ଥିବା ରେଖା ପୂର୍ବରୁ ଦୁଇଥର ନିର୍ବାଚନ ଲଢ଼ି ପରାଜିତ ହେବା ପରେ ଏବେ ଦିଲ୍ଲୀର ଶାସନ ଡୋରି ଗ୍ରହଣ କରିବାକୁ ଯିବା ତାଙ୍କ ବ୍ୟକ୍ତିତ୍ୱର ପରାକାଷ୍ଠା କହିଲେ ଅତ୍ୟୁକ୍ତି ହେବନାହିଁ। ଜାତୀୟ ରାଜଧାନୀକୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ରାଜଧାନୀ କରିବାକୁ ତାଙ୍କର ସଂକଳ୍ପ କେତେଦୂର ବାସ୍ତବ ରୂପ ନେଉଛି ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

# ମା, ମାଟି ଓ ମମତାର ଭାଷା : ମାତୃଭାଷା



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡ଼ା, ପୁରୀ
ମୋ: ୯୭୭୮୧୭୭୫୦୧

ପ୍ରତ୍ୟେକ ବ୍ୟକ୍ତି ନିଜର ମା, ମାଟି ଓ ମାତୃଭାଷାକୁ ନେଇ ଗର୍ବ କରେ। ମା, ମାଟି ଓ ମାତୃଭାଷା ସମସ୍ତଙ୍କ ପାଇଁ ନିତ୍ୟାନ୍ତ ପ୍ରୟୋଜନ। 'ମା' ଯିଏ ଆମକୁ ଜନ୍ମ ଦେଇଛି, 'ମାଟି' ଯାହା ଉପରେ ପାଦ ଦେଇ ଆମେ ଛୋଟରୁ ବଡ଼ ହୋଇଛେ ଓ 'ମାତୃଭାଷା' ଯିଏ ଆମକୁ ପ୍ରଥମ ପରିଚୟ ଦେଇଛି। ମା, ମାଟି ଓ ମାତୃଭାଷା ଆମର ଅସ୍ମିତା ଓ ସ୍ୱାଭିମାନ। ମାତୃଭାଷା ହେଉଛି ପ୍ରତ୍ୟେକ ଜାତିର ପ୍ରାଣ ସ୍ପନ୍ଦନ ଏବଂ ଜାତିର ସକଳ ଜୀବନଶକ୍ତିର ଆଧାର। କୌଣସି ଜାତିର ଉନ୍ନତି ସେ ଜାତିର ମାତୃଭାଷାର ଉନ୍ନତି ଉପରେ ନିର୍ଭର କରେ। ମାତୃକୋଳରେ ଥିବା ସମୟରେ ମାଆଙ୍କ ମୁହଁରୁ ଶିଶୁମାନେ ଯେଉଁ ଭାଷା ଶୁଣିଥାନ୍ତି ତାହା ତାଙ୍କ ପ୍ରାଣରେ ସାରା ଜୀବନ ପାଇଁ ମୁଦ୍ରିତ ହୋଇରହେ ତାହା ହିଁ ହେଉଛି ମାତୃଭାଷା। ମାତୃଭାଷା ଜନ୍ମହୁଏ ଶିଶୁର ସାମାଜିକ ଓ ମାନସିକ ପରିବେଶରୁ। ଯେଉଁ ଭାଷାକୁ ଶିଶୁ ତା'ର ପରିବେଶରୁ ସହଜରେ ଶିଖିନେଇଥାଏ, ତାହା ହିଁ ତା'ର ମାତୃଭାଷା। ମାଟି ମାଆ କୋଳରେ ରହୁଥିବା ତା' ସନ୍ତାନମାନଙ୍କ କଥିତ ଭାଷା ମାତୃଭାଷା। ଏକ ଏକ ଭୂଖଣ୍ଡରେ ବହୁଜନଙ୍କ ମୁଖ ନିଃସୃତ ମନ, ପ୍ରାଣ, ହୃଦୟର ଭାଷା ହେଉଛି ମାତୃଭାଷା।

ପ୍ରତ୍ୟେକ ବ୍ୟକ୍ତି ନିଜର ମନର ଭାବକୁ ମାତୃଭାଷା ମାଧ୍ୟମରେ ସୁନ୍ଦର ଭାବରେ ବ୍ୟକ୍ତ କରିପାରେ। ଯାହା ଅନ୍ୟ ଭାଷାରେ କରିପାରେନାହିଁ। ମାତୃଭାଷାର ଉନ୍ନତିରେ ଜାତିର ବିକାଶ ସମ୍ଭବ। ଆମ ମାତୃଭାଷା ଆମ ପରିଚୟ ଆମ ମୂଳଦୁଆ। ତାକୁ ହେୟଜ୍ଞାନ ନକରି କିପରି ବିଶ୍ୱସ୍ତରରେ ପରିଚୟ କରାଇବା ତାହା ଆମର ଦାୟିତ୍ୱ ହେବା ଉଚିତ୍। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଭାଷାରେ-

'ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା'।

ଆମ ଭାଷାରେ ଆମ ପରିଚୟ ସୃଷ୍ଟି କରିବା ପାଇଁ ଏଇ ମାଟି ତା' କୋଳରେ ଜନ୍ମ ଦେଇଛି ଅନେକ ସୁସାହିତ୍ୟିକ ଏବଂ ଭାଷାପ୍ରେମୀ ମାନଙ୍କୁ। ତାଙ୍କ ପାଇଁ ଆମ ଭାଷା, ଆମ ପରମ୍ପରା ପାଲଟି ଯାଇଛି ଏକ ଅତୁଳନୀୟ ଐଶ୍ୱର୍ଯ୍ୟ ଓ ମହାର୍ଘ ସମ୍ପଦ। ଭାଷାକୁ ନେଇ ଜାତି ଗର୍ବ କରେ। ଯେଉଁ ଜାତିର ଭାଷା ନାହିଁ ସେ ଜାତି କେବେ ଉପରକୁ ଉଠି ନାହିଁ। ତେଣୁ ମାତୃଭାଷାର ସୁରକ୍ଷା ଦ୍ୱାରା ହିଁ ଗୋଟିଏ ସମାଜର ପ୍ରତିଷ୍ଠା, ପରମ୍ପରା ଓ ଐତିହ୍ୟର ସୁରକ୍ଷା ସମ୍ଭବ। ଯାହାକୁ ନେଇ ସାରା ବିଶ୍ୱରେ ଫେବୃଆରୀ ୨୧ ତାରିଖ ଦିନ 'ଅନ୍ତର୍ଜାତୀୟ ମାତୃଭାଷା ଦିବସ' ପାଳିତ ହୋଇଥାଏ। ଚଳିତ ବର୍ଷ ଅନ୍ତର୍ଜାତୀୟ ମାତୃଭାଷା ଦିବସର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳନ କରିବାକୁ ଯାଉଛି ରୌପ୍ୟ ଜୟନ୍ତୀ ଉତ୍ସବ। ଭାଷାଭିତ୍ତିକ ବିବିଧତା ରକ୍ଷା କରିବା ଏବଂ ମାତୃଭାଷାକୁ ପ୍ରୋତ୍ସାହିତ କରିବାରେ ୨୫ ବର୍ଷର ନିରନ୍ତର ପ୍ରୟାସ ଜାରିରହିଛି। ଭାଷାଗୁଡ଼ିକର ସୁରକ୍ଷା ପାଇଁ ପ୍ରତିବଦ୍ଧତାକୁ ନବୀକରଣ କରିବାର ଏହା ଏକ ସମୟ। ବହୁଭାଷୀତାକୁ ପ୍ରୋତ୍ସାହିତ କରିବା, ବିପଦପୂର୍ଣ୍ଣ ଭାଷାଗୁଡ଼ିକୁ ସୁରକ୍ଷା ଦେବା ଏବଂ ମାତୃଭାଷାରେ ଅନ୍ତର୍ଭୁକ୍ତ ଶିକ୍ଷାକୁ ଉତ୍ସାହିତ କରିବା ପାଇଁ ଏହି ଦିନ ପାଳନ କରାଯାଏ।

ବିଶ୍ୱରେ ଭାଷା ଏବଂ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଉଛି। ମାତୃଭାଷାର ସୁରକ୍ଷା ଲାଗି ଏହି ଦିବସରେ ସଚେତନତା ସୃଷ୍ଟି କରାଯାଏ। ଏହି ଦିବସ ଘୋଷଣା କରାଯିବା ଦ୍ୱାରା ୧୯୫୨ର ବାଂଲାଦେଶ ଭାଷା ଆନ୍ଦୋଳନ ଦିବସକୁ ସ୍ମରଣ କରାଯାଇଥାଏ। ଆନ୍ଦୋଳନକାରୀମାନେ ବେଙ୍ଗଲୀ ଭାଷାକୁ ସ୍ୱୀକୃତି ଦେବା ଲାଗି ଲଢେଇ କରୁଥିଲେ। ୨୧ ଫେବୃୟାରୀରେ ବାଂଲାଦେଶୀ ଭାଷା ଆନ୍ଦେଳନରେ ରାଜଧାନୀ ଢାକାରେ ୪ ଜଣ ବେଙ୍ଗଲୀ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ବଳିଦାନକୁ ସମ୍ମାନ ଜଣାଇ ଏହି ଦିନ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯିବା ପାଇଁ ଜାତିସଂଘ ନିଷ୍ପତ୍ତି ନେଇଥିଲା। ପରେ ଜାତିସଂଘ ସାଧାରଣ ପରିଷଦ ୨୦୦୮କୁ ଅନ୍ତର୍ଜାତୀୟ ଭାଷା ବର୍ଷ ଭାବେ ଘୋଷଣା କରି ପୁଣି ଏହାର ମହତ୍ତ୍ୱକୁ ପ୍ରତିପାଦନ କରିଛି।ଭାଷା ଆମ ସଂସ୍କୃତିର ରକ୍ଷକ। ଭାଷା ଦିବସ ପାଳନ କରାଯିବା ଦ୍ୱାରା ଭାଷାଗତ ବିବିଧତା ଓ ବହୁ ଭାଷୀ ଶିକ୍ଷାକୁ ସଶକ୍ତ କରିବା ସହ ଭାଷାଗତ ତଥା ସାଂସ୍କୃତିକ ପରମ୍ପରା ପ୍ରତି ସଚେତନତା ସୃଷ୍ଟି କରାଯାଇପାରୁଛି।ଭାଷାକୁ ନେଇ ଜାତି ଗର୍ବ କରେ।ଯେଉଁ ଜାତିର ଭାଷା ନାହିଁ ସେ ଜାତି କେବେ ଉପରକୁ ଉଠି ନାହିଁ। ତେଣୁ ମାତୃଭାଷାର ସୁରକ୍ଷା ଦ୍ୱାରା ହିଁ ଗୋଟିଏ ସମାଜର ପ୍ରତିଷ୍ଠା, ପରମ୍ପରା ଓ ଐତିହ୍ୟର ସୁରକ୍ଷା ସମ୍ଭବ। ଯାହାକୁ ନେଇ ସାରା ବିଶ୍ୱରେ ଫେବୃଆରୀ ୨୧ ତାରିଖ ଦିନ 'ଅନ୍ତର୍ଜାତୀୟ ମାତୃଭାଷା ଦିବସ' ପାଳିତ ହୋଇଥାଏ। ଏହି ଦିବସ ପାଳନର ମୁଖ୍ୟ ଲକ୍ଷ ହେଉଛି ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ରକ୍ଷା।ପାଶ୍ଚାତ୍ୟ ସଭ୍ୟତାରେ ହଜି ଯିବାକୁ ବସିଥିବା ଆଞ୍ଚଳିକ ଭାଷା ତଥା ମାତୃଭାଷାକୁ ବଞ୍ଚାଇବା ଅନ୍ତର୍ଜାତୀୟ ମାତୃଭାଷା ଦିବସର ମୂଳ ଉଦ୍ଦେଶ୍ୟ। ପ୍ରତିବର୍ଷ ଆଞ୍ଚଳିକ ତଥା ମାତୃଭାଷାଗୁଡ଼ିକୁ ସଂରକ୍ଷଣ କରିବା ତଥା ଭାଷା ଶିକ୍ଷାକୁ ଉତ୍ସାହିତ କରିବା ଦିଗରେଏହା ଧ୍ୟାନ ଦେଇଥାଏ।

ଆଞ୍ଚଳିକ ତଥା ମାତୃଭାଷା ହେଉଛି ଜନତାର ପ୍ରଥମ ପ୍ରୟୋଜନ। ଅନ୍ନବସ୍ତ୍ର ପରି ତା'ର ଦରକାର ନିଜର ଭାଷା। ସେଥିପାଇଁ ଅର୍ଥନୀତି କ୍ଷେତ୍ରରେ ଗାନ୍ଧିଜୀ ବିଦେଶୀ ବର୍ଜନ କରି ସ୍ୱଦେଶୀ ବ୍ୟବହାର କରିବା ପାଇଁ ଯେମିତି ଡାକ ଦେଲେ, ଭାଷା କ୍ଷେତ୍ରରେ ସେମିତି ଇଂରେଜି ଛାଡ଼ି ମାତୃଭାଷାକୁ ସମୃଦ୍ଧ କରିବା ପାଇଁ ଘୋଷଣା କଲେ। ତାଙ୍କର ଡାକହେଲା କେନ୍ଦ୍ର ଭାଷା ହେବ ହିନ୍ଦୀ ଓ ଭିନ୍ନ ଭିନ୍ନ ରାଜ୍ୟଗୁଡ଼ିକରେ ରାଜ୍ୟଭାଷା ହେବ ଆଞ୍ଚଳିକ ଭାଷା ଅର୍ଥାତ୍ ରାଜ୍ୟ ଲୋକମାନଙ୍କର ମାତୃଭାଷା। ଗାନ୍ଧିଜୀ ମାତୃଭାଷାକୁ ମାତୃ ସ୍ତନ୍ୟ ପରି ମୂଲ୍ୟବାନ ମନେକରୁଥିଲେ। ତାଙ୍କ ଦୃଷ୍ଟିରେ ଯେଉଁ ଲୋକର ମାତୃଭାଷା ପ୍ରତି ମମତା ନାହିଁ, ତାକୁ କେବେ ଦେଶଭକ୍ତ କୁହାଯାଇପାରେନା। ସ୍ୱଭାବକବି ଗଙ୍ଗାଧର ମେହେର ଯଥାର୍ଥରେ କହିଥିଲେ –

'ମାତୃଭୂମି ମାତୃଭାଷାରେ ମମତା
ଯା' ହୃଦେ ଜନମି ନାହିଁ,
ତାକୁ ଯେବେ ଜ୍ଞାନିଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?'

ମାତୃଭାଷାର ଉନ୍ନତି ନଘଟିଲେ ଜାତିର ଉନ୍ନତି ଯେ ସୁଦୂର ପରାହତ ହେବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। 'ବିବିଧତା ମଧ୍ୟରେ ଏକତା' ସିଦ୍ଧାନ୍ତକୁ ନେଇ ଭାରତ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହାର ସମୃଦ୍ଧ ସାଂସ୍କୃତିକ ପରିବେଶ କ୍ଷେତ୍ରରେ ଭାଷାର ଭୂମିକା ରହିଛି। ଏଣୁ ଭାରତରେ ଏହି ଦିବସ ପାଳନ କରାଯିବାର ଢେର ଗୁରୁତ୍ୱ ଅଛି। ଭାଷାର କୌଣସି ସୀମା ନାହିଁ। ମାତୃଭାଷାର ସୁରକ୍ଷା କରି ଏହାକୁ ସମୃଦ୍ଧ କରାଯାଇପାରିଲେ ବିଶ୍ୱରେ ଶାନ୍ତି, ବିକାଶ ଓ ଏକତା ସହଜରେ ପ୍ରତିଷ୍ଠା ହୋଇପାରିବ। ନିଜର ମାତୃଭାଷାକୁ ହତାଦର କରି କୌଣସି ଜାତି କେବେ ବଡ଼ ହୋଇପାରିବ ନାହିଁ। ଗୋଟିଏ ଜାତିର ଭାଷା ତା'ର ଶ୍ରେଷ୍ଠ ସମ୍ପଦ ଅଟେ। ଭାଷାକୁ ନେଇ ଜାତି ଗର୍ବ କରେ। ମାତୃଭାଷାର ଉନ୍ନତିରେ ଜାତିର ପ୍ରଗତି ସମ୍ଭବ। ଏହି ଦିବସରେ ମାତୃଭାଷାର ଉନ୍ନତି ଏବଂ ସୁରକ୍ଷା ପାଇଁ ସଂକଳ୍ପ ନେବା ଉଚିତ୍।

# ଆତ୍ମ-ବିଶ୍ଳେଷଣ



ଲଳିତ ମୋହନ ମିଶ୍ର
କୁରାଳ, ନୟାଗଡ଼
ମୋ: ୯୪୩୭୯୮୫୮୬୬

ସଦାସର୍ବଦା ଆତ୍ମ-ନିରୀକ୍ଷଣ ବା ଆତ୍ମ ବିଶ୍ଳେଷଣ କରନ୍ତୁ। ଆପଣଙ୍କୁ କେଉଁ ବୃତ୍ତି ଅସୁବିଧାରେ ପକାଉଛି ତାହାକୁ ଖୋଜି ବାହାର କରନ୍ତୁ। କାମ କ୍ରୋଧ ଲୋଭ ମୋହ ପ୍ରବୃତ୍ତିଂ ଇର୍ଷାପରତା ଓ ଘୃଣା ଇତ୍ୟାଦି ଅପବିତ୍ର ବୃତ୍ତିଗୁଡିକକୁ ଦମନ କରିବାକୁ ଚେଷ୍ଟା କରନ୍ତୁ। ସମ୍ବେଦନଶୀଳତା, ବିଶ୍ୱ ପ୍ରେମ, ଅହିଂସା, ସତ୍ୟବାଦୀତା ଓ ବ୍ରହ୍ମଚର୍ଯ୍ୟ ବର୍ଦ୍ଧନ କରନ୍ତୁ। ଏକ ପରିବର୍ତ୍ତିତ ହୃଦୟ ସହିତ ଆପଣ ଏକ ପରିବର୍ତ୍ତିତ ବ୍ୟକ୍ତିତ୍ୱରେ ରୂପାନ୍ତରିତ ହେବେ। ବାଟରେ ଜଣେ ବ୍ୟକ୍ତି ଯମରାଜଙ୍କ ଦର୍ଶନ ପାଇଲେ। ସେ ତାଙ୍କୁ ଚିହ୍ନି ପାରିଲେ ନାହିଁ। ଯମରାଜ ପିଇବା ପାଇଁ ପାଣି ମାଗିଲେ, ସେହି ବ୍ୟକ୍ତି ଜଣକ ତାଙ୍କୁ ପାଣି ଆଣି ଦେଇଥିଲେ। ପାଣି ପିଇବା ପରେ ଯମରାଜ ନିଜର ଉଦ୍ଦେଶ୍ୟ କହିଲେ, ଆପଣଙ୍କ ଜୀବନ ସମୟ ସରି ଯାଇଛି ମୁଁ ତେଣୁ ନେବାକୁ ଆସିଛି। ଯେହେତୁ ତୁମେ ମୋର ତୃଷା ମେଣ୍ଟାଇଲ, ତୁମର କର୍ମାନୁଯାୟୀ ମୁଁ ତୁମର ଭାଗ୍ୟ ବଦଳାଇବାକୁ ସୁଯୋଗ ଦେଉଛି। ଏହା କହି ଯମରାଜ ଏକ ଡାଏରୀ ଦେଇଥିଲେ, କହିଥିଲେ 'ତୁମ ପାଖରେ ମାତ୍ର ପାଞ୍ଚ ମିନିଟ୍ ସମୟ ଅଛି। ଏଥିରେ ତୁମେ ଯାହା ବି ଲେଖିବ ତାହା ତୁମର ଭାଗ୍ୟ ନିର୍ଦ୍ଧାରଣ କରିବ। ବ୍ୟକ୍ତି ଜଣକ ଡାଏରୀ ଖୋଲି ପ୍ରଥମ ପୃଷ୍ଠାରେ ଲେଖାଥିଲେ ଯେ ତାଙ୍କ ପଡ଼ୋଶୀଙ୍କ ଲଟେରୀ ପକାଇଛି। ସେଥିରେ ସେ ବିଜୟ ଲାଭ କଲେ କୋଟିପତି ହୋଇଯିବ, ତାକୁ ଏ ସୁଯୋଗ ଦିଆଯାଉନାହିଁ। ପରବର୍ତ୍ତୀ ପୃଷ୍ଠାରେ ଲେଖିଲେ ତାଙ୍କର ଜଣେ ବନ୍ଧୁ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି, ସେ ସେଥିରେ ଜିତି ଗଲେ ମନ୍ତ୍ରୀ ହୋଇଯିବେ ତେଣୁ ସେ ନିର୍ବାଚନରେ ହାରିବା ଦରକାର। ଏହିଭଳି ଭାବରେ ସେ ଡାଏରୀ ଅନ୍ୟ ଏକ ପୃଷ୍ଠାରେ ନିଜ ବିଷୟରେ ଲେଖିବାକୁ ଯାଉଛନ୍ତି ଯମରାଜ ତାଙ୍କ ହାତରୁ ଡାଏରୀଟି ନେଇ କହିଲେ- ବସ୍ସ ! ତୁମର ପାଞ୍ଚ ମିନିଟ୍ ସମୟ ସରିଯାଇଛି। ବର୍ତ୍ତମାନ ତୁମେ ଆଉ କିଛି ଲେଖିପାରିବ ନାହିଁ। ଆପଣ ଅନ୍ୟର ମନ୍ଦ ଚିନ୍ତା କରି ନିଜ ଜୀବନର ସମସ୍ତ ସମୟ ନଷ୍ଟ କରିଦେଲେ। ତେଣୁ ଏହା ଶେଷ ନିଶ୍ଚିତ ତୁମେ ଯମପୁର ଯିବ। ଏହା ଶୁଣି ବ୍ୟକ୍ତି ଜଣକ ବହୁତ ଦୁଃଖିତ ହେଲା, ସେ ଅନୁଭବ କଲା ଏକ ସୁବର୍ଣ୍ଣ ସୁଯୋଗ ହରାଇଲି। ଏବେ ତା ପାଖରେ ଦୁଃଖ ଛଡ଼ା ଆଉ କିଛି ନଥିଲା। ଆଜି ସମାଜରେ ଅଧିକାଂଶ ବ୍ୟକ୍ତିଙ୍କ କ୍ଷେତ୍ରରେ ଏପରି ଘଟୁଛି। ଏହା ଅତ୍ୟନ୍ତ ଦୁଃଖର କାରଣ। ନିଜର ଦୁର୍ବଳତା ଖରାପ ଗୁଣ ଦେଖିବା ପରିବର୍ତ୍ତେ ଅନ୍ୟର ଦୁର୍ବଳତାକୁ ଦେଖାଇବାରେ ଲାଗିପଡୁଅଛେ। ଏପରି ବ୍ୟକ୍ତିତ୍ୱ ନିଜ ଜୀବନର ଅନ୍ତିମ ଲକ୍ଷ୍ୟ ହାସଲ କରିପାରନ୍ତି ନାହିଁ। ତେଣୁ ଯଥାସମ୍ଭବ ଭଗବାନଙ୍କ ପ୍ରତି ଧ୍ୟାନ, ଜୀବନରେ ଦିବ୍ୟ ଜ୍ଞାନ ପ୍ରୟୋଗ କରି ନିଜକୁ ମହାନ୍ କରିବା, ନିଜକୁ ଶ୍ରେଷ୍ଠ କରିବାରେ ସମୟ ବିତାନ୍ତୁ। ସର୍ବଦା ନିଜକୁ ଆତ୍ମ ନିରୀକ୍ଷଣ କରନ୍ତୁ ଏବଂ ନିଜର ଦୋଷ ତ୍ରୁଟିକୁ ସୁଧାରନ୍ତୁ। ସଠିକ୍ ମାର୍ଗରେ ଚାଲିବା ପାଇଁ ଆତ୍ମ ପ୍ରତିଫଳନ ହିଁ ଜୀବନର ଶ୍ରେଷ୍ଠ ଚାବିକାଠି।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ଓ ଆମ ଓଡ଼ିଆ ଭାଷା



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ପ୍ରତିବର୍ଷ ଫେବୃୟାରୀ ୨୧ ତାରିଖ ଦିନଟିକୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ରୂପେ ପାଳନ କରାଯାଇଥାଏ। ବିଶ୍ୱବ୍ୟାପୀ ଭାଷାଗତ ଓ ଚଳଣିଗତ ବିଭିନ୍ନତା ତଥା ବହୁ ଭାଷା ପଣ ପ୍ରଚାର ନିମନ୍ତେ ଏହା ପାଳିତ ହୋଇଥାଏ। ଏହା ପ୍ରଥମେ ୟୁନେସ୍କୋ ଦ୍ୱାରା ୧୯୯୯ ମସିହା ନଭେମ୍ବର ୧୭ ତାରିଖରେ ଆରମ୍ଭ ହୋଇଥିଲା। ଏହାର ପାଳନ ପ୍ରଥମେ ମିଳିତ ଜାତିସଂଘ ସାଧାରଣ ସଭାରେ ୨୦୦୮ ମସିହା ଅନ୍ତର୍ଜାତୀୟ ଭାଷା ବର୍ଷରେ ଗୃହୀତ ହୋଇଥିଲା। ଅନ୍ତର୍ଜାତୀୟ ମାତୃଭାଷା ଦିବସ ୨୦୦୦ ମସିହା ଫେବୃଆରୀ ପରଠାରୁ ପ୍ରତିବର୍ଷ ଭାଷାଗତ ଓ ଚଳଣିଗତ ବିଭିନ୍ନତା ତଥା ବହୁ ଭାଷା ପଣ ପ୍ରଚାର ନିମନ୍ତେ ପାଳିତ ହୋଇଆସୁଛି। ଆଉ ଏକ ତଥ୍ୟ ଅନୁସାରେ ଏହି ଦିବସଟି ୧୯୫୨ ମସିହାରେ ସେତେବେଳର ପାକିସ୍ତାନରେ ବଙ୍ଗଳା ଭାଷାକୁ ଦୁଇଟି ରାଷ୍ଟ୍ରୀୟ ଭାଷାର ମାନ୍ୟତା ଦାବି କରୁଥିବା ଢାକା ବିଶ୍ୱବିଦ୍ୟାଳୟ, ଜଗନ୍ନାଥ ବିଶ୍ୱବିଦ୍ୟାଳୟ, ଢାକା ମେଡ଼ିକାଲ କଲେଜର ଛାତ୍ରମାନଙ୍କ ଅଧୁନା ବଙ୍ଗଳାଦେଶର ରାଜଧାନୀ ଢାକାର ଉଚ୍ଚନ୍ୟାୟାଳୟ ନିକଟରେ ପୁଲିସ ଗୁଳିରେ ପ୍ରାଣ ହରାଇବାର ସ୍ମୃତିରେ ପାଳିତ ହୋଇଥାଏ। ଆମେ ଜନ୍ମ ହେଲାପରେ ପ୍ରଥମେ ଯେଉଁ ଭାଷାରେ କଥା କହିବା ଆରମ୍ଭ କରୁ ତାହା ହେଉଛି ଆମର ମାତୃଭାଷା। ବିଶ୍ୱରେ ଭାଷା ଏବଂ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ ଦେବା ହିଁ ମାତୃଭାଷା ଦିବସର ପାଳନର ଉଦ୍ଦେଶ୍ୟ। ଭାଷା ଆମକୁ ପରସ୍ପର ସହ ସମ୍ପର୍କ ଯୋଡ଼ିବାରେ ସହାୟକ ହୁଏ। ଆମ ମନର ଭାବନାକୁ ଅନ୍ୟ ପାଖରେ ପହଞ୍ଚାଇବାର ସର୍ବଶ୍ରେଷ୍ଠ ମାଧ୍ୟମ ହେଉଛି ଭାଷା। ମାତୃଭାଷା ଆମ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଭାଷା କେବଳ ଭାବର ଆଦାନ ପ୍ରଦାନ ନୁହେଁ ବରଂ ଏହା ସମାଜର ବିକାଶ ସାଧନର ମଧ୍ୟ ମାଧ୍ୟମ ଅଟେ। ସମାଜ ବିକାଶରେ ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି। ଭାଷା ହେଉଛି ଜୀବଜଗତରେ ମାନବର ସର୍ବୋତ୍ତମ ପରିଚୟ। ମାତୃଭାଷା ହିଁ ଭାବ ଓ ଭାବନାକୁ ବ୍ୟକ୍ତ କରିବାର ସର୍ବୋତ୍କୃଷ୍ଟ ମାଧ୍ୟମ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ମତରେ – 'ଉଚ୍ଚ ହେବା ପାଇଁ କର ଯେବେ ଆଶା /ଉଚ୍ଚ କର ଆଗ ନିଜ ମାତୃଭାଷା'। କବିଙ୍କର ଏହି ପଂକ୍ତିଟି ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏକ ବିଶେଷ ବାର୍ତ୍ତା ବହନ କରେ। ବାସ୍ତବରେ ମାତୃଭାଷାର ବିକାଶରେ ହିଁ ଗୋଟିଏ ଜାତିର ବିକାଶ ସମ୍ଭବ ହୋଇଥାଏ। ମାତୃଭାଷା ମାନବର ମନରେ ଜାତୀୟତା ଭାବ ସୃଷ୍ଟି କରିବାରେ ପୂର୍ଣ୍ଣ ରୂପେ ସକ୍ଷମ ହୋଇଥାଏ। ମାତୃଭାଷା ମାଧ୍ୟମରେ ବ୍ୟକ୍ତି ଜାତିର ଇତିହାସ, ସଂସ୍କୃତି ଓ ପରମ୍ପରା ବିଷୟରେ ସଚେତନ ହୋଇଥାଏ। ମାତୃଭାଷା ହିଁ ଶିଶୁର ଜ୍ଞାନ ଆହରଣର ବଳିଷ୍ଠ ମାଧ୍ୟମ ରୂପେ ଗଣା ହୋଇଥାଏ। ଆମ ମାତୃଭାଷା ହିଁ ଆମ ପରିଚୟର ମୂଳଦୁଆ। ତାକୁ ଅବହେଳା ନକରି କିପରି ବିଶ୍ୱସ୍ତରରେ ପରିଚୟ କରାଇବା ତାହା ଆମର ଦାୟିତ୍ୱ ହେବା ଉଚିତ।

ଆମ ଦେଶରେ ଆହୁରି ୧୯୬ ଗୋଟି ଭାରତୀୟ ଭାଷା ମରଣମୁଖୀ। ପୁରୁଣା ପିଢ଼ି ସରିସରି ଆସୁଛନ୍ତି। ଆଉ ନୂଆ ପିଢ଼ିଠାରୁ ଭାଷାର ବ୍ୟବହାର ବି ସରିସରି ଆସୁଛି। ଯଦି ଜଣେ ନିଜ ଭାଷା ପାଇଁ ନିଜେ ଚିନ୍ତା ନକରେ ତେବେ ବାକିମାନେ ଚିନ୍ତା କରିବେ କ'ଣ। ତେଣୁ ପ୍ରଥମ ନିଜ ଠାରୁ ହିଁ ଆରମ୍ଭ କରିବାକୁ ହୁଏ। ଭାଷାର ବିକାଶରେ ସାଧାରଣ ମଣିଷଟିଏର ଭୂମିକା କେତେ ଏକଥାଟି ସମସ୍ତେ ଭାବିବା ନିହାତି ଜରୁରି। ମରୁ ମରୁ ବଞ୍ଚିଥିବା ଏକ ଭାଷାର ଉଦାହରଣ ନିଆଯାଉ। ପୃଥିବୀର ଏକ ପୁରୁଣା ଭାଷା ଭିତରୁ ଗୋଟିଏ ଭାଷା ହେଲା ହିବ୍ରୁ। ହେଲେ ଏ ଭାଷାଟି ୧୫୦୦ ବର୍ଷରୁ ଅଧିକ କାଳ ସଂସ୍କୃତି ସଭ୍ୟତା ଠାରୁ ଦୂରେଇ ମୃତ୍ୟୁ ଲାଭ କରିଥିଲା କିନ୍ତୁ ପରବର୍ତ୍ତୀ ସମୟରେ ତାହା ଜୀବନ ପାଇଲା। ଏବେ ଏ ଭାଷାଟି ପାଖାପାଖି ୯୦ ଲକ୍ଷ ଲୋକଙ୍କ ଦ୍ୱାରା କଥିତ ଆଉ ଏ ଭାଷାରେ ଦେଶର ଶାସନ ଚଳେ ଆଉ କମ୍ପ୍ୟୁଟର ଅପରେଟିଂ ସିଷ୍ଟମ ଓ ମୋବାଇଲ ଇଣ୍ଟରଫେସରେ ଦିଶେ। ଏସବୁ ପଛରେ ରହିଛି ବିଜ୍ଞାନ ଓ କାରିଗରୀର କରାମତି। ଯଦି ଦେଶର ଶାସନ ନିଜ ଭାଷାରେ ହୁଏ ତେବେ ଶାସନ ପାଇଁ ଦରକାରୀ ସବୁ ଉପାଦାନ ନିଜ ଭାଷାରେ ତିଆରି ହୁଏ। ଆଉ ଏ ଉପାଦାନମାନ ତିଆରିବା ଲାଗି ଶିକ୍ଷା ବ୍ୟବସ୍ଥା ଗଢ଼ାହୁଏ। ଯିଏ ମାତୃଭାଷାକୁ ସମ୍ମାନ ଦେଇ ଜାଣି ନାହିଁ ତାହାଠାରୁ ଅଜ୍ଞାନ ସଂସାରରେ କେହି ବୋଧେ ଆଉ ନାହିଁ। ଭାଷାର ବିକାଶରେ ସାଧାରଣ ମଣିଷଟିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ଏହି କଥାଟି ଭାବିବା ନିହାତି ଜରୁରି ହୋଇ ପଡିଛି ବର୍ତ୍ତମାନର ସମୟରେ।

ସାରା ପୃଥିବୀରେ ଏଭଳି କେଉଁଠି ନାହିଁ ଯେ ସେଠିକାର ସ୍ଥାନୀୟ ବାସିନ୍ଦା ନିଜ ମାତୃଭାଷା ବ୍ୟତୀତ ଅନ୍ୟ କେଉଁ ଭାଷାରେ ଭାବର ଆଦାନପ୍ରଦାନ କରୁଥିବେ କାରଣ ଏହା ଧ୍ରୁବ ସତ୍ୟ ଯେ ନିଜ ମାତୃଭାଷାରେ ଭାବପ୍ରକାଶ କଲେ ବ୍ୟକ୍ତି ଚେତନାକୁ ଯେତେ ସହଜରେ ଆନ୍ଦୋଳିତ କରେ ତାହା ଅନ୍ୟ ଭାଷା କିମ୍ବା ବିଦେଶୀ ଭାଷା ଦ୍ୱାରା କଦାପି ସମ୍ଭବ ନୁହେଁ। ପୃଥିବୀରେ ପ୍ରାୟ ୬ହଜାର ୫୦୦ ପ୍ରକାର ଭାଷାଥିଲେ ମଧ୍ୟ ପ୍ରତି ଦୁଇ ସପ୍ତାହରେ ଗୋଟିଏ ଭାଷା ଲୋପ ପାଉଅଛି। ଓଡ଼ିଆ ଭାଷାର ପ୍ରାଚୀନତା ଓ ବର୍ଣ୍ଣାଢ୍ୟ ସାହିତ୍ୟ ଯୋଗୁଁ ଏହା ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିସାରିଛି ସତ କିନ୍ତୁ ବର୍ଷ ବର୍ଷ ବିତି ଗଲା ପରେ ବି ଓଡ଼ିଆ ଏବେ ଯାଏ ନା କୋର୍ଟ କଚେରି ନା କୌଣସି ସରକାରୀ ଅଫିସରେ ସରକାରୀ ଭାଷା ଭାବେ ପ୍ରଚଳିତ ହୋଇପାରିଛି। ଏପରିକି ସମସ୍ତ ସରକାରୀ ସଂସ୍ଥାର ନାମ ଫଳକ ମାତୃଭାଷାରେ ଲେଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଏହି ଯୋଜନା କେବଳ ଖାତା କଲମରେ ରହିଯାଇଛି ସିନା କାର୍ଯ୍ୟରେ ହୋଇପାରି ନାହିଁ। ଅପ୍ରିୟ ସତ କଥା ହେଲା ଶାସ୍ତ୍ରୀୟ ମାନ୍ୟତା ମିଳିବାର ଦୁଇ ବର୍ଷ ବିତିଗଲା ପରେ ବି ଓଡ଼ିଆ ଏବେ ଯାଏ କୋର୍ଟ କଚେରିର ଭାଷା ହୋଇପାରିଲା ନାହିଁ। ସରକାରୀ ସ୍ତରରେ ବିଭିନ୍ନ ରାଜ୍ୟର ଯେଉଁଭଳି ତାଙ୍କ ୱେବସାଇଟସବୁ ତାଙ୍କ ରାଜ୍ୟ ଭାଷାରେ ତିଆରି ଆମର ସେମିତି ହୋଇନାହିଁ। 'ଓଡ଼ିଶା ଡଟ୍ ଓଡ଼ିଶା ଡଟ୍ ଗଭର୍ଣ୍ଣମେଣ୍ଟ ଡଟ୍ ଇନ୍' ନାମରେ ସାଇଟଟିଏ ସରକାର ତିଆରି କରିଥିବା ବେଳେ ଏଥିରେ ବହୁ ଜିନିଷ ଅଭାବ ପରିଲକ୍ଷିତ ହୁଏ। ଗୁଗୁଲ ସର୍ଚ୍ଚରେ ଓଡ଼ିଆ ଆସୁନଥିବାର ମୁଖ୍ୟ କାରଣ ହେଲା ଇଣ୍ଟରନେଟରେ ଓଡ଼ିଆ ଲେଖାର ଅଭାବ। ଏବେ ସାରା ଓଡ଼ିଶାରେ ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ସଂରକ୍ଷଣ କରି ରଖିବା ପାଇଁ ତଥା ଏହାର ସୁରକ୍ଷା ଲାଗି ଚିନ୍ତା ହେଉଛି। ଓଡ଼ିଶାରେ ଓଡ଼ିଆ ଭାଷାର ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ପୂର୍ବରୁ ଅନେକ କିଛି କାର୍ଯ୍ୟ ହୋଇଛି କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ବେସରକାରୀ ସ୍ତରରେ ହେଉ କିମ୍ବା ସରକାରୀ ସ୍ତରରେ ଯେଉଁଭଳି ଭାବରେ ଇଂରାଜୀ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଅଛି ତାହା ଓଡ଼ିଆ ଭାଷା ପାଇଁ ଏକ ବିପଦ କହିଲେ ଭୁଲ୍ ହେବନାହିଁ। ଓଡ଼ିଆ ପାଇଁ ଯେତେକ ଆନ୍ଦୋଳନ ଏବେ ଚାଲିଛି ସବୁ କେବଳ ସାହିତ୍ୟ ଓ ଶାସନକୁ ନେଇ କିନ୍ତୁ କେଉଁ କେଉଁ ଉପାଦାନକୁ ନେଇ ବାକି ଅନ୍ୟ ରାଜ୍ୟର ଭାଷା ଆଗକୁ ବଢ଼ିଛନ୍ତି ଆଉ ଓଡ଼ିଆରେ କି କି ପର୍ଯ୍ୟାୟ ଏଥିପାଇଁ ନିହାତି ଆବଶ୍ୟକ ତା' ଲାଗି ଆକଳନ ଲୋଡ଼ା। ତେବେ ଅନ୍ୟ ଭାଷା ସଙ୍ଗେ ଓଡ଼ିଆକୁ ସମକକ୍ଷ କରିବା ଲାଗି ଆହୁରି ଅନେକ ଉଦ୍ୟମ ଲୋଡ଼ା। ବିଶେଷ କରି ସରକାରଙ୍କ ପାଖେ ସଚେତନତା ଲୋଡ଼ା। ଓଡ଼ିଆ ଭାଷା ହେଉଛି ସମଗ୍ର ଓଡ଼ିଆ ଜାତି ପାଇଁ ପ୍ରକୃଷ୍ଟ ପରିଚୟ। ଉତ୍କଳୀୟ ମାଟି ପାଣି ପବନରେ ସମୃଦ୍ଧ ଆମର ପ୍ରାଚୀନତମ ଓଡ଼ିଆ ଭାଷା, ଯାହାକୁ ନେଇ ପ୍ରତ୍ୟେକ ଓଡ଼ିଆ ଗର୍ବ କରନ୍ତି ଓ ଆଗାମୀ ଦିନ ପାଇଁ ଭାଷାକୁ ଅଧିକ ସମୃଦ୍ଧ କରିବାର ପଥ ଖୋଜନ୍ତି। ସେହି ମାତୃଭାଷାର ସୁରକ୍ଷା କରି ଏହାକୁ ସମୃଦ୍ଧ କରାଯାଇପାରିଲେ ହିଁ ଓଡ଼ିଶାର ବିକାଶ ଓ ଉନ୍ନତି ସହଜରେ ହୋଇପାରିବ ଏଥିରେ କୌଣସି ଦ୍ୱିମତ ନାହିଁ।

# କାହିଁକି କୁମ୍ଭମେଳା ?

ଶ୍ରୀକାନ୍ତ କୁମାର ସାହୁ
ବିଡ଼ାନାସୀ, ନୂଆସାହି, କଟକ
ମୋ: ୭୦୦୮୩୨୫୭୩୧

କୁମ୍ଭମେଳାରେ ଏଯାବତ୍ ୪୫ କୋଟିରୁ ଊର୍ଦ୍ଧ୍ୱ ଲୋକ ବୁଡ଼ ପକାଇ ସାରିଲେଣି। କୁମ୍ଭମେଳା ବାସ୍ତବରେ କଥାରେ ନାହିଁ 'ଦେଉଳ ଗଢ଼ିଲେ ନାମ, ବାଟରେ ହଗିଲେ ନାମ...' ଅର୍ଥାତ୍ ସମସ୍ତେ ଯେ ଧର୍ମ କରିବାକୁ ଯାଉଛନ୍ତି ତାହା ନୁହଁ। ଏଇ ଯେମିତି କୁମ୍ଭମେଳାରେ ଏକ ପାଞ୍ଚ ଜଣିଆ ଚୋର ନାଗପୁରରୁ ଚୋରୀ କରି ପ୍ରୟାଗରାଜରେ କୁମ୍ଭସ୍ନାନ, ଗଙ୍ଗା ଆରତୀ ଆଉ ମହଙ୍ଗା ହୋଟେଲରେ ଖାଦ୍ୟ ଖାଇ ଚୋରି ଟଙ୍କା ଉଡାଇଛନ୍ତି ଆଉ ନାଗପୁର ପୋଲିସ ସେମାନଙ୍କୁ ଗିରଫ ମଧ୍ୟ କରିଛି। ସେହିପରି କୁମ୍ଭମେଳାରେ ଅନେକ ଚୋରି ଓ ଅସାମାଜିକ ଘଟଣା ମଧ୍ୟ ଘଟୁଛି। କୁମ୍ଭମେଳା ପ୍ରୟାଗରାଜରେ ଅନୁଷ୍ଠିତ ହେଉଛି। ଆସ୍ଥା ଓ ବିଶ୍ୱାସର ଏକ ବଡ଼ ମେଳା। ଆମେ ଯାହା ଜାଣିଛୁ କୁମ୍ଭ ହେଉଛି ଗୋଟିଏ ପାତ୍ର ବା ଜଳ ପ୍ରବାହର ପ୍ରତୀକ। ମୋ ବଂଶଜ ଓ ପୂର୍ବ ପିଢ଼ି କୁମ୍ଭକାର ସମ୍ପ୍ରଦାୟର ହୋଇଥିବାରୁ ଆମମାନଙ୍କ ପାଇଁ କୁମ୍ଭ ଶବ୍ଦଟି ଅତି ଚିର ପରିଚିତ ଓ କୁମ୍ଭ ସହିତ ଆମର ଏକ ପ୍ରକାର ରକ୍ତଗତ ସମ୍ପର୍କ ଅଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରୟାଗରାଜରେ ଯେଉଁ କୁମ୍ଭମେଳା ହେଉଛି ସେଠି ବୁଡ଼ ପକାଇଲେ ଶ୍ରଦ୍ଧାଳୁ ମାନଙ୍କର ମୋକ୍ଷ ପ୍ରାପ୍ତି ବୋଲି ମୁଁ ଲେଖା ମାଧ୍ୟମରେ ଜାଣିବାକୁ ପାଉଛି। ମୋ ଆଲୋଚନାରେ କୁମ୍ଭ ଅମୃତ କୁମ୍ଭ ବି ହୋଇପାରେ ଏବଂ ଏହା ବିଷ କୁମ୍ଭ ବି ହୋଇପାରେ। ମହାକୁମ୍ଭମେଳାରେ ଅନେକ ଲୋକ ଆଶୀର୍ବାଦ ପାଉଛନ୍ତି। ଜୀବନକୁ ଗଢ଼ିବାକୁ ନୂଆ ପ୍ରତିଜ୍ଞା ବା ଶପଥ ନେଉଛନ୍ତି। ତେବେ ଏ ସବୁ ଭିତରେ କୁମ୍ଭମେଳାରେ ଦଳା ଚକଟା ହେଉ ବା ଅଗ୍ନିକାଣ୍ଡ ଘଟଣା, ଏପରିକି କୁମ୍ଭମେଳାକୁ ଯାଉଥିବାବେଳେ ଓ ଫେରୁଥିବାବେଳେ ଦୁର୍ଘଟଣାରେ ମଧ୍ୟ କିଛି ଶ୍ରଦ୍ଧାଳୁଙ୍କ ଜୀବନହାନୀର ଖବର ଆମେ ଜାଣିବାକୁ ପାଉଛୁ। ବର୍ତ୍ତମାନ ମହାକୁମ୍ଭକୁ ନେଇ ସମଗ୍ର ଭାରତର ନଗର ପୁରପଲ୍ଲୀ ଏବଂ ହିନ୍ଦୁ ଧର୍ମାବଲମ୍ବୀଙ୍କ ଭିତରେ ଏକ ପ୍ରକାର ଅଭୂତପୂର୍ବ ଆଧାତ୍ମିକ ଶିହରଣ ସୃଷ୍ଟି କରିଛି। ଏହାକୁ ପୃଥିବୀର ସର୍ବବୃହତ୍ତ ଜନସମାଗମ ଭାବରେ ମଧ୍ୟ କୁହାଯାଉଛି। ଚଉରାଳିଶ ଦିନ ବ୍ୟାପୀ ଏହି ମହାକୁମ୍ଭ ୧୪୪ ବର୍ଷ ପରେ ପଡୁଥିବାରୁ ୪୦ କୋଟି ପାଖାପାଖି ଶ୍ରଦ୍ଧାଳୁଙ୍କ ଆତ ଯାତ ହେଉଛି। ଏଠି ସମସ୍ତେ ଯେ ଶ୍ରଦ୍ଧାଳୁ ବା ସାଧୁସନ୍ଥ ତାହା ନୁହଁ। କିଛି ଅନିସନ୍ଧିତ୍ସୁ ରହିଛନ୍ତି, କିଛି ଆଗ୍ରହୀ ଉତ୍ସାହୀ, ସାମ୍ବାଦିକ, ସେଲିବ୍ରେଟି, ଧର୍ଣ୍ଣାଢ୍ୟ ବ୍ୟକ୍ତି, ଚଳଚ୍ଚିତ୍ର ନିର୍ମାତା, ରୋମାଞ୍ଚ ଅଭିଳାଷୀ ଏପିରିକି ସୁଯୋଗ ସନ୍ଧାନେ ଅପରାଧୀମାନେ ମଧ୍ୟ ଏହି ବାତାବରଣ ଭିତରେ ନିଜକୁ ସାମିଲ କରିଛନ୍ତି।

ଆମେ ଯାହା ଜାଣିବାକୁ ପାଇଲୁ ଏହି ବିଶାଳ ମେଳାରେ ୨ଲକ୍ଷ କୋଟି ଟଙ୍କାର ବେପାର ବଣିଜ ହେବ। ସେହିପରି ଅନେକ ବିବାଦୀୟ, ସେଲିବ୍ରେଟି ଓ ତଥାକଥିତ ଆଧାତ୍ମିକ ପ୍ରଚାରକମାନେ ମଧ୍ୟ ଏହାର ସୁଯୋଗ ନେଉଛନ୍ତି। ଉତ୍ତରପ୍ରଦେଶର ଅନ୍ୟତମ ବଡ଼ ସହର ପ୍ରୟାଗରାଜର ଜନସଂଖ୍ୟା ଯାହା ସେଥିରେ ଏତେ ଗହଳିର ଲୋକମାନଙ୍କର ଆତଯାତକୁ ନିୟନ୍ତ୍ରଣ କରିବା ମଧ୍ୟ କଷ୍ଟକର ନିଶ୍ଚୟ। ତେବେ କୁମ୍ଭମେଳାକୁ ଯାଇଥିବା କିଛି ଶ୍ରଦ୍ଧାଳୁଙ୍କ ସହିତ ଆମେ କଥାବାର୍ତ୍ତା ହେବାର ସୁଯୋଗ ପାଇଛୁ। ତଥାକଥିତ ଭିଭିଆଇପି ସଂସ୍କୃତି ପାଇଁ ଶ୍ରଦ୍ଧାଳୁମାନେ ଏକ ପ୍ରକାର ଅଣନିଶ୍ୱାସୀ ହୋଇପଡୁଛନ୍ତି। କାରଣ ସେଲିବ୍ରେଟି, ଭିଭିଆଇପି ଓ ଟଙ୍କାବାଲା ଲୋକଙ୍କ ପାଇଁ ନିରାପଦ ଓ ସୁଖଦ ଗଙ୍ଗା ସ୍ନାନ ସମ୍ଭବ ହେଉଥିବାବେଳେ ସାଧାରଣ ଲୋକଟି ପାଖାପାଖି ୧୫ କିଲୋମିଟର ପର୍ଯ୍ୟନ୍ତ ପାଦରେ ଚାଲିବାକୁ ବାଧ୍ୟ ହେଉଛି। ସେହିପରି ଯେଉଁପରି ପ୍ରଚାର ହେଉଛି ବାସ୍ତବିକ ସେପରି ଭିତ୍ତିଭୂମି ମଧ୍ୟ ସେଠାରେ ତିଆରି ହୋଇପାରି ନାହିଁ। ଶ୍ରଦ୍ଧାଳୁଙ୍କ ପାଇଁ କେବଳ ରହଣୀ ନୁହେଁ, ବ୍ୟାପକ ସୁବିଧା ସୁଯୋଗ ସହ ଜାଣିବା ନିମିତ୍ତ ମଧ୍ୟ ସେପରି ସୂଚନା ନାହିଁ।

ଆମ ସମାଜର ଆଧାତ୍ମିକ ଦିଗ ଅତ୍ୟନ୍ତ ସ୍ପର୍ଶକାତର। ଆମେ ସାଧାରଣ ଜୀବନରେ ଦେଖିଛେ ବିଶ୍ୱାସ ଏପରି ଏକ ଶବ୍ଦ ସେହି ବିଶ୍ୱାସ ହିଁ ବାସ୍ତବରେ ଭଗବାନ। ପଥରଟି ରଖିଦେଲେ ଏହା ମଧ୍ୟ ଠାକୁର ପାଲଟିଯାଏ, ତୁଳସୀ ଧଣ୍ଡା ବା ବେଲପତ୍ର ହିଁ ମଧ୍ୟ ଆଶୀର୍ବାଦର ଓ କୃପା ସୁରକ୍ଷାର କବଚ ପାଲଟିଯାଏ। ତେବେ ଗୋଟିଏ ଛୋଟିଆ ପ୍ରଶ୍ନ ମୋ ମନକୁ ଆନ୍ଦୋଳିତ ହେଉଛି। ସତରେ କୁମ୍ଭମେଳାରେ ବୁଡ଼ ଦେଉଥିବା ଲୋକମାନେ ବାସ୍ତବରେ ମୋକ୍ଷ ପାଇଯାଆନ୍ତି ? କୁମ୍ଭମେଳା ହେଉଛି ପବିତ୍ର ନଦୀ ସଙ୍ଗମ ସ୍ଥଳରେ ସ୍ନାନ। ତେବେ ଆମ ମାନଙ୍କ ଆଖାପାଖରେ ଅନେକ ନଦୀ ସଙ୍ଗମ ସ୍ଥଳ ରହିଥିଲେ ବି ଏହାର ସୁଯୋଗ କ'ଣ ପାଇଁ ଲୋକମାନେ ନେଉନାହାଁନ୍ତି। ଜଣେ ଯେତେ ପାପ ଓ ଦୋଷ ବା ଅପରାଧ କରନା କାହିଁକି କୁମ୍ଭରେ ବୁଡ଼ ଦେଇ ସେ ଲୋକଟି ପରବର୍ତ୍ତୀ ସମୟରେ ଯେ ଜଣେ ସାଧୁ ପାଲଟିଯିବ ଏପରି ଗ୍ୟାରେଣ୍ଟି କିଏ ଦେଇ ପାରିବ ? ମୁଁ ଯେତିକି ଜାଣିଛି କୁମ୍ଭମେଳା ପାଇଁ ଯାତାୟାତ, ରହଣୀ ଏ ସବୁ ଯେତିକି ସମୟ ସାପେକ୍ଷ ସେତିକି ଖର୍ଚ୍ଚ ସାପେକ୍ଷ ମଧ୍ୟ। ତେବେ ଏତେ କଷ୍ଟକରି କୁମ୍ଭକୁ ଯିବା ଅପେକ୍ଷା ନିଜ ଜୀବନକୁ ସେବା କାର୍ଯ୍ୟରେ ଅତିବାହିତ କ'ଣ ଜଣେ କୁମ୍ଭପରି ମୋକ୍ଷ ପାଇପାରିବ ନାହିଁ ? ଭାରତ ବର୍ଷରେ ଏହା ପୂର୍ବରୁ ଅନେକ କୁମ୍ଭମେଳା ଅନୁଷ୍ଠିତ ହୋଇସାରିଲାଣି। ବର୍ତ୍ତମାନର କୁମ୍ଭମେଳାକୁ ମିଶାଇଲେ ଏବଂ ପୂର୍ବ କୁମ୍ଭମେଳାର ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ଦେଖିଲେ ଯାହା ଗଣିତ ହିସାବ ଆସିବ ଏହା ୨ଶହ କୋଟିରୁ ଊର୍ଦ୍ଧ୍ୱ ହେବ। କୁମ୍ଭମେଳାର ଶ୍ରଦ୍ଧାଳୁ ମାନଙ୍କର ଯଦି ଜୀବନ ମୁକ୍ତି ହୋଇଯାଉଛି ଏବଂ ସେମାନେ ଯଦି ମୋକ୍ଷ ପାଇଯାଉଛନ୍ତି ତାହାହେଲେ ଭାରତ ବର୍ଷର ଜନସଂଖ୍ୟା ବହୁତ କମ ହୋଇସାରିଥାନ୍ତା। ମୁଁ ଏହି କୁମ୍ଭମେଳାକୁ ସମାଲୋଚନା କରୁନାହିଁ କିମ୍ବା ଶ୍ରଦ୍ଧାଳୁ ମାନଙ୍କ ପ୍ରତି ମୋର କୌଣସି ସମାଲୋଚନା କି ସେମାନଙ୍କର ଧର୍ମୀୟ ଭାବନା ପ୍ରତି କୁଠାରଘାତ କରୁନାହିଁ। ନିଇତି ପରିଶ୍ରମ କରି ଗଣ୍ଡାଏ ଦାନା କନା ଯୋଗାଡ଼ କରିବାକୁ ଅସମର୍ଥ ହୋଇଯାଉଥିବା ଲୋକଟି ପାଇଁ କୁମ୍ଭମେଳାର ଅର୍ଥ ବା କ'ଣ? ଦଳା ଚକଟାରେ ଜୀବନ ଯାଉଥିବା ଶ୍ରଦ୍ଧାଳୁଟି ପ୍ରତି ଯଦି ଧର୍ମଗୁରୁ ମନ୍ତବ୍ୟ ଦିଅନ୍ତି ଯେ ତା'ର ମୋକ୍ଷ ହୋଇଗଲା ତାହାହେଲେ ଯେ କେହି ବି ପ୍ରଶ୍ନ କରିବ ସେ ଧର୍ମଗୁରୁ ମୋକ୍ଷ ହେବା ସ୍ଥାନରେ ନିଜେ କାହିଁକି ତା'ର ସୁଯୋଗ ନେଉନାହାଁନ୍ତି। ତେଣୁ କୁମ୍ଭମେଳା କର୍ମ ଜୀବନର କୁମ୍ଭ ହେବ। କେବଳ ବିଶ୍ୱାସ କରି ପ୍ରୟାଗରାଜରେ ଅମୃତ ଛିଞ୍ଚି ହୋଇଯିବାର ଶ୍ରଦ୍ଧା ପାଇଁ ଏକତ୍ର ନହୋଇ କର୍ମ ଓ ଜୀବନବାଦୀ ହେବା ହିଁ ଅସଲ କୁମ୍ଭମେଳାର ଅନ୍ତର୍ନିହିତ ତାତ୍ପର୍ଯ୍ୟ।



କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁରର ପ୍ରସିଦ୍ଧ ପବିତ୍ର ଦେଉଳି ମଠ ପରିସରରେ ନବମ ବାର୍ଷିକ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀଜଗନ୍ନାଥ ପଞ୍ଚରାତ୍ର ସମ କବି ବାବା ଦୀନବନ୍ଧୁ ମହାରାଜ, ଜଗନ୍ନାଥ ମହିମା ପ୍ରଚାରକ ପଣ୍ଡିତ ସତ୍ୟାନନ୍ଦ ଦାଶ ମହାରାଜ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସହ ଅନ୍ୟ ସାଧୁସନ୍ଥ ପ୍ରମୁଖ ଯୋଗଦେଇ ଥିଲେ। ଗୋଟିଏ ସ୍ଥାନରେ ପଦର୍ଶିତ ହୋଇଥିଲା ମହାପ୍ରଭୁଙ୍କ ଭିନ୍ନ ଭିନ୍ନ ୨୪ପ୍ରକାର ବେଶ। ସେଗୁଡିକ ମଧ୍ୟରେ ତଡ଼ପଉତ୍ତରୀ ବେଶ, ପ୍ରତିଦିନ ବେଶ, ବଡ଼ ସିଂହାର ବେଶ, ଚନ୍ଦନଲାଗି ବେଶ, ଗଜାନନ ବେଶ, ସୁନାବେଶ, ବଣଭୋଜି ବେଶ, କାଳିୟଦଳନ ବେଶ, ପ୍ରଲମ୍ବାସୁର ବଧ ବେଶ, କୃଷ୍ଣ ବଳରାମ ବେଶ, ବାମନ ବେଶ, ରାଧାଦାମୋଦର ବେଶ, ହରିହର ବେଶ, ଲକ୍ଷ୍ମୀନାରାୟଣ ବେଶ, ବାଙ୍କଚୂଡ଼ ବେଶ, ଲକ୍ଷ୍ମୀ ନୃସିଂହ ବେଶ, ନାଗାର୍ଜୁନ ବେଶ, ଶ୍ରାଦ୍ଧ ବେଶ, ଘୋଡଲାଗି ବେଶ, ପଦ୍ମ ବେଶ, ନବାଙ୍କ ବେଶ, ମକର ଚୌରାଶି ବେଶ, ଗଜଉଦ୍ଧାରଣ ବେଶ, ଓ ଚାଚେରୀ ବେଶ ପଦର୍ଶିତ ହୋଇଥିଲା। ଏହି ସୁନ୍ଦର ଦିବ୍ୟବେଶ ମହାପ୍ରଭୁଙ୍କର ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗିରହିଥିଲା ଏହା ସନ୍ଧ୍ୟା ସମୟରେ ସ୍କନ୍ଦ ପୁରାଣ ଅନ୍ତର୍ଗତ ଶ୍ରୀ ପୁରୁଷୋତ୍ତମକ୍ଷେତ୍ର ମହାତ୍ମ୍ୟ ପାରାୟଣ ଓ ପ୍ରବଚନ ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ଛାତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ, ୩ ଗିରଫ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଅଞ୍ଚଳରେ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ଓ ବାଇକ ସାଇଡ଼ ମାରିବାକୁ କେନ୍ଦ୍ରକରି ବିବାଦ ସୃଷ୍ଟି ହୋଇଛି। ଫଳରେ ୧୩ଜଣ ବ୍ୟକ୍ତି ଛାତ୍ରୀଙ୍କ ଘରେ ପଶି ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିବା ଘଟଣାରେ ମହିଳା ଓ ପୁରୁଷ ସମେତ ୬ଜଣ ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଏହି ଘଟଣାରେ ପୋଲିସ ତିନିଜଣଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ଏହି ଘଟଣାକୁ କେନ୍ଦ୍ର କରି ଡିହବାରି ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡ଼ା ଥାନା ଡିହବାରି ଗ୍ରାମର ମାମାଲି ବେହେରା ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପଢୁଥିବା ବେଳେ ଡିହବାରି ଗ୍ରାମର କେତେଜଣ ଯୁବକ ମାମାଲିଙ୍କୁ କଲେଜ ଯିବା ସମୟରେ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିବା ସହ ବାଇକ ସାଇଡ ମାରିଆସୁଥିଲେ। ଏହି ଘଟଣାକୁ ନେଇ ବିବାଦ ଦେଖାଦେଇଥିବା ବେଳେ ଗତ ୧୯ ତାରିଖ ସନ୍ଧ୍ୟା ସମୟରେ ମାମାଲିଙ୍କ ପରିବାର ଓ ମାମାଲି ଦାଣ୍ଡ ଦୁଆରେ ବସିଥିବା ବେଳେ ଏହି ଯୁବକମାନ ଯଥା ବବୁଲ ଭୋଇ, ଚିନୁ ଭୋଇ, ଗୁଡୁ ଭୋଇ ସମେତ ଛାତ୍ରୀଙ୍କୁ କମେଟ ମାରି, ଛାତ୍ରୀଙ୍କ ଘରେ ପଶି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଯୁବକମାନେ ପୂର୍ବ ଯୋଜନା ମୁତାବକ ବବୁଲ ଭୋଇ, ଚିନୁ ଭୋଇ, ଗୁଡୁ ଭୋଇ ପିକୁ ଦାସ, ଟୁବୁଲ ଭୋଇ, ସୁଷମା ଭୋଇ, ଗେଡି ଭୋଇ, ବିଭୂ ଭୋଇ, କୈଳାସ ଭୋଇ, କାଳୁ ଭୋଇ, କାମା ଭୋଇ, ଆବୁଆ ଭୋଇ, ସବିତା ଦାସ, ଗୁଡୁ ଦାସ, ଟୁଲୁ ଦାସ ସମେତ ହାତରେ ଖଣ୍ଡା, ଶାବଳ, ଲୁହା ରଡ ଧରି ମାମାଲିଙ୍କ ଘରେ ପଶି ମାମାଲି ଓ ତାଙ୍କ ବଡ ଭଉଣୀ, ମା', ବଡ଼ବୋଉ, ବାପା ବଡବାପାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଦୁଇଜଣଙ୍କ ମୁଣ୍ଡ ଫାଟିଥିବା ବେଳେ ମହିଳାମାନେ ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ସମ୍ପର୍କରେ ଆହତଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ଅଭିଯୋଗ ଆଧାରରେ ନିମାପଡ଼ା ଥାନା ଅଧିକାରୀ ବାମଦେବ ସ୍ୱାଇଁ ମାମଲା ରୁଜୁ କରି ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଅନ୍ୟ ଅଭିଯୁକ୍ତମାନେ ଶୀଘ୍ର ଗିରଫ ହେବେ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଭିନ୍ନକ୍ଷମ ଶିଶୁ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲ୍ଲା ଖାଉଟି ଅଦାଲତର ନିର୍ଦ୍ଦେଶ



ପାରାଦୀପ /ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଏକ ବର୍ଷ ଧରି ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଅଲଟ୍ରାସାଉଣ୍ଡ ରିପୋର୍ଟରେ ଗର୍ଭସ୍ଥ ବିକଳାଙ୍ଗ ଶିଶୁକୁ ସୁସ୍ଥ ଦର୍ଶାଇବା ପରେପରେ ଏକ ହାତ ଓ ପାଦ ବିହୀନ ବିକଳାଙ୍ଗ ଶିଶୁ ଜନ୍ମ ହେବା ଘଟଣା ୨୦୨୧ ମସିହାରେ ସମଗ୍ର ଜିଲ୍ଲା ତଥା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ପ୍ରକାଶଥାଉକି ତିର୍ତ୍ତୋଲ ବ୍ଲକ କୋଲର ପଞ୍ଚାୟତ ଅନ୍ତର୍ଗତ ଜୟପୁର ଗ୍ରାମର ମନୋରଞ୍ଜନ ଚୁଳିଙ୍କ ସ୍ତ୍ରୀ ବନ୍ଦନା ଦାସ ପ୍ରଥମେ ଗର୍ଭବତୀ ହେବା ପରେ ରାହାମା ର ଏଲଆଣ୍ଡପି ହସ୍ପିଟାଲ ଓ ଡାକ୍ତର ପ୍ରତାପ କେଶରୀ ଦାସଙ୍କ ପାଖରେ ନିୟମିତ ଚିକିତ୍ସିତ ହେଉଥିଲେ। ପ୍ରତିଥର ଅଲଟ୍ରାସାଉଣ୍ଡ ପରେ ମହିଳା ଜଣକ ଗର୍ଭସ୍ଥ ବୋଲି ରିପୋର୍ଟ ପ୍ରଦାନ କରିଥିଲେ। ତେବେ ବିକଳାଙ୍ଗ ଶିଶୁ ଜନ୍ମ ହେବା ପରେ ଅଲ୍ ଇଣ୍ଡିଆ କଞ୍ଜୁମର ୱେଲଫେୟାର କାଉନସିଲ ମହିଳା ଶାଖାର ଜିଲ୍ଲା ସଭାନେତ୍ରୀ ତଥା ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ସହାୟତାରେ ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ ଓ ଆଇନଜୀବୀ ଓମ୍ ପ୍ରକାଶ ଦାସଙ୍କ ଜରିଆରେ ଏକ ମାମଲା ଦାୟର କରିଥିଲେ। ଜିଲ୍ଲା ଖାଉଟି ଅଦାଲତ ଏହାର ଶୁଣାଣି କରି ସମ୍ପୃକ୍ତ ଡାକ୍ତରଙ୍କୁ ୧୦ଲକ୍ଷ ଟଙ୍କାର କ୍ଷତିପୁରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଡାକ୍ତର ଦାସ ଜିଲ୍ଲା ଖାଉଟି ଅଦାଲତର ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ରାଜ୍ୟ ଖାଉଟି କମିଶନଙ୍କ ନିକଟରେ କେସ ଦାୟର କରିଥିଲେ। ରାଜ୍ୟ ଖାଉଟି କମିଶନ ଏହାକୁ ଅଗ୍ରାହ୍ୟ କରି ପ୍ରାଥମିକ ସ୍ତରରେ ଶିଶୁର କ୍ଷତିପୂରଣ ବାବଦକୁ ୬୦ହଜାର ଟଙ୍କା ଦେବା ପାଇଁ ନିର୍ଦ୍ଦେଶ କରି ଜିଲ୍ଲା ଖାଉଟି ଫୋରମ୍‌କୁ କେସର ପୁନର୍ବାର ବିଚାର ପାଇଁ ପଠାଇଥିଲେ। ଡାକ୍ତର ଦାସ ମଧ୍ୟ ସମ୍ପୃକ୍ତ ପରିବାରକୁ ଚେକ୍ ମାଧ୍ୟମରେ ୬୦ହଜାର ଟଙ୍କା ପୈଠ କରିଥିଲେ। ଦୀର୍ଘ ୪ ବର୍ଷ ପରେ ଜିଲ୍ଲା ଖାଉଟି ଫୋରମ୍‌ର ଡିସିଡିଆରସି ପ୍ରଭାତ କୁମାର ପାଢ଼ୀ ଓ ସଭ୍ୟା ମଧୁସ୍ମିତା ସ୍ୱାଇଁ ବହୁ ବିଚାର ବିମର୍ଷ ପୂର୍ବକ ଜିଲ୍ଲା ଖାଉଟି ଫୋରମ୍ ସମ୍ପୃକ୍ତ ଡାକ୍ତରଙ୍କ ବିରୁଦ୍ଧ ରେ ୧୧ ଲକ୍ଷ ୬୦ ହଜାର ଟଙ୍କା କ୍ଷତିପୂରଣ ଦେବା ସହ ପିଲା ଜନ୍ମରୁ ଆଜିପର୍ଯ୍ୟନ୍ତ ୧୦ଲକ୍ଷ ଟଙ୍କା ର ୧୦ ପର୍ସେଣ୍ଟ ଦେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହିଭଳି ଯୁଗାନ୍ତକାରୀ ପଦକ୍ଷେପକୁ ଜିଲ୍ଲାର ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବିବାହ ଶୋଭାଯାତ୍ରାରେ ଫାଙ୍କା ଗୁଳିଚାଳନା ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନଗର ଗ୍ରାମ ପଞ୍ଚାୟତ ଅଧୀନ ଦକ୍ଷିଣପନ୍ତାଳ ଗ୍ରାମରେ ରବିବାର ଦିନ ଏକ ବିବାହ ଶୋଭାଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ବିଳମ୍ବିତ ରାତ୍ରରେ ଶୁଭିଥିଲା ଗୁଳିଚାଳନା ଶବ୍ଦ। ଖବର ମୁତାବକ ଅସ୍ତରଙ୍ଗ ଥାନା ନଗର ଗ୍ରାମ ପଞ୍ଚାୟତ ଅଧୀନ ଦକ୍ଷିଣପନ୍ତାଳ ଗ୍ରାମର ଅକ୍ଷୟ ପ୍ରଧାନଙ୍କ ଝିଅର ବିବାହ ରବିବାର ଅନୁଷ୍ଠିତ ହେଉଥିବା ବେଳେ ବିଳମ୍ବିତ ରାତ୍ର ୧ଘଟିକା ସମୟରେ ସୁଶାନ୍ତ କୁମାର ଦାଶ ନାମକ ଯୁବକ ଦୁଇ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ। କିନ୍ତୁ କାହିଁକି ଫାଙ୍କା ଗୁଳି ଚାଳନା କରିଥିଲେ ତାହା ସ୍ପଷ୍ଟ ଜଣା ପଡ଼ିନଥିବା ବେଳେ ଅସ୍ତରଙ୍ଗ ପୋଲିସ ସବ୍‌ଇନ୍ସପେକ୍ଟର ଦୀପକ ସାମନ୍ତସିଂହାରଙ୍କ ଅଭିଯୋଗ କ୍ରମେ ପୋଲିସ ତଦନ୍ତ କରି ଫାଙ୍କା ଗୁଳିଚାଳନା କରିଥିବା ସୁଶାନ୍ତ କୁମାର ଦାଶ(୫୩)ଙ୍କୁ ଗିରଫ କରି କୋର୍ଟକୁ ଚାଲାଣ କରିଛି।

# ବ୍ରାଉନ ସୁଗର ଜବତ, ଜଣେ ଗିରଫ



ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପରେ ବ୍ରାଉନ ସୁଗାର ବେପାର କରୁଥିବା ଜଣେ ଯୁବକକୁ ପାରାଦୀପ ଲକ୍ ଥାନା ପୋଲିସ ଗିରଫ କରି ତା ପାଖରୁ ୯.୨୦୦ ଗ୍ରାମ କଣ୍ଟ୍ରାବଣ୍ଡ ବ୍ରାଉନ ସୁଗାର ଜବତ କରିଛି। ଘଟଣାରୁ ପ୍ରକାଶ ଯେ ଗତ ବୁଧବାର ଅପରାହ୍ନରେ ଲକ ଥାନା ଅନ୍ତର୍ଗତ ଜିରୋ ପଏଣ୍ଟ ଛକରେ କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ ବଡକୁଳ ଗ୍ରାମର ବିଶ୍ୱନାଥ ବେହେରା (୩୪) ଏବଂ ଜଗତସିଂହପୁର ଜିଲ୍ଲା ପାରାଦୀପ ଲକ ଥାନା ଅଧିନସ୍ଥ ନିମିଢ଼ି ଗ୍ରାମର ଚନ୍ଦନ ସେନାପତି ଦୁଇଜଣ ଯୁବକ ବ୍ରାଉନ ସୁଗାର ବିକ୍ରି କରୁଥିବା ଖବର ପାଇ ଦିନ ପେଟ୍ରୋଲିଂରେ ଥିବା ପୋଲିସ ଟିମ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପୋଲିସକୁ ଦେଖି ଯୁବକଦ୍ୱୟ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଜଣେ ବ୍ୟକ୍ତି ବିଶ୍ୱନାଥ ବେହେରାକୁ କାବୁ କରିବାରେ ସକ୍ଷମ ହୋଇଥିଲା। ଘଟଣା ସ୍ଥଳରୁ ପୋଲିସ ୯.୨୦୦ ଗ୍ରାମ ବ୍ରାଉନ ସୁଗାର, ୧୧୨୦ ଟଙ୍କା, ଏକ ମୋବାଇଲ ଗୋଟିଏ କଳା ଓ ନାଲି ରଙ୍ଗର ପଲସର ବାଇକ ନମ୍ବର ଓଡି୨୧ପି୯୫୮୩ ଗାଡିକୁ ଜବତ କରି ଅଧିକ ତଦନ୍ତ ଜାରି ରହିଥିବା ନେଇ ଲକ ପୋଲିସ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଅଟକ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଜରିପଡ଼ା ପଞ୍ଚାୟତର ସାମନ୍ତରାପୁର ଗ୍ରାମରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ମହିଳାଙ୍କ ପରିବାର ଲୋକେ ଆଣିଛନ୍ତି ଯୌତୁକ ଜନିତ ବଧୂହତ୍ୟା ଅଭିଯୋଗ। ସୂଚନାଥାଉକି, ସାମନ୍ତରାପୁର ଗ୍ରାମର ମୁଳିଆ ସ୍ୱାଇଁଙ୍କ ପୁଅ ରାଜେନ୍ଦ୍ର ସ୍ୱାଇଁ ଗତ ଡିସେମ୍ବର ୧୦, ୨୦୨୩ରେ ଛତିଆ ରଙ୍ଗଦାସପୁର ଗ୍ରାମର ସିଡୁ ପ୍ରଧାନଙ୍କୁ ବୈଦିକ ମତେ ବିବାହ କରିଥିବା ବେଳେ ଗତକାଲି ରାତିରେ ତାଙ୍କର ସନ୍ଦେହଜନକ ମୃତ୍ୟୁକୁ ନେଇ ଆସିଛି ଭିନ୍ନମୋଡ଼। ମୃତ ସିଡୁଙ୍କ ପରିବାରଲୋକଙ୍କ ଅଭିଯୋଗ ଅନୁଯାୟୀ ବାହାଘରର ଛଅମାସ ସବୁ ଠିକ୍ ଥିବାବେଳେ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଆଣିବା ପାଇଁ ସିଡୁଙ୍କୁ ବାଧ କରୁଥିଲେ। ବାହାଘର ସମୟରେ ସେମାନେ ଯୌତୁକ ବାବଦକୁ ୫ଲକ୍ଷ ଟଙ୍କା ଦେଇଥିବା ବେଳେ ଆହୁରି ଅଧିକ ଯୌତୁକ ଆଣିବା ପାଇଁ ଶଶୁରଘର ଲୋକେ ଝିଅକୁ ମାଡ଼ ମଧ୍ୟ ମାରୁଥିଲେ। ଯାହାଫଳରେ ଝିଅ ତା' ବାପଘରକୁ ଚାଲିଯାଇଥିବା ବେଳେ ଗତ ମାସେ ହେବ ଜ୍ୱାଇଁ ରାଜେନ୍ଦ୍ର ସେଠାକୁ ଯାଇ ବୁଝାସୁଝା କରିବା ସହ ସାଙ୍ଗରେ ଘରକୁ ଆଣିଥିଲେ। ମାତ୍ର ଝିଅର ଏଭଳି ଅସ୍ୱାଭାବିକ ମୃତ୍ୟୁ ଖବର ପାଇ ବାପଘର ଲୋକେ ସେଠାରେ ପହଞ୍ଚି ଦେଖିଥିଲେ ଯେ ଝିଅର ମୃତଦେହ ଖଟ ଉପରେ ପଡ଼ିଥିବା ବେଳେ ଶାଶୁଘରଲୋକେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏ ନେଇ ମୃତ ସିଡୁର ମାଆ ଟାଙ୍ଗୀ ଥାନାରେ ଅଭିଯୋଗ କରିବା ପରେ ଟାଙ୍ଗୀ ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ଓ ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବାବେଳେ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ଡାକ୍ତରଖାନା ପଠାଯାଇଥିବା ଜଣାପଡ଼ିଛି। ମୃତକଙ୍କ ସ୍ୱାମୀକୁ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଉଥିବା ବେଳେ ପରିବାରର ଅନ୍ୟମାନେ ଫେରାର ହେବା ଘଟଣାକୁ ନେଇ ଏହା ଆତ୍ମହତ୍ୟା ନୁହେଁ ହତ୍ୟା ବୋଲି ଅଭିଯୋଗ ଆଣିଛନ୍ତି ପରିବାରଲୋକ।

# ଅନୁଗୁଳରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନ



ଅନୁଗୁଳ, (ଭାସ୍କର ନ୍ୟୁଜ୍): ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମଏସଆଇ) ପକ୍ଷରୁ ଓଡ଼ିଶାର ଅନୁଗୁଳରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ରୋଟାରୀ ପବ୍ଲିକ ସ୍କୁଲର ୨୦୦୦ରୁ ଅଧିକ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ଦାୟିତ୍ୱପୂର୍ଣ୍ଣ ସଡ଼କ ବ୍ୟବହାର ବିଷୟରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରାଯିବା ସହ ସେମାନଙ୍କୁ ସଡ଼କ ନିରାପତ୍ତା ସମ୍ପର୍କରେ ଅତ୍ୟାବଶ୍ୟକ ଜ୍ଞାନ ପ୍ରଦାନ କରାଯାଇଥିଲା। ଯୁବବର୍ଗଙ୍କ ମଧ୍ୟରେ ପ୍ରାରମ୍ଭିକ ସଡ଼କ ନିରାପତ୍ତା ଶିକ୍ଷାର ଗୁରୁତ୍ୱକୁ ହୃଦବୋଧ କରି, ଏଚଏମଏସଆଇ ସଚେତନତା ଠାରୁ ଆଗକୁ ବଢ଼ି ସୁରକ୍ଷିତ ଅଭ୍ୟାସ ଦିଗରେ ଦୀର୍ଘକାଳୀନ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଅଭିଯାନ ପ୍ରସ୍ତୁତ କରିଛି। ଏଥିପାଇଁ ଏଚଏମଏସଆଇ ସ୍କୁଲ, କଲେଜ ଓ ଅନୁଷ୍ଠାନ (ଉଭୟ ସରକାରୀ ଓ ବେସରକାରୀ) ସହ ନିୟମିତ ଯୋଗାଯୋଗ କରୁଛି। ପ୍ରତିଯୋଗୀ ମାନେ ନିରାପତ୍ତା ଗାଡ଼ିଚାଳନା ଶିକ୍ଷା, ବିପଦ ପୂର୍ବାନୁମାନ ପ୍ରଶିକ୍ଷଣ, ସଡ଼କ ସୁରକ୍ଷା କୁଇଜ, ଖେଳ, ହେଲମେଟ ସଚେତନତା ଏବଂ ଗାଡ଼ିଚାଳନା ପ୍ରଶିକ୍ଷକ କାର୍ଯ୍ୟକ୍ରମଗୁଡ଼ିକରେ ନିୟୋଜିତ ହୋଇଥିଲେ। ଏହି ଅଭିଯାନକୁ ଆୟୋଜନ କରିବା ଏବଂ ଏହାକୁ ସଫଳ କରିବାରେ ସହଯୋଗ କରିଥିବାରୁ ଏଚଏମଏସଆଇ ରୋଟାରୀ ପବ୍ଲିକ ସ୍କୁଲକୁ କୃତଜ୍ଞତା ଜ୍ଞାପନ କରିଛି। ଏହି ସହଭାଗୀତା ନିରାପଦ ଏବଂ ଅଧିକ ସଚେତନ ସମୁଦାୟ ଗଠନ ପାଇଁ ଅନୁଷ୍ଠାନଗୁଡ଼ିକ ସହିତ ମିଳିତ ଭାବରେ କାର୍ଯ୍ୟ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ଏଚଏମଏସଆଇ ନିକଟରେ ଏହାର ଅଭିନବ ଡିଜିଟାଲ ରୋଡ ସେଫ୍ଟି ଲର୍ଣ୍ଣିଂ ପ୍ଲାଟଫର୍ମ ଇ-ଗୁରୁକୁଳର ଶୁଭାରମ୍ଭ କରିଛି, ଏହି ପ୍ଲାଟଫର୍ମ ୫ ବର୍ଷରୁ ୧୮ ବର୍ଷ ପର୍ଯ୍ୟନ୍ତ ତିନୋଟି ନିର୍ଦ୍ଦିଷ୍ଟ ବୟସ ବର୍ଗ ପାଇଁ ଉପଯୁକ୍ତ ପ୍ରଶିକ୍ଷଣ ମଡ୍ୟୁଲ୍ ପ୍ରଦାନ କରୁଛି ଯାହା ସଡ଼କ ନିରାପତ୍ତା ଦିଗରେ ଏକ ବ୍ୟାପକ ଆଭିମୁଖ୍ୟ ସୁନିଶ୍ଚିତ କରିବ। ଏଚଏମଏ-ସଆଇ ୨୦୩୦ ସୁଦ୍ଧା ମୃତ୍ୟୁ ସଂଖ୍ୟା ଅଧାକୁ ହ୍ରାସ କରିବାକୁ ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରୁଛି। ଏହି ଲକ୍ଷ୍ୟ ହାସଲର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ୨୦୩୦ ସୁଦ୍ଧା ଆମ ପିଲାମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ପ୍ରତି ଏକ ସକାରାତ୍ମକ ମାନସିକତା ବିକଶିତ କରିବା ଏବଂ ଏହା ପରେ ସେମାନଙ୍କୁ ଶିକ୍ଷିତ କରିବା ଜାରି ରଖିବା। ସ୍କୁଲ ଓ କଲେଜରେ ସଡ଼କ ସୁରକ୍ଷା ଶିକ୍ଷା କେବଳ ସଚେତନତା ସୃଷ୍ଟି କରିବା ନୁହେଁ ବରଂ ଯୁବପିଢ଼ିଙ୍କ ମନରେ ଏକ ନିରାପତା ସଂସ୍କୃତି ପ୍ରଚଳନ କରିବା ଏବଂ ସେମାନଙ୍କୁ ସଡ଼କ ସୁରକ୍ଷା ଦୂତରେ ପରିଣତ କରିବା ପାଇଁ ଉଦ୍ଦିଷ୍ଟ। ଏହା ଭବିଷ୍ୟତ ପିଢ଼ିକୁ ଦାୟିତ୍ୱବାନ ହେବା ସହ ଏକ ସୁରକ୍ଷିତ ସମାଜରେ ଉଲ୍ଲେଖନୀୟ ଯୋଗଦାନ ଦେବା ପାଇଁ ସଶକ୍ତ କରିଥାଏ।

# ୫ ଡକାୟତଙ୍କୁ କାବୁ କଲା ରାଜଗାଙ୍ଗପୁର ପୋଲିସ

ସୁନ୍ଦରଗଡ଼, (ଭାସ୍କର ନ୍ୟୁଜ୍): ସୁନ୍ଦରଗଡ ଜିଲ୍ଲା ଅନ୍ତର୍ଗତ କାଂଶବହାଲ ଫାଣ୍ଡି ନିଉ କଲୋନୀରେ ୪ତାରିକ ଦିନ ନିଉ କଲୋନୀରେ ବସବାସ କରୁଥିବା ରଘୁନାଥ ନାୟକଙ୍କ ଘରୁ ୫ ଜଣ ଦୁର୍ବୃତ୍ତ ଲୁଟତରାଜ କରିଥିଲେ। ରଘୁନାଥଙ୍କ ଘର ସାମନାରେ ଆସି, ୨ ଜଣ ଘର ବାହାରେ ଜଗିରହିବା ସହିତ ଅନ୍ୟ ୩ ଜଣ ଘର ଭିତରକୁ ପଶି ତାଙ୍କ ପୁଅ ଏବଂ ସ୍ତ୍ରୀ'ଙ୍କୁ ଦେଶୀବନ୍ଧୁକ ଓ ଛୁରା ଦେଖାଇ ଭୟଭୀତ କରି ଘରେ ଥିବା ନଗଦ ୧,୧୦,୦୦୦ ଟଙ୍କା ଓ ଅଳଙ୍କାର ଏବଂ ଅନ୍ୟାନ୍ୟ ଜରୁରୀ କାଗଜପତ୍ର, ବ୍ୟାଙ୍କ ଜମା ଖାତା, ପୋଷ୍ଟ ଅଫିସ ଜମା ଖାତାକୁ ନେଇ ଘର ବାହାରୁ ବନ୍ଦ କରି ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ଖବର ପାଇ ରଘୁନାଥ ନାୟକ ରାଜଗାଙ୍ଗପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଛାନବିନରୁ କାଂଶବହାଲ ଅଞ୍ଚଳରେ ବସବାସ କରୁଥିବା ରାଜଗାଙ୍ଗପୁରର ନେହରୁ ସନ୍ୟାସୀ ନିଜ ସହଯୋଗୀ ମୁନା ସନ୍ୟାସୀ ଓ ତାଙ୍କ ସହଯୋଗୀ ଆଜାଦ ନାଗ ବୋଲି ଜାଣିବାକୁ ପାଇଥିଲେ। ପୋଲିସ କହିବା ମୁତାବକ ପୂର୍ବ ଯୋଜନା ଅନୁଯାୟୀ ମୁନ୍ନା ସନ୍ୟାସୀ, ସୁରଜ ବରୁଆ, ସୁଜିତ ଭେଙ୍ଗରା ଗୋଟିଏ ଧଳା ଟିଭିଏସ ଅପାଚି ମୋଟର ସାଇକେଲ ଯୋଗେ ଆଜାଦ ନାଗ, ସାଗର ସାହୁ ବ୍ଲୁ କଲରର ହିରୋ ସୁପର ସ୍ପ୍ଲେଣ୍ଡର ଯୋଗେ ଯାଇ ଘଟଣାକୁ ତୁଲାଇଥିଲେ। ଲୁଟ ପରେ ସୁନାକୁ ରାଉରକେଲା ସୁନା ବ୍ୟବସାୟୀ ରାଜେଶ ସାହୁଙ୍କ ବିକ୍ରି କରି ପଇସା ନିଜ ନିଜ ଭିତରେ ଭାଗଭାଗ କରି ନେଇଥିଲେ। ପୂର୍ବରୁ ପୋଲିସ ଆଜାଦ ନାଗକୁ ଗିରଫ କରି କୋର୍ଟ ଚାଲାଣ କରିଥିବାରୁ, ତାକୁ ରିମାଣ୍ଡରେ ଆଣି ଅନ୍ୟ ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇଥିଲେ।

## ପରକୀୟା ପ୍ରୀତି ସନ୍ଦେହରେ ହତ୍ୟାକାଣ୍ଡ, ଅଭିଯୁକ୍ତ ଗିରଫ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଚୌଦ୍ୱାର ଥାନା ଅନ୍ତର୍ଗତ ମହିଷାଲଣ୍ଡା ପଂଚାୟତର ଆମ୍ବିଳିଝରୀ ଗ୍ରାମରେ ପରକୀୟା ପ୍ରୀତିକୁ ନେଇ ହତ୍ୟାକାଣ୍ଡ ଘଟିଯାଇଛି। ଆମ୍ବିଳିଝରୀ ଗ୍ରାମର ସନ୍ତୋଷ ନାଏକଙ୍କୁ ସୁବର୍ଣ୍ଣ କଳା ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିବା ବେଳେ ପରକୀୟା ପ୍ରୀତି ଯୋଗୁଁ ଏଭଳି ଘଟଣା ଘଟିଛି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏ କଥାକୁ ଅଭିଯୁକ୍ତ ସୁବର୍ଣ୍ଣ କଳାର ସ୍ତ୍ରୀ ଅସ୍ୱୀକାର କରିଥିବା ବେଳେ ମୃତ ସନ୍ତୋଷଙ୍କ ପରିବାର ଆମକୁ ଉପଯୁକ୍ତ ନ୍ୟାୟ ମିଳୁ ଓ ଦୋଷୀକୁ ଦଣ୍ଡ ଦିଆଯାଉ ବୋଲି ଅଭିଯୋଗ କରିଛନ୍ତି। ମୃତ ସନ୍ତୋଷଙ୍କ ପୁଅ ଅଜୁ ନାଏକ ଏ ନେଇ ଚୌଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ବିଶ୍ୱରଂଜନ ସାହୁଙ୍କ ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାରଡ଼କୁ ଜବତ କରିଛନ୍ତି। ପୋଲିସର ତଦନ୍ତ ଅନୁଯାୟୀ ସୁବର୍ଣ୍ଣ କଳା (୬୫) ଏହି ଗ୍ରାମରେ ନିଜର ଦ୍ୱିତୀୟ ପତ୍ନୀ ସହ ରହିଆସୁଥିବା ବେଳେ ଦିନ ମଜୁରିଆ ଭାବେ କାମ କରୁଥିଲେ। ଗତକାଲି ୧୮ତାରିଖ ଦିନ ସୁବର୍ଣ୍ଣ ନିଜ କାମରୁ ଫେରିବା ପରେ ଘରେ ନିଜ ପତ୍ନୀ ସହ ସେହି ଗ୍ରାମର ସନ୍ତୋଷକୁ ଅନୈତିକ ଅବସ୍ଥାରେ ଦେଖିବା ପରେ ପତ୍ନୀ ଏବଂ ସନ୍ତୋଷକୁ ମାଡ଼ମାରିବା ସହ ଏକ ଲୁହା ରଡ଼ରେ ମରଣାନ୍ତକ ଆକ୍ରମଣ କରିଥିବା ବେଳେ ସନ୍ତୋଷଙ୍କୁ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ସନ୍ତୋଷକୁ ଚିକିତ୍ସା ନିମନ୍ତେ କଟକ ବଡଡାକ୍ତରଖାନା ପଠା ଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଅଭିଯୁକ୍ତ ସୁବର୍ଣ୍ଣ କଳାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ଚୌଦ୍ୱାର ପୁଲିସ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ନିମାପଡ଼ା-ପିପିଲି ରାସ୍ତାରେ ବାଇକ୍ ଧକ୍କାରେ ବୃଦ୍ଧା ମୃତ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବାଇକ୍ ଧକ୍କାରେ ଜଣେ ୬୦ ବର୍ଷ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ବୃଦ୍ଧାଙ୍କ ଝିଅ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଶବ ବ୍ୟବେଚ୍ଛଦ ପାଇଁ ପଠାଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ମିଳିଥିବା ସୂଚାନ ଅନୁଯାୟୀ, ସୁକାନ୍ତି ସ୍ୱାଇଁ ନାମକ ବୃଦ୍ଧା ନିମାପଡ଼ା-ପିପିଲି ରାସ୍ତା ନାଗବସ୍ତ ଛକ ନିକଟରେ ନିଜସ୍ୱ ଗୃହରେ ରହୁଥିବା ବେଳେ ଗତ ୧୯ ତାରିଖ ରାତ୍ର ସମୟରେ ସୁକାନ୍ତି ଶୌଚ ହେବା ପାଇଁ ରାସ୍ତା କଡ଼କୁ ଯାଇଥିବା ବେଳେ ଶୌଚ ହେଉଥିବା ସମୟରେ ପିପିଲି ପଟୁ ଆସୁଥିବା ଏକ ବାଇକ୍ ଦ୍ରୁତ ବେଗରେ ଆସି ବୃଦ୍ଧାଙ୍କୁ ଧକ୍କା ଦେଇଥିଲା। ବୃଦ୍ଧା ଚିତ୍କାର କରି ରାସ୍ତା ଉପରେ ପଡ଼ି ଯାଇଥିବା ବେଳେ ଚିତ୍କାର ଶୁଣି ପରିବାର ଲୋକେ ସେଠାରୁ ତାଙ୍କୁ ଉଦ୍ଧାର କରି ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ବୃଦ୍ଧାଙ୍କ ଅବସ୍ଥା ଗୁରୁତର ଥିବା ବେଳେ ଗୁରୁବାର ଅପରାହ୍ନ ସମୟରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିସ ପହଂଚି ଶବକୁ ଜବତ କରିଥିବା ବେଳେ ମୃତ ବୃଦ୍ଧାଙ୍କ ଝିଅ ପ୍ରିୟଲତା ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

# ଟାଟା ଷ୍ଟିଲ୍ ରକ୍ତଦାନ ଶିବିରରେ ୫୦୦ ୟୁନିଟ୍ ରକ୍ତ ସଂଗ୍ରହ



ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଟାଟା ଷ୍ଟିଲ୍ କଳିଙ୍ଗନଗରର ଗ୍ରୀନ୍ ଟ୍ରାନ୍ସପୋର୍ଟ ପାର୍କରେ ଗୁରୁବାର ଦିନ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଟାଟା ଷ୍ଟିଲ୍ କର୍ମଚାରୀମାନଙ୍କ ବ୍ୟତୀତ, ଠିକା କର୍ମଚାରୀ ଏବଂ ଭେଣ୍ଡର ଅଂଶୀଦାରମାନେ ୫୦୦ ୟୁନିଟ୍ ରକ୍ତ ଦାନ କରିଥିଲେ। ଏହି ରକ୍ତଦାନ ଶିବିର ଟାଟା ଷ୍ଟିଲ କଳିଙ୍ଗନଗର ଲଜିସ୍ଟିକ୍ସ ବିଭାଗ, ଆମ ଓଡ଼ିଶା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯାଜପୁର ଏବଂ ରେଡ଼କ୍ରସ୍ ରକ୍ତଭଣ୍ଡାର, କଟକର ମିଳିତସହଯୋଗରେ ଆୟୋଜିତ ହୋଇଥିଲା। ଏହି ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ଜେନେରାଲ ମ୍ୟାନେଜର (ଅପରେସନ୍ସ) କରମବୀର ସିଂହ, ଟିଏସକେ ଏବଂ ଟିଏସଏମ ସୁରକ୍ଷା ବିଭାଗ ଚିଫ୍ ସଞ୍ଜୟ ପ୍ରକାଶ, ସମ୍ବାଦର ଜିଲ୍ଲା ପ୍ରତିନିଧି ସଂଗ୍ରାମ ସିଂହ ଏବଂ ଆମ ଓଡ଼ିଶା ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସମାରୋହରେ ଆଶୁତୋଷ କୁମାର, ଚିଫ୍, ଷ୍ଟିଲ୍ ମେଲ୍ଟିଙ୍ଗ ସପ୍‌ଙ୍କ ସହ ଟାଟା ଷ୍ଟିଲ୍ କଳିଙ୍ଗନଗରର ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରିବା ସହିତ ଚାରା ପ୍ରଦାନ କରିଥିଲେ। ଟାଟାଷ୍ଟିଲ୍ କଳିଙ୍ଗନଗରର ଲଜିଷ୍ଟିକ୍ସ ବିଭାଗ ନେତୃତ୍ୱରେ ଏହି ପଦକ୍ଷେପର ଲକ୍ଷ୍ୟ ରକ୍ତ ସଂରକ୍ଷଣକୁ ବୃଦ୍ଧି କରିବା ସହିତ ଜନସାଧାରଣଙ୍କ ରକ୍ତ ଆବଶ୍ୟକତାରେ ସହଯୋଗ କରିବା ଥିଲା। ଏକ ନିରାପଦ ଏବଂ ଦକ୍ଷ ରକ୍ତଦାନ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଶିବିରରେ ଆମ ଓଡ଼ିଶା ଏବଂ ରେଡକ୍ରସ୍ ସୋସାଇଟିର ପ୍ରତିନିଧିମାନଙ୍କ ସହିତ ଟାଟା ଷ୍ଟିଲ୍ କଳିଙ୍ଗନଗରର ଲଜିଷ୍ଟିକ୍ସ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ମୋ ବସ୍ ଭଡ଼ା ରିହାତି ଦାବିରେ ଛାତ୍ରଛାତ୍ରୀଙ୍କ ଧାରଣା

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ବସ୍ ଭଡା ରିହାତି ଦାବୀରେ ଛାତ୍ରଛାତ୍ରୀମାନେ ଦୀର୍ଘ ସମୟ ଧରି ନିମାପଡାରେ ରାସ୍ତା ରୋକ କରିଥିବା ବେଳେ ପୋଲିସ୍ ପହଚିଂ ବୁଝଶୁଝା କରିବା ସହ ଧାରଣାରୁ ଉଠିଯିବା ପାଇଁ କହିଥିବା ବେଳେ ଛାତ୍ରଛାତ୍ରୀମାନେ ଧାରଣାରୁ ନଉଠି ବିକ୍ଷୋଭ କରିଥିଲେ । ନିମାପଡା ବିଡିଓଙ୍କୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ସମୟ ଧରି ରାସ୍ତାରେ ଗାଡିମଟର ଅଟକି ରହିଥିବା ବେଳେ ଜନସାଧାରଣ ଯାତାୟାତରେ ବାଧା ଉପୁଜିଥିଲା। ଏହାର ଅର୍ଥ କ'ଣ ବୋଲି ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ଦୋଳବେଦୀ ଛକରେ ଛାତ୍ରଛାତ୍ରୀମାନେ ଧାରଣା ଦେବା ସହ ମୋ ବସ୍‌ରେ ଯାତାୟାତ ସୁବିଧା ପାଇଁ ୭୫ପ୍ରତିଶତ ଭଡା ରିହାତି ଦାବୀରେ ଛାତ୍ରଛାତ୍ରୀମାନେ ରାସ୍ତାରେ ବିକ୍ଷୋଭ କରିଥିବା ବେଳେ ଦୁଇଘଂଟାରୁ ଉର୍ଦ୍ଧ୍ୱ ସମୟ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା। ଏହି ରାସ୍ତା ଦେଇ ପର୍ଯ୍ୟଟନସ୍ଥଳୀକୁ ଗାଡି ଯାତାୟତ କରିନପାରି ରାସ୍ତାରେ ଅଟକିଥିଲେ। ନିମାପଡା ଥାନା ପୋଲିସ୍ ସ୍ଥିତି ଉପରେ ନଜର ରଖିଥିବା ବେଳେ ବିଡିଓଙ୍କୁ ଛାତ୍ରଛାତ୍ରୀମାନେ ଏକ ଦାବୀପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦେଇଛନ୍ତି।

## ଗୋଷ୍ଠୀ ଶିକ୍ଷାଧିକାରୀଣୀଙ୍କ କାର୍ଯ୍ୟରେ ଯୋଗଦାନ

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗରେ ନୂତନ ଗୋଷ୍ଠୀ ଶିକ୍ଷାଧିକାରିଣୀ ଭାବେ ଚଳିତମାସ ୧୪ ତାରିଖରେ ପ୍ରିୟଦର୍ଶିନୀ ନାୟକ ଯୋଗଦାନ କରିଥିବା ଜଣାପଡିଛି। ତାଙ୍କର ଯୋଗଦାନ କୁ ବିଇଓ କାର୍ଯ୍ୟାଳୟ ପକ୍ଷରୁ କର୍ମଚାରୀଙ୍କ ଦ୍ୱାରା ଅଭିନନ୍ଦନ ଜଣା ଯାଇଥିଲା। ନୂତନ ଶିକ୍ଷାଧିକାରିଣୀ କାର୍ଯ୍ୟରେ ଯୋଗ ଦେବା ପରେ ପରେ ୨୧ତାରିଖରେ ହେବାକୁ ଥିବା ମାଟ୍ରିକ ପରୀକ୍ଷା କେନ୍ଦ୍ର ଗୁଡିକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଓ ତରଣୀ କୁମାର ସିଂହଙ୍କୁ ନେଇ ପରିଦର୍ଶନରେ ଯାଇଥିଲେ। ଅଦ୍ୟ ପରଜଙ୍ଗ ବିଇଓ ଅଧିନସ୍ଥ ଦଶଟି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ମୋଟ ୧୬୫୦ଜଣ ଛାତ୍ରଛାତ୍ରୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବାକୁ ପରୀକ୍ଷା ଥିବାବେଳେ, ପରୀକ୍ଷାକୁ ପରିଦର୍ଶନ ପାଇଁ ଦୁଇ ଅତିରିକ୍ତ ଶିକ୍ଷାଧିକାରୀଙ୍କୁ ପର୍ଯ୍ୟବେକ୍ଷକ ଏବଂ ବିଇଓଙ୍କୁ ଭ୍ରମ୍ୟମାଣ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ଦାୟିତ୍ୱ ମିଳିଥିବା ବିଭାଗୀୟ ପକ୍ଷରୁ ସୂଚନା ମିଳିଛି।

# ଏବିଭିପି ଛାତ୍ରଛାତ୍ରୀଙ୍କ ବିକ୍ଷୋଭ



ବାରିପଦା, (ଭାସ୍କର ନ୍ୟୁଜ୍): କିଟ୍ ବିଶ୍ୱବିଦ୍ୟାଳୟ ନେପାଳ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ସାରା ରାଜ୍ୟରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଅନେକ ସ୍ଥାନରେ ଛାତ୍ରଛାତ୍ରୀ ଆନ୍ଦୋଳନକୁ ଓହ୍ଲାଇଲେଣି। ଏହି ପରିପ୍ରେକ୍ଷୀରେ ଆଜି ବାରିପଦା ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଛାତ୍ରଛାତ୍ରୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କୁସପୁତଳିକା ଦାହ କରିଛନ୍ତି। ବସୁଧେବ କୁଟୁମ୍ବଙ୍କ ଉପରେ ବିଶ୍ୱାସ ରଖୁଥିବା ଭାରତକୁ କିଟ୍ କର୍ତ୍ତୃପକ୍ଷ ବିଦେଶରେ ଲଜ୍ଜିତ କରିଛନ୍ତି। ୨୪ବର୍ଷ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଛତ୍ରଛାୟା ତଳେ ରହି ସେ ନିଜର ସାମ୍ରାଜ୍ୟ ବିସ୍ତାର କରିଛନ୍ତି। ଏବେ ରାଜ୍ୟରେ ସରକାର ବଦଳିଛି, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହା ଉପରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଏମଏସିବି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଦାବି କରିଛନ୍ତି। ଏହି କାର୍ଯକ୍ରମରେ ଓଡ଼ିଶା ପୂର୍ବ ରାଜ୍ୟ ସହ ସମ୍ପାଦକ କ୍ଷୀରଦ ପଣ୍ଡା, ସଙ୍ଗଠନର ଶେଖର ବେହେରା ବାରିପଦା ଜିଲ୍ଲା ସଂଯୋଯୋକ, କୃଷ୍ଣ ଚନ୍ଦ୍ର ବେହେରା ଶାଖା ସମ୍ପାଦକ ଏମଏସସିବି ବିଶ୍ୱବିଦ୍ୟାଳୟ, ଅମିତାଭ ଶାଖା ଉପ ସଭାପତି ଏମଏସସିବି ବିଶ୍ୱବିଦ୍ୟାଳୟ, ସୁନିତା ଆଚାର୍ଯ୍ୟ ଶାଖା ସମ୍ପାଦିକା ଏମପିସି ମହାବିଦ୍ୟାଳୟ, ହରେ ରାମ ପଣ୍ଡା, ଧରିତ୍ରୀ, ଗାୟତ୍ରୀ, ରାମ ଦେବ ଦଳେଇ ଓ ଅରୁଣ ଉପସ୍ଥିତ ଥିଲେ।

# ମାଟି ବୋଝେଇ ୪ ଟ୍ରାକ୍ଟର ଜବତ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡା କୁଶଭଦ୍ରା ନଦୀରୁ ବାରମ୍ବାର ବାଲି ମାଟି ଚୋରୀ କରାଯାଇ ବ୍ୟବସାୟୀ ମାନଙ୍କୁ ବିକ୍ରି କରାଯାଉଥିବା ବେଳେ ଖଣି ବିଭାଗ ପୋଲିସ ପାଇଁ ଏହା ଏକ ଚିନ୍ତାରକାରଣ ପାଲଟିଥିଲା। ନିମାପଡା ଥାନା ପୋଲିସ ଡେଣୁଆଁ ଘାଟ ନିକଟରେ ଚଢଉ କରିବା ସହ ଚାରୋଟି ମାଟି ବୋଝେଇ ଟ୍ରାକ୍ଟର ଜବତ କରିଛି । ଟ୍ରାକ୍ଟର ଡ୍ରାଇଭରକୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି । ଦୁଇଟି ଟ୍ରାକ୍ଟର ନମ୍ବର ବିହିନ ଥିବା ବେଳେ ଟ୍ରାକ୍ଟରର କାଗଜପତ୍ର ସଠିକ୍ ଅଛି କି ନାହିଁ ପୋଲିସ୍ ଯାଞ୍ଚ କରିଥିବା ବେଳେ ବାକି ଟ୍ରାକ୍ଟରକୁ ରିଲିଜ କରିବା ପାଇଁ ମାଲିକମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ଅଞ୍ଚଳରେ ବ୍ୟାପକ ଲଘୁ ଖଣିଜ ଦ୍ରବ୍ୟ ଲୁଣ୍ଠନ ହେଉଥିବା ବେଳେ ପୋଲିସ ଡେଣୁଆଁ ଘାଟ ଠାରେ ଚଢଉ କରି ୪ଟି ମାଟି ବୋଝେଇ ଟ୍ରାକ୍ଟରକୁ ଜବତ କରି ଥାନାରେ ଅଟକ ରଖିଥିଲା। ଥାନାରେ ଦଣ୍ଡିଆମାନେ ଟ୍ରାକ୍ଟରକୁ ମୁକାଳିବା ପାଇଁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଲମ୍ବା ଲାଇନ ଲଗାଇଥିଲେ। ମାତ୍ର ପୋଲିସ୍ କୌଣସି କଥା ନଶୁଣି ମାମଲା ରୁଜୁ କରିଅଛି। ବାରମ୍ବାର ଲଘୁଖଣିଜ ଦ୍ରବ୍ୟ ଲୁଣ୍ଠନ ହେଉଥିବା ବେଳେ ପୋଲିସ୍‌ର ଏପରି କାର୍ଯ୍ୟକୁ ସାଧୁବାଦ ଦିଆଯାଇଛି।




କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍ ) : କନ୍ଦ୍ରୋପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ପୁରାତନ ଛାତ୍ରମାନଙ୍କ ଆଲୁମିନି ମିଟ୍ ସଭାପତି କୈଳାସ ଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ନିଲୁ ମହାପାତ୍ର ଯୋଗଦେଇ କହିଲେ କଲେଜର ବିକାଶ ପାଇଁ ପୁରାତନ ଛାତ୍ରଛାତ୍ରୀମାନଙ୍କ ସହଯୋଗ ସହ ନାକ୍‌ରେ ଭଲ ଗ୍ରେଡ୍ ପାଇଁ ସଂଗଠନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କଲେଜର ଅଧ୍ୟକ୍ଷ ପ୍ରଫେସର ଅଭିଜିତ ବୋଷ୍ ଅନୁଷ୍ଠାନ ଅଗ୍ରଗତି ପାଇଁ ପୁରାତନ ଛାତ୍ରଛାତ୍ରୀମାନଙ୍କ ସକରାତ୍ମକ ସହଯୋଗ କାମନା କରିଥିଲେ । ଏହି ସଭାରେ ଆଲୁମିନି ସଂଗଠନର ସମ୍ପାଦକ ତପନ କୁମାର ପତି, ପ୍ରାକ୍ତନ ପ୍ରଫେସର ଗୌରାଙ୍ଗ ଚରଣ ରଥ, ଭଗବାନ ପତ୍ରୀ, ବିଭାଗୀୟ ମୁଖ୍ୟ ତୁଷାରକାନ୍ତି ଭୂୟାଁ, ଅଧ୍ୟାପିକା ସନ୍ଧ୍ୟାରାଣୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ପୁରାତନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିକଟରେ ଏମ୍‌ଏସ୍‌ସି ଓ ପିଜିଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଇତିହାସରେ ଗବେଷଣା କରି ନିକଟରେ ଡକ୍ଟରେଟ୍ ହାସଲ କରିଥିବା ଅଧ୍ୟାପକ ମନୋଜ କୁମାର ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ସଭାରେ ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ବର୍ତ୍ତମାନର ଯୁକ୍ତ ତିନି ସମ୍ମାନ ଶ୍ରେଣୀର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଶେଷରେ ବିଭାଗୀୟ ମୁଖ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।



## ।। ହାଇକୋର୍ଟ ନିର୍ଦ୍ଦେଶକୁ ବେଖାତିର ।।

# ଚାଲିଛି ଶହଶହ ବେଆଇନ ଇଟାଭାଟି



ଗୋପ, (ଭାସ୍କର ନ୍ୟୁଜ୍ ) : ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରି ଗୋପ ତହସିଲ ଅଞ୍ଚଳରେ ଗତ କିଛିଦିନ ହେବ ବେଆଇନ ଭାବେ ଶତାଧିକ ଇଟାଭାଟି ନିର୍ମାଣ କରାଯାଇଥିବାର ଦେଖାଯାଇଛି । ଏ ନେଇ ରାଜସ୍ୱ ବିଭାଗ ନିକଟରେ ଖବର ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଗୋଟିଏ ପଟେ ଏହି ଇଟାଭାଟି ଧୂଆଁରେ ଜନଜୀବନ ଅସ୍ତବ୍ୟସ୍ତ ହେବା ସହ ପରିବେଶ ପ୍ରଦୂଷିତ ହେଉଥିବା ବେଳେ ଅନ୍ୟପଟେ ସରକାରଙ୍କ ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ହାନୀ ହେଉଛି । ମାତ୍ର ବାରମ୍ବାର ଅଭିଯୋଗ ପରେ ବି ସବୁ ଜାଣି ଗୋପ ତହସିଲଦାର ଚୁପ ହୋଇ ବସି ରହିବା ପଛରେ ରହସ୍ୟ କଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଶୁଣିବାକୁ ମିଳୁଛି ରାଜସ୍ୱ ବିଭାଗ କେତେକ କର୍ମଚାରୀ ଏବଂ କେତେକ ରାଜସ୍ୱ ନିରୀକ୍ଷକ ଇଟାଭାଟି ମାଲିକଙ୍କ ଠାରୁ ମୋଟା ଅଙ୍କର ଟଙ୍କା ପକାଇ ତାଙ୍କୁ ପରୋକ୍ଷରେ ସାହାଯ୍ୟ କରୁଛନ୍ତି । ଫଳରେ ତହସିଲ କାର୍ଯ୍ୟାଳୟ ଠାରୁ ମାତ୍ର ଅଳ୍ପ ମିଟର ଦୂରରେ ଶହଶହ ଇଟାଭାଟି ଚାଲୁଥିବା ଶୁଣି ମଧ୍ୟ ଚୁପ୍ ସବୁଛନ୍ତି । ଅପରପକ୍ଷେ ପରିବେଶରେ ଅଧିକାଂଶ ମୃର୍ତ୍ତିକା କ୍ଷୟ ଯୋଗୁଁ ହାଇକୋର୍ଟ ୨୦୧୨ରେ ଏକ ରିଟ୍ ପିଟିଶନର ବିଚାର କରି ମାଟି ଖୋଳା ଇଟା ନିର୍ମାଣକୁ ବେଆଇନ ଓ ଅସିଦ୍ଧ ଘୋଷଣା କରିଥିଲେ । ଏହାସହ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଏଭଳି ବେଆଇନ ଇଟାଭାଟି ନିର୍ମାଣ ଉପରେ ରୋକ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ମଧ୍ୟ ପ୍ରଦୂଷଣ ରୋକିବାକୁ ମାଟିରେ ଇଟାଭାଟି ନିର୍ମାଣକୁ ଅସିଦ୍ଧ କହିବା ସହ ପାଉଁଶ, ସିମେଣ୍ଟରୁ ଇଟା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । କିନ୍ତୁ ଉପରୋକ୍ତ ନିର୍ଦ୍ଦେଶକୁ ନ ମାନି କେତେଜଣ ଅସାଧୁ ବ୍ୟବସାୟୀ ସରକାରୀ ଜମି, ଗୋଚର, ଅନାବାଦୀ, ବିଲରୁ ବେଆଇନ ଭାବେ ମାଟି ଉତ୍ତୋଳନ କରି ଜନବସତି ଅଞ୍ଚଳରେ, ମୁଖ୍ୟ ରାସ୍ତାପାର୍ଶ୍ୱ, ଗ୍ରାମ୍ୟ ଜଙ୍ଗଲ ଓ ବିଦ୍ୟାଳୟ ନିକଟରେ ଇଟାଭାଟି ନିର୍ମାଣ କରୁଛନ୍ତି । ଇଟା ପକାଉଥିବା ବ୍ୟକ୍ତିମାନେ ରାଜସ୍ୱ ବିଭାଗଠାରୁ ଅନୁମତି ଆଣି ସରକାରଙ୍କୁ ରାଜସ୍ୱ ଦେଇ ଗୃହନିର୍ମାଣ ପାଇଁ ଇଟା ପକାଇପାରିବାର ସ୍ପଷ୍ଟ ନିୟମ ରହିଛି । କିନ୍ତୁ ଏମାନେ ସରକାରଙ୍କଠାରୁ ବିନା ଅନୁମତିରେ ମନଇଚ୍ଛା ଇଟାଭାଟି ନିର୍ମାଣ କରି କୋଟି କୋଟି ଇଟା ବିକ୍ରୟ କରି ବେଶ୍ ପକେଟ୍ ଗରମ କରୁଛନ୍ତି କିନ୍ତୁ ରାଜସ୍ୱ ଦେଉ ନାହାନ୍ତି । ଇଟାଭାଟିରୁ ନିର୍ଗତ ଧୂଆଁ, ନିଆଁ ଓ ଧୂସରେ ଜନସାଧାରଣ ଅସ୍ତବ୍ୟସ୍ତ ହୋଇପଡିବା ସହ ଅସହ୍ୟ ଯନ୍ତ୍ରଣା ମଧ୍ୟ ଭୋଗୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରିକି ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ଜନସାଧାରଣ ନାହିଁନଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି । ଏହା ସହ ହଜାର ହଜାର ଇଟାଭାଟି ପାଇଁ ଗ୍ରାମରେ ଥିବା ପୁରୁଣା ଗଛଗୁଡ଼ିକୁ କଟାଯାଉଥିବାରୁ ଗ୍ରାମ୍ୟ ଜଙ୍ଗଲ ମଧ୍ୟ ଧ୍ୱଂସ ହେବାରେ ଲାଗିଛି । ନିମାପଡା-କୋଣାର୍କ ରାଜ୍ୟ ରାଜପଥ ପାର୍ଶ୍ୱ ଗୋପ ତହସିଲ ଅଧିନ କୁଶୁପୁର, ବିଶରପୁର ଇଟା ବ୍ୟବସାୟର ପେଣ୍ଠସ୍ଥଳୀ ପାଲଟିଥିବା ବେଳେ ନୟାହାଟ, ଧୂମାଳ ମଧ୍ୟ ବ୍ୟବସାୟୀକ ପେଣ୍ଠସ୍ଥଳୀ ପାଲଟିଛି । ସେହିପରି ଗୋପ, ନାଗପୁର, ଏରବଙ୍ଗ, ଗଣେଶ୍ୱରପୁର, ଅଣ୍ଡରାଇଛାପୁର, ଡଭାର, ରାହାଙ୍ଗଗୋରଡା, ନୂଆଖୋଲମରା, ଛଇତନା, ବଡଗାଁ, ବନ୍ତଳିଗ୍ରାମ, ବଡତରା, ନାଖଣ୍ଡି, ମହଲପଡା ଜଙ୍ଗଲ୍ଵରୀ, ବଉଲାଙ୍ଗ,ବୀରତୁଙ୍ଗ ଆଦି ବିଭିନ୍ନ ପଂଚାୟତର ଗାଁ ଗାଁରେ ମାଳମାଳ ବେଆଇନ ଇଟାଭାଟି ନିର୍ମାଣ ହୋଇ ପରିବେଶକୁ ପ୍ରଦୂଷଣ କରିବାରେ ଲାଗିଛି । ତୁରନ୍ତ ଏ ଦିଗରେ ଜିଲ୍ଲାପାଳ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ବିସ୍ଫୋରକ ଜବତ,ନକ୍ସଲ ଗିରଫ




ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟ ସୁକମା ଜିଲ୍ଲା ପୋଲିସ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ନକ୍ସଲ ନିପାତ ଅଭିଯାନ ଜାରି ରହିଛି । ଏହି ତାରତମ୍ୟରେ, ନକ୍ସଲଙ୍କ ଉପସ୍ଥିତି ସୂଚନା ପାଇ, କୋଣ୍ଟା ପୋଲିସ ଏବଂ ମୁରଲିଗୁଡ଼ା କ୍ୟାମ୍ପରୁ ଜି/୨୨୮ ବାଟାଲିୟନ ସିଆର୍‌ପିଏଫ ବାହିନୀର ଏକ ମିଳିତ ଦଳ ବେଲପୋଛା ଗ୍ରାମ ଅଭିମୁଖେ ସର୍ଚ୍ଚ ଅପରେସନ ପାଇଁ ବାହାରିଥିଲା । ଅପରେସନ ସମୟରେ, ବେଲପୋଛା ଗ୍ରାମ ନିକଟରେ ଜଣେ ସନ୍ଦିଗ୍ଧ ଯୁବକଙ୍କୁ ଗିରଫ କରାଯାଇଥିଲା । ପଚରାଉଚରା ପରେ, ତାଙ୍କ ନାମ ମୁଚାକି ଦେବା(୧୮) ବୋଲି ଜଣାପଡିଛି । ସେ ନକ୍ସଲ ସଂଗଠନର ମେହେଟା ଆରପିସିରେ ମିଲିସିଆ ସଦସ୍ୟ ଭାବରେ କାର୍ଯ୍ୟ କରୁଥିବା ସ୍ୱୀକାର କରିଥିଲା । ଗିରଫ ନକ୍ସଲ ପୋଲିସ ଏବଂ ସୁରକ୍ଷାବାହିନୀକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଲୁଚାଇ ରଖିଥିବା ୪ଟି ଜିଲାଟିନ୍ ରଡ୍, ୪ଟି ବୈଦ୍ୟୁତିକ ଡେଟୋନେଟର, ପ୍ରାୟ ୧.୫ ମିଟର କର୍ଡେକ୍ସ ତାର ଏବଂ ନକ୍ସଲ ପୁସ୍ତିକା ପୋଲିସ ଜବତ କରିଛି । ଗିରଫ ନକ୍ସଲ ଏବଂ ଜବତ ସାମଗ୍ରୀକୁ ଥାନାକୁ ଆଣି ନକ୍ସଲ ରେକର୍ଡ ଯାଞ୍ଚ କରିବା ପରେ, ଉକ୍ତ ଅଭିଯୁକ୍ତଙ୍କ ବିରୋଧରେ କୋଣ୍ଟା ଥାନା ପୋଲିସରେ ଅପରାଧ ନମ୍ବର ୦୩/୨୦୨୫, ଧାରା ୧୯୦ବିଏନ୍‌ଏସ୍, ୪(ଏ) ବିସ୍ଫୋରକ ପଦାର୍ଥ ଆଇନ, ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ, ୧୯୬୭ର ଧାରା ୧୩, ୨୩, ୩୮, ୩୯ ଅନୁଯାୟୀ ପୂର୍ବରୁ ମାମଲା ରୁଜୁ ହୋଇଛି । ଉପରୋକ୍ତ ମାମଲାରେ ନକ୍ସଲ ମୁଚାକି ଦେବାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ତାଙ୍କୁ ଗିରଫ କରି ବୁଧବାର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା ଏବଂ ବିଚାର ବିଭାଗୀୟ ରିମାଣ୍ଡ ପାଇବା ପରେ ଜେଲକୁ ପଠାଇ ଦିଆଯାଇଥିଲା । ସୂଚନାଯୋଗ୍ୟ ଯେ ୭ ଫେବୃଆରୀ ୨୦୨୫ରେ, ଉପରୋକ୍ତ ଗିରଫ ନକ୍ସଲ କୋଣ୍ଟା-ଗୋଲ୍ଲାପାଲି ରାସ୍ତାର ବେଲପୋଛା ଗାଁର କଲଭର୍ଟ ତଳେ ସୁରକ୍ଷାବାହିନୀକୁ ହତ୍ୟା କରିବା ଉଦ୍ଦେଶ୍ୟରେ ଏକ ଆଇଇଡି ଲଗାଇଥିଲେ । ଯାହାକୁ ସୁରକ୍ଷାବାହିନୀ ସତର୍କତାର ସହ ନିଷ୍କ୍ରିୟ କରିଥିଲେ ।

## ଦୁଇଗୋଷ୍ଠୀର ଗଣ୍ଡଗୋଳକୁ ନେଇ ଜଣେ ଗିରଫ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ) : କଳିଙ୍ଗପଦର ଗୋଷ୍ଠୀ କନ୍ଦଳ ନେଇ ପୁଣି ଜଣକୁ ଉଠାଇ କୋର୍ଟଚାଲଣ କରିଛନ୍ତି ତାରାସିଂ ପୋଲିସ । ତାରାସିଂ ଥାନା ଅଧିନ କଳିଙ୍ଗପଦର ଗ୍ରାମରେ ଗତ ଡିସେମ୍ବର ମାସରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଯାହାକି ଗୋଟିଏ ଗୋଷ୍ଠୀ ଆକୁଳ ସେଠୀ ଓ ଅନ୍ୟ ବିପକ୍ଷ ଗୋଷ୍ଠୀ ଖଣ୍ଡା, ଠେଙ୍ଗା ଧରି ଆକୁଳ ସେଠୀଙ୍କ ଘର ସାମନାରେ ପାଟିତୁଣ୍ଡ କରିବା ସହ ଗଣ୍ଡଗୋଳ ଗାଳିଗୁଲଜ କରିଥିଲେ । ଫଳରେ ଏହାକୁ ନେଇ ତାରାସିଂ ଥାନାରେ ଉଭୟ ଗୋଷ୍ଠୀ ତରଫରୁ ଅଭିଯୋଗ ହୋଇଥିଲା । ପ୍ରଥମେ ଆକୁଳ ସେଠୀ ଗୋଷ୍ଠୀଙ୍କ କେସନଂ ୪୦୪/୨୪ ଓ ବିପକ୍ଷ ଗୋଷ୍ଠୀଙ୍କ କେସନଂ ୪୦୫/୨୪ ଦୁଇଟି ମାମଲା ରୁଜୁ କରାଯାଇ ପ୍ରଥମ ଗୋଷ୍ଠୀର ଆକୁଳ ସେଠୀକୁ ଡିସେମ୍ବର ମାସରେ ଗିରଫ କରି କୋର୍ଟଚାଲଣ କରିଥିଲା । ସେହିଦିନ ଠାରୁ ଆକୁଳ ସେଠୀ ଜେଲରେ ଥିବା ବେଳେ ତାରାସିଂ ପୋଲିସ ବିପକ୍ଷ ଗୋଷ୍ଠୀର ସନ୍ତୋଷ ନାୟକକୁ ନିଜ ଗାଁ କଳିଙ୍ଗପଦରରୁ ଗିରଫ କରି କୋର୍ଟଚାଲଣ କରିଛି । ତାଠାରୁ ଗୋଟିଏ ଖଣ୍ଡା ଜବତ କରିଥିବା ସୁଚନା ଦେଇଛନ୍ତି ତାରାସିଂ ଥାନା ଅଧିକାରୀ ରେବତୀ ସବର ।

## ଭୁବନ ଥାନାରେ ଯୋଗଦେଲେ ନୂତନ ଆଇଆଇସି



ଭୁବନ, (ଭାସ୍କର ନ୍ୟୁଜ୍ ) : ଭୁବନ ଥାନାରେ ନୂତନ ଆଇଆଇସି ଭାବେ ଧୀରେନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇଛନ୍ତି । ଶ୍ରୀଯୁକ୍ତ ସ୍ୱାଇଁ ବିଦାୟୀ ଆଇଆଇସି ମନସ୍ୱିନୀ ମହାନ୍ତିଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଶ୍ରୀଯୁକ୍ତ ସ୍ୱାଇଁ ପୂର୍ବରୁ ୨୦୨୧-୨୨ରେ ଭୁବନ ଥାନାରେ ଏସ୍‌ଆଇ ଭାବେ ବେଶ୍ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ଏବଂ ବିଜେପୁର ଥାନାରୁ ଏଠାକୁ ବଦଳି ହୋଇ ଆସିଛନ୍ତି । ନୂତନ ଆଇଆଇସି ଶ୍ରୀଯୁକ୍ତ ସ୍ୱାଇଁ ଜଣେ ଦକ୍ଷ, କର୍ତ୍ତବ୍ୟନିଷ୍ଠ, ଦୁର୍ନୀତିମୁକ୍ତ ତଥା ସଚ୍ଚୋଟ ଅଫିସର ଭାବେ ତାଙ୍କର ସୁନାମ ରହିଛି । ଭୁବନରେ ଆଇନ ଶୃଙ୍ଖଳା ପରିସ୍ଥିତି ସହିତ ଥାନାକୁ ଆସୁଥିବା ଗରିବ ଲୋକଙ୍କୁ ତ୍ୱରିତ ନ୍ୟାୟ ଦେବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ ଆଲୋଚନାରେ ପ୍ରକାଶ କରିଥିଲେ । ବିଦାୟୀ ଆଇଆଇସି ମନସ୍ୱିନୀ ମହାନ୍ତି ଢେଙ୍କାନାଳ ଜିଲ୍ଲା ତୁମୁସିଂହା ଥାନାକୁ ବଦଳି ହୋଇ ଯାଇଛନ୍ତି । ଶ୍ରୀମତୀ ମହାନ୍ତି ଭୁବନର ଗଣପର୍ବ ଦଶହରା ବଳଦ ଯାତ୍ରା ସହିତ ସାଧାରଣ ନିର୍ବାଚନକୁ ଅତ୍ୟନ୍ତ ଶୃଙ୍ଖଳା ସହିତ ପରିଚାଳନା କରି ପ୍ରଶଂସିତ ହୋଇଥିଲେ ।

# ବିଦ୍ୟୁତ୍ ତାର ବିଛାଇ ଶିକାର ଉଦ୍ୟମ କରୁଛନ୍ତି ଦୁର୍ବୃତ୍ତ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ) : ବିଦ୍ୟୁତ୍ ଖୁଣ୍ଟରୁ, ତାର ଲଗାଇ ବନ୍ୟଜନ୍ତୁ ଶିକାର କରିବାକୁ ଉଦ୍ୟମ କରୁଥିଲେ । ଘଟଣା ସ୍ଥଳରେ ପହଞ୍ଚିଥିଲେ ଉଭୟ ବନବିଭାଗ ଏବଂ ବିଦ୍ୟୁତ ବିଭାଗ । ଫଳରେ ଉକ୍ତ ଟିମ୍‌କୁ ଦେଖି, ସଂପୃକ୍ତ ଆସାମୀ ଜଣକ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା । ଏମିତି ଘଟଣା ନଜରକୁ ଆସିଥିଲା ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ କଣ୍ଟେଇପଲ୍ଲୀ ବିଟ୍‌ର ଡେଙ୍ଗାପଦର ଗାଁ ନିକଟରେ । ନିକଟସ୍ଥ ଜଙ୍ଗଲରେ ବୁଧବାର ରାତିରେ ଜୈନିକ ଯୁବକ ବନ୍ୟଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ହୁକ ଟାଣିଥିଲେ । କୌଣସି ସୁତ୍ରରୁ ଖବର ପାଇ ବନବିଭାଗ କର୍ମଚାରୀ ଓ ବିଦ୍ୟୁତ୍ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ଘଟଣା ସ୍ଥଳରୁ ସଂପୃକ୍ତ ଶିକାରୀ ମାନେ ଫେରାର ହୋଇ ଯାଇଥିଲେ । ସେଠାରୁ ଗୋଟିଏ ବାଇକ୍ ଏବଂ ବ୍ୟବହୃତ ବିଦ୍ୟୁତ୍ ତାର ସବୁ ଜବତ କରାଯାଇଥିଲା । ଏହାକୁ ନେଇ ବନବିଭାଗ ତଦନ୍ତ ଜାରି ରଖିଥିବା ବେଳେ ଅତି ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ ସୁଚନା ଦେଇଛନ୍ତି ।

# ମାଣ୍ଡିଆ କିଣାରେ ବ୍ୟାପକ ଦୁର୍ନୀତି ଅଭିଯୋଗ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ ଶସ୍ୟ ଶ୍ୟାମଳାରେ ଭରି ହୋଇ ରହିଛି ଏହି ମାଲକାନଗିରି ଜିଲ୍ଲା । ସରକାରୀ ରିପୋର୍ଟ ମୁତାବକ ଜିଲ୍ଲାର ସାତ ଗୋଟି ବ୍ଲକରେ ମଣ୍ଡିଆ ଚାଷକୁ ଅଗ୍ରାଧିକାର ଦିଆଯାଉଛି । ସରକାରୀ କାଗଜପତ୍ର ହିସାବରେ ଜିଲ୍ଲାର ସର୍ବ ମୋଟ ୧୦୫୪୫ ଜଣ ମଣ୍ଡିଆ ଚାଷୀ ଥିବାବେଳେ ୫୫୦୦୦ କ୍ୟୁଣ୍ଟାଲ ଟାର୍ଗେଟ ଲକ୍ଷ୍ୟ ରକ୍ଷା ଯାଇଛି । ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଜିଲ୍ଲାର ମାଥିଲି ବ୍ଲକରେ ମାଣ୍ଡିଆ ଆଦାୟ ଲକ୍ଷ୍ୟ ୧୪୦୦୦ କୁଇଣ୍ଟାଲ ରହିଥିବା ବେଳେ ସରକାରୀ ଭାବେ ଆଦାୟ ହୋଇଛି ୯୪୫୦ କୁଇଣ୍ଟାଲ । ସରକାରୀ ଭାବେ ମଣ୍ଡିରେ ବିକ୍ରି କରି ଚାଷୀ ବେଶ ଦୁଇପଇସା ରୋଜଗାର କରୁଥିବା କୁହାଯାଉଛି । ହେଲେ ମାଣ୍ଡିଆ ମଣ୍ଡିରେ ବିକ୍ରି କରୁଥିବା ଚାଷୀଙ୍କ ବାସ୍ତବତା ବାବଦରେ ଅନୁଧ୍ୟାନ କରାଯିବା ପରେ ଯାହା ଦେଖିବାକୁ ମିଳିଛି ତାହା ଏକ ବଡ଼ଧରଣର ଦୁର୍ନୀତିକୁ ଇଙ୍ଗିତ କରୁଛି । ଗତ ଖରିଫ ଋତୁରେ ଏହି ବ୍ଲକର ବିଭିନ୍ନ ଅଞ୍ଚଳରେ ମୋଟ ୩ ହଜାର ୬୪ ହେକ୍ଟର ଚାଷ ଜମିରେ ମାଣ୍ଡିଆ ଚାଷ କରାଯାଇଥିବା ଦର୍ଶା ଯାଉଥିବା ବେଳେ ବାସ୍ତବରେ ଏହା ପ୍ରାୟ ଏକ ହଜାର ହେକ୍ଟରରେ ସୀମିତ ବୋଲି କୁହାଯାଉଛି । ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟରତ ଏଫପିସି ଜରିଆରେ ମାଥିଲି ବ୍ଲକ ଅନ୍ତର୍ଗତ ୭ଟି ମଣ୍ଡିରେ ଚାଷୀଙ୍କ ଠାରୁ ମାଣ୍ଡିଆ କ୍ରୟ କରାଯାଉଛି । ହେଲେ ବାସ୍ତବ ଚାଷୀ ପରିବର୍ତ୍ତେ ଚାଷୀଙ୍କ ଠାରୁ ଆବଶ୍ୟକୀୟ କାଗଜ ପତ୍ର ନେଇ ନୂତନ କୃତିମ ଚାଷୀଙ୍କୁ ସୃଷ୍ଟି କରାଯାଇ ଚାଷୀଙ୍କ ଠାରୁ ମାଣ୍ଡିଆ କ୍ରୟ କରାଯାଉଥିବା ଦେଖିବାକୁ ମିଳୁଛି । ଏପରିକି ମାଣ୍ଡିଆ ମଣ୍ଡି ପରିବର୍ତ୍ତେ ମାଣ୍ଡିଆ ବ୍ୟବସାୟୀ ଓ ଦଲାଲ୍ ମାନଙ୍କ ଜରିଆରେ ମାଣ୍ଡିଆ କ୍ରୟ କରି ମଣ୍ଡିରେ ବିକ୍ରି କରିବା ଆଳରେ କୋଟି କୋଟି ଟଙ୍କା ଆତ୍ମସାତ୍ କରାଯାଉଥିବା ସ୍ଥାନୀୟ ଅଞ୍ଚଳର କିଛି ଚାଷୀ ନିଜ ନାମକୁ ଗୋପନ ରଖି କହିଛନ୍ତି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସ୍ଥାନୀୟ ଅଞ୍ଚଳରେ ମଣ୍ଡିରେ ବିକ୍ରି ହେଉଥିବା ମାଣ୍ଡିଆ କୋରାପୁଟର ଲମତାପୁଟ ଓ ଆଖପାଖ ଅଞ୍ଚଳରୁ କୁଇଣ୍ଟାଲ କୁଇଣ୍ଟାଲ ମାଣ୍ଡିଆ ଅଣାଯାଇ ଭୂତ ଚାଷୀଙ୍କ ନାମରେ ବିକ୍ରି କରାଯାଉଥିବା କୁହାଯାଉଛି । ଅନ୍ୟପଟେ ଯେଉଁ ଚାଷୀଙ୍କ ନାମରେ ମାଣ୍ଡିଆ ମଣ୍ଡିରେ ମାଣ୍ଡିଆ ବିକ୍ରି କରାଯାଉଛି ସେମାନେ ଖରିଫ ଋତୁରେ ଅନ୍ୟ ଚାଷ ମଧ୍ୟ ଜଣାପଡିଛି । ଏପରି ସ୍ଥିତିରେ ଜିଲ୍ଲାସ୍ତରରେ ଏକ ଟିମ୍ ଗଠନ କରି ମାଣ୍ଡିଆ ମଣ୍ଡି ଓ ଭାଗଚାଷୀଙ୍କ ସମ୍ପର୍କିତ ତଥ୍ୟର ଉପଯୁକ୍ତ ତଦନ୍ତ କଲେ ମାଣ୍ଡିଆ ମଣ୍ଡି ଗୁଡିକ ପରିଚାଳନା ଆଳରେ କୋଟି କୋଟି ଟଙ୍କାର ଦୁର୍ନୀତିର ଏକ ବଡ ଧରଣର ପର୍ଦ୍ଦାଫାସ ହେବ ବୋଲି ଅଂଚଳବାସୀ ଦାବି କରିଛନ୍ତି ।

## ନିମ୍ନମାନର ରାସ୍ତା କାମକୁ ନେଇ ଅଭିଯୋଗ

# କୋଟି କୋଟି ଟଙ୍କାର ନିର୍ମାଣଧିନ ରାସ୍ତା ନଷ୍ଟ



ବେତନଟୀ, (ଭାସ୍କର ନ୍ୟୁଜ୍ ) : ବେତନଟୀ ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କ ଦୁର୍ନୀତିଖୋର ମନଭାବ ଯୋଗୁଁ ଅତି ନିମ୍ନମାନର ନିର୍ମାଣ ଯୋଗୁଁ କୋଟି କୋଟି ଟଙ୍କାର ରାସ୍ତା ଆଜି ନଷ୍ଟ ହେବାକୁ ଯାଉଛି । ସୂଚନା ଅନୁସାରେ ଏଭଳି ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଗ୍ରାମ ନିର୍ମାଣ ଉପବିଭାଜନ ଅଧିନରେ ଥିବା ସନ୍ତରା ପଞ୍ଚାୟତର ଜୁଗପୁରା ଠାରୁ ଜାମପଦା ରାସ୍ତା । ସେହି ରାସ୍ତାଟି ଅତି ନିମ୍ନମାନର କାର୍ଯ୍ୟ ହୋଇଥିବାରୁ କାର୍ଯ୍ୟର ପାଞ୍ଚ ଦିନ ପରେ ହାତ ମାରିଲେ ରାସ୍ତାରୁ ପିଚୁ ଉଠିଯାଉଥିବା ଦେଖିବାକୁ ମିଳିଛି । ତେବେ ଏହି ରାସ୍ତା କାର୍ଯ୍ୟଟି ୪ କୋଟି ୨୪ ଲକ୍ଷ ୬୫ ହଜାର ଅଟକଳରେ ୩୦/୧୨/୨୦୨୩ ତାରିଖରେ ଆରମ୍ଭ ହୋଇ ୨୯/୦୯/୨୦୨୪ ତାରିଖରେ ଶେଷ ହୋଇଥିବା ଫଳକରେ ଲେଖାଯାଇଛି । ହେଲେ ଏଯାଏ କାମ ସରୁନି ଆଉ ସେପଟେ କାମ ନ ସରୁଣୁ ରାସ୍ତାରୁ ଉଠିଲାଣି ଫଡାଫଡା ପିଚୁ । ତେବେ ସ୍ଥାନୀୟ ଲୋକଙ୍କ ଦୀର୍ଘ ୫୦ ବର୍ଷର ଦାବି ପରେ ଯଦି ରାଜ୍ୟ ସରକାର ଏହି ସନ୍ତରା ପଞ୍ଚାୟତ ପାଇଁ ରାସ୍ତାଟିଏ ଦେଲେ । ହେଲେ ଆଜି ରାସ୍ତାର ଅବସ୍ଥା ଦେଖିଲେ ଲୋକେ କହୁଛନ୍ତି ଆମର ପୂର୍ବ ମାଟି ରାସ୍ତା ବରଂ ଭଲଥିଲା । ତେବେ ଏଭଳି ନିମ୍ନମାନର ରାସ୍ତା କାର୍ଯ୍ୟ ପାଇଁ ସାଧାରଣରେ ଭିଜିଲାନ୍ସ ତଦନ୍ତ କରାଯାଇ ପ୍ରଶାସନ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି ହେଉଛି । ଘଟଣା ସ୍ଥଳରେ ପହଞ୍ଚି ଖବର ସଂଗ୍ରହ କରିବାପରେ ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ଫୋନ୍ କରି ଘଟଣା ସଂମ୍ପର୍କ ପଚାରିବାରୁ ସେ କାମ ଠିକ୍ ହେଉଛି ଏବଂ ପିଚୁ ସେଟ୍ ହେବାକୁ ମିନିମମ୍ ଦୁଇମାସ ଲାଗିବ ତେଣୁ ଲୋକ କିଛି ଜାଣିନାହାନ୍ତି । ତେବେ ଏଠି ଗଣମାଧ୍ୟମ ଆଗରେ ସଠିକ ତଥ୍ୟ ଦେବାକୁ କଣ ପାଇଁ ବେତନଟୀ ଗ୍ରାମ୍ୟ ନିର୍ମାଣ ଉପବିଭାଜନ ବିଭାଗର ସହକାରୀ ନିର୍ବାହୀ ଅଧିକାରୀ ଡରୁଛନ୍ତି । ତାହା ସାଧାରଣରେ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ତେବେ ଏହି ସନ୍ତରା ପଞ୍ଚାୟତର ଜୁଗପୁରା ଠାରୁ ଜାମପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା ନିମ୍ନମାନର ରାସ୍ତା କାର୍ଯ୍ୟର ତଦନ୍ତ କରି ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କି ପଦକ୍ଷେପ ନେଉଛନ୍ତି । ତାହା ଦେଖିବାକୁ ବାକି ରହିଲା ।

## କଇଁଛ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲା ବନ ବିଭାଗ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ) : ଢେଙ୍କାନାଳ ଜିଲ୍ଲା ବ୍ରାହ୍ମଣୀ ନଦୀ କୂଳରେ ମଧୁର ଜଳରେ ବସବାସ କରୁଥିବା କଇଁଛ ମାନଙ୍କର ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛି ବନ ବିଭାଗ । ଭୁବନରେ ଜିରାଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ରାଙ୍କିଆ ଗାଁଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରେଞ୍ଜର ରାକେଶ କୁମାର ଦଳେଇଙ୍କ ନେତୃତ୍ୱରେ ଢେଙ୍କାନାଳ ଡିଏଫଓ ସୁମିତ କର ମୁଖ୍ୟଅତିଥି ଭାବେ ଯୋଗ ଦେଇ କଇଁଛର ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ । ବ୍ରାହ୍ମଣୀ ନଦୀ କୂଳରେ କାବେରୀ, ମୟୁରଚୁଲିଆ, ଅମୁହାଁ, କାମୁଡା ଓ କୁଶଙ୍ଗା ଭଳି ଛଅ ପ୍ରକାରର କଇଁଛ ବସବାସ କରୁଛନ୍ତି । ଯେଉଁମାନେ ନଭେମ୍ବର ମାସରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ରହି ଅଣ୍ଡା ଦେଇ ସେମାନଙ୍କର ବଂଶବୃଦ୍ଧି କରିଥାନ୍ତି । ସେମାନଙ୍କର ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଅଧିକ ସଂଖ୍ୟକ କର୍ମଚାରୀ ଏବଂ ଉଚିତ ବାତାବରଣ ତିଆରି କରାଯାଇଛି । ରାଙ୍କିଆ ଠାରୁ ବୁଢ଼ୀବିଲି ପର୍ଯ୍ୟନ୍ତ ପ୍ରାୟ ୬ ଗୋଟି ଗାଁକୁ କଇଁଛ ସୁରକ୍ଷା ପାଇଁ ସଚେତନତା ସହ ପଦକ୍ଷେପ ଗ୍ରହଣ କରାଯାଇଛି । ବଣସିଂହ, ଶଙ୍କରପୁର, ରାଧାଦେଇପୁର, ରାଙ୍କିଆ ଆଦି ଗାଁ ଗୁଡିକରେ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇ କଇଁଛ ଗୁଡିକର ସୁରକ୍ଷା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିରାଳ ଫରେଷ୍ଟର କବିତା ବିଶ୍ୱାଳଙ୍କ ସମେତ ସ୍ଥାନୀୟ ସରପଂଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦଙ୍କ ସହିତ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

# କେବେ ସୁଧୁରିବ ଅଙ୍ଗନୱାଡି କେନ୍ଦ୍ରର ଅବସ୍ଥା ?

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍ ) : ଅନୁସୂଚିତ ଜାତି ଓ ଜନଜାତି ଅଧୁଷିତ ଅଂଚଳରେ ବସ ବାସ କରୁଥିବା ଜନସାଧାରଣଙ୍କ ଶିକ୍ଷାର ବିକାଶ ନିମନ୍ତେ ସରକାର ଅନେକ ଯୋଜନା ଉପରେ ଯୋଜନା କରୁଛନ୍ତି । ଏଥି ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରୁଛନ୍ତି । କିନ୍ତୁ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକରେ ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନା ଫେଲ ମାରିଛି । ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଦାୟିତ୍ୱହୀନତା ଓ ଅପାରଗତା ଯୋଗୁଁ ଏବେ ବି ଅଞ୍ଚଳର ବହୁ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ, ଦୟନୀୟ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ଅନେକ କେନ୍ଦ୍ର । ସରକାରଙ୍କ ପକ୍ଷରୁ କୋରୁକୋଣ୍ଡା ବ୍ଲକରେ ଗତ ୦୮-୦୩-୧୯୯୨ ମସିହାରେ ସ୍ଥାପନ କରାଯାଇଥିଲା ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ । ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ମା ଓ ଶିଶୁଙ୍କ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ବ୍ଲକର ବିଭିନ୍ନ ଅଞ୍ଚଳରେ ଅଙ୍ଗନୱାଡି କେନ୍ଦ୍ର ମାନ ଖୋଲା ଯାଇଛି । ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକରେ ଥିବା ମୋଟ ୧୭୭ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୨୦ଟି କେନ୍ଦ୍ରର ନିଜସ୍ୱ ଘର ନଥିବାରୁ ଅଧିକାଂଶ କେନ୍ଦ୍ର କାହା ପିଣ୍ଡାରେ, ଗଛ ମୂଳେ ଏବଂ ଖୋଲା ଆକାଶ ତଳେ ଚାଲିଛି ପିଲାଙ୍କ ପାଠପଢା । ଏଭଳି ସ୍ଥିତିରେ ଛୋଟ ଛୋଟ ଶିଶୁ ମାନେ ଅସୁରକ୍ଷିତ ଭାବେ ଓ ବିପଦ ସଙ୍କୁଳ ଅବସ୍ଥାରେ ବସି ପାଠ ପଢୁଥିବା ଦେଖିବାକୁ ମିଳିଛି । କେଉଁଠି ବାରଣ୍ଡାରେ ପ୍ରାକ୍ ବିଦ୍ୟାଳୟ ଚାଲିଛି ଓ ଆଉ କେଉଁଠି କମ୍ୟୁନିଟି ଗୃହ ଏବଂ କୁଡିଆ ଘରେ କୁନି କୁନି ପିଲାମାନଙ୍କର ଭବିଷ୍ୟତ ଗଢା ହେଉଛି । ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ କୋରୁକୋଣ୍ଡା ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନାରେ ଥିବା ୧୭୭ ଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୨୦ କେନ୍ଦ୍ରର ନିଜସ୍ୱ ଘର ନାହିଁ । ଖାଲି ଏତିକିରେ ସରିନି ସମସ୍ୟା, ଦୀର୍ଘ ବର୍ଷ ଧରି ୧୪ଟି କେନ୍ଦ୍ରରେ ଖାଲିପଡ଼ିଛି ସହାୟିକା ପଦବୀ ଓ ଗୋଟିଏ ଅଙ୍ଗନୱାଡି କର୍ମି ପଦବୀ । ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ଦିନ ହେବ କୋରୁକୋଣ୍ଡାରେ ଏହି ବିଭାଗ ଅଧିନରେ ଥିବା ମୋଟ୍ ୬ଟି ସୁପର ଭାଇଜର ପଦବୀ ମଧ୍ୟରୁ ୩ଟି ସୁପର ଭାଇଜର ପଦବୀ ଖାଲି ପଡ଼ିଛି । ଫଳରେ ଚିତାପାରୀ ସେକ୍ଟର ସୁପର ଭାଇଜର୍ ଦାୟିତ୍ୱରେ ଥିବା ସଂଯୁକ୍ତା ନାୟକ, ନାକାମାମୁଡି ସେକ୍ଟରର ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି । ସେହିପରି ସୁପରଭାଇଜର ରଜନୀ ବେହେରାଙ୍କୁ ତାର୍ଲ୍ଲାକୋଟା ଓ କୋରୁକୋଣ୍ଡା ସେକ୍ଟର ଏବଂ ସୁପର ଭାଇଜର ବସନ୍ତି ଲତା ଦେଇଙ୍କୁ କାମୱାଡ଼ା ଓ ତୁମସାପାଲ୍ଲୀ ଦୁଇ ଦୁଇଟି ସେକ୍ଟରର ଦାୟିତ୍ୱ ତୁଲାଉ ଥିବା ଦେଖିବାକୁ ମିଳିଛି । ବିଡମ୍ବନାର ବିଷୟ ଏହି କି ଯେ, କୋରୁକୋଣ୍ଡା ସମନ୍ୱିତ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଅଧିନରେ ଥିବା ମୋଟ୍ ୧୭୭ ଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୨୪ଟି କେନ୍ଦ୍ରର ସୁରକ୍ଷା ପାଚେରୀ ଥିବା ବେଳେ ୧୫୩ ଟି କେନ୍ଦ୍ରରେ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ ସୁରକ୍ଷା ପାଚେରୀ ନିର୍ମାଣ କରାଯାଇ ନାହିଁ । ସେହିପରି ୮୯ ଟି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ୍ ହୋଇଥିବା ବେଳେ ଆଉ ୮୮ ଟି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ କରାଯାଇ ନାହିଁ । ସେହିପରି ୧୦୨ଟି କେନ୍ଦ୍ରରେ ନଳକୂପ ସ୍ଥାପନ କରାଯାଇଥିବା ବେଳେ ଅବଶିଷ୍ଟ ୭୫ଟି କେନ୍ଦ୍ରରେ ନଳକୂପ ସ୍ଥାପନ କରାଯାଇନାହିଁ । ଖାଲି ଏତିକି ନୁହେଁ,ଏବେ ବି ଥିବା ଅଙ୍ଗନୱାଡି କେନ୍ଦ୍ର ଗୁଡିକ ମଧ୍ୟରୁ ଅଧିକାଂଶ କେନ୍ଦ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଭଗ୍ନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି । ବିଭିନ୍ନ ସେକ୍ଟର ଅଧିନରେ ଥିବା କେନ୍ଦ୍ର ଗୁଡ଼ିକର ପରିଦର୍ଶନ କରିବା ନିମନ୍ତେ ସରକାରଙ୍କ ତରଫରୁ ଏକ ଗାଡ଼ିକୁ ଯୋଗାଇ ଦିଆ ଯାଇଥିଲା । କାଳକ୍ରମେ ଏହି ଗାଡ଼ିଟି ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି । କାର୍ଯ୍ୟାଳୟ ପରିସରରେ ଉକ୍ତ ଗାଡିଟି ଦୀର୍ଘ ଦିନ ଧରି ପଡି ରହିବା ପରେ ବିଭାଗ ପକ୍ଷରୁ ଉକ୍ତ ଗାଡ଼ିକୁ ଗତ ତା ୧୬-୧୧-୨୦୨୨ ରିଖରେ ଅକ୍ସନ କରି ପ୍ରାୟ ୫୦୦୦ ଟଙ୍କାରେ ବିକ୍ରି କରାଯାଇଛି । ତେବେ ଏହି ଗାଡ଼ି ଅଚଳ ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ବିଭାଗ ନିକଟରେ ନିଜସ୍ୱ ଗାଡ଼ି ନାହିଁ, ଭଡାରେ ଗାଡ଼ି ବ୍ୟବହାର ହେଉଥିବା ଜଣା ପଡ଼ିଛି । ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ କାମୱାଡ଼ା ସେକ୍ଟର ଅଧିନରେ ଥିବା କାମୱାଡ଼ା -ଇ , ସୋର୍ଲୁକୋଣ୍ଡା -ଇ, କୋରୁକୋଣ୍ଡା ସେକ୍ଟର୍ ଅଧିନରେ ଥିବା ଦୁରୁମାଗୁଡା କେନ୍ଦ୍ର ଗୁଡ଼ିକର ନିଜସ୍ୱ ଗୃହ ନାହିଁ । ତାର୍ଲାକୋଟା ସେକ୍ଟର ଅଧିନରେ ଥିବା ରଙ୍ଗେଇପୁସପାଲୀ କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ନାକାମାମୁଡ଼ି ସେକ୍ଟର ଅଧିନରେ ଥିବା ବାଡଖିଆଗୁଡା, ବାକୁଲି, ବାମ୍ପିଂ, ବାଟଗୁଡ଼ା ମିନି ଅଙ୍ଗନୱାଡି କେନ୍ଦ୍ର, ଦାମଦର ବେଡା, ଗନ୍ଧି ମିନି ଅଙ୍ଗନୱାଡି କେନ୍ଦ୍ର, ଗାଙ୍ଗପଡା, ଜିଶିଂବେଡ଼ା, କାର୍କାଗୁଡା, ଖଜୁରୀଗୁଡ଼ା, କନୀଙ୍ଗି, ମୁଦୁଲି ଗୁଡା ଓ ରାବା ଏପରି ମୋଟ୍ ୨୦ ଟି କେନ୍ଦ୍ରର ନିଜସ୍ୱ ଗୃହ ନଥିବା ଜଣା ପଡ଼ିଛି । ମିଳିଥିବା ସୂଚନା ମୁତାବକ ମୋଟ୍ ୧୭୭ ଟି ଅଙ୍ଗନୱାଡି କେନ୍ଦ୍ର ଅଧିନରେ ମୋଟ୍ ୧୨,୬୪୩ ଜଣ ହିତାଧିକାରୀ ଥିବା ଜଣା ପଡିଛି । ସେମାନଙ୍କ ମଧ୍ୟରୁ ୦-୬ ମାସ ବୟସର ୫୦୦ ଜଣ କୋମଳମତି ଶିଶୁ, ୬ମାସରୁ-୩ ବର୍ଷ ବୟସର ମୋଟ୍ ୩୭୪୫ ଜଣ ଶିଶୁ ଏବଂ ୩ବର୍ଷରୁ ୬ବର୍ଷ ବୟସ ମଧ୍ୟରେ ପ୍ରାୟ ୫୧୮୧ ଜଣ ଶିଶୁ ପ୍ରାକ୍ ଶିକ୍ଷା ଗ୍ରହଣ କରୁଥିବା ଜଣା ପଡ଼ିଛି । ସେହିପରି ଉପରୋକ୍ତ ୧୭୭ କେନ୍ଦ୍ର ଅଧିନରେ ୧୯୫୭ ଜଣ କିଶୋରୀ ବାଳିକା, ୫୦୦ ଜଣ ପ୍ରସୂତି ମହିଳା ଓ ୭୬୦ ଜଣ ଗର୍ଭବତୀ ମହିଳା ଏହି ବିଭାଗରେ ସେମାନଙ୍କର ନାମ ପଞ୍ଜୀକୃତ କରାଯାଇ ସେମାନଙ୍କୁ ପୃଷ୍ଟିକର ଖାଦ୍ୟ ସହ ସରକାରଙ୍କ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଉଛି । କୁନି କୁନି ପିଲାଙ୍କ ଭବିଷ୍ୟତକୁ ଆଲୋକ ଦେଉଥିବା ଅଙ୍ଗନୱାଡି କେନ୍ଦ୍ର ଯେତେବେଳେ ଅନ୍ଧାରରେ, ସେତେବେଳେ ପ୍ରାଥମିକ ଶିକ୍ଷାବ୍ୟବସ୍ଥାର ଅବ୍ୟବସ୍ଥାକୁ ନେଇ ଉଠିଛି ଅନେକ ପ୍ରଶ୍ନ । କୋରୁକୋଣ୍ଡା ବ୍ଲକରେ ଆଜିକୁ ପ୍ରାୟ ୧୭ ଜଣ ସିଡିପିଓ ବଦଳିଛନ୍ତି, କିନ୍ତୁ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ବର୍ଷ ବର୍ଷ ଧରି ଯୋଜନା ହେଉଛି, କିନ୍ତୁ ସେଗୁଡିକ ଅଟକି ରହିଛି । ଏ ସମ୍ପର୍କରେ କୋରୁକୋଣ୍ଡା ଭାର ପ୍ରାପ୍ତ ସିଡ଼ିପିଓ ରଜନୀ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, କେନ୍ଦ୍ର ଗୁଡ଼ିକରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଗୁଡ଼ିକର ସମାଧାନ କରିବା ନିମନ୍ତେ ବିଭାଗ ପକ୍ଷରୁ ପୂର୍ବରୁ ବହୁବାର ବ୍ଲକ୍ କର୍ତୃପକ୍ଷ, ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନଙ୍କୁ କାର୍ଯ୍ୟାଳୟ ପକ୍ଷରୁ ବହୁବାର ଚିଠି ପ୍ରଦାନ କରାଯିବା ସହ ଏ ସଂପର୍କରେ ଅବଗତ ମଧ୍ୟ କରାଯାଇଅଛି ବୋଲି କହିଥିଲେ ।

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

# ଚାକିରି ପାଇଁ ମନୋନୀତ ହୋଇଥିବା ୩୯ଙ୍କୁ ନିଯୁକ୍ତି ପତ୍ର




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାକୁ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଘନଶ୍ୟାମ ସା ଏହି ନିଯୁକ୍ତି ମେଳାର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ଥିବା ଚାକିରୀ ଆଶାୟୀ ଯୁବକ ଓ ଯୁବତୀମାନଙ୍କୁ ଉଦବୋଧନ ଦେଇଥିଲେ । ଏହି ନିଯୁକ୍ତି ମେଳାରେ ମେଡପ୍ଲସ, ଅରବିନ୍ଦ ଲିମିଟେଡ, ଅସ୍ମିତା ହଲିଡେ, ଏସଏସଡିପି କଂସଲ୍ଟିଂ ଆଣ୍ଡ ସର୍ଭିସେସ ପ୍ରାଇଭେଟ ଲିମିଟେଡ, ଅନୁଦିପ ଫାଉଣ୍ଡେସନ, ମୁକ୍ତି ସେବା ଫାଉଣ୍ଡେସନ, ସାହି ଏକ୍ସପର୍ଟ, କେଏଲଆର ଗ୍ରୁପ, ପିନାକଲ ଏଚଆର, ମଦର ସନ ସୁମୀ, ଏସ ଆଣ୍ଡ ଏନ ଷ୍ଟାଫିଙ୍ଗ, ପାୟିକ୍ ସେଣ୍ଟିନେଲ୍ସ, ସୁରକ୍ଷା ହେଲଥ କେୟାର, ସହନ କ୍ଲୋଥିଂ, ଅରେଞ୍ଜ କ୍ରସ, ଗ୍ରାମ ତରଙ୍ଗ ଆଦି ୬୦ ଗୋଟି ନିଯୁକ୍ତି ପ୍ରଦାନକାରୀ ଓ ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ । ଏହି ନିଯୁକ୍ତି ମେଳାରେ ୧୫୭୫ ଜଣ ଚାକିରୀ ଆଶାୟୀ ଯୁବକଯୁବତୀ ଅଂଶଗ୍ରହଣ କରିଥିଲେ ଏବଂ ୭୫୭ ଜଣ ଆଶାୟୀ ଯୁବକଯୁବତୀ ଅଂଶଗ୍ରହଣ କରିଥିବା ଚାକିରୀ ପ୍ରଦାନକାରୀ ସଂସ୍ଥା ଦ୍ୱାରା ଚାକିରୀ ପାଇଁ ମନୋନୀତ ହୋଇଥିଲେ ଏବଂ ୩୯ ଜଣ ଯୁବକଯୁବତୀଙ୍କୁ ଉପସ୍ଥିତ ଥିବା ଅତିଥିମାନଙ୍କ ଦ୍ୱାରା ନିଯୁକ୍ତି ପତ୍ର ବଣ୍ଟାଯାଇଥିଲା । ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଲିତା ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଉପ ଜିଲ୍ଲାପାଳ ଅରୁଣ ନାୟକ, ସରକାରୀ ପଲିଟେକ୍ନିକ କେନ୍ଦ୍ରାପଡ଼ାର ଅଧ୍ୟକ୍ଷ ଗୁଣନିଧି ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ସଞ୍ଜୟ କୁମାର ରଥ ପ୍ରମୁଖ ଯୋଗଦେଇ ଆଶାୟୀ ଯୁବକଯୁବତୀଙ୍କୁ ଉତ୍ସାହ ପ୍ରଦାନ କରିଥିଲେ । ଏହି ନିଯୁକ୍ତି ମେଳାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଅଧ୍ୟକ୍ଷ, ସରକାରୀ ଆଇଟିଆଇ, ପଟ୍ଟାମୁଣ୍ଡାଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତ୍ରିଭୁବନ ଜୟସିଂ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଉପସ୍ଥିତ ଥିବା ଅତିଥିମାନେ ଦକ୍ଷତା ବିକାଶ ମାଧ୍ୟମରେ ଆଶାୟୀ ଯୁବକ ଓ ଯୁବତୀମାନେ କିଭଳି ନିଜର ଜୀବିକା ଅର୍ଜନ କରିପାରିବେ ଏବଂ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମାନବ ସମ୍ବଳର ବିକାଶ ସହ ଅର୍ଥନୈତିକ ସ୍ୱଚ୍ଛଳତା ପାଇଁ ଦକ୍ଷତା ବିକାଶ ଏକାନ୍ତ ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ଦକ୍ଷତା ବିକାଶ କାର୍ଯ୍ୟାଳୟର ୱାଇ.ପି ରିଚା ବିଶ୍ୱାଳ, ସିଏମଏସଡିଏଫ ଶ୍ରଦ୍ଧାଞ୍ଜଳୀ ପ୍ରଧାନ, ଜିତେନ୍ଦ୍ର କୁମାର ସେଠୀ, ଆଶୁତୋଷ ତ୍ରିପାଠୀ ଏବଂ ହରିଚନ୍ଦନ ରାଉତ ପ୍ରମୁଖ ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ମେଳାର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



ଭଞ୍ଜନଗର (ଭାସ୍କର ନ୍ୟୁଜ୍) : କଡା ସୁରକ୍ଷା ମଧ୍ୟରେ+୨ ବିଜ୍ଞାନ ପରୀକ୍ଷା ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଭଞ୍ଜନଗର ସହରର ଉଭୟ କେଏସୟୁବି କଲେଜ ଓ ସାବିତ୍ରୀ ମହିଳା କଲେଜ ପରିସରରେ ଏଥିପାଇଁ ଦୁଇଟି ହବ୍ ପ୍ରସ୍ତୁତ କରାଯାଇଛି। ମଙ୍ଗଳବାର+ ୨ ବିଜ୍ଞାନ ମାତୃଭାଷା ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ବୁଧବାର ଠାରୁ +୨ କଳା ର ପରୀକ୍ଷା ଆରମ୍ଭ ହେବ। ସ୍ଥାନୀୟ କେଏସୟୁବି କଲେଜ ପରୀକ୍ଷା କେନ୍ଦ୍ରରେ ବିଜ୍ଞାନ ଷ୍ଟ୍ରିମ୍‌ର ୧୯୭ ଜଣ ନିୟମିତ ପରୀକ୍ଷାର୍ଥୀ, ୧୫ଜଣ ଏକ୍ସ-ରେଗୁଲାର ଓ ଘୁମୁସର ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୩୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା କେନ୍ଦ୍ର ସଞ୍ଚାଳକ ତଥା ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାଶ ସୂଚନା ଦେଇଛନ୍ତି। ଏହି ହବ୍‌ରୁ ମୁଜାଗଡ, ଗାଲେରୀ, କେନ୍ଦୁପଦର, କ୍ଷେତ୍ରୀୟ ବରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସହ ଗୋବରା ମହିଳା ମହାବିଦ୍ୟାଳୟକୁ କଡା ସୁରକ୍ଷା ମଧ୍ୟରେ ସକାଳ ୮ଟାରୁ ପ୍ରଶ୍ନପତ୍ର ପଠାଇ ଦିଆଯାଇଥିବା ଅଧ୍ୟକ୍ଷ ଦାଶ ସୂଚନା ଦେଇଛନ୍ତି। ସେହିପରି ସ୍ଥାନୀୟ ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଏହି କଲେଜର ୧୪୨ଜଣ ଛାତ୍ରୀ ମଙ୍ଗଳବାର ମାତୃଭାଷା ଓଡ଼ିଆ ଭାଷା ସାହିତ୍ୟ ଉପରେ ପରୀକ୍ଷା ଦେଇଛନ୍ତି। ସାବିତ୍ରୀ ମହିଳା ମହାବିଦ୍ୟାଳୟ ପ୍ରଶ୍ନପତ୍ର ହବ୍‌ରୁ କଡ଼ା ସୁରକ୍ଷା ମଧ୍ୟରେ ସକାଳ ୮ଟାରେ ପ୍ରଶ୍ନପତ୍ର ପ୍ୟାକେଟ ରିଲିଜ୍ କରାଯାଇ ଏଠାରୁ ବେଲଗୁଣ୍ଠା ବିଜ୍ଞାନ ମହାବିଦ୍ୟାଳୟ, ବେଲଗୁଣ୍ଠା ମହିଳା ମହାବିଦ୍ୟାଳୟ, ବିଡ଼ିପୁର କଲେଜ, ଜଗନ୍ନାଥ ପ୍ରସାଦ କଲେଜ ସହ କଳିଙ୍ଗ ପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଜଣେ ଅଧ୍ୟାପକଙ୍କ ସହ ପଠାଯାଇଛି ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୁଶାନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି +୨ ପରୀକ୍ଷା ଚଳିତ ମାସ ୨୭ ତାରିଖ ଯାଏଁ ଚାଲିବ।

# ଉଠା ଦୋକାନୀଙ୍କ ବଢୁଛି ଦୁର୍ଦ୍ଦଶା, ଥଇଥାନ କେବେ ?



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ବର୍ଷ ବର୍ଷ ଧରି ଚଣ୍ଡିଖୋଲ ଛକ ବଜାରର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଭାବେ ବ୍ୟବସାୟ କରି ଆସୁଥିବା ଉଠା ଦୋକାନୀଙ୍କୁ କେବେ ସ୍ଥାୟୀ ଭାବେ ଥଇଥାନ କରାଯିବ ଏନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ମୁତାବକ ଚଣ୍ଡିଖୋଲ ଛକଟି ୧୬ ଓ ୫୩ ନମ୍ବର ଆଦି ଦୁଇଟି ଜାତୀୟ ରାଜପଥର ସଂଯୋଗ ସ୍ଥଳ। ଏହି ଚଣ୍ଡିଖୋଲ ଛକ ଦେଇ ଦୁଇଟି ରାଜପଥ ଯାଇ ଥିବାରୁ ଏହାର ରାସ୍ତା କଡ଼ରେ ଏକ ହଜାରରୁ ଅଧିକ ଉଠା ଦୋକାନୀ ଅସ୍ଥାୟୀ ଭାବେ କିଏ ଜରି ପାଲ ତଳେ ତ ଆଉ କିଏ ଛତା ତଳେ ରହି ଅତି ଦୟନୀୟ ଭାବେ ପସରା ମେଲାଇ ବିଭିନ୍ନ କିସମର ବ୍ୟବସାୟ କରି ଆସୁଛନ୍ତି। ବିଶେଷ କରି ପରିବା, ଚାହା, ପାନ, ଜଳଖିଆ, ମାଛ ଓ ମାଂସ ଆଦି ବ୍ୟବସାୟ କରି ଅସ୍ଥାୟୀ ବ୍ୟବସାୟୀ ମାନେ ନିଜ ନିଜର ପରିବାର ପ୍ରତି ପୋଷଣ କରୁଛନ୍ତି। ହେଲେ ସେମାନଙ୍କ ପାଇଁ ସ୍ଥାୟୀ ଭାବେ ରହି ବ୍ୟବସାୟ କରିବାକୁ କୌଣସି ପଦକ୍ଷେପ ଆଜି ପର୍ଯ୍ୟନ୍ତ ନିଆଯାଇ ନାହିଁ। ଅନେକ ସମୟରେ ରାସ୍ତା ପ୍ରଶସ୍ତିକରଣ ସହିତ ବିଭିନ୍ନ କାରଣ ଦର୍ଶାଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏମାନଙ୍କୁ ହଟାଇ ଦେଇଥାନ୍ତି। ଫଳରେ ବ୍ୟବସାୟୀ ମାନେ ସେତେବେଳେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେବେ ଏମାନଙ୍କୁ ସ୍ଥାୟୀ ଭାବେ ବ୍ୟବସାୟ କରିବା ପାଇଁ ସରକାରଙ୍କ ପାଖରେ ବହୁବାର ଦାବି କରିବା ସହିତ ଆନ୍ଦୋଳନ କରି ଆସୁଥିଲେ ମଧ୍ୟ ପୂର୍ବ ସରକାର ଏମାନଙ୍କ ଦାବି ପ୍ରତି ଆଦୌ ଗୁରୁତ୍ୱ ଦେଇନାହିଁ। ଏପରିକି ଏମାନେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଉପ ଜିଲ୍ଲାପାଳ ଓ ତହସିଲଦାରଙ୍କ ପାଖରେ ଦାବିପତ୍ର ଦେଇ ନ୍ୟାୟ ଭିକ୍ଷା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବଡ଼ ଦହଗଞ୍ଜରେ ଖରା ବର୍ଷା ଶୀତ କାକରରେ ପଡି ରହି ଏହି ଉଠା ଦୋକାନୀ ମାନେ ଏଠାରେ ବ୍ୟବସାୟ କରିଆସୁଛନ୍ତି। ତେଣୁ ଏମାନଙ୍କୁ ସବୁଦିନିଆ ଥଇଥାନ ପାଇଁ ନୂଆ ସୁଙ୍ଗୁଡା ଗୋଲେଇ ଛକ ଠାରୁ ଚଣ୍ଡିଖୋଲ ଛକ ପରିବା ମାର୍କେଟ ପର୍ଯ୍ୟନ୍ତ ରହିଥିବା ଏକ ବିରାଟ ପିଟକୁ ପୋତାଯାଇ ସେହି ସ୍ଥାନରେ ଏହି ଅସ୍ଥାୟୀ ବ୍ୟବସାୟୀ ମାନଙ୍କୁ ସ୍ଥାୟୀ ଭାବେ ଥଇଥାନ କରାଯାଇ ପାରିଲେ ଏମାନଙ୍କ ଦୁଃଖ ଦୁର୍ଦ୍ଦିନର ଅନ୍ତଃ ଘଟନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଥଇଥାନ କରିବା ଆଳରେ ସେମାନଙ୍କୁ ଜୋର ଜବରଦସ୍ତ ବଟି ଆଦାୟ କରାଯାଉଛି। ଏହା ଜତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଜାଗା ହୋଇଥିବାରୁ ଏହି ଆଦାୟକୁ ବନ୍ଦ କରିବାକୁ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଏହାକୁ ବନ୍ଦ କରାନଗଲେ ଆଇନର ଆଶ୍ରୟ ନିଆଯିବ ବୋଲି ଚଣ୍ଡିଖୋଲ ଅସ୍ଥାୟୀ ବ୍ୟବସାୟୀ ସଂଘ ଦ୍ୱାରା ନିଷ୍ପତ୍ତି ନିଆଯାଇଛି।

## ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ପାଇଁ ଆସିଥିଲେ ମହିଳା

# ଖାଦ୍ୟ ନଳୀ କାଟିଦେଲେ ଡାକ୍ତର



ଧାମନଗର (ଭାସ୍କର ନ୍ୟୁଜ୍) : ଦୋବଲ ନିକଟସ୍ଥ କରଦା ପଞ୍ଚାୟତ ମାଳସାହି ଗ୍ରାମର ସଦାନନ୍ଦ କରଙ୍କ ଝିଅ ସ୍ୱୟଂପ୍ରଭା କର ଗତମାସ ୩୦ ତାରିଖ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଇବା ପାଇଁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଡାକ୍ତର ଅସ୍ତ୍ରୋପଚାର ବେଳେ ଖାଦ୍ୟ ନଳୀ କାଟି ଦେଇଥିବା ଅଭିଯୋଗ ହୋଇଛି। ଅନଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ପାଇଁ ମାସେ ହେବ କଟକ ମେଡ଼ିକାଲରେ ଯନ୍ତ୍ରଣା ଭୋଗୁଛନ୍ତି ସ୍ୱୟଂପ୍ରଭା। ଗତ ମାସ ପରିବାର ନିୟନ୍ତ୍ରଣ ପାଇଁ ଧାମନଗର ମେଡିକାଲ ଦ୍ୱାରା ପ୍ରଚାର ହୋଇଥିଲା। ଏହାଶୁଣି ସ୍ୱୟଂପ୍ରଭା ଯାଜପୁର ଶ୍ୱଶୁର ଘରୁ ଆସି କରଦାସ୍ଥିତ ବାପଘରେ ପହଞ୍ଚି ଧାମନଗର ମେଡ଼ିକାଲରେ ୩୦ ତାରିଖ ଅସ୍ତ୍ରୋପଚାର କରାଇବାକୁ ଆଡ଼ମିଶନ ହୋଇଥିଲେ। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ମନ୍ମୟ ସାମନ୍ତ ସିଙ୍ଗାର ଲାପ୍ରୋସ୍କୋପି ମାଧ୍ୟରେ ଅପରେସନ କରିବା ସମୟରେ ଖାଦ୍ୟ ନଳୀରେ ଏକ ଛିଦ୍ର କରି ଦେଇଥିଲେ। ଏହା ପରେ ପେସେଣ୍ଟର ଅବସ୍ଥା ଗୁରୁତର ଆଡ଼କୁ ଗତି କରିଥିଲା। ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପ୍ରଚାର ଜଣାପଡ଼ିଯିବା ଭୟରେ ପରିବାର ଲୋକଙ୍କୁ ଡାକ୍ତର ମିଛ କଥା କହିଁ ମହିଳାଙ୍କୁ ପ୍ରାଥମିକ ଚିକିତ୍ସା କରି ତୁରନ୍ତ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। ଏହି ସମୟରେ ମହିଳାଙ୍କୁ ଭଲ କରିବା ପାଇଁ ଭଦ୍ରକରୁ ଜଣେ ଡାକରଙ୍କୁ ଡକାଇ ପେଟ ଚିରି ଖାଦ୍ୟ ନଳିକୁ ସଜାଡିବା ପାଇଁ ମଧ୍ୟ ଚେଷ୍ଟା କରିଥିଲେ। ସେଥିରେ ସଫଳ ହୋଇନଥିଲେ। ତେବେ ପରିବାର ଲୋକେ ୩୧ ତାରିଖ କଟକ ମେଡ଼ିକାଲ ନେବା ପରେ ସବୁ ସତ ଜଣାପଡିଥିଲା। ସେଠାରେ ତାଙ୍କର ଅପରେସନ ହୋଇ ଦୀର୍ଘ ୧୬ ଦିନ ଚିକିତ୍ସା ପରେ ଗତ ରବିବାର ସ୍ୱୟଂପ୍ରଭା କଟକ ମେଡିକାଲରୁ ଘରକୁ ଫେରି ବିଛଣାରେ ପଡ଼ିରହିଛନ୍ତି। ତାଙ୍କର ଗୋଟିଏ ୬ ବର୍ଷର ପୁଅ ଓ ଆଉ ଗୋଟିଏ ୬ ମାସର ଶିଶୁ କନ୍ୟା। ଡାକ୍ତରଙ୍କ ଏଭଳି ତ୍ରୁଟି ପାଇଁ ଏବେ ୬ ମାସର ଶିଶୁ କନ୍ୟା ମା' କ୍ଷୀରରୁ ବଞ୍ଚିତ ହୋଇଛି। ଅନ୍ୟପକ୍ଷେ ସ୍ୱୟଂପ୍ରଭା ପ୍ରତ୍ୟେକ ମାସରେ ଦୁଇଥର କଟକ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କରାଇବାକୁ ଡାକ୍ତର କହିଥିବା ବେଳେ ପରିବାର ଆର୍ଥିକସ୍ଥିତି ଖରାପଥିବାରୁ କିପରି ଚିକିତ୍ସା କରାଇବେ ସେନେଇ ଚିନ୍ତାରେ। ଏନେଇ ଅସ୍ତ୍ରୋପଚାର କରିଥିବା ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ମନ୍ମୟ ସାମନ୍ତ ସିଙ୍ଗାରଙ୍କୁ ପଚରିବାରୁ ଘଟଣାକୁ ସ୍ୱୀକାର କରିବା ସହ ତାଙ୍କର ପୂର୍ବରୁ ଗୋଟିଏ ମେଜର ଅପରେସନ ହୋଇଥଲା। ତେଣୁ ଅସ୍ତ୍ରପ୍ରଚାର ବେଳେ ଖାଦ୍ୟ ନାଡରେ ବାଜିଯାଇଥିଲା। ପ୍ରାଥମିକ ଚିକିତ୍ସା କରି କଟକ ମେଡିକାଲରୁ ପଠାଇଥିଲୁ। ଏଣୁ ଏଭଳି ଅନଭିଜ୍ଞ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଲୋକେ ଦାବି କରିଛନ୍ତି।

# ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ମନରେଗା ଶ୍ରମିକଙ୍କ ଗଣଧାରଣା

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଓଡିଶା ମନରେଗା ଶ୍ରମିକ ୟୁନିଅନ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ମନରେଗା ଶ୍ରମିକଙ୍କ ୧୫ ଦଫା ଦାବି ନେଇ ଗୁରୁବାର ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଶାଳ ଗଣଧାରଣା ଦିଆଯାଇଥିଲା। ପୂର୍ବରୁ ୧୧ ତାରିଖରେ ଉକ୍ତ ସମସ୍ୟା ନେଇ ମନରେଗା ଶ୍ରମିକ ୟୁନିଅନ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଏକ ଦାବିପତ୍ର ଗଞ୍ଜାମ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ସମସ୍ୟା ସମାଧାନ ଲାଗି କୌଣସି ପଦକ୍ଷେପ ନନିଆଗଲେ ୨୦ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଶାଳ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଦାବିଗୁଡିକ ମଧ୍ୟରେ ଦୈନିକ ସର୍ବନିମ୍ନ ମଜୁରୀ ୭୦୦ ଟଙ୍କାକୁ ବୃଦ୍ଧି ଏବଂ ପରିବାରର ଦୁଇଜଣ ସଦସ୍ୟଙ୍କୁ ନିଶ୍ଚିତ କାମ, ବର୍ଷ ସାରା କାମ ଯୋଗାଇ ଦେବାର ସୁବ୍ୟବସ୍ଥା, ସର୍ବନିମ୍ନ ମଜୁରୀ ଠାରୁ କମ୍ ପ୍ରଦାନ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ସ୍ୱତନ୍ତ୍ର କଲ୍ୟାଣ ବୋର୍ଡ ଓ ସାମାଜିକ ନ୍ୟାୟ ପାଇଁ ସୁବ୍ୟବସ୍ଥା, ୫୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ଶ୍ରମିକଙ୍କ ପାଇଁ ମାସିକ ୧୦ ହଜାର ଟଙ୍କାର ପେନସନ, କାମ କରିବାର ୭ ଦିନ ମଧ୍ୟରେ ଶ୍ରମିକଙ୍କ ଆକାଉଣ୍ଟକୁ ମଜୁରୀ ପ୍ରଦାନ ଆଦି ରହିଛି । ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏ ସମ୍ପର୍କୀୟ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା




## ମାଟ୍ରିକ ପରୀକ୍ଷା ସୁପରିଚାଳନା ପାଇଁ ବିଇଓଙ୍କ ସ୍ୱତନ୍ତ୍ର ବୈଠକ

# ୫ଟି କେନ୍ଦ୍ରରେ ୯୨୨ଜଣ ପରୀକ୍ଷାର୍ଥୀ

### ନିଜ ନିଜ ଅଞ୍ଚଳ ଉପରେ ନଜର ରଖିବେ ବିଡ଼ିଓ ଓ ତହସିଲଦାର



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଫେବୃଆରୀ ୨୧ରୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୫ଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ମାଟ୍ରିକ ପରୀକ୍ଷାକୁ ସ୍ୱଚ୍ଛତା ଓ ସୁପରିଚାଳନା ପାଇଁ ଗୁରୁବାର ଦିନ ମଣ୍ଡଳ ଶିକ୍ଷାଅଧିକାରୀଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ୫ଟି ପରୀକ୍ଷା କେନ୍ଦ୍ର ମଧ୍ୟରେ ଐଶାନେଶ୍ୱର ବିଦ୍ୟାପୀଠ ଅଠତିରାରେ ୨୬୭ଜଣ ପରୀକ୍ଷାର୍ଥୀ, ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ୧୯୫ଜଣ ପରୀକ୍ଷାର୍ଥୀ, ପାଟଳଦା ଉଚ୍ଚ ବିଦ୍ୟାଳୟରେ ୧୬୨ଜଣ ପରୀକ୍ଷାର୍ଥୀ, ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦରରେ ୧୮୭ଜଣ ପରୀକ୍ଷାର୍ଥୀ ଓ ଜନତା ହାଇସ୍କୁଲ ବନ୍ତିଲୋରେ ୧୧୧ଜଣ ପରୀକ୍ଷାର୍ଥୀ ଥିବା ବେଳେ ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ କେନ୍ଦ୍ର କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଛି। ମଣ୍ଡଳ ଶିକ୍ଷାଅଧିକାରୀ ଶତ୍ରୁଘ୍ନ ବେହେରାଙ୍କ ପୌରୋହିତ୍ୟରେ ସମସ୍ତ ପରୀକ୍ଷା କେନ୍ଦ୍ରର ପ୍ରଧାନଶିକ୍ଷକ ତଥା ପରିଚାଳକ, ଉପନିୟନ୍ତ୍ରକ, ପର୍ଯ୍ୟବେକ୍ଷକ ଓ ପ୍ରଶ୍ନପତ୍ର ବିତରକ ମାନେ ଉପସ୍ଥିତ ଥିଲେ। ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀ ମାନଙ୍କ ଯେଭଳି କୌଣସି ସମସ୍ୟା ନହୁଏ ସେଥିପ୍ରତି ଗୁରୁତ୍ୱଦେବା ସହିତ ପରୀକ୍ଷାରେ ସ୍ୱଚ୍ଛତା ରଖିବା, ସମ୍ପୂର୍ଣ୍ଣ ସରକାରୀ ନୀତି ନିୟମରେ ପରୀକ୍ଷା ପରିଚାଳନା କରିବା, ପ୍ରତ୍ୟେକ କେନ୍ଦ୍ରରେ ସଠିକ ସମୟରେ ପ୍ରଶ୍ନପତ୍ର ପହଞ୍ଚାଇବା ଏବଂ ଉତ୍ତର ପତ୍ର ସଂଗ୍ରହ କରିବା ଆଦି କାର୍ଯ୍ୟକ୍ରମକୁ କିଭଳି ସୁଚାର ରୂପେ କରାଯାଇ ପାରିବ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି। ଅପରପକ୍ଷେ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ପରୀକ୍ଷାରେ ଯେଭଳି କୌଣସି ତ୍ରୁଟି ନରୁହେ ସେ ଉପରେ କଡ଼ା ନଜର ରଖିବାକୁ ନିଜ ଅଞ୍ଚଳର ପରୀକ୍ଷା ପରିଚାଳନା ଦାୟିତ୍ୱ ବିଡ଼ିଓ ଓ ତହସିଲଦାର ଦେଖିବେ।

## ପିତାତୋଳି ଅନ୍ନପୂର୍ଣ୍ଣେଶ୍ୱରୀ ଯାତ୍ରା ନିମନ୍ତେ

# ଶାନ୍ତି କମିଟି ଗଠନ ପାଇଁ ବୈଠକ

ଚିକିଟି (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପିତାତୋଳି ଗ୍ରାମର ଅନ୍ନପୂର୍ଣ୍ଣେଶ୍ୱରୀ ଠାକୁରାଣୀ ଯାତ୍ରା ନିମନ୍ତେ ଆଜି ତହସିଲ କାର୍ଯ୍ୟାଳୟରେ ଥିବା ସମ୍ମଳଣି କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ସ୍ଥାନୀୟ ତହସିଲଦାର ବିଶ୍ୱରଂଜନ କଁହରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଥିବା ବେଳେ ଏଠାରେ ଅତରିକ୍ତ ତହସିଲଦାର ଶାସ୍ୱତୀ ଷଡ଼ଙ୍ଗୀଙ୍କ ସହ ଗୋଳନ୍ଥରା ଥାନା ଅଧିକାରୀ ଯୋଗ ଦାନ କରି ବହୁଦିନର ଲାଗିରହିଥିବା ବାଦବିବାଦ ମଧ୍ୟରେ ଆଗକୁ ହେବାକୁ ଯାଉଥିବା ଯାତ୍ରା କିଭଳି ଶାନ୍ତିପୂର୍ଣ ଭାବରେ ଅନୁଷ୍ଠିତ ହେବ ସେ ଉପରେ ଆଲୋଚନା ପର୍ଯ୍ୟାଲୋଚନା ଲାଗି ରହିଥିବା ବେଳେ କୌଣସି ନିଷ୍କର୍ଷ ବାହାରିନଥିଲା। ଶେଷରେ ବହୁବାଦ ବିବାଦ ଘଟି କୌଣସି ନିଷ୍କର୍ଷ ନବାହାରିବାରୁ ଶେଷରେ ତହସିଲଦାର ଉଭୟ ଗୋଷ୍ଠି ମଧ୍ୟରୁ ପ୍ରତ୍ୟୋହ ପନ୍ଦର ଜଣ ଲେଖା ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରିବା ପାଇଁ ଆଦେଶ ଦେଇଥିଲେ। ଏହି କମିଟିର ମୁଖ୍ୟ ଉଦ୍ଦେଶ୍ୟ ହେଲା ଯାତ୍ରା ସମୟରେ ଆଇନ ଶୃଙ୍ଖଳାକୁ ବଜାୟ ରଖିବା ସହ ଗ୍ରାମ ମଧ୍ୟରେ କୌଣସି ପ୍ରକାର ଅଶାନ୍ତି ଯେପରି ନଘଟିବ ସେ ଉପରେ ଏକ ଲିଖିତ ଭାବରେ ଦେବାକୁ ପଡିବ ବୋଲି ତହସିଲଦାର ଆଦେଶ ପ୍ରଦାନ କରିଥିଲେ। ଏହି କ୍ରମରେ ତହସିଲଦାର, ଅତରିକ୍ତ ତହସିଲଦାର, ଥାନା ଅଧିକାରୀଙ୍କ ସହ ରାଜସ୍ୱ ନିରକ୍ଷକ ସୁପର ଭାଇଜର ବିଶ୍ୱନାଥ ବେହେରା ଯୋଗଦାନ କରିଥିଲେ।

# ଧୋବାପାଳ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ



କଣିହାଁ (ଭାସ୍କର ନ୍ୟୁଜ୍) : ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସାନତ୍ରିବିଡା ପଞ୍ଚାୟତ ଧୋବାପାଳ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମ୍ୟ ଅଷ୍ଟପ୍ରହରୀ ପରିଚାଳନା କମିଟି ଏବଂ ଗ୍ରାମ୍ୟ କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଅବସରରରେ ଗତ ସୋମବାର ଠାରୁ ୩ଦିନ ଧରି ଏହି ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଗ୍ରାମର ମହିଳାମାନେ ସିଙ୍ଗିଡାଜୋରରୁ ପୂଜାର୍ଚ୍ଚନା କରି କଳସ ଯାତ୍ରାରେ ବାହାରି ଗ୍ରାମର ପୂଜାମଣ୍ଡପ ଠାରେ ପହଞ୍ଚି କଳସ ସ୍ଥାପନା କରିବା ସହିତ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ନିମାଇଁ ଚରଣ ତ୍ରିପାଠୀ ପୂଜକ ଦାୟିତ୍ୱ ତୁଲାଇଥିଲେ। ଏହି ଅଷ୍ଟପ୍ରହର ନାମଯଜ୍ଞରେ ପବିତ୍ର ମୋହନ ସାହୁ କର୍ତ୍ତା ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳର ଜନାପଡା, ରନ୍‌ପୁର, ବାଙ୍ଗୁରା ଓ ଅନୁଗୋଳ ଜିଲ୍ଲାର ତାଳଚେର ଡଅଁରା ଓ କଣିହାଁ ଅଞ୍ଚଳରୁ ୧୫ରୁ ଅଧିକ ନାମ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ସାମିଲ ହୋଇଥିଲେ। ସମସ୍ତ ସଂକୀର୍ତ୍ତନ ମଣ୍ଡଳୀକୁ ଗ୍ରାମର ଚୈତନ୍ୟ ନଦିଆଁ ସଂକୀର୍ତ୍ତନ ଓ ମହିଳା ସଂକୀର୍ତ୍ତନ ମଣ୍ଡଳୀ ସ୍ୱାଗତ କରିଥିଲେ। ଏହାକୁ ଦେଖିବା ପାଇଁ ଆଖପାଖ ଗ୍ରାମର ହଜାର ହଜାର ଲୋକେ ବିଭୁକୃପା ଲାଭକରି ଥିଲେ। ପ୍ରତ୍ୟେକ ଦିନ ଗ୍ରାମ୍ୟ ପରିଚାଳନା କମିଟି ପକ୍ଷରୁ ଭକ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜରଡା ସୀତାରାମ ଆଶ୍ରମର ବାବା ଭୀମସେନ ଦାସ ମହାରାଜ, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସନ୍ତୋଷ ପ୍ରଧାନ, ବିଧାୟକ ପ୍ରତିନିଧି ତଥା ତାଳଚେର ସୁରକ୍ଷା ମଞ୍ଚ ସଭାପତି ମୁରଲୀଧର ସାହୁ, କଣିହାଁ ୯ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁ, ସରପଞ୍ଚ ସୁଜାତା ପ୍ରଧାନ, ଶାନ୍ତନୁ ପ୍ରଧାନ, ବୃନ୍ଦାବନ ପ୍ରଧାନ, ସମିତି ସଦସ୍ୟ ମିନାକ୍ଷୀ ସାହୁ, କିଶୋର ଚନ୍ଦ୍ର ବେହେରା, ଦିବ୍ୟଜ୍ୟୋତି ପ୍ରଧାନ, ଦିପ୍ତିମୟୀ ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଗ୍ରାମ୍ୟ କମିଟି ସଭାପତି ଭୀମ ସାହୁ, ସମ୍ପାଦକ ସଦାନନ୍ଦ ପ୍ରଧାନ, ଅଷ୍ଟପ୍ରହରି ପରିଚାଳନା କମିଟି ସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ତାପସ ରଞ୍ଜନ ସାହୁ, ଯୁବ ସଂଗଠକ ନିର୍ମଳ ସାହୁ, ପ୍ରହ୍ଲାଦ ଚନ୍ଦ୍ର ସାହୁ, ଅରୁଣ କୁମାର ପ୍ରଧାନ, ପଦ୍ମନାଭ ସାହୁ, ବିଜୟ ସାହୁ,ପ୍ରଶ୍ନ କୁମାର ସାହୁ, ଅଜୟ କୁମାର ପ୍ରଧାନ, ବଳରାମ ପ୍ରଧାନ, ଭାବଗ୍ରାହୀ ସାହୁ, ଦେବରାଜ ସାହୁ, ପଦ୍ମନାଭ ପ୍ରଧାନ, ସଞ୍ଜୟ ସାହୁ, ରଞ୍ଜନ ସାହୁ, ଜଗବନ୍ଧୁ ସାହୁ, କୃଷ୍ଣଚନ୍ଦ୍ର ସାହୁ, ରିଙ୍କୁ ପଧାନ, ଅଶୋକ ପ୍ରଧାନ, ଶୁକ୍ରୁ ପ୍ରଧାନ, ପ୍ରଶାନ୍ତ ସାହୁ, ନରୋତ୍ତମ ସାହୁ ସମେତ ଗ୍ରାମର ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବୈତରଣୀରୁ ବେଆଇନ ବାଲି ଉଠାଣ

# ଖଣି ବିଭାଗର ଚଢ଼ଉ, ଟିପ୍ପର ଜବତ

ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗରର ବିଭିନ୍ନ ସ୍ଥାନରେ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଚଢ଼ଉ ବେଳେ ଗୋଟେ ବାଲି ବୋଝେଇ ଟିପ୍ପର ଜବତ କରି ଧାମନଗର ଥାନା ଜିମା ଦିଆଯାଇଛି ଚଢ଼ଉ ବେଳେ ବାଲି ଚୋରା ଚାଲାଣ କରୁଥିବା ଆଉ ୨ଟି ଟ୍ରାକ୍ଟର ଫେରାର ହୋଇଯାଇଛି। ଏ ସଂପର୍କରେ ଖଣି ବିଭାଗ କୌଣସି ଟେର ପାଇନାହିଁ। ପ୍ରକାଶ ଥାଉ କି ଧାମନଗର ତହସିଲ ଅଧିନ ଆନନ୍ଦପୁର, ସୋହଡ଼ା, ପଧାନି, ଅର୍ଜୁନପୁର ଆଦି ପଞ୍ଚାୟତରେ ବୈତରଣୀ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଉଥିବା ଅଭିଯୋଗ ହୋଇଆସୁଛି ଆନନ୍ଦପୁରର ପଣସମାହାରା, ମାନଲାପୁର ଓ ଉଡେଇପୁର ଘାଟ, ସୋହଡ଼ାର କ୍ଷେଣ୍ଟପୁର ଓ କଣ୍ଟାପାରୀ, ଅର୍ଜୁନପୁରର ବାଲିପାଟଣା, ପଧାନିର ଦଶନ୍ଧିକୂଳ ଠାରେ ବାଲି ଚୋରି ହେଉଛି। ସ୍ଥାନୀୟ ଗାଡ଼ି ମାଲିକମାନେ ରାତିରେ ଡୋଜର ଲଗାଇ ନଦୀ ଗର୍ଭରୁ ବାଲି ଉଠାଉଛନ୍ତି। ସେହି ବାଲିକୁ ଟ୍ରାକ୍ଟର ଓ ଟ୍ରକ ଜରିଆରେ ଚାଲାଣ କରୁଛନ୍ତି। ସ୍ଥାନୀୟ ଗାଡ଼ି ମାଲିକ ମନଇଛା ଏଭଳି ବେଆଇନ ବାଲିଘାଟ ଚଳାଇ ଆସୁଛନ୍ତି। ଏନେଇ ବାରମ୍ବାର ଖବର ପ୍ରକାଶ ପାଉଥିଲେ ବି ଖଣି ବିଭାଗ କର୍ମଚାରୀ ଅଭାବ ଦର୍ଶାଇ ନିରବ ରହି ଆସୁଥିଲା। ଆଜି ଖଣି ବିଭାଗ ଅଧିକାରି ଧାମନଗର ଅଞ୍ଚଳରେ ଚାଲିଥିବା ବେଆଇନ ବାଲିଘାଟ ଉପରେ ଚଢ଼ଉ କରିବାକୁ ଯାଉଥିଲେ। ରାସ୍ତାରେ ଯିବାବେଳେ ଧାମନଗର ଜରା ନିବାସ ପାଖରୁ ୧ ବାଲି ଗାଡ଼ିକୁ ପିଛା କରି ପଳିକିରି ନିକଟରୁ ଉକ୍ତ ବାଲି ବୋଝେଇ ଟ୍ରକ ଧରାଯାଇ ଧାମନଗର ଥାନାକୁ ନିଆଯାଇଛି।




# ସିଆର୍‌ଆର୍‌ଆଇ ଜୈବ ଉର୍ବରକର ତାଲିମ୍ ଓ ପ୍ରଦର୍ଶନ ଶିବିର




ପରଜଙ୍ଗ/କଙ୍କଡ଼ାହାଡ଼ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀର କଙ୍କଡ଼ାହାଡ଼ ବ୍ଲକ୍ ଅନ୍ତର୍ଗତ କଲଦା ଗ୍ରାମରେ ଜୈବ-ପୋଷକ ପ୍ରକଳ୍ପ ଅଧୀନରେ ଥିବା ସିଆର୍‌ଆର୍‌ଆଇ ଜୈବ ଉର୍ବରକର ତାଲିମ୍ ଓ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି। ସିଆର୍‌ଆର୍‌ଆଇର ବରିଷ୍ଠ ବୈଜ୍ଞାନିକ ଡ. ଉପେନ୍ଦ୍ର କୁମାର ଏହି ଅଭିନବ ପ୍ରକଳ୍ପର ମୁଖ୍ୟ ଅନୁସନ୍ଧାନକାରୀ ଅଟନ୍ତି। ଏହି କାର୍ଯ୍ୟକ୍ରମ ଆଇ କନସେପ୍ଟ ଇନିସିଏଟିଭ୍ (ଆଇସିଆଇ)ର ମିଳିତ ସହଯୋଗରେ ଆଇସିଆଇର ଆଶୁତୋଷ ପଣ୍ଡା ଓ ଢେଙ୍କାନାଳ କେଭିକେର ବୈଜ୍ଞାନିକ ଡ. ସଂଘମିତ୍ରା ସାହୁ, କାମାକ୍ଷାନଗର ଜିଲ୍ଲା କୃଷି ଅଫିସର୍ ବିମ୍ବାଧର ସାହୁ, କଙ୍କଡ଼ାହାଡ଼ ବ୍ଲକ୍ କୃଷି ଅଫିସର୍ ମଧୁସ୍ମିତା ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଜୈବ-ପୋଷକ ପ୍ରକଳ୍ପର ସଦସ୍ୟଙ୍କ ଦ୍ୱାରା ଅଭିବାଦିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନ ଆରଆର୍‌ଆଇ ଜୈବ ଉର୍ବରକ ଯେମିତିକି ନ ଆର୍ ଆର୍ ଆଇ ଏଣ୍ଡୋ ଏନ୍ ଓ ନ ଆର ଆର୍ ଆଇ ଏଣ୍ଡୋ ଏନପିକେ ଯାହାର ବ୍ୟବହାର କରି ୨୫ ପ୍ରତିଶତ ରାସାୟନିକ ସାରର ବ୍ୟବହାରକୁ ହ୍ରାସ କରାଯାଇପାରିବ ଏବଂ ମୃତ୍ତିକାର ଗୁଣବତ୍ତା ବଜାୟ ରହିବା ସହ ପରିବେଶ ସୁରକ୍ଷା ହେବ ଏବଂ ଫସଲ ଅମଳ ମଧ୍ୟ ଭଲ ହୋଇପାରିବ ଏହା ପ୍ରକଳ୍ପର ସଦସ୍ୟଙ୍କ ଦ୍ୱାରା ସବିଶେଷ ବର୍ଣ୍ଣନା କରାଯାଇଥିଲା ଓ ଧାନ ନଡ଼ାରେ ଗୋବର ୟୁରିଆ ଏବଂ ଏନଆରଆରଆଇ ଟେକ୍-ଡିକମ୍ପୋଜର୍ ବ୍ୟବହାର କରି କମ୍ପୋଷ୍ଟରେ ପରିଣତ କରାଯାଇପାରିବ ସେ ବିଷୟରେ ବ୍ୟବହାରିକ ପ୍ରଦର୍ଶନ କରାଯାଇଥିଲା। ଡ . ସଂଘମିତ୍ରା ସାହୁ ପ୍ରାକୃତିକ କୃଷି ଏବଂ ରୋଗ ପୋକ ନିୟନ୍ତ୍ରଣ ଲାଗି ଜୈବିକ ପଦ୍ଧତି ଉପରେ ଗୁରୁତ୍ୱାରୋପ କରିଥିଲେ। ବିମ୍ବାଧର ସାହୁ ଟ୍ରାଇକୋଡର୍ମା ଓ ରାଇଜୋବିୟମର ବ୍ୟବହାର କରି ଡାଲି ଜାତୀୟ ଫସଲ ବୃଦ୍ଧି ଏବଂ ମୃତ୍ତିକାର ଗୁଣବତ୍ତା କିପରି ବଜାୟ ରହିପାରିବ ସେ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ମଧୁସ୍ମିତା ଶତପଥୀ ବିଭିନ୍ନ ପନିପରିବା ଚାଷରେ ଏନ ଆରଆରଆଇ ଜୈବ ଉର୍ବରକର ବ୍ୟବହାର ବିଷୟରେ ବୁଝାଇବା ସହ ଏନ ଆରଆରଆଇ ତରଳ ଜୈବ ଉର୍ବରକକୁ ବିଲାତି, ଲଙ୍କା ଓ ବାଇଗଣ ଚାରାରେ ବ୍ୟାବହାରିକ ପ୍ରୟୋଗ କରାଇଥିଲେ। ସର୍ବମୋଟ୍ ୯୫ ଜଣ କୃଷକ ଓ କୃଷି ମହିଳା ଏହି କାର୍ଯ୍ୟକ୍ରରେ ଯୋଗଦାନ କରିଥିଲେ ଓ ଉପକୃତ ହୋଇଥିଲେ।

# ରାଶିଫଳ

ଶୁକ୍ରବାର, ୨୧ ଫେବୃଆରୀ ୨୦୨୫



**ମେଷ:** ବକେୟା ରାଶି ପୁନରୁଦ୍ଧାର ପାଇଁ ଉଦ୍ୟମ ସଫଳ ହେବ। ବ୍ୟବସାୟ ଯାତ୍ରା ଲାଭଦାୟକ ହେବ। ଲାଭ ସୁଯୋଗ ଆସିବ। ଏକ ନୂତନ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବିନିଯୋଗ ଶୁଭ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ଏହାର ପ୍ରଭାବ ଚାକିରି କ୍ଷେତ୍ରରେ ପଡିବ।



**ବୃଷ:** ନୂତନ ଯୋଜନା ପ୍ରସ୍ତୁତ ହେବ। ଜଣେ ପ୍ରଭାବଶାଳୀ ବ୍ୟକ୍ତି ମାର୍ଗଦର୍ଶନ ଏବଂ ସମର୍ଥନ ପାଇପାରିବେ। ବ୍ୟବସାୟ କାର୍ଯ୍ୟରେ ଉନ୍ନତି ହେବ। ଆପଣ ସାମାଜିକ ସେବା କରିବାକୁ ପ୍ରେରଣା ପାଇବେ। ଆଘାତ ଏବଂ ରୋଗ ହେତୁ ବାଧା ହେବାର ସମ୍ଭାବନା ଅଛି।



**ମିଥୁନ:** ଯେ କୈଣସି ବଡ ସମସ୍ୟାର ସମାଧାନ ସହଜ ହେବ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ଭାଗ୍ୟ ଆପଣଙ୍କ ସହିତ ରହିବ।



**କର୍କଟ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଆର୍ଥିକ ପରିସ୍ଥିତି ଆହୁରି ଖରାପ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ କରନ୍ତୁ। ଚିନ୍ତା ଏବଂ ଟେନସନ ରହିବ।



**ସିଂହ:** ଶତ୍ରୁତା ରହିବ। ପୂଜାରେ ନିୟୋଜିତ ହେବେ। ବ୍ୟବସାୟରୁ ଲାଭ ବୃଦ୍ଧି ହେବ। କୋର୍ଟ ଇତ୍ୟାଦିରେ ପରିସ୍ଥିତି ଅନୁକୂଳ ହେବ। ଏକ ବିବାଦରେ ବିଜୟ ହାସଲ କରାଯାଇପାରେ। ବ୍ୟବସାୟରେ ନୂତନ ସୁଯୋଗ ମିଳିପାରିବ। ଚିନ୍ତିତ ହେବେ। ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ।



**କନ୍ୟା:** ଦୂରରୁ ଭଲ ଖବର ଗ୍ରହଣ କରାଯିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କୁ ସମର୍ଥନ କରିବେ। ପରିବାରରେ ଯେ କୈଣସି ଚାହିଦା କାମ ସମ୍ଭବ। ଅସ୍ଥିରତା ହୋଇପାରେ। ବକ୍ତବ୍ୟରେ କଠିନ ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ। ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ।



**ତୁଳା:** ବିବାଦକୁ ପ୍ରୋତ୍ସାହନରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ। ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ପ୍ରୟାସ ସଫଳ ହେବ। ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ। କିଛି ବଡ କରିବାର ଇଚ୍ଛା ହେବ। ବ୍ୟବସାୟ ଭଲ କରିବ। ଟଙ୍କା ମିଳିବା ସହଜ ହେବ।



**ବିଛା:** ଯାତ୍ରାରେ ଶୀଘ୍ର ଯାଆନ୍ତୁ ନାହିଁ। ଜଣେ ବ୍ୟକ୍ତି ସହିତ ବିନା କାରଣରେ ବିବାଦ ହୋଇପାରେ। ଦୌଡାଦୌଡି ଯୋଗୁଁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ବେପରୁଆ ହୁଅନ୍ତୁ ନାହିଁ। କିଛି ଦୁଃଖଦ ଖବର ପାଇବାର ସମ୍ଭାବନା ଅଛି। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଭଲ କରିବ।



**ଧନୁ:** ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି। ଯାନ ଏବଂ ଯନ୍ତ୍ରପାତି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ଶାରୀରିକ ଯନ୍ତ୍ରଣା ଦ୍ୱାରା କରାଯାଇଥିବା କାର୍ଯ୍ୟରେ ବ୍ୟାଘାତ ହୋଇପାରେ। ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବ୍ୟବସାୟ ଭଲ କରିବ। ଆୟରେ ନିଶ୍ଚିତତା ରହିବ। ଚିନ୍ତିତ ହେବେ।



**ମକର:** କାରବାରରେ ସାବଧାନ ରୁହ। ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ସମ୍ଭାବନା ହେଉଛି। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆୟ ବୃଦ୍ଧି ପାଇବ। ଅଂଶୀଦାରମାନଙ୍କଠାରୁ ଭିନ୍ନତା ପରିସ୍ଥିତିକୁ ଅନୁକୂଳ କରିବ। କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ବଦନାମ ହୋଇପାରନ୍ତି, ସାବଧାନ ରୁହନ୍ତୁ।



**କୁମ୍ଭ:** ମାନସିକ ଅସ୍ଥିରତା ଦେଖାଯିବ। ବନ୍ଦ କାର୍ଯ୍ୟଗୁଡିକ କୋର୍ଟ ଏବଂ ସରକାରୀ କାର୍ଯ୍ୟାଳୟରେ ଗତି କରିବ। ବିବାଦର ସମାଧାନ ହୋଇପାରିବ। ଜୀବନସାଥୀ ଉପହାର ଦେବାର ସୁଯୋଗ ପାଇବେ। ଖୁସି ହେବେ। ପାରିବାରିକ ସହାୟତା ଜାରି ରହିବ। ଆୟ ବୃଦ୍ଧି ପାଇବ।



**ମୀନ:** ସୁଖ ବୃଦ୍ଧି ପାଇବ। ଏକ ଚିତ୍ତାକର୍ଷକ ମାର୍ଗ ପ୍ରସ୍ତୁତ କରାଯାଇପାରିବ। ଛାତ୍ରମାନେ ସେମାନଙ୍କର କାର୍ଯ୍ୟକୁ ସଫଳତାର ସହିତ କରିବାକୁ ସମର୍ଥ ହେବେ। ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ। ଆପଣ ପ୍ରିୟ ଖାଦ୍ୟର ଆନନ୍ଦ ପାଇବେ। ପ୍ରେମ ସମ୍ପର୍କ ପାଇଁ ଏକ ପ୍ରସ୍ତାବ ମିଳିପାରିବ।



ଗ୍ରହଚିନ୍ତା

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ଉମରକୋଟ(ଭାସ୍କର ନ୍ୟୁଜ): କୁନି କୁନି ଛାତ୍ର ଛାତ୍ରୀମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ସହଜ ସରଳ ବୋଧଗମ୍ୟ ଶିକ୍ଷା ନିମନ୍ତେ ଶିକ୍ଷଣ ସାମଗ୍ରୀର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଏହାକୁ ଦୃଷ୍ଟିରେ ରଖି ଉମରକୋଟ ବ୍ଲକ ଅନ୍ତର୍ଗତ କେଶରୀବେଡା ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଏକ ତ୍ରିଦିବସୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କର୍ମଶାଳା ସରକାରୀ ପ୍ରାଥମିକ ବିଦ୍ୟାଳୟ କେଶରୀବେଡ଼ା ପରିସରରେ ଅନୁଷ୍ଠିତ ହୋଇଛି। ଚଳିତ ମାସ ୧୭ ତାରିଖ ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ପ୍ରଧାନଶିକ୍ଷକ ସଦାନନ୍ଦ ମିର୍ଦ୍ଧା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ମୋତିରାମ ଗଣ୍ଡଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ତିନିଜଣ ଆର. ପି ,ଜଣେ ସହଯୋଗୀଙ୍କ ସମେତ ୧୫ ଟି ବିଦ୍ୟାଳୟରୁ ୨୦ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇଥିଲେ। କର୍ମଶାଳାରେ ମୌଳିକ ସାକ୍ଷରତା (ଭାଷା) ଓ ସଂଖ୍ୟାଜ୍ଞାନ ବିଭାଗରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଚଞ୍ଚଳା ବିଶ୍ୱାସ , ବାରସିଂ ପରଜା ,ପିତାମ୍ବର ମାଳି ,ସନ୍ତୋଷ ବାରିକ,ପଞ୍ଚୁରାମ ଗଣ୍ଡ,ଉଦ୍ଧବ ମଝି,ସ୍ୱରୂପ ସରକାର,ବୁଲୁ ସ୍ୱାଇଁ,ସୁନିଲ ବିଶ୍ୱାଳ,ପଦ୍ମନାଭ ଭତ୍ରା,ଅନ୍ତର୍ଯ୍ୟାମୀ ବେହେରା,ଆଲୋକ ମଲ୍ଲିକ, ଅମରସିଂ ମାଳି,ବିକ୍ରମ ସେଠୀ,ନିଳାଦ୍ରୀ ଗଣ୍ଡ,ସସ୍ମିତା ସାହୁ,ରଶ୍ମିତା ମିଶ୍ରୀ ପ୍ରମୁଖ ଏହି କର୍ମଶାଳାରେ ଯୋଗଦେଇ ଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମୋତିରାମ ଗଣ୍ଡ ମୌଳିକ ସଂଖ୍ୟାଜ୍ଞାନ ଦଳକୁ ଶ୍ରେଷ୍ଠ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ଦଳ ଭାବେ ପୁରସ୍କୃତ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ସତ୍ୟଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ଜଳସମ୍ପଦ ବିଭାଗ ପ୍ରଭାରୀଙ୍କ ମାଲକାନଗିରି ଗସ୍ତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ଜଳସେଚନ ସମ୍ବନ୍ଧୀୟ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ଓ ସୁବିଧା ଅସୁବିଧା ବିଷୟରେ ଅନୁଧାନ କରିବା ପାଇଁ ଜଳସମ୍ପଦ ପ୍ରଭାରୀ ଚିତ୍ତରଞ୍ଜନ ଭୂୟାଁ ତଥା ବୈଷୟିକ ସଦସ୍ୟ, ମଧସୁତା ପ୍ରାଧିକରଣ ଓଡିଶା ୧୪,୦୨,୨୦୨୪ ରୁ ୧୭.୦୨ ୨୦୨୪ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଯୋଜନା ଅଧୀନରେ ଜଳସେଚନ କାର୍ଯ୍ୟ ନିର୍ବାହ କରୁଥିବା ବୈଷୟିକ ଅଧିକାରୀଙ୍କ ସହିତ କ୍ଷେତ୍ର ପରିଦର୍ଶନ କରିଛନ୍ତି । ବିଶେଷ କରି ପୋଟେରୁ ଜଳସେଚନ ପ୍ରକଳ୍ପ ଅଧୀନରେ ଓସିସି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ତମସା ମୁଖ୍ୟ କେନାଲର ଲାଇନିଂ କାର୍ଯ୍ୟର ତଦାରଖ କରି କାର୍ଯ୍ୟର ମାନ ବିଷୟରେ ଅନୁସନ୍ଧାନ କରିଥିଲେ। ସେହିପରି ଗୋମ୍ପାକୋଣ୍ଡା କେନାଲ ସେଚାଞ୍ଚଳରେ କରାଯାଇଥିବା ରବି ଚାଷ ବୁଲି ଦେଖୁଥିଲେ । ଓଡିଶା ଉଠା ଜଳସେଚନ ତରଫରୁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ଓ ଚାଷୀମାନଙ୍କ ଦ୍ୱାରା କରାଯାଇଥିବା ଚଳିତ ରବିଋତୁରେ ପନିପରିବା ଚାଷ ଅନୁଧାନ କରିଥିଲେ ଓ ଚାଷୀମାନଙ୍କ ସହ ସେମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ସେହିପରି ସେଚାଞ୍ଚଳ ଉନ୍ନୟନ ସଂସ୍ଥା ସିଏଡିଏ ତରଫରୁ କରାଯାଇଥିବା କ୍ଷେତ୍ର କରନାଳୀ ଦ୍ୱାରା ଚାଷୀମାନଙ୍କ ଚାଷ ଜମିକୁ ପାଣି ଯୋଗାଇବା କାର୍ଯ୍ୟର ସଫଳତାକୁ ବିଭାଗୀୟ ଅଧିକାରୀମାନଙ୍କୁ ଶ୍ରେୟ ଦେଇଥିଲେ। ସେହିପରି ବୃହତ୍ତ ଉଠାଜଳସେଚନ ପ୍ରକଳ୍ପ, କିଆଙ୍ଗ, ପରମିଳା ପଦର ୧,୨ ଇତ୍ୟାଦି ପ୍ରକଳ୍ପର ପମ୍ପିଙ୍ଗ୍ ପ୍ରଣାଳୀ ଓ ସେଚାଞ୍ଚଳରେ ଆଉଟଲେଟ୍ ପଏଣ୍ଟରେ ବାହାରୁଥିବା ପାଣି ଓ ରବିଚାଷ ଉପରେ ଅନୁଧାନ କରିଥିଲେ । କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ପଡିଆ ବ୍ଲକରେ ସିଏପି ଇଏକ୍ସ ଅନୁଦାନରେ କାର୍ଯ୍ୟକାରୀ ହେଉଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର କେନାଲ ଲାଇନିଂ କାର୍ଯ୍ୟ ତଦାରଖ କରିଥିଲେ। ଓଡିଶା କୃଷିଶିଳ୍ପ ଓ ଏଆଇସି ତରଫରୁ କାର୍ଯ୍ୟକାରୀ ହେଉଥିବା କ୍ଷୁଦ୍ର ଚାଷୀମାନଙ୍କ ପାଇଁ ନଦୀଭିତ୍ତିକ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ସ୍ଥାନ ବୁଲିଦେଖିଥିଲେ ଓ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ । ସତିଗୁଡା ଜଳସେଚନ ଅନ୍ତର୍ଗତ ମୁଖ୍ୟବନ୍ଧ, ବାମପାର୍ଶ୍ୱ ଓ ଦକ୍ଷିଣ ପାର୍ଶ୍ୱ କେନାଲ ବନ୍ଧ ପରିଦର୍ଶନ କରି ଆବଶ୍ୟକୀୟ ମରାମତି ପାଇଁ ଆକଳନ କରି ଅର୍ଥ ବରାଦ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରସ୍ତାବିତ ଗୋବିନ୍ଦପାଲି ଜଳସେଚନ ପ୍ରକଳ୍ପର ମୁଖ୍ୟ ବନ୍ଧ, ଜଳଧାରଣ କ୍ଷମତା ଓ ବର୍ତ୍ତମାନ ସୁଦ୍ଧା ହୋଇଥିବା ଅଗ୍ରଗତି ସମ୍ବନ୍ଧରେ ସର୍ଭେ ଓ ଅନୁସନ୍ଧାନ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଭୂତଳ ଜଳବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ଭୂତଳ ଜଳସ୍ତର ମାପ ପାଇଁ ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଥିବା ଯନ୍ତ୍ରର କାର୍ଯ୍ୟକାରୀତା ସମ୍ବନ୍ଧରେ ଆଲୋଚନା କରିଥିଲେ। କ୍ଷେତ୍ର ପରିଦର୍ଶନ ପରେ, ଜଳସେଚନ କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତ ବୈଷୟିକ ଅଧିକାରୀଙ୍କ ସହିତ ସର୍କିଟ ହାଉସ ମିଟିଂ ରୁମ୍‌ରେ ସମସ୍ତ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।

# ଉପଖଣ୍ଡ ଅଧିକାରୀ ଭାବେ ଦାୟିତ୍ୱ ନେଲେ ଶୁଭେନ୍ଦୁ କୁମାର

ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ପୋଲିସ ଉପଖଣ୍ଡ ଅଧିକାରୀ ଭାବେ ଶୁଭେନ୍ଦୁ କୁମାର ଶବର ଯୋଗ ଦେଇଛନ୍ତି। ଏଥିପୂର୍ବରୁ ସେ ବଲାଙ୍ଗୀର ଜିଲାରେ କାର୍ଯ୍ୟରତ ଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ ପରେ ଉମରକୋଟ ପ୍ରେସ କ୍ଲବ ପକ୍ଷରୁ ସୌଜନ୍ୟମୂଳକ ସାକ୍ଷାତ କରି ସମ୍ବର୍ଦ୍ଧନା ଦିଆଯାଇ ସ୍ୱାଗତ କରାଯାଇଛି। ଏଥିପୂର୍ବରୁ ପ୍ରାୟ ଅଢେଇ ମାସ ହେବ ପାପଡାହାଣ୍ଡି ପୋଲିସ ଉପଖଣ୍ଡ ଅଧିକାରୀ ମିନାକ୍ଷୀ ଠାକୁର ଉମରକୋଟ ଦାୟିତ୍ୱରେ ଥିଲେ। ସୌଜନ୍ୟମୂଳକ ସାକ୍ଷାତ ସମୟରେ ସହରରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଟ୍ରାଫିକ ସମସ୍ୟା, ଚୋରିକୁ କିପରି ରୋକାଯିବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବ ବୋଲି କହିଛନ୍ତି ନୂତନ ପୋଲିସ ଉପଖଣ୍ଡ ଅଧିକାରୀ। ଏହି ସୌଜନ୍ୟମୂଳକ ସାକ୍ଷାତ ସମୟରେ ପ୍ରେସ କ୍ଲବ ସଭାପତି ନଳିନୀ ରଞ୍ଜନ ମିଶ୍ର, ସମ୍ପାଦକ ମହେଶ୍ୱର ବେହେରା, ଉପସଭାପତି ସନ୍ତୋଷ ଶତପଥୀ,କୃଷ୍ଣ ପ୍ରସାଦ ପଟ୍ଟନାୟକ, ଅନୁରାଗ ପଟନାୟକ, ଯୁଗଳ ସାହୁ, ହିମାଂଶୁ ଜେନା, ଗିରି ମାଝୀ, କୁନା ସାହୁ, ସମୀର ପତି, ସନ୍ତୋଷ ପାତ୍ର, ନିରଞ୍ଜନ ଗଣ୍ଡ, କ୍ରିଷ୍ଣା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।



## ଜିଲ୍ଲା ଉନ୍ନୟନ ସମିତି ବୈଠକ

# ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ନୂଆପଡ଼ା(ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଭାବନା ସଭା ଗୃହରେ ଜିଲ୍ଲା ଉନ୍ନୟନ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରତି ମାସ ଏହି ବୈଠକ ଅନୁଷ୍ଠିତ ହେଉଛି। ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଗୁରୁତ୍ୱ ଉପରେ ସୂଚନା ଦେଇଥିଲେ। ସେ କହିଲେ ଏବେ ନୂଆପଡ଼ା ଜିଲ୍ଲା ବିଭିନ୍ନ କ୍ଷେତ୍ରରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ସମସ୍ତ ଅଧିକାରୀଙ୍କ ଐକାନ୍ତିକ ଏବଂ ସମ୍ମିଳିତ ଉଦ୍ୟମ ଜାରି ରହିଲେ ଆମେ ସମସ୍ତେ ଆହୁରି ଅନେକ ବିଭାଗରେ ପ୍ରଥମ ସ୍ଥାନ ହାସଲ କରି ପାରିବା । ଜିଲ୍ଲା ଧାନ ଏବଂ କପା କିଣାରେ ଭଲ ସଫଳତା ହାସଲ କରିଛି । ମଣ୍ଡିଆ କ୍ରୟ ପାଇଁ ମଧ ଏଭଳି ଉଦ୍ୟମ ଦରକାର । ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ବାରମ୍ବାର ଗ୍ରାମାଞ୍ଚଳ ଗସ୍ତ କରି ଜନସାଧାରଣଙ୍କ ସୁବିଧା ଅସୁବିଧା ସମ୍ବନ୍ଧରେ ବୁଝି ଜିଲ୍ଲାପାଳଙ୍କୁ ଅବଗତ କରାଇବେ। ପ୍ରଶାସନ ଚଳଚଞ୍ଚଳ ଏବଂ ଗତିଶୀଳ ଅଛି ବୋଲି ଜନସାଧାରଣ ହୃଦବୋଧ କରିବା ଦରକାର। ଜିଲ୍ଲା ଏସ୍ ସି ଏସ୍ ଟି ବହୁଳ ହେଇଥିବାରୁ ସେମାନଙ୍କ



ଅସୁବିଧା ପ୍ରତି ପ୍ରାଥମିକତା ଦିଆଯାଉଛି। ଉପନିର୍ଦ୍ଦେଶକ ପ୍ଲାନିଂ ପରିମଳ ସାମଲ ବିଗତ ବୈଠକର ବିବରଣୀ ପାଠ କରିଥିଲେ। ଏହା ଉପରେ ବିଶଦ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। ବିଗତ ମାସରେ ଉନ୍ନୟନ କାମରେ ଯେଉଁ ସବୁ ବାଧା ଅସୁବିଧା ରହିଥିଲା ସେସବୁର କେତେ ସମାଧାନ ହେଇଛି ଜିଲ୍ଲାପାଳ ପ୍ରତିଟି ବିନ୍ଦୁ ଜାଣିବାକୁ ଚାହିଁଥିଲେ । ଆସନ୍ତା ମାସ ପାଇଁ ବିଭିନ୍ନ ବିଭାଗର ଲକ୍ଷ୍ୟ ପୂରଣ ସହିତ ଆଗାମୀ ପାଞ୍ଚ ବର୍ଷପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆନ୍ତଃ ବିଭାଗୀୟ ବିସଂଗତି ଉପରେ ଆଲୋଚନା କରି ସେସବୁର ସମାଧାନର ରାସ୍ତା ବାହାର କରାଗଲା । ବିଭିନ୍ନ ଉନ୍ନୟନ କାର୍ଯ୍ୟନିର୍ବାହି ସଂସ୍ଥା ସେମାନଙ୍କ ସମସ୍ତ ଉନ୍ନତିମୂଳକ କାମ ଠିକ୍ ସମୟରେ ସାରି ଉପଯୋଗ ପ୍ରମାଣପତ୍ର ଦେବା ପାଇଁ ଜିଲ୍ଲାପାଳ ତାଗିଦ୍ କରିଥିଲେ। ବୈଠକରେ ପଞ୍ଚାୟତିରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ,ଜଳସେଚନ, ରାସ୍ତା ଓ ଗୃହନିର୍ମାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ , ପ୍ରାଣୀ ସମ୍ପଦ, ପରିବହନ,ଶିକ୍ଷା,ସ୍ୱାସ୍ଥ୍ୟ, କ୍ରୀଡ଼ା, ଜଙ୍ଗଲ, ଖଣି , ଟୁରିଜିମ ଇତ୍ୟାଦି ସମସ୍ତ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା। ବିଭିନ୍ନ ଜଳସେଚନ ପ୍ରକଳ୍ପ, କେନାଲ ଉନ୍ନତିକରଣ, ଅଣଧାନ ଫସଲ ଚାଷ, ଗ୍ରାମ୍ୟ ବିଦ୍ୟୁତ୍ କରଣ, ବିଭିନ୍ନ ବିଜ୍ଞାପିତ ଅଞ୍ଚଳର ସମସ୍ୟା, ବିଭିନ୍ନ ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ , ପ୍ରାଣୀ ଚିକିତ୍ସାଳୟମାନଙ୍କୁ ଜମି ପଟ୍ଟା ଯୋଗାଇ ଦେବା ସହିତ ସେମାନଙ୍କର ନୂତନ କୋଠା ନିର୍ମାଣ ଇତ୍ୟାଦି ବିଷୟ ଉପରେ ବିଶଦ ଆଲୋଚନା ହୋଇଥଲା । ଜିଲ୍ଲାରେ ମାଓବାଦୀ ଦମନ ପାଇଁ ରାସ୍ତା ଘାଟର ଉନ୍ନତି ସହିତ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଜନସାଧାରଣଙ୍କୁ ସମସ୍ତ ସୁବିଧା ସୁଯୋଗ ତୁରନ୍ତ ଯୋଗାଇ ଦେବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ସଭାରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ସୁବାଷ ଚନ୍ଦ୍ର ରଇତ, ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନଖଣ୍ଡ ଅଧିକାରୀ ମହାଦେବ ବଡାଇକ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧରଣୀଧର ସେନାପତି, ଏପିଡି ଯୋଗେଶ୍ୱର ଭୋଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସମସ୍ତ ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଏବଂ ଲାଇନ୍ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ।

# ଆଦିବାସୀଙ୍କ 'ଗାଦି ପାଣ୍ଡୁମ୍' ପର୍ବ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ କୋଇମେଟଲା ଖେଳ ପଡିଆ ଠାରେ ଆଦିବାସୀ ମାନଙ୍କ ନିଆରା ପରମ୍ପରା 'ଗାଦି ପାଣ୍ଡୁମ୍' ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ନିଆରା ପର୍ବ ସେମାନଙ୍କର ପୂର୍ବ ପୁରୁଷରୁ ହୋଇଆସୁଥିବା ବେଳେ ସେମାନେ ଏହାକୁ ବହୁ ଆନନ୍ଦ, ଉଲ୍ଲାସ ତଥା ଭକ୍ତିର ସହ ପାଳନ କରିଥାନ୍ତି ।ସ୍ଥାନୀୟ ଖେଳ ପଡିଆ ଠାରେ କୋଇମେଟଲା ପୂଜା କମିଟି ଆନୁକୂଲ୍ୟରେ ଚାଲିଥିବା ଏହି 'ଗାଦି ପାଣ୍ଡୁମ୍' ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ଶୀତୁଆ ରାତିରେ ମନମୋହୁଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ।

# ବିଜେପି ଜିଲ୍ଲା ସଭାପତି ଓ ସାଂସଦ ପ୍ରତିନିଧିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କୋଷାଗୁମୁଡା (ଭାସ୍କର ନ୍ୟୁଜ୍): କୋଷାଗୁମୁଡା ସାଂସଦ ପ୍ରତିନିଧି ଭାବେ ସୁରେଶ କୁମାର ପାତ୍ର ଓ ବିଜେପିର ଜିଲ୍ଲା ସଭାପତି ଭାବେ କୁଞ୍ଜ ବିହାରୀ ଦାଶଙ୍କୁ ଚୟନ କରାଯିବା ପରେ ଉଭୟଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଥିବାବେଳେ ଆଜି କୋଷାଗୁମୁଡାର ବ୍ଲକ ସଭାପତିଙ୍କ ଅଧ୍ୟକ୍ଷତାରେ କୋଷାଗୁମୁଡାସ୍ଥିତ ବିଜେପି କାର୍ଯ୍ୟାଳୟଠାରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଛି । ଉକ୍ତ ସମ୍ବର୍ଦ୍ଧନା ସଭାରେ ବ୍ଲକ ଓ ଜିଲ୍ଲାର ଅନେକ ଉପାଧିଧାରୀ ବିଜେପି ଜନ ପ୍ରତିନିଧି,ମଣ୍ଡଳ ସଭାପତି, ପଞ୍ଚାୟତ ସଭାପତି,ବିଜେପି କର୍ମୀ ଓ ସମର୍ଥକମାନେ ବହୁ ସଂଖ୍ୟାରେ ଯୋଗଦେଇ ଉଭୟ ସାଂସଦ ପ୍ରତିନିଧି ଓ ଜିଲ୍ଲା ସଭାପତିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣେଇଛନ୍ତି। ସାଂସଦ ପ୍ରତିନିଧି ଶ୍ରୀ ପାତ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି କି, ସେ ସାଂସଦଙ୍କ



ବ୍ଲକସ୍ତରୀୟ ସମସ୍ତ କାର୍ଯ୍ୟକ୍ରମରେ ସାଂସଦଙ୍କ ଅନୁପସ୍ଥିତିରେ ଯୋଗଦେବା ସହ ବ୍ଲକରେ କିପରି ଉନ୍ନତିମୂଳକ କାର୍ଯ୍ୟ ସବୁ ଠିକରେ ତ୍ୱରାନ୍ୱିତ ହୋଇପାରିବ ତାକୁ ଗୁରୁତ୍ୱ ଦେବେ। ଠିକ ସେହିପରି ଜିଲ୍ଲା ମଧ୍ୟରେ ବିଜେପି ସଂଗଠନକୁ ସୁଦୃଢ଼ କରିବା ସହ ପ୍ରତି ପଂଚାୟତ ଓ ମଣ୍ଡଳକୁ ସଶକ୍ତ କରି ବିଜେପିର ସମସ୍ତ ଜନ କଲ୍ୟାଣକାରୀ ଯୋଜନା ସବୁ ଲୋକଙ୍କ ପାଖରେ ପହଞ୍ଚାଇବା ସହ ସମସ୍ତ ଦଳୀୟ କର୍ମୀ ଓ ସମର୍ଥକମାନଙ୍କ ସହିତ ଯୋଡିହୋଇ ରହିବେ ବୋଲି ଜିଲ୍ଲା ସଭାପତି ଶ୍ରୀ ଦାଶ ମଧ ନିଜ ପ୍ରତିକ୍ରିୟା ରଖିଛନ୍ତି ।

# ମା' ଠାକୁରାଣୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଉମରକୋଟ(ଭାସ୍କର ନ୍ୟୁଜ୍): ବୁଧବାର ଦିନ ଅପରାହ୍ନ ଚାରିଟା ସମୟରେ ଉମରକୋଟ ଶ୍ରୀ ଶ୍ରୀ ଶ୍ରୀ ମା'ଠାକୁରାଣୀ ଜଗତ ଜନନୀ ମନ୍ଦିର ଠାରେ ବାଳକୃଷ୍ଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଶ୍ରୀ ଶ୍ରୀ ଶ୍ରୀ ମା' ଠାକୁରାଣୀଙ୍କ ନବଦିନ ଯାତ୍ରା ସକାଶେ ଗୋଟିଏ ଜରୁରୀ ବୈଠକ ରଖାଯାଇଥିଲା ଏଥିରେ ବିଗ ୨୦୨୪ ମସିହାର ସର୍ବମୋଟ ଆୟ-୨୨, ୭୩,୨୩୭/-ଟଙ୍କା ସର୍ବମୋଟ ଖର୍ଚ୍ଚ-୧୯, ୦୯,୩୨୦/-ଟଙ୍କା ସର୍ବମୋଟ ବଳକା୩,୬୩, ୯୧୭/-ଟଙ୍କା ଏହା ସର୍ବସାଧାରଣଙ୍କ ସମ୍ମୁଖରେ ପ୍ରକାଶ କରାଗଲା । ଚଳିତ ବର୍ଷ ପୁଣି ମା' ଠାକୁରାଣୀଙ୍କ ନବଦିନ ଯାତ୍ରା ଆସନ୍ତା ମାର୍ଚ୍ଚ ମାସର ୩୧ ତାରିଖ ମା' ମଙ୍ଗଳା ମନ୍ଦିର ଠାରୁ ପାଞ୍ଚଟି ଅଣାଯିବ। ପୁଣି ଆସନ୍ତା ଏପ୍ରିଲ ମାସ ତା-୦୮-୦୪-୨୦୨୫ ରିଖ ମଙ୍ଗଳବାର ଦିନ ଅପରାହ୍ନ ଚାରିଟା ସମୟରେ ଜଗତଜନନୀ ମା' ଠାକୁରାଣୀ ମନ୍ଦିରକୁ ଫେରିଯିବେ। ଏହି ନବଦିନ ଯାତ୍ରା ପାଇଁ ସର୍ବସାଧାରଣଙ୍କ ସହମତିରେ ଗୋଟିଏ ଯାତ୍ରା କମିଟି ଗଠନ କରାଗଲା। ଗ୍ରାମର ଚାରପାଲି ରୟିତ ଓ ସହରର ଯୁବକମାନଙ୍କ ପ୍ରସ୍ତାବରେ ପୁଣି ବିଗତ ବର୍ଷ ର କମିଟିଙ୍କୁ ପୁନର୍ବାର ରିନୁୟାଲ କରି ସଂପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିଲା। ଏଥିରେ ସଭାପତି ପଦ ସକାସେ ସାଇ ନାରାୟଣ ପାଢ଼ୀ, ଉପସଭାପତି ପଦ ସକାଶେ ପି,ଆଶିଷ ରାଓ, ସାଧାରଣ ସଂପାଦକ ପାଇଁ ସତ୍ୟ ନାରାୟଣ ମିଶ୍ର, କୋଷାଧ୍ୟକ୍ଷ ଗୋବିନ୍ଦ ମାଝୀ ମନୋନୀତ ହୋଇ ଥିଲେ। ଚଳିତବର୍ଷ ମଧ ପ୍ରତ୍ୟେକ ବର୍ଷ ଭଳି ଏହି କମିଟି ଦୋଳ ଯାତ୍ରାରେ ୫ଦିନ ଯାକ ଦୋଳ ଯାତ୍ରା କରିବେ। ଦୋଳବିମାନକୁ ପୂଜା ଅର୍ଚ୍ଚନା କରି ସଂସ୍କୃତି କାର୍ଯ୍ୟକ୍ରମ ହେବ ଓ ମାଟିଯାତ୍ରା ମଧ କରିବେ। ଠାକୁରାଣୀଙ୍କ ନବଦିନ ଯାତ୍ରାରେ ମଧ ପ୍ରତ୍ୟେକ ଦିନ ସଂସ୍କୃତି କାର୍ଯ୍ୟକ୍ରମ କରାଯିବ। ଏଥିରେ ଉମରକୋଟ ଅଞ୍ଚଳର ବାର୍‌ପାଲିରୁ ରୟିତମାନେ ଯୋଗଦେବା ସହ ଗ୍ରାମର ପି, ରାବଣାରାଓ, ବିଶ୍ୱନାଥ ପ୍ରତାପ ସିଂହ, ମନୋଜ ନାୟକ, ବିଦ୍ୟାଧର ଜେନା, ଅଶୋକ ବେବର୍ତ୍ତା, ପର୍ଶୁରାମ ନାୟକ, ସୁରେନ୍ଦ୍ର ନାୟକ, ଭବାନୀ ଶଙ୍କର ପଟ୍ଟନାୟକ, ସନ୍ତୋଷ ପରିଛା, ସମେତ ଉମରକୋଟ ବ୍ଲକ ଓ ଟାଉନ୍‌ର ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇ ଥିଲେ।



# ଶିକ୍ଷାବିତ୍ ଭଗବାନ ମିଶ୍ରଙ୍କ ଜୟନ୍ତୀ ପାଳିତ



ବରଗଡ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲଠାରେ ଭଗବାନ ମିଶ୍ର ସ୍ମୃତି ସମିତି ଦ୍ୱାରା ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜ ସଂସ୍କାରକ ସ୍ୱ. ଭଗବାନ ମିଶ୍ରଙ୍କ ୮୯ତମ ଜୟନ୍ତୀ ସମିତିର ସଭାପତି ସର୍ଦ୍ଦାର ପ୍ରିତମ ସିଂଙ୍କ ସଭାପତିତ୍ୱରେ ରେ ପାଳିତ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ରୂପେ ପ୍ରଦୀପ ପୁରୋହିତ ସ୍ୱ. ମିଶ୍ରଙ୍କ ସମାଜ ପ୍ରତି ଅବଦାନ ଉପରେ ଆଲୋକପାତ କରିବା ସହ ମୁଖ୍ୟତଃ ଗୁରୁ ଓ ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜନ କରାଯାଉଥିବା ଏହି କାର୍ଯ୍ୟକ୍ରମ ଏକ ସୁଦୃଢ଼ ଓ ସମୃଦ୍ଧ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀ ଙ୍କୁ ପ୍ରେରଣା ପ୍ରଦାନ କରିବ ବୋଲି ମନ୍ତବ୍ୟ ରଖିଥିଲେ। ସମିତିର କାର୍ଯ୍ୟକଳାପରେ ଖୁସି ହୋଇ ଏହାର ଭୂୟସୀ ପ୍ରସଂଶା କରିବା ସହ ନିଜେ ବ୍ୟକ୍ତିଗତ ଭାବେ ତାଙ୍କ ବାପାଙ୍କ ନାମରେ ସମାଜ ପ୍ରତି ସମର୍ପିତ ଜଣକୁ ସମ୍ମାନିତ କରାଯିବା ନେଇ ଆଗ୍ରହ ପ୍ରକାଶ କରିଥିଲେ। ଉକ୍ତ ସମାରୋହରେ ବିଶିଷ୍ଟ ଶିକ୍ଷକ ଓ ସାହିତ୍ୟିକ ନକୁଳ ବାଦୀ, ବନହର, ଅତାବିରାଙ୍କୁ ଭଗବାନ ମିଶ୍ର ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ ତଥା ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଶ୍ରୀମତୀ ରେଣୁ ଅଗ୍ରୱାଲ ଓ ଶ୍ରୀ ଜଗଦା ନନ୍ଦ ମିଶ୍ର ଅତିଥିମାନଙ୍କୁ ମଞ୍ଚାସୀନ ସହ ଦୀପ ପ୍ରଜ୍ୱଳନ କରାଇଥିବାବେଳେ ସନ୍ତୋଷ ପଣ୍ଡା ଅତିଥି ପରିଚୟ କରାଇଥିଲେ। ସମିତିର ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ସ୍ୱାଗତ ଓ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ପାଦକ ପ୍ରତୁଲ ଚନ୍ଦ୍ର ତ୍ରିପାଠୀ ସମ୍ପାଦକୀୟ ବିବରଣୀ ଓ ମାନପତ୍ର ପଠନ କରିଥିଲେ। ସମ୍ମାନ ପର୍ବରେ ଖୁସବୁ ଶର୍ମା ଗୁରୁ ବନ୍ଦନା ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓ) ସ୍ୱାଗତ ସଂଗୀତ ଗାନ କରିଥିଲେ। ଭଜନ ଗାନ କରିଥିଲେ ମହମ୍ମଦ ତୌଫିକ ଖାଁ। ଉକ୍ତ ସମାରୋହରେ ବରଗଡ଼ ଜିଲ୍ଲାର ୧୦ମ ବୋର୍ଡ଼ ପରୀକ୍ଷାରେ ସର୍ବାଧିକ ମାର୍କ ଓ ବିଭିନ୍ନ ବିଷୟରେ ସର୍ବାଧିକ ମାର୍କ ରଖିଥିବା ୮ଜଣ ଛାତ୍ରଛାତ୍ରୀଙ୍କୁ ମେଧା ପୁରସ୍କାର ପ୍ରଦାନ ସହ ହିନ୍ଦୀ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ୩୧ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ପାଇଁ ବିନୋଦ ସାହୁ, ରାମକୃଷ୍ଣ ଠାକୁର, କମଳ ଯୋଶୀ, ନୀଳାମ୍ବର ମେହେର, ଜଗଦୀଶ ସୈନ, ମନୋରମା ଷଡ଼ଙ୍ଗୀ ସହଯୋଗ କରିଥିଲେ। ପରିଶେଷରେ ଅରବିନ୍ଦ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଙ୍ଗନବାଡ଼ି କର୍ମୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ପୋଡମୁଣ୍ଡ ପଡ଼ା ଗାଁ ର ଅଙ୍ଗନବାଡି କର୍ମୀ ଟୁନି ବେହେରା (୩୫) ଙ୍କ ଝୁଲନ୍ତା ମୃତ ଦେହ ଖପ୍ରାଖୋଲ ନିଜ ବାସ ଭବନରୁ ବୁଧବାର ଅପରାହ୍ନରେ ପୋଲିସ ଉଦ୍ଧାର କରିଛି । ସୂଚନା ଅନୁସାରେ ଘରେ ପଙ୍ଖାରେ ଶାଢ଼ି ଲଗାଇ ଝୁଲୁଥିବା ଦେଖି ସ୍ୱାମୀ କଲାପିକ ବରିହା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ସଦଳେବଳେ ପହଞ୍ଚି ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ ଙ୍କ ଉପସ୍ଥିତିରେ ଝୁଲନ୍ତା ମୃତ ଦେହକୁ ଉଦ୍ଧାର କରି ପଞ୍ଚନାମା କରିଥିଲେ। ଏନେଇ ଖପ୍ରାଖୋଲ ଥାନା କେସ ନମ୍ବର ୨/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଥାନା ଏସ ଆଇ ଲିଙ୍ଗରାଜ କିଶାନ ପ୍ରକାଶ କରିଛନ୍ତି।

# ୪ ଗଞ୍ଜେଇ ବେପାରୀଙ୍କୁ ୧୫ ବର୍ଷ ସଶ୍ରମ କାରାଦଣ୍ଡ

ଉମରକୋଟ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଉମରକୋଟ ସ୍ଥିତ ଅତିରିକ୍ତ ଜିଲ୍ଲା ଦୌରାଜଜ ଗିରିଜା ପ୍ରସାଦ ମହାପାତ୍ର ୧୫ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ୨୧/୨/୨୩ ତାରିଖ ଦିନ କୌଣସି ସୂତ୍ରରୁ ଖବର ପାଇ ଉମରକୋଟ ଥାନାର ସବ୍‌ଇନ୍ସପେକ୍ଟର ସନ୍ତୋଷ କୁମାର ମାଝୀ ଉମରକୋଟ ଥାନାର ଏଏସଆଇ ଶରତ କୁଟରୁକା, ସନ୍ତୋଷ କୁମାର ଦାସ, ଖଗପତି ବିଷୋୟୀ ଓ ଉମେଶ କୁମାର ପୁଜାରୀଙ୍କୁ ନେଇ ଉମରକୋଟ ସହର ନିକଟସ୍ଥ ବେହେଡା ଠାରେ ବସବାସ କରୁଥିବା ଗଞ୍ଜେଇ ବେପାରୀ ବିଷ୍ଣୁପଦ ମଲିକଙ୍କ ଘରେ ଚଡାଉ କରିଥିଲା। ଏହି ସମୟରେ ରାଇଘର ପରଚିପାରାର ତପନ ଦାସ, ନବରଙ୍ଗପୁର ନିକଟସ୍ଥ ଦଳେଇଗୁଡା ଗ୍ରାମର କୃଷ୍ଣ ହରିଜନ ଓ ନବରଙ୍ଗପୁର ନିକଟସ୍ଥ କୋଇ ଗୁଡା ଗ୍ରାମର ରହିମ ହରିଜନ ଉପସ୍ଥିତ ଥିଲେ ଓ ସେମାନେ ପ୍ରାୟ ୨ କ୍ୱିଣ୍ଟାଲ ୬ କିଲୋଗ୍ରାମ ଗଞ୍ଜେଇକୁ ୯ଟି ଜରି ବସ୍ତାରେ ରଖି ପଡୋଶୀ ଛତିଶଗଡର ରାଜଧାନୀ ରାୟପୁରକୁ ଚାଲାଣ କରିବା ପାଇଁ ପ୍ରସ୍ତୁତି ଚାଲିଥିବା ସମୟରେ ପୋଲିସ ପହଞ୍ଚି ଯାଇଥିଲେ। ପୋଲିସ ୪ ଗଞ୍ଜେଇ ବେପାରୀଙ୍କ ଠାରୁ ୨ କ୍ୱିଣ୍ଟାଲ ୬ କେଜି ଗଞ୍ଜେଇ ଜବତ କରିବା ସହ ସେମାନଙ୍କ ବିରୁଦ୍ଧରେ ଧାରା ୨୦ (ବି),(ଆଇଆଇ ) (ସି )ଏନ୍‌ଡିପିସିରେ ମୋକଦ୍ଦମା ରୁଜୁକରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଏହି ୪ ଗଞ୍ଜେଇ ବେପାରୀଙ୍କୁ ଉମରକୋଟ ଜେଲକୁ ପଠାଇ ଦିଆଯାଇଥିଲା। ସେହିଦିନ ଠାରୁ ଏହି ୪ ଗଞ୍ଜେଇ ବେପାରୀ ଉମରକୋଟ ଜେଲରେ ବନ୍ଦୀ ଜୀବନ କାଟି ଆସୁଥିଲେ। ଉମରକୋଟ ଥାନାର ସବ ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ମିଶ୍ର ଘଟଣାର ତଦନ୍ତ ଭାର ଗ୍ରହଣ କରି ତଦନ୍ତ କରୁଥିଲେ। ଆଜି ଉମରକୋଟ ଅତିରିକ୍ତ ଜିଲ୍ଲା ଦୌରାଜଜ ଗିରିଜା ପ୍ରସାଦ ମହାପାତ୍ର ମହାପାତ୍ର ୧୭ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ୪ ଗଞ୍ଜେଇ ବେପାରୀଙ୍କୁ ୧୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜୋରିମାନା ଆଦେଶ ଶୁଣାଇଛନ୍ତି। ଜୋରିମାନା ଅର୍ଥ ଅନାଦେୟ କ୍ଷେତ୍ରରେ ଆହୁରି ଅଧିକା ବର୍ଷେ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଝାଡେଶ୍ୱର୍ ମହାନ୍ତି ମୋକଦ୍ଦମା ପରିଚାଳନା କରୁଥିଲେ।

# ସଚେତନତା ଶିବିର

ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ତେନ୍ତୁଳିଖୁଣ୍ଟି ବ୍ଲକ କୁକୁଡ଼ାବାଇ ପଞ୍ଚାୟତ ପରିସରରେ ଜିଲ୍ଲା ଆଇନସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ପ୍ରବାସୀ ଶ୍ରମିକମାନଙ୍କର ବିଭିନ୍ନ ପ୍ରସଙ୍ଗ ଓ ନାବାଳକ ନ୍ୟାୟ ଯନ୍ ଏବଂ ଶିଶୁମାନଙ୍କର ସୁରକ୍ଷା ଆଇନକୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନସେବା ପ୍ରାଧିକରଣ, ନବରଙ୍ଗପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସାଇ ଅଭିପ୍ସା ଗୋଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ପ୍ରବାସୀ ଶ୍ରମିକମାନଙ୍କର ବିଭିନ୍ନ ପ୍ରସଙ୍ଗ ଓ ନାବାଳକ ନ୍ୟାୟ ଯନ୍ ଏବଂ ଶିଶୁମାନଙ୍କର ସୁରକ୍ଷା ଆଇନ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥି ଭାବେ ଛୋଟରାୟ ଟୁଡୁ, ଜିଲ୍ଲା ଶ୍ରମ ଅଧିକାରୀ, କିଶୋରୀ ପଟ୍ଟନାୟକ ତାଲିକାଭୁକ୍ତ ଆଇନଜୀବୀ, ରାଜକିଶୋର ନାଗ, ଉପମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ପରାମର୍ଶଦାତା, ରତ୍ନା ଯାନୀ, ସରପଞ୍ଚ କୁକୁଡାବାଇ ଗ୍ରାମ ପଞ୍ଚାୟତ ଏବଂ ପ୍ରବୀଣ କୁମାର ପ୍ରଧାନ ପିଇଓ, କୁକୁଡାବାଇ ଗ୍ରାମ ପଞ୍ଚାୟତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ଓଡିଶା ଅଣସଂଗଠିତ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୧୫ ଜଣଙ୍କୁ ଅଣସଂଗଠିତ ଶ୍ରମିକ ପରିଚୟ ପତ୍ର ଓ ମୃତ୍ୟୁକାଳୀନ ସହାୟତା ବାବଦକୁ ୮ ଜଣ ହିତାଧିକାରୀଙ୍କୁ ମୋଟ ଟଙ୍କା ୧୨ ଲକ୍ଷର ସହାୟତା ପ୍ରଦାନ କରାଯାଇଥିଲା । ଶେଷରେ ଆଇନଜୀବୀ ରାଜକିଶୋର ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# କୁଲୁତାପଡ଼ା ନୂତନ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ କୁଲୁତାପଡା ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ମଧୁ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ମିଶ୍ର , ମୁଖ୍ୟବକ୍ତା ରୂପେ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ଦାସ, ସମ୍ମାନୀତ ଅତିଥି ରୂପେ ସିଆର୍‌ସିସି ଶାନ୍ତନୁ ବାରିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜେନାମଣି ସାହୁ , ରାଧେଶ୍ୟାମ ନାଏକ,ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ପ୍ରସାଦ ପଣ୍ଡା , ବୃନ୍ଦାବନ ଧରୁଆ ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ ପ୍ରମୁଖ ଯୋଗଦେଇ ପ୍ରାଥମିକ ଶିକ୍ଷା ହିଁ ଶିକ୍ଷାର ମୂଳଦୁଆ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଜିଜ୍ଞାସା ପଧାନ ସ୍ୱାଗତ ଭାଷଣ ଦେବା ସହିତ ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ପ୍ରଶାନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ମାଲକାନଗିରି (ଭାସ୍କର ନ୍ୟୁଜ): ବିଜୁ ଜନତା ଦଳର ସୁପ୍ରିମୋ ତଥା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ରାଜ୍ୟ ବିଜୁ ଜନତା ଦଳର ହେବାକୁ ଥିବା ସାଙ୍ଗଠନିକ ନିର୍ବାଚନ ପାଇଁ ଜିଲ୍ଲା ସ୍ତରୀୟ ରିଟର୍ଣ୍ଣିଂ ଅଧିକାରୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ବିଭିନ୍ନ ଜିଲ୍ଲା ସ୍ତରୀୟ ରିଟର୍ଣ୍ଣିଂ ଅଧିକାରୀମାନଙ୍କୁ ନିଯୁକ୍ତ ଦିଆଯାଇଛି । ଏହି କ୍ରମରେ ମାଲକାନଗିରି ଜିଲ୍ଲାର ନିର୍ବାଚନ ରିଟର୍ଣ୍ଣିଂ ଅଧିକାରୀ ଭାବେ ଜିଲ୍ଲାର ଆଦିବାସୀ ଟାଣୁଆ ନେତା ତଥା ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟ ଘନଶ୍ୟାମ ମାଡକାମୀଙ୍କୁ ରାଜ୍ୟ ନିର୍ବାଚନ ରିଟର୍ଣ୍ଣିଂ ଅଧିକାରୀ ପ୍ରତାପ କେଶରୀ ଦେବ ନିଯୁକ୍ତି ଦେଇଛନ୍ତି । ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ନବ ନିଯୁକ୍ତ ନିର୍ବାଚନ ରିଟର୍ଣ୍ଣିଂ ଅଧିକାରୀ ଘନଶ୍ୟାମ ମାଡକାମୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜ୍ଞାପନ କରାଯାଇଛି । ଜିଲ୍ଲା ନିର୍ବାଚନ ରିଟର୍ଣ୍ଣିଂ ଅଧିକାରୀ ଭାବେ ନିଯୁକ୍ତି ପାଇଲା ପରେ ଘନଶ୍ୟାମ ମାଡକାମି ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଏବଂ ରାଜ୍ୟ ନିର୍ବାଚନ ରିଟର୍ଣ୍ଣିଂ ଅଧିକାରୀ ପ୍ରତାପ କେଶରୀ ଦେବଙ୍କୁ କୃତଜ୍ଞତା ଜଣାଇଛନ୍ତି ।ଏଥି ସହିତ ସେ ଚାପ ମୁକ୍ତ , ସ୍ୱଚ୍ଛ ଏବଂ ପାରଦର୍ଶିତାର ସହିତ ନିଜର କର୍ତ୍ତବ୍ୟ ନିର୍ବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅବସରରେ ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମି , ବିଶିଷ୍ଟ ବିଜେଡି ନେତା ଗୋପାଳ ପଣ୍ଡା , ମେକା ପଞ୍ଚାୟତ ସରପଞ୍ଚ ସଦା ପୂଜାରି , ରାଜ୍ୟ ଯୁବ ସମ୍ପାଦକ ରବି ରାଜେଶ , ଜିଲ୍ଲା ମିଡ଼ିଆ ସଂଯୋଜକ ସଦାନନ୍ଦ ଖରା , ଯୁବ କର୍ମକର୍ତ୍ତା କେ ରାହୁଲ ଏବଂ ବସନ୍ତ ସିରିଆ ପ୍ରମୁଖ ଉପସ୍ଥିତ ଥିଲେ ।





ନୂଆଦିଲ୍ଲୀରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

# କୋରୁକୋଣ୍ଡା ବ୍ଲକର ୬ ଟି କେନ୍ଦ୍ରରେ ପରୀକ୍ଷା ଦେବେ ୧୦୯୬ ଜଣ ପରୀକ୍ଷାର୍ଥୀ

କୋରୁକୋଣ୍ଡା (ଭାସ୍କର ନ୍ୟୁଜ): ରାଜ୍ୟରେ ମାଟ୍ରିକ ପରୀକ୍ଷା ଫେବୃଆରୀ ୨୧ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ ।ମାଲକାନଗିରି ଜିଲ୍ଲାର ମୋଟ ୪୩ ଟି କେନ୍ଦ୍ରରେ ପରୀକ୍ଷା ହେବ । ମୋଟ ୮ ହଜାର ୨ଶହ ୨୩ ଜଣ ଛାତ୍ରୀ ଛାତ୍ର ପରୀକ୍ଷା ଦେବେ ବୋଲି ଜିଲ୍ଲା ଶିକ୍ଷା ବିଭାଗର ବିଜ୍ଞାନ ସୁପରଭାଇଜର ଶରତ କୁମାର ରାଉତ ସୂଚନା ଦେଇଛନ୍ତି । ଏହି କ୍ରମରେ କୋରୁକୋଣ୍ଡା ବ୍ଲକରେ ମୋଟ ୬ ଟି କେନ୍ଦ୍ରରେ ପରୀକ୍ଷା ହେବ । ତେବେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୩୩ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେବେ । ସେହିପରି ବାଲିମେଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୫୩ ଜଣ, ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୧୫୫ ଜଣ, କୋରୁକୋଣ୍ଡା ସ୍ୱାମୀ ଶିବାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୭୧ ଜଣ, ତାର୍ଲାକୋଟା ହାଇସ୍କୁଲରେ ୨୭୯ ଜଣ ଏବଂ ପିଟାଗାଟା ଠାରେ ଥିବା ନେତାଜୀ ଉଚ୍ଚ ବିଦ୍ୟାଳୟରେ ୧୦୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସ୍ଥିର କରାଯାଇଛି ।ଉପରୋକ୍ତ ୬ ଟି କେନ୍ଦ୍ରରେ ମୋଟ ୧୦୯୬ ଜଣ ପରୀକ୍ଷର୍ଥୀ ମାଟ୍ରିକ ପରୀକ୍ଷା ଦେବେ । ସମସ୍ତ ପରୀକ୍ଷାର୍ଥୀ ସକାଳ ୮ ଟା ସୁଦ୍ଧା ନିଜ ନିଜ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ ।ପରୀକ୍ଷା କେନ୍ଦ୍ର ଗୁଡିକରେ କଡା ନଜର ରଖିବା ପାଇଁ ସବୁ ସେଣ୍ଟରରେ ସିସିଟିଭି ଲଗାଯାଇଛି ।

# ପୁରୀରେ ସରିଲା କଂଗ୍ରେସର ସଂକଳ୍ପ ପଦଯାତ୍ରା



ପୁରୀ (ଭାସ୍କର ନ୍ୟୁଜ) : କଂଗ୍ରେସର ସଂକଳ୍ପ ପଦଯାତ୍ରା ପୁରୀରେ ସମାପନ ହୋଇଛି । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଂକଳ୍ପ ପଦଯାତ୍ରାରେ କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ବିଧାୟକ ତାରାପ୍ରସାଦ ବାହିନୀପତି, ସୁର ରାଉତରାୟ ଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ସାମିଲ୍ ହୋଇଥିଲେ । ତେବେ ଗତ ୧୮ ତାରିଖ ଦିନ ଭୁବନେଶ୍ୱର ବିମାନ ବନ୍ଦରରୁ ଆରମ୍ଭ ହୋଇଥିବା ଏହି ସଂକଳ୍ପ ପଦଯାତ୍ରା ପିପିଲି, ଚନ୍ଦନପୁର, ବାଟମଙ୍ଗଳା ଦେଇ ବଡ଼ଦାଣ୍ଡରେ ପହଞ୍ଚିଥିଲା । ? ବଡ଼ଦାଣ୍ଡରେ ଏକ ବିରାଟ ଶୋଭାଯାତ୍ରାରେ ହଜାର ହଜାର କଂଗ୍ରେସ କର୍ମୀ ଏବଂ ନେତା ଏହି ସଂକଳ୍ପ ପଦଯାତ୍ରା କରି ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ । ପରେ ପିସିସି ସଭାପତି ଭକ୍ତଚରଣ ଦାସ, ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସମେତ ବରିଷ୍ଠ ନେତାମାନେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ଦର୍ଶନ ସାରି ଫେରିବା ପରେ ପିସିସି ସଭାପତି ପ୍ରତିକ୍ରିୟା ରଖିଛନ୍ତି । କଂଗ୍ରେସ କ୍ଷମତାକୁ ଆସିଲେ ରାଜ୍ୟର ଉନ୍ନତି କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମସ୍ତ ସମ୍ପତ୍ତି ଓ ରତ୍ନଭଣ୍ଡାରର ହିସାବ କରିବ । ମହାପ୍ରଭୁଙ୍କ ଆଶୀର୍ବାଦ ନେଇ କଂଗ୍ରେସ ଓଡ଼ିଶା ବାସୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବେ ବୋଲି ପିସିସି ସଭାପତି କହିଛନ୍ତି । ସେପଟେ ଅନ୍ୟ ବରିଷ୍ଠ ନେତାମାନେ ମଧ୍ୟ କଂଗ୍ରେସର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ଆଗାମୀ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଶୁଭେଚ୍ଛା ଜଣାଇଲେ...

ମାନଙ୍କୁ ଏ ନେଇ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ପରୀକ୍ଷାରେ ଯେପରି କୌଣସି ବ୍ୟତିକ୍ରମ ନ ହୁଏ ସେ ନେଇ ପରିଷଦ ପକ୍ଷରୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ମାଟ୍ରିକ ପରୀକ୍ଷା ପୂର୍ବରୁ ଗୁରୁବାର ପରୀକ୍ଷାମୂଳକ ଭାବେ ଡ୍ରାଏରନ୍ କରାଯାଇଛି । କପି ରୋକିବା ପାଇଁ ସବୁ ସେକ୍ଟରରେ ସିସିଟିଭି ଲଗାଯାଇଛି । ପରୀକ୍ଷା ସମୟରେ ପ୍ରଶ୍ନପତ୍ର ଭାଇରାଲ ହେବା ପ୍ରମୁଖ ସମସ୍ୟା ହୋଇଥିବାରୁ ଏହାକୁ ରୋକିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ପ୍ରଶ୍ନପତ୍ରରେ କ୍ୟୁଆର କୋଡ୍ ଏବଂ ୱାଟରମାର୍କର ବ୍ୟବସ୍ଥା କରାଯାଇଛି । ଯେଉଁଠି ପ୍ରଶ୍ନପତ୍ର ଲିକ୍ ହେଲେ ବି ଯେମିତି ଧରାପଡ଼ିବ ସେ ନେଇ ମଧ୍ୟ ବ୍ୟବସ୍ଥା କରାଯାଇଛି । ତେବେ ପ୍ରଶ୍ନପତ୍ର ଭାଇରାଲ ଗୁଜବକୁ ବିଶ୍ୱାସ ନ କରି ପରୀକ୍ଷା ଦେବାକୁ ପରାମର୍ଶ ଦେଇଛନ୍ତି ବୋର୍ଡ କର୍ତ୍ତୃପକ୍ଷ । ଅନ୍ୟପକ୍ଷରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଚାପମୁକ୍ତ ହୋଇ ପରୀକ୍ଷା ଦେବାକୁ ପରାମର୍ଶ ଦେଇଛନ୍ତି ।

### ରେଖାଙ୍କୁ ଭେଟିଲେ...

ରହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରେଖାଙ୍କୁ ଶୁଭେଚ୍ଛା ଜଣାଇଥିଲେ ଏବଂ ମୁଖ୍ୟମନ୍ତ୍ରୀ ଭାବେ ଦିଲ୍ଲୀର ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ଆଶା ପ୍ରକାଶ କରିଥିଲେ । ଉଭୟଙ୍କ ମଧ୍ୟରେ ଦେଶର ବିକାଶ ନେଇ ମଧ୍ୟ ଆଲୋଚନା ହୋଇଥିଲା ।

### ଯେଉଁଠି ନିର୍ବାଚନ...

କହିଥିଲେ ଯେ ମହାରାଷ୍ଟ୍ର ଓ ଦିଲ୍ଲୀ ପରି ଏନଡିଏ ପ୍ରତ୍ୟେକ ନିର୍ବାଚନରେ ବିଜୟଲାଭ କରିବ । ସୂଚନାଯୋଗ୍ୟ ଯେ ୨୦୨୫ ଶେଷ ସୁଦ୍ଧା ବିହାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ସେହିପରି ୨୦୨୬ରେ ଆସାମ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ ଓ ପୁଡୁଚେରୀ ବିଧାନସଭା ଆସନ ପାଇଁ ନିର୍ବାଚନ ହେବାକୁ ଥିବାବେଳେ ୨୦୨୭ରେ ଗୋଆ, ମଣିପୁର, ପଞ୍ଜାବ, ଉତ୍ତରାଖଣ୍ଡ, ଗୁଜରାଟ, ହିମାଚଳପ୍ରଦେଶ ଏବଂ ଉତ୍ତରପ୍ରଦେଶରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଏହି ବୈଠକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂହଦେଓ ମଧ୍ୟ ଉପସ୍ଥିତ ରହିଥିଲେ ।

### ପୃଥିବୀରୁ...

ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର କଲୋନୀ ପ୍ରସ୍ତୁତ କରି ବଞ୍ଚିବେ । ସେମାନେ ପରବର୍ତ୍ତୀ ସଭ୍ୟତା ନିର୍ମାଣ କରିବେ ବୋଲି ମଧ୍ୟ ଆକଳନ କରାଯାଇଛି । ଅକ୍ଟୋପସ ଜଟିଳ ସମସ୍ୟାରେ ନିଜକୁ ପରିବର୍ତ୍ତନ କରିଥାଏ । ଆବଶ୍ୟକ ପଡ଼ିଲେ ପରିସ୍ଥିତି ଅନୁସାରେ ଛଦ୍ମରୂପ ମଧ୍ୟ ନେଇପାରନ୍ତି । ସେମାନଙ୍କୁ ଯଦି ଉପଯୁକ୍ତ ପରିବେଶ ମିଳିବ, ତେବେ ସେମାନଙ୍କ ବୁଦ୍ଧି ଆହୁରି ବିକଶିତ ହେବ । ବୈଜ୍ଞାନିକମାନେ କହିଛନ୍ତି ଯେ ଦିନେ ଏପରି ସମୟ ଆସିବ, ପୃଥିବୀ ପୃଷ୍ଠରେ ମଣିଷ ବଞ୍ଚି ରହିବା କଷ୍ଟକର ହେବ । ଜଳବାୟୁ ପରିବର୍ତ୍ତନ ଓ ଯୁଦ୍ଧ ଏହାର ମୁଖ୍ୟ କାରଣ । ମଣିଷ ପରି ଅନ୍ୟ କ୍ଲାଇମେଟ ଜୀବ ଏଭଳି ପରିସ୍ଥିତିରେ ନିଜକୁ ବଞ୍ଚାଇ ରଖିପାରିବେ ନାହିଁ । ଅକ୍ଟୋପସ ଭୂପୃଷ୍ଠରେ ମଧ୍ୟ ବଞ୍ଚି ରହିବାର ଦକ୍ଷତା ରଖିଛି । ପାଣି ବାହାରେ ୩୦ ମିନିଟ୍‌ରୁ ଅଧିକ ସମୟ ଏହା ବଞ୍ଚିପାରିବ । ଯଦି ମଣିଷ ସମୁଦ୍ର ମଧ୍ୟରେ ଶିକାର କରିବା ପନ୍ଥା ବାହାର କରିପାରୁଛି, ତେବେ ଅକ୍ଟୋପସ୍ ମଧ୍ୟ ସ୍ଥଳ ଭାଗରେ ନିଜର ଖାଦ୍ୟ ସଂଗ୍ରହ କରିପାରିବ । ଆଉ ଡାଇନୋସର ଭଳି ରାଜ କରିବ । ଏମାନେ ଲକ୍ଷଲକ୍ଷ ବର୍ଷ ସ୍ଥଳ ଭାଗରେ ଶିକାର କରି ଦକ୍ଷ ଶିକାରୀ ହୋଇପାରିବେ । ମଣିଷ ବିଲୁପ୍ତ ହେବାପରେ ଏହି ୮ ଗୋଡିଆ ପ୍ରାଣୀମାନେ ଆମ ଗ୍ରହକୁ ଶାସନ କରିବେ ।

### ଶପଥ ନେଲେ...

ନେଇଛନ୍ତି । ଏହି ଶପଥଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, ଦିଲ୍ଲୀ ପ୍ରଭାରୀ ବୈଜୟନ୍ତ ପଣ୍ଡାଙ୍କ ସମେତ ବିଜେପିର ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହିଥିଲେ । ସୂଚନାଯୋଗ୍ୟ ଯେ ବୁଧବାର ରେଖାଙ୍କୁ ବିଜେପି ବିଧାୟକ ଦଳ ବୈଠକରେ ନେତା ଭାବେ ମନୋନୀତ କରାଯାଇଥିଲା । ରେଖାଙ୍କ ଶପଥ ପରେ ଦିଲ୍ଲୀରେ ରେଖାଙ୍କ ରାଜ୍ ଆରମ୍ଭ ହୋଇଛି । ଛାତ୍ର ରାଜନୀତିରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ରେଖା ଏବିଭିପି ଓ ଆରଏସଏସ ସହିତ ଜଡ଼ିତ ରହିଥିଲେ । ୧୯୯୨ରେ ସେ ଏବିଭିପିରେ ସାମିଲ ହୋଇଥିଲେ । ୧୯୯୬-୯୭ ମସିହାରେ ସେ ଦିଲ୍ଲୀ ୟୁନିଭରସିଟିର ସଭାପତି ହୋଇଥିଲେ । ୨୦୦୪ରୁ ୨୦୦୬ ଯାଏ ସେ ବିଜେପିର ରାଷ୍ଟ୍ରୀୟ ସଚିବ ଭାବେ କାର୍ଯ୍ୟ କରିଥିଲେ । ଚଳିତଥର ଆପର ପ୍ରାର୍ଥୀଙ୍କୁ ହରାଇ ସେ ବିଧାୟକ ହୋଇଥିଲେ । ଦିଲ୍ଲୀରେ ସୁଷମା ସ୍ୱରାଜ, ଶିଲା ଦୀକ୍ଷିତ ଏବଂ ଅତିଶୀଙ୍କ ପରେ ରେଖା ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ।

# ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଗୋପ (ଭାସ୍କର ନ୍ୟୁଜ): ଆଜି ପୂର୍ବାହ୍ନ ପ୍ରାୟ ୯ ଟା ସମୟରେ ଏକ ଅପରିତ୍ୟେକ୍ତ ସ୍କୁଲ ଶ୍ରେଣୀ ଗୃହର ଏକ ସେଣୀ ରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛି । ଯୁବକ ଜଣକ ହେଲା ଗୋପ ଥାନା ଅଧିନ ମହଲପଡା ପଂଚାୟତ କୁଣ୍ଡିସ ଗ୍ରାମର କେଶବ ବେହେରାଙ୍କ ପୁଅ କାଳନ୍ଦୀ ବେହେରା (୨୪) । ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ସେ ଜଣେ ମାନସିକ ବିକୃତ ଯୁବକ ଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । କୁଣ୍ଡିସ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏହି ପରିତ୍ୟକ୍ତ ଶେଣୀ ଗୃହ ସେଣୀରେ କାଳନ୍ଦୀ ଝୁଲୁ ଥିବାର ଦେଖି କେତକ ସ୍ଥାନୀୟ ଲୋକେ ତାଙ୍କ ଘରକୁ ଖବର ଦେଇଥିଲେ । ଖବର ପାଇ ଗୋପ ପୋଲିସ ଘଟଣାସ୍ଥଳରେ ପହଁଚି ଶବକୁ ଜବତ କରି ଏକ ଅପମୃତ୍ୟୁ ମାମାଲା ରୁଜୁ କରି ବ୍ୟବଛେଦ ନିମନ୍ତେ ଚାରିଛକ ଡାକ୍ତରଖାନା ପଠାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି ।

## ଗଞ୍ଜେଇ ଚାଲାଣ ବେଳେ ୪ ଅଭିଯୁକ୍ତ ଗିରଫ

# ୪୩ କେଜି ଗଞ୍ଜେଇ ଜବତ କଲା ଅବକାରୀ ବିଭାଗ



ମାଲକାନଗିରି(ଭାସ୍କର ନ୍ୟୁଜ): ପେଟ୍ରୋଲିଙ୍ଗ ସମୟରେ ମାଲକାନଗିରି ଅବକାରୀ ବିଭାଗ ଦ୍ୱାରା ୪ ଜଣ ଗଞ୍ଜେଇ ଚାଲାଣକାରୀ ଗିରଫ, ୪୩କେଜି ଗଞ୍ଜେଇ ଜବତ । ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସଦର ଥାନା ଅନ୍ତର୍ଗତ ଚାଲାଣଗୁଡା ଛକ ନିକଟରେ ଅବକାରୀ ବିଭାଗରେକ ଟିମ ପେଟ୍ରୋଲିଙ୍ଗ କରୁଥିବା ସମୟରେ ମାଲକାନଗିରିରୁ ୨ଗୋଟି ମୋଟର ସାଇକେଲ ଦ୍ରୁତ ଗତିରେ ଆସୁଥିବା ଦେଖି ସନ୍ଦେହ ହେବାରୁ ଅଟକାଇଥିଲେ । ଉକ୍ତ ଦୁଇଟି ମୋଟର ସାଇକେଲରେ ମୋଟ ୪ ଜଣ ଯୁବକ ରହିଥିବା ବେଳେ ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ବ୍ୟାଗ ମଧ୍ୟରେ ଗଞ୍ଜେଇ ଥିବା ଅବକାରୀ କର୍ମଚାରୀ ମାନେ ଦେଖିବାକୁ ପାଇଥିଲେ । ତୁରନ୍ତ ଅବକାରୀ କର୍ମଚାରୀ ମାନେ ଉକ୍ତ ଗଞ୍ଜେଇ ଓ ୨ଗୋଟି ମଟର ସାଇକେଲ ଜବତ କରିବା ସହ ୪ଜଣା ଆସାମୀଙ୍କୁ ଗିରଫ କରିଥିଲେ । ଜବତ ଗଞ୍ଜେଇର ଓଜନ ପ୍ରାୟ ୪୩ କେଜି ହିଥିବା ବେଳେ ଏହି ଗଞ୍ଜେଇକୁ ଉକ୍ତ ୪ ଅଭିଯୁକ୍ତ ଛତିଶଗଡ ଅଭିମୁଖେ ନେଉଥିବାର ସ୍ୱୀକାର କରିଥିଲେ ।.ଏହାର ଆନୁମାନିକ ମୂଲ୍ୟ ପ୍ରାୟ ସାଢେ ୪ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି । ତେବେ ଗିରଫ ଆସାମୀ ମାନେ ହେଲେ ତନିସ ବାଗେଲ, ଦିପେଶ କଶ୍ୟପ, ନାଗେଶ ଯାଦବ, ପୁଷ୍ପରାଜ ବେଟି ଓ ସମସ୍ତଙ୍କ ଘର ଛତିଶଗଡର ବସ୍ତର ଜିଲ୍ଲାରେ ବୋଲି ଜଣାପଡିଛି ।

# ମଧୁବାଣୀ ଷ୍ଟେସନରେ ରେଳ ସମ୍ପତ୍ତି ନଷ୍ଟ କରିବାରେ ଲିପ୍ତ ଥିବା ଦୁର୍ବୃତ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ: ମଧୁବାଣୀ ରେଳ ଷ୍ଟେସନରେ ଅଶାନ୍ତ ଯାତ୍ରୀମାନେ ଟ୍ରେନ୍ ନମ୍ବର ୧୨୫୬୧ ସ୍ୱାଧୀନ ସେନାନୀ ଏକ୍ସପ୍ରେସ ( ଏକ୍ସ- ଜୟନଗର-ନୂଆଦିଲ୍ଲୀ)ର ଏସି କୋଚ୍‌ର ୭୩ଟି କାଚ ଝରକା ଭାଙ୍ଗି ଦେଇଥିଲେ । ଏଥିସହ ରେଳ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଏବଂ ବିଶୃଙ୍ଖଳା ସୃଷ୍ଟି କରିଥିଲେ । ଏହି ଭଙ୍ଗାରୁଜାର ଜବାବରେ ପୂର୍ବ କେନ୍ଦ୍ରୀୟ ରେଳବାଇ ରେଳ ସୁରକ୍ଷା ବଳ (ଜଚର) ଅପରାଧ ନମ୍ବର ୧୬୮/୨୦୨୫ ଅନୁଯାୟୀ ରେଳ ଆଇନର ଧାରା ୧୪୫(ଖ), ୧୪୬, ୧୫୩ ଏବଂ ୧୭୪(କ) ଅନୁଯାୟୀ ଏକ ମାମଲା ପଞ୍ଜିକରଣ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ଦୁର୍ନୀତିକାରୀଙ୍କୁ ଚିହ୍ନଟ କରିବା ପାଇଁ ଆରପିଏଫର ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା । ସ୍ୱତନ୍ତ୍ର ଦଳ ଦ୍ୱାରା ତଦନ୍ତ ସମୟରେ ଉତ୍ସ ଏବଂ ବୈଷୟିକ ପ୍ରମାଣ ମାଧ୍ୟମରେ ସୂଚନା ସଂଗ୍ରହ କରାଯାଇଥିଲା । ଯାହାଫଳରେ ଘଟଣାରେ ସମ୍ପୃକ୍ତ ଥିବା ଜଣେ ନାବାଳକକୁ ଚିହ୍ନଟ କରାଯିବା ସହ ଗିରଫ କରାଯାଇଥିଲା । ଏହି ଘଟଣାରେ ସମ୍ପୃକ୍ତି ସ୍ୱୀକାର କରିବା ସହ ଅନୁତାପ ପ୍ରକାଶ କରିଛି । ଅନ୍ୟାନ୍ୟ ସମାନ ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ଚିହ୍ନଟ ଏବଂ ଗିରଫ କରିବା ପାଇଁ ମାମଲାର ତଦନ୍ତ ସକ୍ରିୟ ଭାବରେ ଚାଲିଛି । ରେଳ ସମ୍ପତ୍ତି ନଷ୍ଟ/କ୍ଷୟକ୍ଷତି କାର୍ଯ୍ୟରେ ଲିପ୍ତ ଥିବା ଦୁର୍ବୃତ୍ତମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆରପିଏଫ୍ ପ୍ରତିବଦ୍ଧ ।

# ପାଟକୁରା ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ



ଗରଦପୁର-(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନାର ନୂତନ ଥାନା ଅଧିକାରୀ ଭାବରେ ଏମ୍ ଡି ଜାମସେଦ ଯୋଗଦାନ କରିଛନ୍ତି । ଏମ୍ ଡି ଜାମସେଦ ପୂର୍ବରୁ ମଧ୍ୟ ପାଟକୁରାରେ ଏଏସ୍ଆଇ ଭାବରେ କାର୍ଯ୍ୟ କରିବା ସହିତ ବହୁତ ଲୋକପ୍ରିୟତା ଅର୍ଜନ କରିଥିଲେ । ପାଟକୁରା ଅଞ୍ଚଳରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ସଜାଡିବାରେ ନୂତନ ଆଇଆଇସି ଙ୍କ ପୂର୍ବ ଅଭିଜ୍ଞତା ନିଶ୍ଚିତ ଭାବେ କାମ ଦେବ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି । ସ୍ଥାନୀୟ ଅଞ୍ଚଳବାସୀ ନୂତନ ଆଇଆଇସିଙ୍କ ଯୋଗଦାନକୁ ନେଇ ବେଶ୍ ଖୁସି ଥିବା ଜଣା ପଡିଛି ।

# ଆନ୍ଦୋଳନକୁ ନଅ ଦିନ ବିତିଲା ତଥାପି ପ୍ରଶାସନର ଦେଖା ନାହିଁ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ଦୀର୍ଘ ନଅ ଦିନ ବିତିଲା ତଥାପି ପ୍ରଶାସନର ଦେଖା ନାହିଁ । କୋଡୀଙ୍ଗା ମାଳି ପାହାଡ଼ ତଳେ ଶତାଧିକ ଆନ୍ଦୋଳନ କାରି ପାୟୋନୀର କମ୍ପାନୀକୁ ବିରୋଧ କରି ଶୀତ କାକରରେ ପଡି ରହିଥିଲେ ମଧ୍ୟ ଏଯାଏଁ କୌଣସି ନିଷ୍କର୍ଷ ବାହାରି ପାରି ନାହିଁ ।ଏହି ଆନ୍ଦୋଳନରେ ମନୋଜ ବାହିନୀପତିଙ୍କ ଅଧ୍ୟକ୍ଷତାରେ ପ୍ରତ୍ୟେକ ଅଞ୍ଚଳରୁ ଶହ ଶହ ଲୋକ ସମର୍ଥ ଜଣାଇ ସାମିଲ ହେଉଥିବା ବେଳେ ରାଜ୍ୟ ସରକାର ଚୁପ ବସିଛନ୍ତି । ଆନ୍ଦୋଳନ କାରି ମାନେ ନିଜ ଜିଦ ରେ ଅଟଳ ଥିବା ବେଳେ ପ୍ରଶାସନ ତରଫରୁ ଏଯାଏଁ କେହିବି ଆଲୋଚନା କରିବାକୁ ଆସିନଥିବା ଦେଖିବାକୁ ମିଳିଛି ।ଏପରିକି ସୁରକ୍ଷା ଦୃଷ୍ଟି କୋଣରୁ କୌଣସି ପୋଲିସ କର୍ମୀଙ୍କ ଦେଖା ନାହିଁ ।

# ଦ୍ରୁତଗାମୀ ହାଇୱା ନେଲା ଜଣଙ୍କ ଜୀବନ

ନିଆଳି: (ଭାସ୍କର ନ୍ୟୁଜ): ବେପରୁଆ ଗାଡି ଚାଳନା ଯୋଗୁଁ ହାଇୱା ଚାପରେ ଜଣେ ମୃତ । ନିଆଳି ଥାନା ଅନତି ଦୂର ତଥା ନିଆଳି କୋର୍ଟ ଛକରେ ଘଟିଛି ଏପରି ଦୁର୍ଘଟଣା । ହାଇୱା ଜଣ ଙ୍କ ଉପରେ ଚଢ଼ିଯିବା ଫଳରେ ଘଟଣା ସ୍ଥଳରେ ଲୋକ ଜଣଙ୍କ ମୃତ୍ୟୁ ଘଟିଛି । ଫୁଲ ନଖରା – ନିଆଳି ମାଧବ ରାସ୍ତାର ନିଆଳି କୋର୍ଟ ସମ୍ମୁଖରେ ମଣ୍ଟୁ ବାମ ପାର୍ଶ୍ୱରେ ଯାଉଥିଲେ । ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା ମହୁଖଣ୍ଡା ଗ୍ରାମର ମଣ୍ଟୁ ତ୍ରିପାଠୀ ବୟସ ୫୨ । ନିଆଳି ବଜାର ଅଭିମୁଖେ ନିଜ ବାଇକ ଯୋଗେ ଆସୁଥିବା ବେଳେ କୋର୍ଟ ଛକ ନିକଟରେ ବାଇକ ଆରୋହୀଙ୍କୁ ପଛପଟୁ ଧକ୍କା ଦେଇଥିଲା ହାଇୱା । ଫଳରେ ମଣ୍ଟୁ ତଳେ ପଡିଯାଇଥିଲେ ତାଙ୍କ ମୁଣ୍ଡ ଉପରେ ହାଇୱା ପଛ ଚକା ଚଢ଼ି ଯାଇଥିଲା । ଦୁର୍ଘଟଣା ଘଟାଇ ଗାଡ଼ିଟି ଦୃତ ବେଗରେ ଫୁଲନଖର । ଅଭିମୁଖେ ଯାଉଥିବା ବେଳେ ସ୍ଥାନୀୟ ଲୋକ ମଝିଖଣ୍ଡ ଛକ ନିକଟରେ ତାକୁ କାବୁ କରି ନିଆଳି ପୋଲିସ ଜିମା ଦେଇଥିଲେ । ପୋଲିସ ଘଟଣା ସ୍ଥଳରୁ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଛି । ସଙ୍ଗେ ସଙ୍ଗେ ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିଙ୍କୁ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇ କଟକ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ।

## AFFIDAVIT

I, Soumyakanta Upadhyaya, S/o – Sudhakar Upadhyaya, residing At – Randia, Po – Randiahat, Dist – Bhadrak-756135, I do hererby declare that, I have lost my original ROR bearing Khata No.-78/49 in favour of Prakash Kumar Sahoo & Sale Deed vide RSD No.-1484 on Dtd.-05.05.2007 in favour of Sitaram Mahakud of Mouza – Mathasahi, Ps – Bhadrak in somewhere. If anyone finds these documents, kindly contact; Subash Ch. Panda, Mob-9937605579 within 15 days from the date of publication.

## ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ୍ ନମ୍ବର: ସିକେପି-ୱେଷ୍ଟ-୨୪-୨୫-୪୯ । ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟରିଂ), ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ଖୋଲା ଟେଣ୍ଡର ବିପକ୍ଷରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ଏହି ଟେଣ୍ଡର ବିପକ୍ଷରେ ମାନୁଆଲ୍ ପ୍ରସ୍ତାବ ଅନୁମତିପ୍ରାପ୍ତ ନୁହେଁ, ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ । କାର୍ଯ୍ୟର ନାମ: ସିନିୟର ଡିଭିଜନାଲ ଇଞ୍ଜିନିୟର (ପଶ୍ଚିମ)/ଚକ୍ରଧରପୁର (ଦ୍ୱିତୀୟ କଲ୍) ଅଧୀନରେ ରାଉରକେଲା-ଝାରସୁଗୁଡା ମଧ୍ୟରେ କିଲୋମିଟର ୪୮୬/୫-୭ରେ ବିଆର ନମ୍ବର ୨୨ (ଅପ୍), କିଲୋମିଟର ୪୮୦/୧୭-୧୯ରେ ବିଆର ନମ୍ବର ୨୮ (ଡାଉନ୍), କିଲୋମିଟର ୪୭୯/୧୯-୨୧ରେ ବିଆର ନମ୍ବର ୨୯ (ଡାଉନ୍), କିଲୋମିଟର ୪୭୫/୯-୧୧ରେ ବିଆର ନମ୍ବର ୩୬ (ଅପ୍) ଏବଂ ରାଉରକେଲା-ବ୍ରହ୍ମପୁର ମଧ୍ୟରେ କିଲୋମିଟର ୪୨୭/୧୦ବି-୧୧ବିରେ ବିଆର ନମ୍ବର ୨୦୪ ଏବଂ କିଲୋମିଟର ୪୧୫/୨୧-୨୩ରେ ବିଆର ନମ୍ବର ୧୨୮ରେ ସ୍ତମ୍ଭଗୁଡ଼ିକର ଆରସିସି ଜ୍ୟାକେଟିଂ ଏବଂ ଆବଟମେଣ୍ଟ । ଟେଣ୍ଡର ମୂଲ୍ୟ: ଟ.୪,୦୯,୬୬,୫୩୧.୪୦ । ସର୍ବଶ୍ରେଷ୍ଠ ଟଙ୍କା ଜମା: ଟ.୩,୫୪,୮୦୦/- । ଟେଣ୍ଡର ଫର୍ମର ମୂଲ୍ୟ: ଟ. ୦ । ଖୋଲିବାର ତାରିଖ: ୨୧.୦୩.୨୦୨୫ । ଟେଣ୍ଡରଟି ୱେବସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କର ଶ୍ରେଣୀ-ଓଓ ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ରହିବା ଆବଶ୍ୟକ ଏବଂ ଓଜରଚଝ ପୋର୍ଟାଲରେ ପଞ୍ଜିକୃତ ହେବା ଆବଶ୍ୟକ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପଲୋଡ୍ କରିବାକୁ ପଡିବ । ଟିପ୍ପଣୀ: ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ମାଗଣାରେ ଜାରି କରାଯିବ । (କର୍ତ୍ତୃତ୍ୱ-ଆରଏଲୱାଇ ବିଡରଙ୍କ ପତ୍ର ସଂଖ୍ୟା ୨୦୨୦/ସିଇ-ଓ/ସିଟି/୩ଇ/ଜିସିସି/ପଲିସି ତାରିଖ ୧୬.୦୭.୨୦୨୦) ।

(PR-1158)

## OFFICE OF THE MUNICIPAL COUNCIL: RAYAGADA

DIST-RAYAGADA
PIN CODE-765001, ODISHA
E-mail ID - raygadam.hud@nic.in

C-1703

Letter No. 662

Date. 19.02.2025

**QUOTATION CALL NOTICE**

Sealed quotations are hereby invited from the authenticated firms/ agencies for the purpose of supply, fitting, fixing and installation of LED acrylic Swachh Survekhsan 2024 under Swachh Bharat Mission (Urban) signage in different wards of Rayagada Municipality. As per detailed specification are given below.

| Sl. No. | Description of Material | Qty | Rate (Including GST) | Amount ( Including GST with site fitting) |
|---|---|---|---|---|
| 1 | Supply (12'0" X 7'0" X 0'6") with fitting and fixing all weather resistance of reputed brand LED Acrylic Swachh Survekhsan signage with GI pipe structure. | 1 | | |

General Bid information forms with terms & conditions for "LED Acrylic Swachh Survekhsan signage" will be available at this office on non refundable payment of Rs.3000/- (Rupees Three Thousand) only from date 20.02.2025 to 10.03.2025 on office hour only. The last date of submission of quotation paper in the tender box is on 10.03.2025 at 11.30 AM and shall be opened at 12.30 P.M on the same day. The authority reserves all the rights to accept/reject all/any quotation without assign any reasons thereof.

Sd/- Executive Officer
Rayagada Municipality

OIPR 13150/11/0051/2425

## कार्यपालक अभियंता का कार्यालय ग्रामीण विकास विशेष प्रमंडल, बोकारो

**ई–निविदा आमंत्रण सूचना**

ई–पुनर्निविदा सूचना संख्या – RDD/SD/BOKARO/53/2024-25/RE

1. कार्य की विस्तृत विवरणीः

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला अंतर्गत चास प्रखण्ड के तेतुलिया मौजा एवं एन०एच०–23 बारी को–ऑपरेटिव मोड़ के बीच गरगा नदी पर पुराने पुल के बगल में उच्चस्तरीय पुल निर्माण। (लम्बाई 76.18 मी०) | 40755600.00 | 815500.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 03.03.2025
3. ई–निविदा प्राप्ति की तिथि एवं समय – दिनांक 03.03.2025 से दिनांक 24.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 26.03.2025 अपराह्न 02:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, बोकारो।

PR.NO.346871 Rural Development(24-25):D

## ସୂର୍ଯ୍ୟୋଦୟ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍

SURYODAY A BANK OF SMILES

ରେଜିଷ୍ଟର୍ଡ ଏବଂ କର୍ପୋରେଟ୍ ଅଫିସ: ୧୧୦୧,ସାରଦା ଟେରାସେସ୍, ପ୍ଲଟ୍ ୬୫, ସେକ୍ଟର ୧୧, ସିବିଡି, ବେଲାପୁର, ନାଭି ମୁମ୍ବାଇ-୪୦୦୬୧୪
ସିଆଇଏନ୍: ଏଲ୍୬୫୯୨୩ଏମ୍ଏଚ୍୨୦୦୮ପିଏଲ୍ସି୨୬୧୪୭୨

**ଆପେଣ୍ଡିକ୍ସ-୪(ରୁଲ୍ ୮)(୧)**
**ପଜେସନ୍ ନୋଟିସ୍ (ସ୍ଥାବର ସମ୍ପତ୍ତି ପାଇଁ)**

ଯେହେତୁ ନିମ୍ନ ସ୍ୱାକ୍ଷରକାରୀ ମେସର୍ସ ସୂର୍ଯ୍ୟୋଦୟ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ (ମାହୋଫିନ୍)ର ପ୍ରାଧିକୃତ ଅଧିକାରୀଙ୍କ ତରଫରୁ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଆକ୍ଟ) ୨୦୦୨ (୨୦୦୨ର ୫୪) ଧାରା ଅନୁଯାୟୀ ତାଙ୍କର କ୍ଷମତାର ପ୍ରୟୋଗ କରି ୨୦୦୨ର ୩ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ର ଧାରା ୧୩(୧୨)ରେ ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ ଜାରି କରି ନୋଟିସ ପାଇବାର ୬୦ଦିନ ମଧ୍ୟରେ ଋଣ ପରିଶୋଧ ପାଇଁ କୁହାଯାଇଥିଲା । ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ଯେହେତୁ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେ ସର୍ବସାଧାରଣ ତଥା ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ଗ୍ୟାରେଣ୍ଟରମାନଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତା (ମନପୁରମ୍ ହୋମ ଫାଇନାନ୍ସ ଲିମିଟେଡ୍)ଙ୍କ ନିକଟରେ ନିମ୍ନ ଦର୍ଶିତ ସ୍ଥାବର ସମ୍ପତ୍ତିଗୁଡ଼ିକ ବନ୍ଧକ ରହିଛି । ତେଣୁ ୬ ଏବଂ ୮ ଆଇନର ୧୩/୪ ଧାରା ଅନୁଯାୟୀ ପ୍ରାଧିକୃତ ଅଧିକାରୀ ତାଙ୍କର କ୍ଷମତା ପ୍ରୟୋଗ କରି ଏହାକୁ ନିଜ ଦଖଲକୁ ନେଇଛନ୍ତି । ଋଣଗ୍ରହୀତା ଏବଂ ସର୍ବସାଧାରଣ ଏହି ସମ୍ପତ୍ତି ଉପରେ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ବିନା ଅନୁମତିରେ କୌଣସି କାରବାର କରିପାରିବେ ନାହିଁ । ନିମ୍ନରେ ସମ୍ପତ୍ତି ସଂପର୍କିତ ବିବରଣୀ ପ୍ରଦତ୍ତ ।

| କ୍ର ନଂ | ଋଣଗ୍ରହୀତା/ସହ ଋଣଗ୍ରହୀତା/ ଗ୍ୟାରେଣ୍ଟରଙ୍କ ନାମ | ଡିମାଣ୍ଡ ନୋଟିସ ତାରିଖ | ମୋଟ ବକେୟା ପରିମାଣ (ଟଙ୍କାରେ) ଭବିଷ୍ୟତ ସୁଧ ଲାଗିପାରେ | ସିମ୍ବଲିକ୍ ପଜେସନର ତାରିଖ |
|---|---|---|---|---|
| ୧ | ଲୋନ୍ ନଂ ୨୨୭୦୦୦୦୦୩୬୩୨<br>୧. ଚନ୍ଦ୍ରକାନ୍ତ ପାଇକରାୟ, ପିତା -ଦୈତାରୀ ପାଇକରାୟ<br>୨. ସୂର୍ଯ୍ୟକାନ୍ତ ପାଇକରାୟ, ପିତା- ଦୈତାରୀ ପାଇକରାୟ<br>୩. ଦୈତାରୀ ପାଇକରାୟ, ପିତା- ଗୋଲଖ ପାଇକରାୟ<br>୪. ମିତା ପାଇକରାୟ, ସ୍ୱାମୀ- ସୂର୍ଯ୍ୟକାନ୍ତ ପାଇକରାୟ | ୨୧.୧୦.୨୦୨୪ | ୧୬.୧୦.୨୦୨୪ ସୁଦ୍ଧା ଟ. ୨୯,୬.୭୩୧.୭୨/- | ୧୯.୦୨.୨୦୨୫ |
| | ସୁରକ୍ଷିତ ସାମଗ୍ରୀର ବିବରଣୀ(ଗୁଡ଼ିକ)/ସ୍ଥାବର ସମ୍ପତ୍ତି (ଗୁଡ଼ିକ), ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ, ରେଭିନ୍ୟୁ ଖାତା ନଂ ୩୦୬୧୫୧, ପ୍ଲଟ୍ ନଂ ୩୪୩, ଏରିଆ- ଏ୦.୧୨୦ ଡିସିମିଲ, କିସମ- ଘରବାରି ଚୁପୁରିଙ୍ଗ ମୌଜାରେ, ସା- ଚୁପୁରିଙ୍ଗ, ପୋ- ଗଡ଼ସାହି, ପିଏସ୍-ଗାସିଡାଗୋଡ଼ା, ଏସଆରଓ/ତହସିଲ- କଣାସ, ଜିଲ୍ଲା-ପୁରୀ, ମୌଜା- ଚୁପୁରିଙ୍ଗ, ଓଡ଼ିଶା- ୭୫୨୦୧୭, ବାଉଣ୍ଡରୀ: ଉତ୍ତର- ଖାଲି ଜମି ପ୍ଲଟ ନମ୍ବର ୩୨୪ ଏବଂ ୩୨୭, ଦକ୍ଷିଣ- ପ୍ଲଟ ନଂ ୩୪୩/୧୯୪୯ (ଖାଲି ଜମି), ପୂର୍ବ- ଖାଲି ଜମି (ପ୍ଲଟ ନଂ ୩୨୮), ପଶ୍ଚିମ- ରାସ୍ତା | | | |

ଋଣଗ୍ରହୀତା/ମାନେ/ଗ୍ୟାରେଣ୍ଟର/ମାନେ ତଥା ବିଶେଷକରି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଯାଇ ସତର୍କ କରି ଦିଆଯାଉଅଛି ଯେ ମେସର୍ସ ସୂର୍ଯ୍ୟୋଦୟ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍‌ର ବିନା ଅନୁମତିରେ ଏହି ସମ୍ପତ୍ତି ସହ କୌଣସି ପ୍ରକାର ଡିଲ୍ କରାଯାଇପାରିବ ନାହିଁ । ଯେହେତୁ ଋଣ ଧାରକଙ୍କର ଟଙ୍କା ସୁଧ ସହିତ ବାକି ରହିଛି ।

ସ୍ଥାନ: ଓଡ଼ିଶା, ତାରିଖ: ୨୧.୦୨.୨୦୨୫ — ସ୍ୱା/-ପ୍ରାଧିକୃତ ଅଧିକାରୀ, ସୂର୍ଯ୍ୟୋଦୟ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ ପାଇଁ



ନୂଆଦିଲ୍ଲୀ: କେନ୍ଦ୍ର ସରକାର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଡଃ ଭି ଅନନ୍ତ ନାଗେଶ୍ୱରନଙ୍କ କାର୍ଯ୍ୟକାଳକୁ ୨ ବର୍ଷ ବୃଦ୍ଧି କରିଛନ୍ତି। ୨୦୨୭ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ୨୦୨୨ ଜାନୁଆରୀ ୨୮ରେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଡଃ ନାଗେଶ୍ୱରନ ଅର୍ଥନୈତିକ ନୀତି ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଅର୍ଥନୈତିକ ସର୍ବେକ୍ଷଣ ୨୦୨୪-୨୫ରେ ଆସନ୍ତା ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ୬.୩%-୬.୮% ରହିବ ବୋଲି ଆକଳନ କରାଯିବାର କିଛି ସପ୍ତାହ ପରେ ଅର୍ଥନୀତିରେ ସୁଧାର ଆସିବାର ସଙ୍କେତ ଦେଖିବାକୁ ମିଳିଛି। ଚଳିତ ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ୬.୪% ରହିବ ବୋଲି ସରକାରଙ୍କ ଆଗୁଆ ଆକଳନ କରାଯାଇଛି। ସେ ୨୦୧୯ରୁ ୨୦୨୧ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ପାର୍ଟ ଟାଇମ ସଦସ୍ୟ ଭାବରେ ମଧ କାର୍ଯ୍ୟ କରିଛନ୍ତି ଏବଂ ଭାରତ ଓ ସିଙ୍ଗାପୁରର ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରିଛନ୍ତି। ଡଃ ନାଗେଶ୍ୱରନ୍ ଆଇଆଇଏମ୍ ଅହମ୍ମଦାବାଦରୁ ଏମବିଏ ଏବଂ ମାସାଚୁସେଟ୍ସ ବିଶ୍ୱବିଦ୍ୟାଳୟରୁ ଫାଇନାନ୍ସରେ ପିଏଚଡି କରିଛନ୍ତି। କେନ୍ଦ୍ର କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ଅନୁଯାୟୀ ଗତ ୧ରେ କ୍ୟାବିନେଟର ନିଯୁକ୍ତି କମିଟି ବୈଠକରେ ଡଃ ଭି ଅନନ୍ତ ନାଗେଶ୍ୱରନଙ୍କ ଚୁକ୍ତି ଭିତ୍ତିକ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବରେ କାର୍ଯ୍ୟକାଳ ୩୧.୦୩.୨୦୨୭ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

## ସ୍କୁଟି-ବାଇକ୍ ଚାଳକ ସାବଧାନ୍

# ଏଣିକି ନିୟମ ଉଲ୍ଲଂଘନ କଲେ ଗଣିବେ ମୋଟା ଅଙ୍କର ଦଣ୍ଡ



ନୂଆଦିଲ୍ଲୀ: ଭାରତରେ ରାସ୍ତାରେ ଚାଲୁଥିବା ସମସ୍ତ ଯାନବାହନ ପାଇଁ କିଛି ନିୟମ ସ୍ଥିର କରାଯାଇଛି। ତେଣୁ ସମସ୍ତ ଡ୍ରାଇଭରମାନଙ୍କୁ ଏହା ମାନିବାକୁ ପଡିବ। ଏହି ନିୟମ ଉଲ୍ଲଂଘନ କଲେ ଜରିମାନା ଆଦାୟ କରାଯାଏ । ଅନେକ ସମୟରେ ଲୋକମାନେ ନିୟମ ବିଷୟରେ ଅଧିକ ଜାଣନ୍ତି ନାହିଁ। କିନ୍ତୁ ମୋଟର ଯାନ ଆଇନ ଅନୁଯାୟୀ ତିଆରି ହୋଇଥିବା ଅନେକ ନିୟମ ବହୁତ କଠୋର। ଏଗୁଡ଼ିକୁ ଉଲ୍ଲଂଘନ କରିବା ଦ୍ୱାରା ଆପଣଙ୍କ ପକେଟ ଉପରେ ଭାରୀ ବୋଝ ପଡ଼ିପାରେ। ଆପଣଙ୍କୁ ଜଣାଇ ଦେଉଛୁ ଯେ ସ୍କୁଟର ଏବଂ ବାଇକ ଚଳାଇବା ସମ୍ପର୍କରେ ମୋଟର ଯାନ ଆଇନ ଅନୁଯାୟୀ ସମାନ ନିୟମ କରାଯାଇଛି। ଯଦି ଏହି ନିୟମ ଉଲ୍ଲଂଘନ ହୁଏ। ତା'ପରେ ଆପଣଙ୍କୁ ୨୫୦୦୦ ଟଙ୍କାର ଚାଲାଣ ଦେବାକୁ ପଡ଼ିପାରେ। ମୋଟର ଯାନ ଆଇନ ଅନୁଯାୟୀ ଚାଳକମାନଙ୍କ ପାଇଁ ଅନେକ ନିୟମ ପ୍ରଣୟନ କରାଯାଇଛି। ବାଇକ, କାର ଏବଂ ପ୍ରତ୍ୟେକ ପ୍ରକାରର ଯାନବାହନ ପାଇଁ ଡ୍ରାଇଭିଂ ଲାଇସେନ୍ସ ରଖିବାର ନିୟମ ସମାନ। ଯଦି ଆପଣଙ୍କର ଡ୍ରାଇଭିଂ ଲାଇସେନ୍ସ ନାହିଁ, ତେବେ ଆପଣଙ୍କର ଚାଲାଣ କାଟି ଦିଆଯାଏ। ଦେଶର ୧୮ ବର୍ଷରୁ ଅଧିକ ବୟସର ସମସ୍ତ ବ୍ୟକ୍ତି ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିପାରିବେ। କିନ୍ତୁ ଯଦି ୧୮ ବର୍ଷରୁ କମ୍ ବୟସର କୌଣସି ପୁଅ କିମ୍ବା ଝିଅ ବାଇକ କିମ୍ବା ସ୍କୁଟର ଚଳାଉଥିବା ଧରାପଡ଼ନ୍ତି। ଏପରି କ୍ଷେତ୍ରରେ ସେମାନଙ୍କ ବିରୋଧରେ ଏକ ଭାରୀ ଚାଲାଣ କରାଯାଏ। ଆପଣଙ୍କୁ ଜଣାଇ ଦେଉଛୁ ଯେ, ମୋଟର ଯାନ ଆଇନର କିଛି ନିୟମ ପରିବର୍ତ୍ତନ କରାଯାଇ ନାବାଳକଙ୍କ ଦ୍ୱାରା ଗାଡି ଚଲାଇବା ପାଇଁ ଜରିମାନା ବହୁତ ବୃଦ୍ଧି କରାଯାଇଛି। ଏବେ ଯଦି ଜଣେ ନାବାଳକ ଗାଡ଼ି ଚଲାଉଥିବା ଧରାପଡ଼ନ୍ତି। ତେବେ ତାଙ୍କ ଅଭିଭାବକଙ୍କୁ ମୋଟର ଯାନ ଆଇନ ୧୯୮୮ର ଧାରା ୧୯୯ଏ ଅନୁଯାୟୀ ୨୫୦୦୦ ଟଙ୍କା ଜରିମାନା କରାଯିବ। ଏହା ବ୍ୟତୀତ ଗାଡ଼ିକୁ ମଧ ଜବତ କରାଯାଇପାରେ। ନିକଟ ଅତୀତରେ ନାବାଳକମାନେ ଗାଡି ଚାଳନା କରିବା ସହିତ ଦୁର୍ଘଟଣାର ଅନେକ ରିପୋର୍ଟ ଆସିଛି। ସେଥିପାଇଁ ଏବେ ଟ୍ରାଫିକ ପୋଲିସ ଅଧିକ କଠୋର ହୋଇଯାଇଛି।

## ସମ୍ବଲରେ ଆଇନଜୀବୀ ବିଷ୍ଣୁ ଶଙ୍କର ଜୈନଙ୍କୁ ହୋଇଥିଲା ହତ୍ୟା ଷଡ଼ଯନ୍ତ୍ର

ସମ୍ବଲ: ଗତବର୍ଷ ଶେଷ ଆଡ଼କୁ ଉତ୍ତରପ୍ରଦେଶର ସମ୍ଭାଲ ଜିଲ୍ଲା ଚର୍ଚ୍ଚାରେ ରହିଥିଲା। ଗତ ନଭେମ୍ବର ମାସରେ ଏଠାରେ ଥିବା ସାହି ଜାମା ମସଜିଦର ସର୍ଭେ ବେଳେ ହିଂସା କାଣ୍ଡ ଘଟିଥିଲା, ଯେଉଁଥିରେ କିଛି ଲୋକ ପ୍ରାଣ ହରାଇଥିଲେ ଏବଂ ଅନେକ ଆହତ ହୋଇଥିଲେ। ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସମ୍ଭାଲ ହିଂସାରେ ସମ୍ପୃକ୍ତ ଅନେକ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ସେପଟେ ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ହିଂସା ମାମଲାକୁ ନେଇ ଏପର୍ଯ୍ୟନ୍ତ ସବୁଠାରୁ ବଡ ଖୁଲାସା କରିଛନ୍ତି । ଅଭିଯୁକ୍ତ କହିଛନ୍ତି ଯେ ସମ୍ଭାଲରେ ହିଂସା ସମୟରେ ଆଇନଜୀବୀ ବିଷ୍ଣୁ ଶଙ୍କର ଜୈନଙ୍କୁ ହତ୍ୟା କରିବାକୁ ଯୋଜନା ହୋଇଥିଲା। ସୂଚନାଯୋଗ୍ୟ ଯେ ବିଷ୍ଣୁ ଶଙ୍କର ଜୈନ ଅନେକ ଗୁରୁତ୍ୱପୂର୍ଣ୍ଣ ଏବଂ ବିବାଦୀୟ ମାମଲାରେ ଓକିଲାତି ପାଇଁ ସାରା ଦେଶରେ ଜଣାଶୁଣା । ସେସବୁ ମାମଲା ମଧ୍ୟରେ ରହିଛି ରାମ ଜନ୍ମଭୂମି ମାମଲା, ପଦ୍ମନାଭସ୍ୱାମୀ ମାମଲା, କାଶୀ ବିଶ୍ୱନାଥ ମାମଲା, ସମ୍ବଲ ମାମଲା ଇତ୍ୟାଦି । ସେ ମୁଖ୍ୟତଃ ହିନ୍ଦୁ ମନ୍ଦିର ସଂପର୍କିତ ମାମଲା ଗୁଡ଼ିକ ଲାଗି ପରିଚିତ ।

# ଦିନେ ବିଧାନସଭାରୁ ବାହାର କରାଯାଇଥିଲା, ଏବେ ବାଚସ୍ପତି



୨୭ ବର୍ଷ ପରେ ବିଜେପି ଦିଲ୍ଲୀରେ କ୍ଷମତା ଦଖଲ କରିବା ସହ ଭେଟରାନ ନେତା ବିଜେନ୍ଦର ଗୁପ୍ତା ବାଚସ୍ପତି ହୋଇଛନ୍ତି। ଏହାର ଅର୍ଥ ଯେଉଁ ବିଧାନସଭାରୁ ଦିନେ ତାଙ୍କୁ ବାହାର କରାଯାଇଥିଲା ଏବେ ସେହି ଗୃହର ମୁଖିଆ ସେ ନିଜେ ହୋଇଛନ୍ତି। ୨୦୧୫ ଓ ୨୦୨୦ରେ ଦିଲ୍ଲୀରେ ଆପ୍‌ର ଝଡ଼ ଦେଖିବାକୁ ମିଳିଥିଲା। ତଥାପି ବିଜେନ୍ଦର ଗୁପ୍ତା ରୋହିନୀ ବିଧାନସଭା ଆସନରୁ ଜିତିଥିଲେ। ୨୦୨୫ରେ ମଧ ସେ ବିଜେପି ଟିକେଟ୍‌ରୁ ଉକ୍ତ ଆସନରେ ଜିତିଛନ୍ତି। ବିଜେନ୍ଦର ଜିତିଥିବା ବେଳେ ବିଜେପି ମଧ ତାଙ୍କୁ ବାଚସ୍ପତି କରିଛି। ବାନିୟା ସଂପ୍ରଦାୟରୁ ଆସିଥିବା ଗୁପ୍ତା ଏଥର ଆପ୍‌ର ପ୍ରଦୀପ ମିତ୍ତଲଙ୍କୁ ୩୭ ହଜାରରୁ ଅଧିକ ଭୋଟରେ ହରାଇଛନ୍ତି। ଦିଲ୍ଲୀ ବିଧାନସଭାରେ ଶ୍ରୀ ଗୁପ୍ତା ବିରୋଧୀ ଦଳର ନେତା ଭାବେ କାମ କରିଥିଲେ। ସେହିପରି ତାଙ୍କୁ ବିଜେପି ଏକଦା ଦିଲ୍ଲୀର ସଭାପତି କରିଥିଲା।

ନୂଆଦିଲ୍ଲୀ: ୧୦ ବର୍ଷ ତଳର କଥା। ଦିନେ ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଗୃହକୁ ବାହାର କରି ଦିଆଯାଇଥିଲା। ବିଧାନସଭାର ସୁରକ୍ଷାକର୍ମୀ ତାଙ୍କୁ ଗୃହରୁ ଏକ ପ୍ରକାରର ଟେକି ନେଇ ବାହାରେ ଛାଡ଼ି ଦେଇଥିଲେ। ଗୃହରୁ ତାଙ୍କୁ ଟେକି ନେଇ ଯିବାର ଭିଡିଓ ସେତେବେଳେ ବେଶ ଭାଇରାଲ ହୋଇଥିଲା। କିନ୍ତୁ ସମୟ ବଦଳିବା ସହ ସ୍ଥିତି ବି ବଦଳିଛି। ଯେଉଁ ବିଧାୟକଙ୍କୁ ଦିନେ ବିଧାନସଭାରୁ ଏକ ପ୍ରକାରର ଫିଙ୍ଗି ଦିଆଯାଇଥିଲା, ଏବେ ସେ ଗୃହକୁ ଚଳାଇବେ। ତାଙ୍କ ନିର୍ଦ୍ଦେଶରେ ବିଧାନସଭା ଚାଲିବ। କାରଣ

## ଭାରତୀୟ ଅଲିମ୍ପିକ୍ସ ସଂଘ ଅଧ୍ୟକ୍ଷାଙ୍କୁ ଭେଟିଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଗୁରୁବାର ନୂଆଦିଲ୍ଲୀଠାରେ ଭାରତୀୟ ଅଲିମ୍ପିକ୍ସ ସଂଘର ଅଧ୍ୟକ୍ଷା ତଥା ରାଜ୍ୟସଭା ସାଂସଦ ପି.ଟି. ଉଷାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ମହତ୍ୱପୂର୍ଣ୍ଣ ସାକ୍ଷାତକାର ସମୟରେ ଛତିଶଗଡ଼ରେ କ୍ରୀଡ଼ାର ବିକାଶ, ଯୁବ କ୍ରୀଡ଼ାବିତ୍‌ଙ୍କୁ ପ୍ରଶିକ୍ଷଣ, ଖେଳ ସଂରଚନାର ସୁଦୃଢ଼ିକରଣ ଉପରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଛତିଶଗଡ଼ର କ୍ରୀଡ଼ା ପ୍ରତିଭାଙ୍କୁ ଦେଶ ଏବଂ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ତାଙ୍କ ସରକାର ପ୍ରତିବଦ୍ଧ । କ୍ରୀଡ଼ା ଏବଂ କ୍ରୀଡ଼ାବିତ୍‌ଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ମୋ ସରକାର ସଦାସର୍ବଦା ପ୍ରସ୍ତୁତ ବୋଲି ସେ କହିଥିଲେ । ସେ କହିଥିଲେ ରାଜ୍ୟ ସରକାରଙ୍କ ଦ୍ୱାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ପାଉଥିବା କ୍ରୀଡ଼ାବିତ୍‌ଙ୍କୁ ୩ କୋଟି, ରୌପ୍ୟ ପଦକ ପାଉଥିବା କ୍ରୀଡ଼ାବିତ୍‌ଙ୍କୁ ୨ କୋଟି ଏବଂ କାଂସ୍ୟ ପଦକ ପାଉଥିବା କ୍ରୀଡ଼ାବିତଙ୍କୁ ଏକ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ଶ୍ରୀ ଘୋଷଣା କରିଥିଲେ । ବୈଠକରେ ଶ୍ରୀମତୀ ଉଷା କହିଥିଲେ ଯେ, ଛତିଶଗଡ଼ କ୍ରୀଡ଼ାବିତଙ୍କୁ ମାର୍ଗଦର୍ଶନ କରିବା ପାଇଁ ଭାରତୀୟ ଅଲିମ୍ପିକ୍ସ ସଂଘ ପକ୍ଷରୁ ଏକ ଟିମ୍ ଛତିଶଗଡ଼ ଯିବେ । ଏଥିରେ ବିଭିନ୍ନ କ୍ରୀଡ଼ାର ପ୍ରଶିକ୍ଷକ ଓ ବିଶେଷଜ୍ଞ ସାମିଲ ହେବେ । ସେମାନେ ରାଜ୍ୟର କ୍ରୀଡ଼ାବିତ୍‌ଙ୍କୁ ମାର୍ଗଦର୍ଶନ କରିବା ସହ ସେମାନେ ଯେପରି ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ଉତ୍କୃଷ୍ଟ ପ୍ରଦର୍ଶନ କରିବେ ସେ ନେଇ ପଦକ୍ଷେପ ନିଆଯିବ । ରାଜ୍ୟରେ କ୍ରୀଡ଼ା ପ୍ରତି ଯୁବବର୍ଗଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଖେଳ ଆୟୋଜନ କରାଯିବ ଏବଂ ସେଥିରୁ ସଫଳ କ୍ରୀଡ଼ାବିତଙ୍କୁ ମନୋନିତ କରାଯାଇ ପ୍ରଶିକ୍ଷଣ ଦିଆଯିବ ।

## ପନାମା ହୋଟେଲରେ ସୁରକ୍ଷିତ ଅଛନ୍ତି ଭାରତୀୟ

ନୂଆଦିଲ୍ଲୀ: ଡୋନାଲ୍ଡ ଟ୍ରମ୍ପଙ୍କ ଅବୈଧ ପ୍ରବାସୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଭାରତୀୟଙ୍କ ସମେତ ପ୍ରାୟ ୩୦୦ ପ୍ରବାସୀଙ୍କୁ ଆମେରିକାରୁ ବାହାର କରାଯାଇଛି। ଏହି ନିର୍ବାସିତମାନଙ୍କୁ ପନାମାର ଏକ ହୋଟେଲରେ ରଖାଯାଇଛି ଯେଉଁଠାରୁ ସେମାନେ କାଗଜରେ ଲେଖାଯାଇଥିବା ବାର୍ତ୍ତା ମାଧ୍ୟମରେ ସାହାଯ୍ୟ ପାଇଁ ନିବେଦନ କରୁଛନ୍ତି। ଏବେ ଏହି ମାମଲାରେ, ପନାମା, ନିକାରାଗୁଆ ଏବଂ କୋଷ୍ଟାରିକାରେ ଥିବା ଭାରତୀୟ ଦୂତାବାସର ଏକ ଟୁଇଟ ସାମ୍ନାକୁ ଆସିଛି। ଆମେରିକା ଦ୍ୱାରା ଲାଟିନ ଆମେରିକୀୟ ଦେଶକୁ ନିର୍ବାସିତ ଭାରତୀୟ ପ୍ରବାସୀମାନଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଭାରତ ପନାମାର କର୍ତ୍ତୃପକ୍ଷଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛି।



ପନାମାରେ ଥିବା ଭାରତୀୟ ଦୂତାବାସ କହିଛି ଯେ ପ୍ରବାସୀମାନଙ୍କୁ ଯେଉଁ ହୋଟେଲରେ ଅଟକ ରଖାଯାଇଥିଲା ସେଠାରେ ସେମାନେ ସୁରକ୍ଷିତ ଥିଲେ। ଭାରତୀୟ ଦୂତାବାସ ଏକ ପୋଷ୍ଟରେ କହିଛି, ପନାମା କର୍ତ୍ତୃପକ୍ଷ ଆମକୁ ସୂଚନା ଦେଇଛନ୍ତି ଯେ ଭାରତୀୟଙ୍କ ଏକ ଦଳ ଆମେରିକାରୁ ପନାମାରେ ପହଞ୍ଚିଛନ୍ତି। ସମସ୍ତ ଆବଶ୍ୟକୀୟ ସୁବିଧା ଥିବା ଏକ ହୋଟେଲରେ ସେମାନେ ସୁରକ୍ଷିତ ଅଛନ୍ତି। ଦୂତାବାସ ଦଳ କନସୁଲାର ଆକ୍ସେସ ପାଇଛି। ସେମାନଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଆମେ ସରକାରଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛୁ।

## ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀଙ୍କୁ ବୋମାରେ ଉଡ଼ାଇ ଦେବାକୁ ଧମକ



ନୂଆଦିଲ୍ଲୀ: ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ଗୁରୁବାର ଇମେଲ୍ ମାଧ୍ୟମରେ ହତ୍ୟା ଧମକ ମିଳିଛି। ଇମେଲ୍ ପଠାଇଥିବା ବ୍ୟକ୍ତି ଶିବସେନା ନେତାଙ୍କ କାରକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦେଇଛି। ଏହି ଧମକପୂର୍ଣ୍ଣ ମେସେଜଗୁଡ଼ିକ ଗୋରେଗାଓଁ ଏବଂ ଜେଜେ ମାର୍ଗ ପୁଲିସ ଷ୍ଟେସନ ସହିତ ରାଜ୍ୟ ସଚିବାଳୟକୁ ଇମେଲ୍ ମାଧ୍ୟମରେ ଆସିଥିବା ଜଣାଯାଇଛି। ଏକନାଥ ସିନ୍ଦେଙ୍କୁ ହତ୍ୟା ଧମକ ଦେଇଥିବା ବ୍ୟକ୍ତିଙ୍କ ଆଇପି ଠିକଣା ଖୋଜିବା ପାଇଁ ମୁମ୍ବାଇ ପୁଲିସ ଏବଂ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛନ୍ତି। ଇମେଲ ମାଧ୍ୟମରେ ଧମକ ପାଇବା ପରେ ମହାରାଷ୍ଟ୍ର ପୁଲିସ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଚାରିପାଖରେ ସୁରକ୍ଷା ବୃଦ୍ଧି କରିଛି। ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ରାଜଧାନୀ ଦିଲ୍ଲୀରେ ଥିବା ବେଳେ ଶିବସେନା ନେତା ଏକନାଥ ସିନ୍ଦେଙ୍କୁ ହତ୍ୟା ଧମକ ମିଳିଥିଲା। ଶାଲିମାର ବାଗର ବିଜେପି ବିଧାୟକ ରେଖା ଗୁପ୍ତାଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବା ସମୟରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ କହିଥିଲେ, ଏହା ଆନନ୍ଦର କଥା ଯେ, ପ୍ରିୟ ଭଉଣୀ ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଉଛନ୍ତି। ଏଥିପାଇଁ ଆମେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଉଛୁ । ତେବେ ଏହା ପ୍ରଥମ ଥର ନୁହେଁ ଯେତେବେଳେ ଏକନାଥ ସିନ୍ଦେଙ୍କୁ ହତ୍ୟା ଧମକ ମିଳିଛି। ପୂର୍ବରୁ ଫେବ୍ରୁଆରି ୨୦୨୪ରେ, ଜଣେ କଲେଜ ଛାତ୍ର ଏକନାଥ ସିନ୍ଦେ ଏବଂ ତାଙ୍କ ପୁଅ ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ଏହି ଧମକ ସୋସିଆଲ ମିଡିଆ ମାଧ୍ୟମରେ ଦିଆଯାଇଥିଲା, ଯାହା ପରେ ପୁଲିସକୁ ହସ୍ତକ୍ଷେପ କରିବାକୁ ପଡିଲା। ୨୦୨୪ ମସିହା ଫେବ୍ରୁଆରି ୧୧ ତାରିଖରେ, ଜଣେ ୧୯ ବର୍ଷୀୟ ଛାତ୍ରଙ୍କୁ ସିନ୍ଦେ ଏବଂ ତାଙ୍କ ପୁଅକୁ ହତ୍ୟା ଧମକ ପଠାଇବା ଅଭିଯୋଗରେ ପୁଲିସ ଗିରଫ କରିଥିଲା।

# ବାଣିଜ୍ୟ

Payments Bank

ନୂଆଦିଲ୍ଲୀ: ଏୟାରଟେଲ ପେମେଣ୍ଟ୍ସ ବ୍ୟାଙ୍କ ଏହାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) ଅଭିଯାନର ଅଂଶ ଭାବରେ ମହାକୁମ୍ଭ ମେଳାରେ ଉଭୟ ଭକ୍ତ ଏବଂ ବ୍ୟବସାୟୀମାନଙ୍କୁ ଏକ ନିରବଚ୍ଛିନ୍ନ ଏବଂ ସୁରକ୍ଷିତ ଡିଜିଟାଲ ବ୍ୟାଙ୍କିଙ୍ଗ ଅନୁଭୂତି ଯୋଗାଇଦେଉଛି । ଏଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ବ୍ୟାଙ୍କ ସହଜରେ ଆର୍ଥିକ ସେବା ଯୋଗାଇବା, ସୁରକ୍ଷିତ କାରବାର ସୁନିଶ୍ଚିତ କରିବା ସହ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପରିଚାଳନା କରିବାରେ ସାହାଯ୍ୟ କରୁଛି। ଏୟାରଟେଲ ପେମେଂଟ ବ୍ୟାଙ୍କ ଏହାର ପ୍ରୟାସର ଏକ ଅଂଶ ଭାବରେ ବିଶାଳ ମେଳା ପଡ଼ିଆରେ ରଣନୈତିକ ଭାବରେ ୧୦ଟି କିଓସ୍କ ସ୍ଥାପନ କରିଛି । ଏହି କିଓସ୍କଗୁଡିକ ଅତ୍ୟାବଶ୍ୟକ ବ୍ୟାଙ୍କିଂ ସେବା ପ୍ରଦାନ କରୁଛି, ଯାହା ଦ୍ୱାରା ଭକ୍ତମାନେ ସେମାନଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇପାରିବେ ଏବଂ ଯେକୌଣସି ବ୍ୟାଙ୍କ ଆକାଉଂଟକୁ ଟଙ୍କା ସ୍ଥାନାନ୍ତର କରିପାରିବେ । ଆଧାର ଲିଙ୍କ୍ ଯୁକ୍ତ ବ୍ୟାଙ୍କ ଆକାଉଂଟ ଥିବା ଯେକୌଣସି ବ୍ୟାଙ୍କର ଗ୍ରାହକ ମାନେ ମଧ ଏହି ସେବାରୁ ଉପକୃତ ହୋଇପାରିବେ । ଏହା ନଗଦ ପରିଚାଳନାର ଆହ୍ୱାନର ମୁକାବିଲା କରିବାରେ ସହାୟକ ହେବ ଏବଂ ଶ୍ରଦ୍ଧାଳୁମାନେ ଯେପରି ସେମାନଙ୍କ ଗସ୍ତ ସମୟରେ ଆବଶ୍ୟକ ସ୍ଥଳେ ସେମାନଙ୍କ ପାଣ୍ଠି ପାଇପାରିବେ ତାହା ସୁନିଶ୍ଚିତ କରିବ ।

# ଟିପିଏନ୍‌ଓଡିଏଲ୍ ସିଇଓଙ୍କୁ 'ସିଇଓ ଅଫ ଦି ଇୟର' ସମ୍ମାନ




ବାଲେଶ୍ୱର(ଭାସ୍କର ନ୍ୟୁଜ୍): ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ)ର ସିଇଓ ଦ୍ୱିଜଦାସ ବସାକଙ୍କୁ ସମ୍ମାନଜନକ ବିଜନେସ୍ ଲିଡର୍ ଅଫ୍ ଦି ଇୟର ଆୱାର୍ଡସ ସମାରୋହରେ 'ସିଇଓ ଅଫ୍ ଦି ଇୟର' ଭାବେ ପୁରସ୍କାର ପ୍ରଦାନ କରାଯାଇଛି। ମୁମ୍ବାଇରେ ଅନୁଷ୍ଠିତ କାର୍ଯ୍ୟକ୍ରମର ୨୩ତମ ବିଶ୍ୱ ସଂସ୍କରଣରେ ଏହି ପୁରସ୍କାର ପ୍ରଦାନ କରାଯାଇଛି ଯାହା ନେତୃତ୍ୱ ଏବଂ ବ୍ୟବସାୟିକ ନବସୃଜନରେ ଉତ୍କର୍ଷତାକୁ ଦର୍ଶାଉଛି। ଟିପିଏନଓଡିଏଲକୁ ପରିଚାଳନାଗତ ଉତ୍କର୍ଷତା ଏବଂ ଗ୍ରାହକ-କେନ୍ଦ୍ରୀକ ସମାଧାନ ଦିଗରେ ଆଗେଇ ନେବାରେ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଗୁରୁତ୍ୱପୂର୍ଣ୍ଣ ଅବଦାନ ଏବଂ ନିରନ୍ତର ପ୍ରୟାସ ପାଇଁ ଶ୍ରୀ ବସାକଙ୍କୁ ସମ୍ମାନିତ କରାଯାଇଥିଲା। ତାଙ୍କ ମାର୍ଗଦର୍ଶନରେ ଟିପିଏନଓଡିଏଲ ଶକ୍ତି ବଣ୍ଟନ, ବୈଷୟିକ ଉନ୍ନତି ଏବଂ ସ୍ଥାୟୀ ଶକ୍ତି ଅଭ୍ୟାସ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି । ପୁରସ୍କାର ଗ୍ରହଣ କରିବା ପରେ ଶ୍ରୀ ବସାକ କୃତଜ୍ଞତା ଜ୍ଞାପନ କରିବା ସହ ସମଗ୍ର ଟିପିଏନଓଡିଏଲ ଟିମକୁ ଏହି ସଫଳତାକୁ ସମର୍ପିତ କରିଥିଲେ। ନିଜ ଅଭିଭାଷଣରେ ସେ କହିଛନ୍ତି ଯେ, ଏହି ପୁରସ୍କାର କେବଳ ଏକ ବ୍ୟକ୍ତିଗତ ଉପଲବ୍ଧି ନୁହେଁ ବରଂ ଟିପିଏନଓଡିଏଲରେ ମୋର ସମଗ୍ର ଟିମର ସାମୂହିକ ପ୍ରୟାସର ସ୍ୱୀକୃତି। ସେମାନଙ୍କର କଠିନ ପରିଶ୍ରମ, ନିଷ୍ଠା ଏବଂ ଉତ୍କର୍ଷତା ପ୍ରତି ପ୍ରତିବଦ୍ଧତା ଆମର ସଫଳତାରେ ସହାୟକ ହୋଇଛି । ଏଭଳି ପ୍ରତିଭା ସମ୍ପନ୍ନ ଏବଂ ଉତ୍ସାହୀ ଗୋଷ୍ଠୀର ନେତୃତ୍ୱ ନେଇ ମୁଁ ପ୍ରକୃତରେ ଗର୍ବିତ। ବିଜନେସ ଲିଡର ଅଫ୍ ଦି ଇୟର ଆୱାର୍ଡ ହେଉଛି ଏକ ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ପ୍ଲାଟଫର୍ମ ଯାହା ବିଭିନ୍ନ ଶିଳ୍ପରେ ଉତ୍କୃଷ୍ଟ ନେତୃତ୍ୱଙ୍କୁ ସମ୍ମାନିତ କରୁଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀ, ଉଦ୍ୟୋଗୀ ଏବଂ ଶିଳ୍ପ କ୍ଷେତ୍ରର ଅଗ୍ରଣୀମାନଙ୍କୁ ଏକାତ୍ରିତ କରାଯାଇ ବ୍ୟବସାୟର ଉତ୍କର୍ଷତା ଏବଂ ଅଭିନବତାକୁ ପାଳନ କରାଯାଇଥିଲା।

# ଏସ୍‌ଏମ୍‌ଏଫ୍‌ଜି ଇଣ୍ଡିଆ କ୍ରେଡିଟ୍‌ର ଗିନିଜ୍ ବିଶ୍ୱ ରେକର୍ଡ



ନୂଆଦିଲ୍ଲୀ: ଏସ୍‌ଏମ୍‌ଏଫ୍‌ଜି ଇଣ୍ଡିଆ କ୍ରେଡିଟ୍ ପକ୍ଷରୁ ଭାରତର ୬ଟି ସ୍ଥାନରେ ୬୧୭ ଅଂଶଗ୍ରହଣକାରୀଙ୍କୁ ନେଇ ଆୟୋଜନ କରାଯାଇଥିବା ସର୍ବବୃହତ୍ ପଶୁ କଲ୍ୟାଣ ଅଭିଯାନ ପାଇଁ ଗିଜିନ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇ ଇତିହାସ ସୃଷ୍ଟି କରିଛି। ଗ୍ରାମୀଣ ଚାଷୀ ଓ ପଶୁଙ୍କ କଲ୍ୟାଣରେ ଉନ୍ନତି ଆଣିବା ପାଇଁ କମ୍ପାନିର ଏକ ପ୍ରମୁଖ ସିଏସ୍ଆର୍ ଅଭିଯାନ ହେଉଛି ପଶୁ ବିକାଶ ଦିବସର ସପ୍ତମ ସଂସ୍କରଣ। ଏସ୍‌ଏମ୍‌ଏଫ୍‌ଜି ଇଣ୍ଡିଆ କ୍ରେଡିଟ୍ ପକ୍ଷରୁ 'ମେରା ପଶୁ ମେରା ପରିବାର' ବିଷୟବସ୍ତୁ ଅନୁଯାୟୀ ଚାଷୀ ଓ ପଶୁ ସମ୍ପଦ ମଧ୍ୟରେ ଆବେଗିକ ସମ୍ପର୍କକୁ ସୁଦୃଢ଼ କରି ଗ୍ରାମୀଣ ସମୁଦାୟକୁ ସମୃଦ୍ଧ କରିବା ଜାରି ରଖିଛି। ଏସ୍‌ଏମ୍‌ଏଫ୍‌ଜି ଇଣ୍ଡିଆ କ୍ରେଡିଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ ଶାନ୍ତନୁ ମିତ୍ର କହିଛନ୍ତି ଯେ, 'ଏସଏମଏଫଜି ଇଣ୍ଡିଆ କ୍ରେଡିଟରେ ଆମେ ଏକ ଅର୍ଥପୂର୍ଣ୍ଣ ପ୍ରଭାବ ସୃଷ୍ଟି କରୁଥିବା ସାମାଜିକ ପଦକ୍ଷେପଗୁଡ଼ିକୁ ସମର୍ଥନ କରିବା ପାଇଁ ଆମର ପ୍ରତିବଦ୍ଧତାରେ ଅଟଳ ରହିଛୁ। ୧୦୦ରୁ ଅଧିକ ଶାଖାର ଶକ୍ତିଶାଳୀ ସର୍ବଭାରତୀୟ ଉପସ୍ଥିତି ସହିତ ଆମର ପ୍ରାଥମିକତା ଦ୍ୱିତୀୟ ଶ୍ରେଣୀୟ ସହର ଉପରେ ରହିଛି। ଆମର ପ୍ରାୟ ୯୦% ଶାଖା ଏହି ଅଞ୍ଚଳଗୁଡିକରେ ରଣନୈତିକ ଭାବରେ ଅବସ୍ଥାପିତ ହୋଇଛି। ଏକାଧିକ ସ୍ଥାନରେ ସର୍ବବୃହତ ପଶୁ କଲ୍ୟାଣ ଶିକ୍ଷା ପାଇଁ ଗିନିଜ୍ ବିଶ୍ୱ ରେକର୍ଡ ହାସଲ କରିବାରେ ଉଲ୍ଲେଖନୀୟ ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମ ପାଇଁ ମୁଁ ଆମର ପ୍ରତ୍ୟେକ ସମର୍ପିତ କର୍ମଚାରୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବାକୁ ଚାହୁଁଛି। ଏହା ବାସ୍ତବରେ ଆନନ୍ଦଦାୟକ, କାରଣ ଚଳିତ ବର୍ଷର ପଶୁ ବିକାଶ ଦିବସ କେବଳ ପଶୁ ଯତ୍ନ କ୍ଷେତ୍ରରେ ଆଶାକୁ ଅତିକ୍ରମ କରିବା ସହ ଭାରତର ଏକାଧିକ ସ୍ଥାନରେ ସ୍ୱତନ୍ତ୍ର ଜ୍ଞାନ ଅଧିବେଶନ ମଧ ଆରମ୍ଭ କରିଛି ଯାହା ଆମକୁ ଗିନିଜ୍ ବିଶ୍ୱ ରେକର୍ଡରେ ପରିଣତ କରିଛି। ଏସଏମଏଫଜି ଇଣ୍ଡିଆ କ୍ରେଡିଟର ମୁଖ୍ୟ ପରିଚାଳନା ଅଧିକାରୀ ସ୍ୱାମୀନାଥନ ସୁବ୍ରମଣ୍ୟମ କହିଛନ୍ତି ଯେ, 'ଏକାଧିକ ସ୍ଥାନରେ ସର୍ବବୃହତ ପଶୁ କଲ୍ୟାଣ ଶିକ୍ଷା ପାଇଁ ଗିନିଜ୍ ବିଶ୍ୱ ରେକର୍ଡ ହାସଲ କରିବାରେ ଅସାଧାରଣ ନିଷ୍ଠା ଏବଂ କଠିନ ପରିଶ୍ରମ ପାଇଁ ମୁଁ ସମଗ୍ର ଦଳକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବାକୁ ଚାହୁଁଛି।

# ଓବିଡି ୨ବି ହର୍ନେଟ ୨.୦ ପ୍ରଚଳନ

ଗୁରୁଗ୍ରାମ: ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମଏସ୍ଆଇ) ଏହାର ଆଧୁନିକୀକରଣ କରାଯାଇଥିବା ଓବିଡି ୨ବି-କମ୍ପ୍ଲାଏଣ୍ଟହର୍ନେଟ ୨.୦କୁ ପରିବର୍ଦ୍ଧିତ ଷ୍ଟାଇଲିଂ, ଆଧୁନିକ ପ୍ରଯୁକ୍ତି ଏବଂ ଉନ୍ନତ ନିରାପତ୍ତା ବୈଶିଷ୍ଟ୍ୟ ସହିତ ବଜାର ପ୍ରବେଶ କରାଇଛି। ନୂତନ ୨୦୨୫ ହୋଣ୍ଡା ହର୍ନେଟ୨.୦ର ମୂଲ୍ୟ ୧,୫୬,୯୫୩ ଟଙ୍କା (ଏକ୍ସ ସୋ ରୁମ୍, ଦିଲ୍ଲୀ) ରଖାଯାଇଛି ଏବଂ ଏହା ସମ୍ପ୍ରତି ଭାରତର ସମସ୍ତ ଏଚଏମଏସ୍ଆଇ ରେଡ ୱିଙ୍ଗ ଏବଂ ବିଗ୍‌ୱିଙ୍ଗ ଡିଲରସିପ୍‌ରେ ଉପଲବ୍ଧ ହେଉଛି। ଏହି ଆଧୁନିକୀକରଣ କରାଯାଇଥିବା ହର୍ନେଟ ୨.୦ର ବଜାର ପ୍ରବେଶ କରାଇ ଶ୍ରୀ ସୁତ୍‌ସୁମୁ ଓଟାନି, ମ୍ୟାନେଜିଂ ଡାଇରେକ୍ଟର, ପ୍ରେସିଡେଣ୍ଟ ଓ ସିଇଓ, ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଥିଲେ, 'ହର୍ନେଟ୨.୦ ୨୦୨୦ ଅଗଷ୍ଟରେ ବଜାର ପ୍ରବେଶ କରିବା ଦିନଠାରୁ ଏହି ବର୍ଗରେ ଏକ ଗେମ୍ ଚେର ହୋଇ ରହିଆସିଛି। ବିଗତ ବର୍ଷଗୁଡିକରେ ଆମେ ଏହି ମୋଟରସାଇକଲର ନିରନ୍ତର ଭାବରେ ଆଧୁନିକୀକରଣ କରିଆସିଛୁ ଏବଂ ଏପରିକି ସ୍ପେଶାଲ ମୋଟୋଜିପି ସଂସ୍କରଣ ମଡେଲଗୁଡିକ ପ୍ରଚଳନ କରିଛୁ, ଏଥିମଧ୍ୟରୁ ପ୍ରତ୍ୟେକ ଆମ ଗ୍ରାହକଙ୍କ ଦ୍ୱାରା ବିପୁଳ ଆଦର ଲାଭ କରୁଛନ୍ତି। ନୂତନ ଓବିଡି୨ବି-କମ୍ପ୍ଲାଏଣ୍ଟହର୍ନେଟ୨.୦ ସହିତ ଆମେ ଏକ ଅଧିକ ପରିପୂର୍ଣ୍ଣକାରୀ ଗାଡିଚାଳନା ଅନୁଭୂତି ପ୍ରଦାନ ସହିତ ସର୍ବାଧୁନିକ ପ୍ରଯୁକ୍ତି ଏବଂ ଉନ୍ନତତର ନିରାପତ୍ତା ବୈଶିଷ୍ଟ୍ୟ ଯୋଗାଇ ଦେଇ ଏହି ପରମ୍ପରାକୁ ଆଗେଇ ନେବାକୁ ଲକ୍ଷ୍ୟ ରଖିଛୁ। ଏ ସମ୍ପର୍କରେ ମତଦେଇ ଯୋଗେଶ ମାଥୁର, ଡାଇରେକ୍ଟର, ସେଲ୍‌ସ ଆଣ୍ଡ ମାର୍କେଟିଂ, ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଥିଲେ, 'ହର୍ନେଟ ୨.୦ର ସଦ୍ୟତମ ସଂସ୍କରଣ ବଜାର ପ୍ରବେଶ କରାଇ ଆମେ ଉଲ୍ଲସିତ ଅନୁଭବ କରୁଛୁ, ଯାହା ଆକର୍ଷଣୀୟ ନୂତନ ବୈଶିଷ୍ଟ୍ୟ ଏବଂ ପରିବର୍ଦ୍ଧନଗୁଡିକ ସହିତ ଆସୁଛି। ସମ୍ପ୍ରତି ଏହି ମୋଟରସାଇକଲରେ ଅଗ୍ରାଧିକାର ଭାବରେ ନୂତନ ଗ୍ରାଫିକ୍ସ, ଏକ ଉନ୍ନତ ଡିଜିଟାଲ ଟିଏଫ୍‌ଟି, ଡୁଆଲ-ଚାନେଲ ଏବିଏସ୍ ରହିଛି। ସଡ଼କକୁ ଚାଲେଞ୍ଜ କଲାଭଳି ପ୍ରଦର୍ଶନ ଆକାଂକ୍ଷୀଙ୍କ ନିମନ୍ତେ ଡିଜାଇନ କରାଯାଇଥିବା ହର୍ନେଟ୨.୦ ଷ୍ଟ୍ରିଟଫାଇଟର ଅନୁଭୂତି ସଂଜ୍ଞା ପୁନଃ ନିର୍ଦ୍ଧାରଣ କରିବାକୁ ଯାଉଛି। ନିୟୁ ୨୦୨୫ ହୋଣ୍ଡା ହର୍ନେଟ ୨.୦ର ମୂଲ୍ୟ ୧,୫୬,୯୫୩ ଟଙ୍କା (ଏକ୍ସ-ସୋ'ରୁମ, ଦିଲ୍ଲୀ) ରଖାଯାଇଛି। ଏହା ଗୋଟିଏ ଭାରିଆଣ୍ଟ୍‌ରେ ଚାରିଟି ରଙ୍ଗ ବିକଳ୍ପରେ ଆସୁଛି। ହର୍‌ନେଟ ୨.୦ ସମ୍ପ୍ରତି ସମଗ୍ର ଭାରତରେ ସମସ୍ତ ଏଚଏମଏସ୍ଆଇ ରେଡ ୱିଙ୍ଗ ଏବଂ ବିଗ୍‌ୱିଙ୍ଗ ଡିଲରସିପ୍‌ରେ ଉପଲବ୍ଧ ହେଉଛି।



## ବହୁପ୍ରତୀକ୍ଷିତ ରିଅଲ୍‌ମି ପି୩ ପ୍ରୋ ୫ଜି ଓ ରିଅଲ୍‌ମି ପି୩ଏକ୍ସ ୫ଜି ଉନ୍ମୋଚିତ




ମୁମ୍ବାଇ: ଭାରତୀୟ ଯୁବପିଢ଼ିଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ରିଅଲ୍‌ମି ପି୩ ସିରିଜ ୫ଜିର ଉନ୍ମୋଚନ କରାଯାଇଛି ଯାହାକୁ ଭାରତ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଛି। କାର୍ଯ୍ୟଦକ୍ଷତା, ସ୍ଥାୟିତ୍ୱ ଓ ଷ୍ଟାଇଲ ଉପରେ ଗୁରୁତ୍ୱ ସହିତ ଏହି ସ୍ମାର୍ଟଫୋନଗୁଡିକ ମିଡ୍-ରେ ସେଗମେଣ୍ଟରେ ନୂଆ ବେଞ୍ଚମାର୍କ ସ୍ଥାପନ କରିଛି ଏବଂ ଏହାର ଉପଭୋକ୍ତାଙ୍କ ପାଇଁ ସେଗମେଣ୍ଟ ପ୍ରଥମ ଉଦ୍ଭାବନ ଆଣିବା ପାଇଁ ରିଅଲମିର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ରିଅଲ୍‌ମି ପି୩ ପ୍ରୋ ୫ଜି ୩ଟି ଆକର୍ଷଣୀୟ ରଙ୍ଗ ଯଥା ନେବୁଲା ଗ୍ଲୋ, ଗ୍ୟାଲାକ୍ସି ପର୍ପଲ ଓ ସାଟର୍ଣ୍ଣ ବ୍ରାଉନରେ ଉପଲବ୍ଧ ହେଉଥିବା ବେଳେ ୨୧,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ୮ଜିବି+୧୨୮ଜିବି, ୮ଜିବି+୨୫୬ଜିବି ଓ ୧୨ଜିବି+୨୫୬ଜିବିର ଷ୍ଟୋରେଜ ବିକଳ୍ପରେ ଆସୁଛି। ରିଅଲ୍‌ମି ପି୩ଏକ୍ସ ୫ଜି ୩ଟି ଆକର୍ଷଣୀୟ ରଙ୍ଗ ଯଥା ମିଡନାଇଟ ବ୍ଲୁ, ଲୁନାର ସିଲଭର ଓ ଷ୍ଟେଲାର ପିଙ୍କରେ ଉପଲବ୍ଧ ହେଉଥିବା ବେଳେ ଏହା ୧୨,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ୬ଜିବି+୧୨୮ଜିବି ଓ ୮ଜିବି+୧୨୮ଜିବି ଭାରିଆଂଟରେ ଆସୁଛି। ରିଅଲ୍‌ମି ପି୩ ପ୍ରୋ ୫ଜି ଓ ରିଅଲମି ପି୩ଏକ୍ସ ୫ଜି ପାଇଁ ପ୍ରଥମ ସେଲ ଯଥାକ୍ରମେ ଆସନ୍ତା ଫେବୃଆରୀ ୨୫ ତାରିଖ, ଦିନ ୧୨ଟାରୁ ଏବଂ ଫେବୃଆରୀ ୨୮ ତାରିଖ ଦିନ ୧୨ଟାରୁ ଆରମ୍ଭ ହେବ। ଏହି ଶୁଭାରମ୍ଭ ଅବସରରେ ରିଅଲମିର ପ୍ରବକ୍ତା କହିଛନ୍ତି, 'ଆମେ ରିଅଲ୍‌ମି ପି୩ ପ୍ରୋ ୫ଜି ଓ ରିଅଲମି ପି୩ଏକ୍ସ ୫ଜିର ଉନ୍ମୋଚନ କରି ଉତ୍ସାହିତ ଅଛୁ, ଯାହା ଉଦ୍ଭାବନ ଓ ଉପଭୋକ୍ତା-କୈନ୍ଦ୍ରିକ ଡିଜାଇନ ପାଇଁ ଆମର ପ୍ରତିବଦ୍ଧତାକୁ ଧାରଣ କରିଛି। ଉଭୟ ଡିଭାଇସକୁ ଚମତ୍କାର କାର୍ଯ୍ୟଦକ୍ଷତା, ଆକର୍ଷଣୀୟ ଭିଜୁଆଲ ଓ ସ୍ଥାୟିତ୍ୱ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି ଯାହା ସେଗୁଡ଼ିକୁ ଆମର ଉପଭୋକ୍ତାଙ୍କ ପାଇଁ ଉପଯୁକ୍ତ ପସନ୍ଦରେ ପରିଣତ କରୁଛି। ସେହିପରି ଫ୍ଲିପକାର୍ଟରେ ଜଣେ ପ୍ରବକ୍ତା କହିଛନ୍ତି, 'ଆମେ ଫ୍ଲିପକାର୍ଟକୁ ରିଅଲମି ପି୩ ସିରିଜ ୫ଜି ସ୍ମାର୍ଟଫୋନ ଆଣି ଉତ୍ସାହିତ ଅଛୁ, ଯାହା ଆମର ଗ୍ରାହକଙ୍କୁ ନୂତନ ଉଦ୍ଭାବନ ଓ କାର୍ଯ୍ୟଦକ୍ଷତା ପ୍ରଦାନ କରୁଛି।

## ଟିପିଡବ୍ଲ୍ୟୁଓଡିଏଲ୍‌ର ନୂତନ ଡିଭିଜନ୍ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ




ବୁର୍ଲା(ଭାସ୍କର ନ୍ୟୁଜ୍): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ଼ (ଟିପିଡବ୍ଲ୍ୟୁଓଡିଏଲ୍) ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମିର ରୂପାନ୍ତରଣରେ ସଦା ପ୍ରଚେଷ୍ଟା ଜାରି ରଖିଛି । ଏହି ଦିଗରେ କମ୍ପାନୀ ଦ୍ୱାରା ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ଦେଓଗଡ଼ ସହରରେ ଏକ ନୂତନ ଡିଭିଜନ୍ କାର୍ଯ୍ୟାଳୟ ଗୃହର ନିର୍ମାଣ କରାଯାଇଛି । ଏହି ନୂତନ କାର୍ଯ୍ୟାଳୟ ଗୃହକୁ ଟିପିଡବ୍ଲ୍ୟୁଓଡିଏଲର ଅର୍ଥ ବିଭାଗର ମୁଖ୍ୟ ସତୀଶ କୁମାର କମ୍ପାନୀର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଗୁରୁବାର ଉଦଘାଟନ କରିଛନ୍ତି । ଏହି ନବନିର୍ମିତ କାର୍ଯ୍ୟାଳୟ ଗୃହକୁ ଆଧୁନିକ ଭିତ୍ତିଭୂମି ଏବଂ ଜ୍ଞାନକୌଶଳ ସହିତ ନିର୍ମାଣ କରାଯାଇଛି, ଯାହା କର୍ମଚାରୀମାନଙ୍କୁ ଅନେକ ମୌଳିକ ସୁବିଧା ପ୍ରଦାନ କରିବ ସହ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ଘଟାଇବ । ଯାହା ଫଳରେ ଜିଲ୍ଲାରେ ଗ୍ରାହକ ସେବା ଗୁଣାତ୍ମକ ହେବା ସହିତ ଅଧିକରୁ ଅଧିକ ଉନ୍ନତ ହେବ । ଏହି ନବ ନିର୍ମିତ ଡିଭିଜନ କାର୍ଯ୍ୟାଳୟ ଗୃହ ଦ୍ୱାରା ଜିଲ୍ଲାର ସମସ୍ତ ବିଦ୍ୟୁତ୍ ଉପଭୋକ୍ତାମାନେ ଅଧିକରୁ ଅଧିକ ଲାଭବାନ ହୋଇପାରିବେ । ଏକ ଦୀର୍ଘକାଳୀନ ଦୃଷ୍ଟିକୋଣ ସହିତ ଡିଜାଇନ୍ କରାଯାଇଥିବା ଏହି କାର୍ଯ୍ୟାଳୟର ଲକ୍ଷ୍ୟ ହେଉଛି ଏକ ଅଧିକ ଉତ୍ପାଦନଶୀଳ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିବା ଏବଂ ଟିପିଡବ୍ଲ୍ୟୁଓଡିଏଲର କର୍ମଚାରୀଙ୍କ ଦକ୍ଷତା ଏବଂ ଦକ୍ଷତା ବୃଦ୍ଧି କରିବା । ଯାହା ଦ୍ୱାରା ସମଗ୍ର ଜିଲ୍ଲାରେ ଦ୍ରୁତ ଏବଂ ଅଧିକ ପ୍ରଭାବଶାଳୀ ଗ୍ରାହକ ସେବା ପ୍ରଦାନ କରାଯାଇପାରିବ ।



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଏମଏସ ଧୋନିଙ୍କ ପ୍ରଶଂସକଙ୍କ ଖୁସି ବଢ଼ିବାରେ ଲାଗିଛି। ଏହାର କାରଣ ହେଉଛି ଆଇପିଏଲ ୨୦୨୫ ପାଖେଇ ଆସୁଛି ଏବଂ ସେମାନଙ୍କର ପ୍ରିୟ କ୍ରିକେଟରମାନେ ପୁଣିଥରେ ସେମାନଙ୍କର ହଳଦିଆ ଜର୍ସିରେ ଦେଖିବାକୁ ମିଳିବେ। ଧୋନିଙ୍କ ଚୌକା ଏବଂ ଛକା ଦେଖିବା ପାଇଁ ପ୍ରଶଂସକମାନେ ବହୁତ ଉତ୍ସାହିତ। କିନ୍ତୁ ପ୍ରଶଂସକମାନଙ୍କ ପାଇଁ, ଧୋନି ଏକ ସାକ୍ଷାତକାରରେ ଯେଉଁ କଥାଗୁଡ଼ିକ କହିଥିଲେ ତାହା ବହୁତ ଗୁରୁତ୍ୱପୂର୍ଣ୍ଣ। ସେ ନିକଟରେ ଏକ ଘରୋଇ ଚ୍ୟାନେଲର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ ସେ ତାଙ୍କ ହୃଦୟରୁ କହିଛନ୍ତି ଯାହା ସିଧାସଳଖ ତାଙ୍କ ପ୍ରଶଂସକଙ୍କ ହୃଦୟକୁ ଛୁଇଁପାରୁଛି। ଧୋନି କହିଛନ୍ତି ଯେ, ମୋତେ ଜଣେ କ୍ରିକେଟର ଭାବରେ ନୁହେଁ ବରଂ ଜଣେ ଭଲ ମଣିଷ ଭାବରେ ମନେ ରଖିବା ଉଚିତ। ମୁଁ ଅନ୍ୟମାନଙ୍କ ସହିତ କିପରି ବ୍ୟବହାର କରିଛି, ସେହି ଅନୁସାରେ ମୁଁ ମନେ ରଖାଯାଏ ବୋଲି ଚାହେଁ। ଏହି ମୁହୂର୍ତ୍ତରେ ଏହା ମୋ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା। କୁଲ କ୍ୟାପଟେନ ତାଙ୍କ ସାକ୍ଷାତକାରରେ ଜୀବନ ଦର୍ଶନ ସହିତ ଜଡିତ କିଛି କଥା ମଧ୍ୟ କହିଛନ୍ତି। ସେ କହିଥିଲେ, ଆମ ପାଖରେ କ୍ଷମା କରିବାର କ୍ଷମତା ରହିବା ଉଚିତ, ଆମେ ଜୀବନରେ ପ୍ରତିଶୋଧପରାୟଣ ହୋଇଗଲୁଣି। କେହି ଜଣେ କହିଛନ୍ତି ଯେ ଆମେ କ୍ଷମା କରି ଆଗକୁ ବଢ଼ିବା ଉଚିତ। ଜୀବନରେ ଖୁସି ରହିବା ଉଚିତ। ଆଜିର ବ୍ୟସ୍ତବହୁଳ ଜୀବନରେ ଚାପର ସମ୍ମୁଖୀନ ହେଉଥିବା ପ୍ରଶଂସକମାନଙ୍କ ପାଇଁ ଧୋନିଙ୍କ ଜୀବନୀ ଟିପ୍ସ ଉପଯୋଗୀ ହୋଇପାରେ। ସୂଚନାଯୋଗ୍ୟ, ଏମଏସ ଧୋନିଙ୍କୁ ୪୩ ବର୍ଷ ହୋଇଛି କିନ୍ତୁ ତାଙ୍କର ଫିଟନେସ ଏବେ ବି ଯୁବ ଖେଳାଳିମାନଙ୍କୁ ପଛରେ ପକାଇ ଦେଉଛି। ନିଜ ଅଧିନାୟକତ୍ୱରେ ୫ଥର ସିଏସକେକୁ ଚାମ୍ପିଅନ କରିଥିବା ଧୋନି ଗତ ସିଜନରେ ଦଳର ଅଧିନାୟକ ପଦ ଛାଡି ଦେଇଥିଲେ। ଗତ ସିଜିନ ପରି, ଆଇପିଏଲ ୨୦୨୫ରେ ମଧ୍ୟ ଧୋନିଙ୍କୁ ଜଣେ ୱିକେଟକିପର ବ୍ୟାଟସମ୍ୟାନ ଭାବରେ ଦେଖିବାକୁ ମିଳିବ। ଧୋନିଙ୍କ ପ୍ରଶଂସକମାନେ ପୁଣି ଥରେ ତାଙ୍କର ବିସ୍ଫୋରକ ବ୍ୟାଟିଂ ଦେଖି ଉତ୍ସାହିତ ହୋଇଛନ୍ତି।

# ଚାମ୍ପିଅନ୍ସ ଟ୍ରଫି: ବାଂଲାଦେଶକୁ ୬ ୱିକେଟ୍‌ରେ ହରାଇ ଭାରତର ବିଜୟ ଅଭିଯାନ ଆରମ୍ଭ

ଦୁବାଇ: ଦୁବାଇଠାରେ ଗୁରୁବାର ଖେଳାଯାଇଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫିର ଏକ ମ୍ୟାଚରେ ଭାରତ ବାଂଲାଦେଶକୁ ୬ ୱିକେଟରେ ପରାସ୍ତ କରି ନିଜର ବିଜୟ ଅଭିଯାନ ଆରମ୍ଭ କରିଛି । ଏହି ମ୍ୟାଚରେ ବାଂଲାଦେଶ ଭାରତ ଆଗରେ ୨୨୯ ରନର ବିଜୟ ଲକ୍ଷ୍ୟ ରଖିଥିବାବେଳେ ଭାରତ ୪୬.୩ ଓଭରରେ ୨୩୧ ରନ କରି ବିଜୟୀ ହୋଇଥିଲା । ଭାରତୀୟ ଇନିଂସର ମୁଖ୍ୟ ଆକର୍ଷଣ ଥିଲା ଶୁଭମନ ଗିଲଙ୍କ ଲଢୁଆ ଶତକ । ସେ ୧୨୯ ବଲରେ ୧୦୧ ରନ କରିଥିଲେ । ଅଧିନାୟକ ରୋହିତ ଶର୍ମା ଓ କେଏଲ ରାହୁଲ ୪୧ ରନ ଲେଖାଏଁ କରିଥିଲେ । ବିରାଟ କୋହଲି ୨୨ ରନ କରିଥିଲେ । ଏହି ମ୍ୟାଚରେ ବାଂଲାଦେଶ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଏପରିକି ଦଳ ମାତ୍ର ୩୫ ରନରେ ୫ଟି ୱିକେଟ ହରାଇଥିଲା । ଏହି ମ୍ୟାଚ୍‌ରେ ବାଂଲାଦେଶ ପକ୍ଷରୁ ଟାଞ୍ଜିଦ ହୁସେନ ଓ ସୌମ୍ୟ ସରକାର ବ୍ୟାଟିଂ ଆରମ୍ଭ କରିଥିଲେ । ତେବେ ସରକାର ଖାତା ଖୋଲିବା ପୂର୍ବରୁ ମହମ୍ମଦ ସମ୍ମିଙ୍କ ବଲରେ ଆଉଟ ହୋଇଥିଲେ । ତାଙ୍କ ପରେ ଆସିଥିବା ନଜମଲ ହୁସେନ ସାଣ୍ଟୋ ମଧ୍ୟ ଖାତା ଖୋଲିବା ପୂର୍ବରୁ ହର୍ଷିତ ରାଣାଙ୍କ ବଲରେ ବିରାଟ କୋହଲିଙ୍କ ହାତରେ ଧରାପଡ଼ି ଆଉଟ ହୋଇଥିଲେ । ସେହିପରି ମେହେଦି



ହାସାନ ମିରାଜ ମାତ୍ର ୫ ରନ କରି ସମ୍ମିଙ୍କ ବଲରେ ଶୁଭମନ ଗିଲଙ୍କ ହାତରେ ଧରାପଡ଼ିଥିଲେ । ତେବେ ତାଞ୍ଜିଦ ୨୫ ରନ କରି ଅକ୍ଷର ପଟେଲଙ୍କ ବଲରେ ଆଉଟ ହୋଇଥିଲେ । ତେବେ ତାୱିଦ ହ୍ରିଦୟ ଓ ଜାକର ଅଲ୍ଲି ଲଢୁଆ ବ୍ୟାଟିଂ କରି ସ୍ଥିତିକୁ ସମ୍ଭାଳିଥିଲେ । ହ୍ରିଦୟ ଏକ ଲଢୁଆ ଶତକ ଅର୍ଜନ କରିଥିବାବେଳେ ଜାକର ୬୮ ରନ କରିଥିଲେ । ତେବେ ଦଳ ୨୨୮ ରନ କରି ଅଲଆଉଟ ହୋଇଯାଇଥିଲା । ଭାରତ ପକ୍ଷରୁ ମହମ୍ମଦ ସାମ୍ମି ୫ଟି ୱିକେଟ ନେଇଥିବା ବେଳେ ହର୍ଷିତ ରାଣା ୩ଟି ଓ ଅକ୍ଷର ପଟେଲ ୨ଟି ୱିକେଟ୍ ନେଇଥିଲେ ।

# ଚାମ୍ପିୟନ୍ସ ଟ୍ରଫିରେ ଶାମିଙ୍କ ବିଶ୍ୱ କୀର୍ତ୍ତିମାନ




ଦୁବାଇ: ଚାମ୍ପିୟନ୍ସ ଟ୍ରଫି ୨୦୨୫ରେ ଭାରତ ତା'ର ପ୍ରଥମ ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ଖେଳୁଛି। ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ବାଂଲାଦେଶ ଜାକେର ଅଲୀ ଓ ତୋହିଦ ହ୍ରିଦୟଙ୍କ ଲଢୁଆ ଇନିଂସ ବଳରେ ଫାଇଟ ବ୍ୟାକ କରିଛି। ଜାକେର ଅଲୀଙ୍କ ୬୮ ଓ ହ୍ରିଦୟଙ୍କ ଶତକ ଯୋଗୁ ବାଂଲାଦେଶ ନିର୍ଦ୍ଧାରିତ ୪୯.୪ ଓଭରରେ ସମସ୍ତ ୱିକେଟ ହରାଇ ୨୨୮ ରନ କରିଛି। ଫଳରେ ଭାରତକୁ ଚାମ୍ପିୟନ୍ସ ଟ୍ରଫିରେ ନିଜର ପ୍ରଥମ ବିଜୟ ପାଇଁ ୨୨୯ ରନର ଟାର୍ଗେଟ ମିଳିଛି। ତେବେ ଭାରତ ପାଇଁ ଚାମ୍ପିୟନ୍ସ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ଜଲୱା ଦେଖାଇଛନ୍ତି ଦ୍ରୁତ ବୋଲର ମହମ୍ମଦ ଶାମି। ସେ ଚାମ୍ପିୟନ୍ସ ଟ୍ରଫିରେ ବିଶ୍ୱ କୀର୍ତ୍ତିମାନ ହାସଲ କରିଛନ୍ତି। ସେ ବିଶ୍ୱର ପ୍ରଥମ ବୋଲର ଭାବେ ସବୁଠାରୁ କମ ବଲରେ ଦିନିକିଆ କ୍ରିକେଟରେ ୨୦୦ ୱିକେଟ ପୂରଣ କରିଛନ୍ତି। ମ୍ୟାଚ୍ କଥା ଦେଖିଲେ, ଶାମି ବିଶ୍ୱର ଦ୍ୱିତୀୟ ଦ୍ରୁତତମ ଓ ଭାରତର ପ୍ରଥମ ବୋଲର ଭାବେ ଏପରି ସଫଳତା ହାସଲ କରିଛନ୍ତି। ଆଜି ବାଂଲାଦେଶ ଇନିଂସର ୪୩ତମ ଓଭରରେ ସେ ଜାକେର ଅଲୀଙ୍କୁ ବିରାଟ କୋହଲିଙ୍କ ହାତରେ କ୍ୟାଚ୍ ଆଉଟ କରିବା କ୍ଷଣି ନିଜ ଦିନିକିଆ କ୍ୟାରିୟରରେ ୨୦୦ତମ ୱିକେଟ ଦଖଲ କରିଥିଲେ। ଏହାପରେ ସେ ୪୭ତମ ଓଭରରେ ଓ ୪୯ତମ ଓଭରରେ ଆଉ ୨ଟି ୱିକେଟ ନେଇଛନ୍ତି। ଚାମ୍ପିୟନ୍ସ ଟ୍ରଫିରେ ଏହା ଶାମିଙ୍କ ପ୍ରଥମ ୫ ୱିକେଟ ସଫଳତା। ଆଜିର ମ୍ୟାଚ୍‌ରେ ସେ ୧୦ ଓଭରରେ ୫୩ ରନ ଦେଇ ୫ ଜଣ ବାଂଲାଦେଶ ବ୍ୟାଟରଙ୍କୁ ପ୍ୟାଭିଲିୟନ ପଠାଇଛନ୍ତି।

# ଜାତୀୟ ପାରା ଦୌଡ଼କୁଦରେ ଜୟନ୍ତୀଙ୍କୁ ସ୍ୱର୍ଣ୍ଣ: ପଙ୍କଜ, କମଳାକାନ୍ତଙ୍କୁ ରୌପ୍ୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚେନ୍ନାଇରେ ଚାଲିଥିବା ୨୩ତମ ଜାତୀୟ ପାରା ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଭେଟି ଦେଇଛନ୍ତି ସ୍ପ୍ରିଣ୍ଟର ଜୟନ୍ତୀ ବେହେରା। ଏଥିସହ ଜୟନ୍ତୀ ୨ଟି ସ୍ୱର୍ଣ୍ଣ ଜିତି ରାଜ୍ୟର ଖୁସି ଦ୍ୱିଗୁଣିତ କରିଛି। ମହିଳା ଟି-୪୭ ୧୦୦ ମିଟର ଏବଂ ୪୦୦ ମିଟର ଦୌଡ଼ରେ ଜୟନ୍ତୀ ଏହି ସ୍ୱର୍ଣ୍ଣ ଦ୍ୱୟ ଜିତିଛନ୍ତି। ୧୦୦ ମିଟର ରେସ୍‌କୁ ସେ ୧୩.୪୩ ସେକେଣ୍ଡରେ ଶେଷ କରି ଏହି ପଦକ କରାୟତ୍ତ କରିଥିଲେ। ଦିଲ୍ଲୀର କୀର୍ତ୍ତି ଚୌହାନ (୧୩.୮୫) ରୌପ୍ୟ ଏବଂ ଆନ୍ଧ୍ରପ୍ରଦେଶର ଭବାନୀ ଭାଲାସାମଗାରି (୧୪.୦୩) କାଂସ୍ୟ ପାଇଥିଲେ। ୪୦୦ ମିଟର ଦୌଡ଼କୁ ଜୟନ୍ତୀ ୧ ମିନିଟ୍ ୧.୧୯ ସେକେଣ୍ଡରେ ଶେଷ କରି ପ୍ରଥମ ସ୍ଥାନରେ ରହି ପୋଡିୟମ୍ ଫିନିସ୍ କରିଥିଲେ। ଗୁଜରାଟର ଅଞ୍ଜନାବେନ ବୁମବାଡ଼ିଆ (୧:୫.୨୫) ଓ ଝାଡ଼ଖଣ୍ଡର କାଜଲ କୁମାରୀ (୧:୧୧.୯୮) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ପଙ୍କଜ ଭୁଏ ଓ କମଳାକାନ୍ତ ନାୟକ ଓଡ଼ିଶା ପାଇଁ ୨ଟି ରୌପ୍ୟ ପଦକ ଜିତିଛନ୍ତି। ପୁରୁଷ ଲମ୍ଫଡିଆଁ ଟି-୧୩ରେ ପଙ୍କଜ ୫.୯୩ ମିଟର ଡେଇଁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଛତିଶଗଡ଼ର କଳାରାମ ପଟେଲ (୬.୫୫ ମିଟର) ଓ ଗୁଜରାଟର ପ୍ରଦୀପସିନ ଚୌହାନ (୫.୭୪ ମିଟର) ଯଥାକ୍ରମେ ସ୍ୱର୍ଣ୍ଣ ଓ କାଂସ୍ୟ ପାଇଛନ୍ତି। ପୁରୁଷ ଜାଭ୍‌ଲିନ୍ ଏଫ୍-୫୩ ବର୍ଗରେ କମଳାକାନ୍ତ (୧୬.୨୨ ମିଟର) ରୌପ୍ୟ ଜିତିଥିଲା ବେଳେ ହରିୟାଣାର ସୁମିତ (୧୭.୧୫ ମିଟର) ସ୍ୱର୍ଣ୍ଣ ଓ ଉତ୍ତରପ୍ରଦେଶର ଆଦିତ୍ୟ କୁମାର (୧୬.୧୦) କାଂସ୍ୟ କରାୟତ୍ତ କରିଥିଲେ। ଏହି ୪ ପଦକ ସହ ଓଡ଼ିଶାର ପଦକ ସଂଖ୍ୟା ୫ (୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ କାଂସ୍ୟ)ରେ ପହଞ୍ଚିଛି। ଏହି ସଫଳତା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପଦକ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




## ଚାମ୍ପିଅନ୍ସ ଟ୍ରଫି-୨୦୨୫

# ଇତିହାସ ରଚିଲେ ରୋହିତ୍ ଶର୍ମା

ନୂଆଦିଲ୍ଲୀ: ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ଟିମ୍ ଇଣ୍ଡିଆ ନିଜ ଅଭିଯାନ ଆରମ୍ଭ କରିଛି । ଭାରତୀୟ ଟିମ୍ ନିଜର ପ୍ରଥମ ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ଖେଳାଯାଉଛି । ଏହି ଟୁର୍ଣ୍ଣାମେଣ୍ଟ ଭାରତର ଅଧିନାୟକ ରୋହିତ୍ ଶର୍ମାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି । ଚାମ୍ପିଅନ୍ସ ଟ୍ରଫି ଆରମ୍ଭରୁ ହିଁ ସେ ଏକ ବଡ଼ ଉପଲବ୍ଧି ନିଜ ନାଁରେ କରିଛନ୍ତି । ମହେନ୍ଦ୍ର ସିଂହ ଧୋନୀ, ବିରାଟ କୋହଲିଙ୍କୁ ପଛରେ ପକାଇ ରୋହିତ୍ ଶର୍ମା ଏକ ଖାସ୍ ସୂଚୀରେ ଉପରେ ପହଞ୍ଚିଛନ୍ତି । ଅନ୍ୟପଟେ ବିରାଟ କୋହଲି ଟୁର୍ଣ୍ଣାମେଣ୍ଟ ଆରମ୍ଭ ସହ ଧୋନୀଙ୍କ ବରାବର କରିଛନ୍ତି । ରୋହିତ୍ ଶର୍ମା ୨୦୦୭ରେ ନିଜର ଇଣ୍ଟରନ୍ୟାସନାଲ୍ କ୍ୟାରିୟର ଆରମ୍ଭ କରିଥିଲେ । ସେ ନିଜର ପ୍ରଥମ ମ୍ୟାଚ୍ ଆଇସିସି ଇଭେଣ୍ଟ ୨୦୦୭ ଟି-୨୦ ବିଶ୍ୱକପରେ ଖେଳିଥିଲେ । ଅନ୍ୟପଟେ ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ନିଜ କ୍ୟାରିୟରରେ ୧୫ତମ ଆଇସିସି ଲିମିଟେଡ୍ ଓଭର ଇଭେଣ୍ଟ ଖେଳୁଛନ୍ତି । ଏହାସହ ସେ ଭାରତ ପାଇଁ ସବୁଠୁ ଅଧିକ ଲିମିଟେଡ୍ ଓଭର ଆଇସିସି ଇଭେଣ୍ଟ ଖେଳିବାର ରେକର୍ଡ ନିଜ ନାଁରେ କରିଛନ୍ତି । ଟୁର୍ଣ୍ଣାମେଣ୍ଟ ଆରମ୍ଭ ପୂର୍ବରୁ ଏହି ରେକର୍ଡ ଏମ୍ଏସ୍ ଧୋନୀଙ୍କ ନାଁରେ ଥିଲା । ସେ ଭାରତ ପାଇଁ ୧୪ଟି ଲିମିଟେଡ୍ ଓଭର ଆଇସିସି ଇଭେଣ୍ଟ ଖେଳିଥିଲେ । ଅନ୍ୟପଟେ ବିରାଟ କୋହଲିଙ୍କ ଏହା ୧୪ତମ ଲିମିଟେଡ୍ ଓଭର ଆଇସିସି ଇଭେଣ୍ଟ । ଅର୍ଥାତ୍ ସେ ଏହି ଲିଷ୍ଟରେ ଏମ୍ଏସ୍ ଧୋନୀଙ୍କ ସମକକ୍ଷ ହୋଇଛନ୍ତି । ଯୁବରାଜ ସିଂହ ବି ନିଜ କ୍ୟାରିୟରରେ ୧୪ଟି ଲିମିଟେଡ୍ ଓଭର ଆଇସିସି ଇଭେଣ୍ଟ ଖେଳିଥିଲେ । ଅନ୍ୟପଟେ ସବୁଠୁ ଅଧିକ ଲିମିଟେଡ୍ ଓଭର ଆଇସିସି ଇଭେଣ୍ଟ ଖେଳିବାର ରେକର୍ଡ କ୍ରିସ୍ ଗେଲ୍, ମହେଲା ଜୟବର୍ଦ୍ଧନେ, ଶାହିଦ ଆଫ୍ରିଦି ଏବଂ ସାକିବ ଅଲ୍ ହସନଙ୍କ ନାଁରେ ରହିଛି । ଏହି ଖେଳାଳିମାନେ ୧୬-୧୬ ଲିମିଟେଡ୍ ଓଭର ଆଇସିସି ଟୁର୍ଣ୍ଣାମେଣ୍ଟ ଖେଳିଛନ୍ତି । ନ୍ୟପଟେ ରବିନ୍ଦ୍ର ଜାଡେଜା ନିଜ ଦିନିକିଆ କ୍ୟାରିୟରର ୨୦୦ତମ ମ୍ୟାଚ୍ ଖେଳୁଛନ୍ତି । ଭାରତ ପାଇଁ ୨୦୦ ଦିନିକିଆ ମ୍ୟାଚ୍ ଖେଳିବାରେ ସେ ୧୬ତମ ଖେଳାଳି ହୋଇଛନ୍ତି । ଉଲ୍ଲେଖଯୋଗ୍ୟ ଭାରତ ପାଇଁ ସବୁଠୁ ଅଧିକ ଦିନିକିଆ ମ୍ୟାଚ୍ ଖେଳିବାର ରେକର୍ଡ ସଚିନ ତେନ୍ଦୁଲକରଙ୍କ (୪୬୩) ନାଁରେ ରହିଛି । ଅନ୍ୟପଟେ ଧୋନୀ ୩୫୦ ମ୍ୟାଚ୍ ଖେଳି ଦ୍ୱିତୀୟ ସ୍ଥାନରେ ଅଛନ୍ତି ।



## ରୋହିତଙ୍କ ପାଇଁ ଐତିହାସିକ ରେକର୍ଡରୁ ବଞ୍ଚିତ ହେଲେ ଅକ୍ଷର

ଦୁବାଇ: ୨୦୨୫ ଚାମ୍ପିଅନ୍ସ ଟ୍ରଫିରେ, ଭାରତୀୟ ଦଳ ବାଂଲାଦେଶ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳୁଛି। ମ୍ୟାଚ୍‌ରେ ବାଂଲାଦେଶ ଅଧିନାୟକ ନାଜମୁଲ ହାସନ ସାଣ୍ଟୋ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବୋଲିଂ କରି ଭାରତୀୟ ଦଳ ମାତ୍ର ୨୬ ରନରେ ବାଂଲାଦେଶର ତିନୋଟି ଉଇକେଟ ହରାଇଥିଲା। ଏହା ପରେ ୯ମ ଓଭରରେ, ଭାରତର ଅକ୍ଷର ପଟେଲଙ୍କ ପାଖରେ ହ୍ୟାଟ୍ରିକ ନେବାର ସୁବର୍ଣ୍ଣ ସୁଯୋଗ ଥିଲା କିନ୍ତୁ ରୋହିତ ଶର୍ମାଙ୍କ ଖରାପ ଫିଲ୍ଡିଂ ଯୋଗୁ ସେ ଏହାକୁ ହାତଛଡ଼ା କରିଥିଲେ। ଭାରତୀୟ ଦଳ ପାଇଁ ଅକ୍ଷର ପଟେଲ ଇନିଂସର ୯ମ ଓଭର ବୋଲିଂ କରିଥିଲେ। ଏହି ଓଭରର ଦ୍ୱିତୀୟ ବଲ୍‌ରେ ତାଞ୍ଜିଦ ହାସନ ଉଇକେଟ୍ କିପର କେଏଲ ରାହୁଲଙ୍କ ହାତରେ କ୍ୟାଚ ଆଉଟ୍ ହୋଇ ପାଭିଲିୟନ ଫେରିଥିଲେ। ଏହା ପରେ ମୁସଫିକର ରହିମ ମଧ୍ୟ ତୃତୀୟ ବଲରେ ଆଉଟ ହୋଇଥିଲେ। ଏହିପରି ସେ ଦୁଇଟି ବଲ୍‌ରେ ଦୁଇଟି ଉଇକେଟ ନେଇ ସାରିଥିଲେ ଏବଂ ହ୍ୟାଟ୍ରିକ ନେବାର ସୁବର୍ଣ୍ଣ ସୁଯୋଗ ଥିଲା। ଚତୁର୍ଥ ବଲଟି ଅକ୍ଷର ଜାକେର ଅଲିଙ୍କୁ ବୋଲିଂ କରିଥିଲେ। ଜାକେର ବଲକୁ ରୋକିବାକୁ ଚେଷ୍ଟା କରିଥିଲେ କିନ୍ତୁ ବଲଟି ତାଙ୍କ ବ୍ୟାଟର ଧାରକୁ ନେଇ ସ୍ଲିପରେ ଠିଆ ହୋଇଥିବା ରୋହିତଙ୍କ ପାଖକୁ ଚାଲିଗଲା। ସେ ବଲକୁ କ୍ୟାଚ୍ ଧରିପାରିଥାନ୍ତେ ଏବଂ ସହଜ କ୍ୟାଚ ନେଇପାରିଥାନ୍ତେ। କିନ୍ତୁ ରୋହିତ କ୍ୟାଚ୍ ଛାଡି ଦେଇଥିଲେ। କ୍ୟାଚ ଛାଡିବା ଯୋଗୁ ଅକ୍ଷର ହ୍ୟାଟ୍ରିକ ପୂରଣ କରିପାରିଲେ ନାହିଁ। ଯଦି ରୋହିତ ସେହି କ୍ୟାଚ୍ ନେଇଥାନ୍ତେ, ତେବେ ଅକ୍ଷର ଚାମ୍ପିଅନ୍ସ ଟ୍ରଫି ଇତିହାସରେ ହ୍ୟାଟ୍ରିକ୍ ନେଇଥିବା ପ୍ରଥମ ଭାରତୀୟ ହୋଇଥାନ୍ତେ, କିନ୍ତୁ ଏବେ ଐତିହାସିକ ରେକର୍ଡ ସୃଷ୍ଟି କରିପାରି ନାହାନ୍ତି। ହଜ କ୍ୟାଚ ଛାଡ଼ିବା ପରେ ଅଧିନାୟକ ରୋହିତ ନିଜ ଉପରେ ଆଦୌ ଖୁସି ନଜର ଆସିନଥିଲେ। ପରେ ରୋହିତଙ୍କୁ ଅକ୍ଷର କିଛି କହୁଥିବା ମଧ୍ୟ ଦେଖାଯାଇଥିଲା। କ୍ୟାଚ ଛାଡିବା ପାଇଁ ରୋହିତଙ୍କୁ ବହୁତ ଟ୍ରୋଲ କରାଯାଉଛି। ଜଣେ ପ୍ରଶଂସକ କହିଛନ୍ତି, ଅକ୍ଷର ଆଇସିସି ଟୁର୍ଣ୍ଣାମେଣ୍ଟରେ ହ୍ୟାଟ୍ରିକ ନେବାର ଯୋଗ୍ୟ ଥିଲେ, କିନ୍ତୁ ରୋହିତ ତାଙ୍କୁ ଏପରି କରିବାକୁ ଦେଇନଥିଲେ। ଅନ୍ୟ ଜଣେ ପ୍ରଶଂସକ କହିଥିଲେ ଯେ, ରୋହିତଙ୍କ କ୍ୟାଚ୍ ଛାଡିବା ଯୋଗୁ ବାଂଲାଦେଶ ୧୦୦ ସ୍କୋର ପାର କରିପାରିଥିଲା।

## ବରିଷ୍ଠ ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା

# ଓଡିଶାରୁ ଭାଗନେବେ ୧୬ ପ୍ରତିଯୋଗୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପଞ୍ଜାବର ଜଲନ୍ଧରସ୍ଥିତ ଲଭଲି ପ୍ରଫେସନାଲ ୟୁନିଭର୍ସିଟିଠାରେ ବରିଷ୍ଠ ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଗତକାଲି ଠାରୁ ଆରମ୍ଭ ହୋଇଯାଇଛି । ଏହି ପ୍ରତିଗୋଗିତରେ ଓଡିଶା ଶକ୍ତି ଉତ୍ତୋଳନ ସଂଘ ଦ୍ୱାରା ମନୋନୀତ ହୋଇ ୮ ଜଣ ପୁରୁଷ ଏବଂ ୮ ଜଣ ମହିଳା ବିଭିନ୍ନ ଓଜନ ବର୍ଗରେ ଭାଗ ନେଇଛନ୍ତି । ପାୱାର ଲିଫଟିଂ ଇଣ୍ଡିଆ ଦ୍ୱାରା ଆୟୋଜିତ ଏହି ଜାତୀୟ ପ୍ରତିଯୋଗିତାରେ ବର୍ତ୍ତମାନ ସୁଦ୍ଧା ଓଡିଶାର ଅନୁପମା ସ୍ୱାଇଁ ୫୨ କେଜି ବରିଷ୍ଠ ମହିଳା ବିଭାଗରେ ପ୍ରତିଦ୍ୱୋନ୍ଦିତା କରି କାଂସ୍ୟ ପଦକ ହାସଲ କରିଛନ୍ତି (ସ୍କ୍ୱାଟ୍ – ୧୨୫ କେଜି, ବେଞ୍ଚପ୍ରେସ- ୬୦ କେଜି ଓ ଡେଡ୍‌ଲିଫ୍ଟ – ୧୩୭.୫ କେଜି) । ଅନୁପମା ୨୦୧୭ ମସିହାରେ ଏହି ବରିଷ୍ଠ ଏସୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ସ୍ୱର୍ଣ ପଦକ ଲାଭ କରି ବା ସହ ସ୍କ୍ୱାଟ୍‌ରେ ଏସୀୟ ରେକର୍ଡ କରିଥିଲେ । ଚଳିତ ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିବା ଓଡିଶା ଖେଳାଳି ମାନେ ହେଉଛନ୍ତି...

**ପୁରୁଷ ଦଳ:**
ପଦଲା ଶ୍ରୀନିବାସ, ସୋମେନ ସେନାପତି, କେଶବ ହରିଚନ୍ଦନ, ଯଜ୍ଞଦତ ଭୁକ୍ତା, ସମୀର କୁମାର ବିଶ୍ୱାଳ । ଜ୍ୟୋତି ରଞ୍ଜନ ବିଶ୍ୱାଳ, ଅଭିଷେକ ସ୍ୱାଇଁ ଓ କପିଳେନ୍ଦ୍ର ସାମଲ ।

**ମହିଳା ଦଳ:**
ଅନୁପମା ସ୍ୱାଇଁ, ଧରିତ୍ରୀ ମହନ୍ତ, ରଶ୍ମିତା ମହାରଣା, ପ୍ରଜନା ପ୍ରଭା ସାହୁ, ସ୍ମୃତିମୟୀ ସାହୁ, ଦିବ୍ୟଲେଖା ମିଶ୍ର, ରାଜସ୍ମିତା ସାହୁ ଓ ଅନିତା ବେହେରା ।

**ଟିମ୍ ମ୍ୟାନେଜର ଓ କୋଚ୍:**
ନିରଞ୍ଜନ ବେବର୍ତା ପଟନାୟକ ଟିମ୍ ମ୍ୟାନେଜର ଓ ରାକେଶ ଶତପଥୀ କୋଚ ଭାବେ ଓଡିଶା ଦଳ ସହ ଯୋଗ ଦେଇଛନ୍ତି ।

# ଭାରତ ବିପକ୍ଷ ଲଢ଼େଇ ପୂର୍ବରୁ ପାକିସ୍ତାନକୁ ବଡ ଝଟ୍‌କା




ନୂଆଦିଲ୍ଲୀ: ଭାରତ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍ ପୂର୍ବରୁ ଆୟୋଜକ ପାକିସ୍ତାନକୁ ବଡ଼ ଝଟକା ଲାଗିଛି। ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫିର ଆୟୋଜନ କରୁଥିବା ବେଳେ ଭାରତ ତା'ର ମ୍ୟାଚ୍ ଗୁଡ଼ିକ ଦୁବାଇରେ ଖେଳିବ। ତେଣୁ ଭାରତ ବିପକ୍ଷ ମ୍ୟାଚ୍ ଖେଳିବା ପାଇଁ ପାକିସ୍ତାନ ଟିମ ଆଜି ଠାରୁ ଦୁବାଇ ଗସ୍ତ କରିଛି। ଆସନ୍ତା ୨୩ରେ ଭାରତ ଓ ପାକିସ୍ତାନ ଦୁବାଇ ଷ୍ଟାଡିୟମରେ ମୁହାଁମୁହିଁ ହେବେ। କିନ୍ତୁ ଏହି ମହା ମୁକାବିଲା ପୂର୍ବରୁ ପାକିସ୍ତାନକୁ ଲାଗିଛି ବଡ଼ ଝଟ୍‌କା। ଦଳର ଷ୍ଟାର ବ୍ୟାଟର ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଛନ୍ତି। ଚାମ୍ପିୟନ୍ସ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନର ମୁକାବିଲା ନ୍ୟୁଜିଲ୍ୟାଣ୍ଡ ସହ ହୋଇଥିଲା। କିନ୍ତୁ ଏହି ମ୍ୟାଚ୍‌ରେ ପାକିସ୍ତାନ ୬୦ ରନରେ ହାରିଛି। ତେଣୁ ଭାରତ ବିପକ୍ଷ ମ୍ୟାଚ୍ ପାକିସ୍ତାନ ପାଇଁ କର ବା ମର ସ୍ଥିତି ସୃଷ୍ଟି କରିଛି। ଏପରି ସ୍ଥିତିରେ ଦଳର ଷ୍ଟାର ବ୍ୟାଟର ଫଖର ଜମାନ ଆହତ ସମସ୍ୟା ଯୋଗୁ ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଛନ୍ତି। ଏଥିପାଇଁ ସେ ପାକିସ୍ତାନ ଟିମ୍ ସହ ଭାରତ ବିପକ୍ଷ ମ୍ୟାଚ୍ ଖେଳିବାକୁ ଦୁବାଇ ଗସ୍ତ କରି ନାହାନ୍ତି। କରାଚି ନ୍ୟାସନାଲ ଷ୍ଟାଡିୟମ୍‌ରେ ଜମାନ ଗତକାଲି ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଫିଲ୍ଡିଂ କରିଥିଲେ। ପ୍ରଥମ ଓଭରରେ ହିଁ ସେ ଗୋଟିଏ ବଲକୁ ଅଟକାଇବା ବେଳେ ମାଂସପେଶୀ ଜନିତ ସମସ୍ୟାରେ ପଡ଼ିଥିଲେ। ତାଙ୍କୁ ତୁରନ୍ତ ମେଡିକାଲ

**ଦୁବାଇ ଗଲେନି ଷ୍ଟାର ଖେଳାଳି**

ସୁବିଧା ଯୋଗାଇ ଦିଆଯାଇଥିଲା। ଆହତ ସମସ୍ୟା ଯୋଗୁ ସେ ପଡ଼ିଆ ଛାଡ଼ିଥିଲେ। ଜମାନ ସାଧାରଣତଃ ଓପନ କରନ୍ତି। କିନ୍ତୁ ଆହତ ସମସ୍ୟା ଯୋଗୁ ସେ ୪ନଂରେ ବ୍ୟାଟିଂ କରିବାକୁ ଆସିଥିଲେ। ସେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ୪୧ ବଲର ସାମ୍ନା କରି କେବଳ ୨୪ ରନ କରିପାରିଥିଲେ। ଆହତ ସମସ୍ୟା ଯୋଗୁ ସେ ଠିକ୍ ଭାବେ ରନ ମଧ୍ୟ ନେଇପାରୁନଥିବା ଦେଖାଯାଇଥିଲା। ମ୍ୟାଚ୍ ପରେ ତାଙ୍କ ଆହତ ସମସ୍ୟା ଗୁରୁତର ଥିବାରୁ ସେ ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଛନ୍ତି। ଏକଥାକୁ ନିଜେ ଜମାନ ଓ ପାକିସ୍ତାନ କ୍ରିକେଟ ବୋର୍ଡ ନିଶ୍ଚିତ କରିଛି।

# ଅଷ୍ଟମ ସଂସ୍କରଣ ସହିଦ ରଞ୍ଜନ ସରଙ୍ଗୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଲୟଲ ଲାୟନ ବିଜୟୀ

ପୁରୀ (ଭାସ୍କର ନ୍ୟୁଜ): ସହିଦ ହାବିଲଦାର ରଞ୍ଜନ ସରଙ୍ଗୀ ନାମରେ ଅଷ୍ଟମ ସଂସ୍କରଣ କ୍ରିକେଟ ଶେଷ ହୋଇଛି । ଏଥିରେ ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲ ଫାଇନାଲ ମ୍ୟାଚ୍‌ରେ ବିଜୟ ଲାଭ କରିଥିବା ଲୟଲ ଲାୟନକୁ ଏବର୍ଷର ଚମ୍ପିୟାନ କପ୍ ଦେଇଥିଲେ । ଏହା ସହ ରନର୍ସଅପ୍ କପ ବ୍ଲାକ ପାନ୍ଥରକୁ ପୁରସ୍କୃତ କରିଥିଲେ । ବ୍ଲାକ୍ ପାନ୍ଥର ବନାମ ଲୟଲ ଲାୟନ ମଧ୍ୟରେ ପ୍ରତିଯୋଗିତାରେ ବ୍ଲାକ ପାନ୍ଥର ଅଧିନାୟକ ଦୁଷ୍ମନ୍ତ ସାହୁ ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହା ସହ ଲୟଲ ଲାୟନ ଅଧିନାୟକ ସଂଜୟ ବ୍ୟାଟିଂ କରିଥିଲେ । ଲୟଲ ଲାୟନର ଶ୍ରୀଧରଙ୍କ ଧୂଆଁଧାର ୧୦୨ ରନରେ ଦଳ ୨୦ ଓଭରରେ ୨୨୫ ରନ କରିଥିଲେ। ୨୨୬ ରନକୁ ପିଛା କରି ବ୍ଲାକ ପାନ୍ଥରର ଜିତେନ୍ଦ୍ର କୁମାର ସ୍ୱାଇଁଙ୍କ ଧୂଆଁ ଧାର ବ୍ୟାଟିଂରେ ୩୯ ବଲରେ ୭୨ ରନ୍, ରାଜା ପଣ୍ଡା ୫୦, ଦୀପକ ୪୨ ରନ୍ କରି ଟମ୍‌କୁ ବିଜୟର ନିକଟ ବର୍ତ୍ତୀ କରିଥିଲେ । ତ୍ରିଲୋଚନ, ଜିତ୍ରନ୍ଦ୍ର ଦେଓ ଏବଂ ସୁଜିତ୍ ୧୪ ବଲରେ ୧୭ ରନ ଆବଶ୍ୟକ ଥିବାବେଳେ ନାଥଙ୍କ ଧୂଆଁଧାର ବୋଲିଂକୁ ସାମ୍ନା କରିପାରିନଥିଲେ ଯାହା ଫଳରେ ପରାଜୟ ହୋଇଥିଲେ । ଲୟଲ ଲାୟନ ଶେଷ ଦୁଇ ଓଭର ନାଥ ଏବଂ ବାଘଙ୍କ ଦ୍ୱାରା ଜବରଦସ୍ତ ବୋଲିଂ କରି ଟମ୍ ବିଜୟ ଲାଭ କରି ଚମ୍ପିୟାନ ହୋଇଥିଲା । ଏହି ମ୍ୟାଚରେ ମ୍ୟାନ ଅଫ ଦ ମ୍ୟାଚ ଶ୍ରୀଧର ପ୍ରଧାନ। ଏହି ଅଷ୍ଟମ ସଂସ୍କରଣ ସହିଦ ରଞ୍ଜନ ସରଙ୍ଗୀ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିଅନ୍ ଟମ୍ ଲୟଲ ଲାୟନ, ବେଷ୍ଟ ବ୍ୟାଟସମ୍ୟାନ (ଅରେଞ୍ଜ କ୍ୟାପ୍) ସୁଶାନ୍ତ କୁମାର ସ୍ୱାଇଁ, ବେଷ୍ଟ ବୋଲର୍ (ପର୍ପଲ କ୍ୟାପ୍) ଶୁଭଜିତ୍ ବରାଳ, ଇମର୍ଜେଜିଂ ପ୍ଲେୟାର ରମେଶ କୁମାର ରାଉତ, ମ୍ୟାନ ଅଫ ଦ ସିରିଜ ସୁଶାନ୍ତ କୁମାର ସ୍ୱାଇଁ, ବେଷ୍ଟ ୱିକେଟ୍ କିପର ଦିଲିପ କୁମାର ଛାଟୋଇ, ବେଷ୍ଟ ଫିଲ୍ଡର ଆପଲ ରାଜୁ, ବେଷ୍ଟ କ୍ୟାଚର୍ ରୁଦ୍ର, ବେଷ୍ଟ କ୍ୟାପଟେନ୍ ଦୁଷ୍ମନ୍ତ ସାହୁ, ଫେୟାର ପ୍ଲେ ଆୱାର୍ଡ ଟିମ୍ ହଣ୍ଟର ଚିତା, ରନର୍ସଅପ୍ ଟିମ୍ ବ୍ଲକ୍ ପାନ୍ଥର, ବେଷ୍ଟ ଟେକନିସିଆନ ରମେଶ ଚନ୍ଦ୍ର ପରିଡା, ବେଷ୍ଟ କମେଣ୍ଟର ଗୁରୁ ପ୍ରସାଦ ମହାନ୍ତି ବେଷ୍ଟ ଭଲ୍ୟୁଣ୍ଟର ପ୍ରଶାନ୍ତ କୁମାର ବିଶ୍ୱାଳ, ରତ୍ନାକର ମଲ୍ଲିକ, ହାଜରତ ଅଲ୍ଲୀ ଖାନ୍, ସୂର୍ଯତାପ ଜେନା, ରଘୁନାଥ ସେଠୀ, ଅମ୍ପାୟାର ସିଦ୍ଧାର୍ଥ ଶଙ୍କର ମଙ୍ଗରାଜ, ପ୍ରଶାନ୍ତ କୁମାର ବିଶ୍ୱାଳ, ଗୋପାଳ ଚନ୍ଦ୍ର ଦାସ, ବିଭୂତି କୁମାର ପାଇକରାୟ, ଅରୁଣ ଆଲୋକ ମିଶ୍ର, ବିକ୍ରମ କେଶରୀ ମାଲ, ତ୍ରିଲୋଚନ ହୋତା, ରଞ୍ଜନ ପାଲଇ, ଦିନେଶ କୁମାର ରଥ, ଅଂଶୁମାନ ପ୍ରଧାନ ଏବଂ ଗୁଡୁ ରାଉତରାୟକୁ ଆରକ୍ଷୀ ଅଧିକ୍ଷକ ବିନିତୀ ଅଗ୍ରୱାଲ ପୁରସ୍କାର ପ୍ରଦାନ କରିଥିଲେ । ଏଥିସହ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଶୀଳ ମିଶ୍ର, ଡିସପି ତପନ ଦାସ, ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, ଆରଇ ଚିତ୍ତରଞ୍ଜନ ମହାନ୍ତି, ସଆଇ ସମୀର ସ୍ୱାଇଁ, ବାସୁଦେବ ପଣ୍ଡା ପୋଲିସ ସଂଘ ସଭାପତି ସନ୍ତୋଷ ମହାନ୍ତି, ଉପସଭାପତି ସନ୍ତୋଷ ସାହୁ, ସେକେଟରୀ ସୂର୍ଯ୍ୟତାପ ଜେନା, କୋଷାଧକ ଦିଲୀପ ଭୋଇ, ପ୍ରହଲ୍ଲାଦ ଭୋଇ, ଆଲୋକ ମିଶ୍ର ପ୍ରଶାନ୍ତ ବିଶ୍ୱାଳ, ରଞ୍ଜନ ପଲେଇ, ଅଂଶୁମାନ ପ୍ରଧାନ, ତ୍ରିଲୋଚନ ହୋତା ଓ ଶୁଭ୍ରଜୀତୀ ବରାଳ ଉପସ୍ଥିତ ରହି ଖେଳକୁ ସୁଚାରୁପେ ପରିଚାଳନା କରିଥିଲେ। ସୂଚନା ଥାଉକି ରଞ୍ଜନ ସରଙ୍ଗୀ ବ୍ରହ୍ମଗିରିରେ ବୋମା ନିଷ୍କ୍ରିୟ କରିବାକୁ ଯାଇ ବିସ୍ଫୋରଣରେ ସହିଦ ହୋଇଥିଲେ।




Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

वित्त मंत्रालय
भारत सरकार
सत्यमेव जयते

# କୃଷି ବିକାଶକୁ ପ୍ରୋତ୍ସାହନ



केन्द्रीय बजट 2025-2026

## ସମୃଦ୍ଧ ଅନ୍ନଦାତା
## ସମୃଦ୍ଧ ଭାରତ

### ଚାଷୀଙ୍କୁ ମିଳିଛି ନୂଆ ସୁବିଧା
### ପ୍ରଶସ୍ତ ହେଉଛି ଆତ୍ମନିର୍ଭର
### ଓ ବିକଶିତ ଭାରତର ମାର୍ଗ

ପିଏମ୍ ଧନ-ଧାନ୍ୟ କୃଷି ଯୋଜନା
୧୦୦ ଜିଲ୍ଲାରେ ବଢ଼ାଇବ
ଉତ୍ପାଦକତା, ଲାଭ ପାଇବେ
୧.୭ କୋଟି ଚାଷୀ

ପ୍ରାୟ ୭.୭ କୋଟି ମତ୍ସ୍ୟଜୀବୀ, ଚାଷୀ ଓ
ଦୁଗ୍ଧ ଚାଷୀଙ୍କ ସହାୟତା ଲାଗି କିଷାନ
କ୍ରେଡିଟ୍ କାର୍ଡ (କେସିସି)ର ଋଣସୀମା
ବଢ଼ାଇ ୫ଲକ୍ଷ ଟଙ୍କା କରି ଦିଆଯାଇଛି

ଭାରତର ସାମୁଦ୍ରିକ ଖାଦ୍ୟ କ୍ଷେତ୍ରର
ଉଦ୍ୟୋଗୀ ଏବଂ ଚାଷୀଙ୍କ ସହାୟତା ପାଇଁ
ଫ୍ରୋଜନ ଫିସ୍ ପେଷ୍ଟ ଉପରେ ମୂଳ ସୀମା
ଶୁଳ୍କ ୩୦%ରୁ ହ୍ରାସ କରି ୫% ଏବଂ ଫିସ୍
ହାଇଡ୍ରୋଲାଇସେଟ୍ ଉପରେ ୧୫%ରୁ
କମାଇ ୫% କରି ଦିଆଯାଇଛି

କମ୍ପ୍ରେହେନ୍ସିଭ୍ ରୁରାଲ ପ୍ରସ୍ପରିଟି ଆଣ୍ଡ
ରେସିଲିଏନ୍ସ କାର୍ଯ୍ୟକ୍ରମ ଅଧୀନରେ
ତାଲିମ, ପ୍ରଯୁକ୍ତି ଓ ନିବେଶ ଦ୍ୱାରା ସ୍ଥାନୀୟ
କୃଷି ଏବଂ ରୋଜଗାର ବୃଦ୍ଧି କରାଯିବ।
ଯାହାଫଳରେ ପ୍ରବାସ ବାଧ୍ୟବାଧକତା
ନୁହେଁ ବରଂ ଏକ ବିକଳ୍ପ ପାଲଟିବ

ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ
ଗ୍ରାମାଞ୍ଚଳ ଲୋକମାନଙ୍କର ଋଣ ଆବଶ୍ୟକତା
ନିମନ୍ତେ 'ଗ୍ରାମୀଣ କ୍ରେଡିଟ୍ ସ୍କୋର' ଢାଞ୍ଚା
ପ୍ରସ୍ତୁତ

ଡାଲି ବିଶେଷକରି ହରଡ, ବିରି ଏବଂ
ମସୁର ଉପରେ ଆତ୍ମନିର୍ଭରଶୀଳତା
ପାଇଁ ଏକ ସ୍ୱତନ୍ତ୍ର ମିଶନ

CBC 15201/13/0011/2425

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଦୌଲତପୁର ପଞ୍ଚାୟତ ଅଧୀନ ମାଲପୁର ଗ୍ରାମର ଆଦର୍ଶ ଶିକ୍ଷକ କୃତିବାସ ମହାନ୍ତିଙ୍କର ୧୦ମ ଶ୍ରାଦ୍ଧ ବାର୍ଷିକ ଗୁରୁବାର ମାଲପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବି ସୁଧାରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସଂଗ୍ରାମ ମହାନ୍ତି ଯୋଗଦେଇ ଶିକ୍ଷକମାନେ ଛାତ୍ରବତ୍ସଳ ହେବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧାପକ ସାହିତ୍ୟିକ ରବିନ୍ଦ୍ର ବେହୁରା, ସମ୍ମାନିତ ଅତିଥି ଭାବେ ଅଧାପିକା ସଂଯୁକ୍ତା ଭାରତୀ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଆଦର୍ଶକୁ ଅନୁଶରଣ କରିପାରିଲେ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ରାମନାରାୟଣ ନାୟକ, କବି ସଂଜିତ କୁମାର ବଳ, ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ଅରୁପାନନ୍ଦ ପାଣିଗ୍ରାହୀ, ଆଶୁତୋଷ କରଣ, ବିଶ୍ୱମୈତ୍ରୀ ନାୟକ, ମୌସୁମୀ ଗୋଚ୍ଛାୟତ, ଭାଗବତ ସେନାପତି, ସୁବାସ ମହାନ୍ତି, ପ୍ରବଚକ ସୁଧାକର ଧନୀ ପ୍ରମୁଖ ଯୋଗଦେଇ ଆଦର୍ଶ ଶିକ୍ଷକ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ପ୍ରକାଶକ ଓ କବି ବାଦଲ ମହାନ୍ତି ଶେଷ ସ୍ୱର୍ଶ ଦେଇଥିଲେ।



# ବନାଗ୍ନି ନିରାକରଣ ସଚେତନତା ଶିବିର




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ବୁଧବାର ସକାଳ ୧୦ ଘଟିକା ସମୟରେ ପର୍ଜନପୁର ଗ୍ରାମପଞ୍ଚାୟତର କଲଣ୍ଡା ଗ୍ରାମରେ କେନ୍ଦୁଝର ବନଖଣ୍ଡ-ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟ ମିଳିତ ଉଦ୍ୟମ ରେ ଏକ ଦକ୍ଷତା ବିକାଶ-ନିଯୁକ୍ତି -ଶ୍ରମ କାର୍ଡ଼ ତଥା ବନାଗ୍ନି ନିରାକରଣ ଓ ବନ୍ୟଜନ୍ତୁ ସଂରକ୍ଷଣ ସମ୍ବନ୍ଧୀୟ ସଚେତନତା ଶିବିର ଆୟଜିତ ହୋଇଥିଲା। ଏହି ସଭାରେ ଗ୍ରାମପଞ୍ଚାୟତ ଅଧିନସ୍ଥ ୧୪ଟି ଗ୍ରାମ ଯଥା କଲଣ୍ଡା, ପାଟୁଙ୍ଗ, ନୂଆଡ଼ିହି, ଦେଉଳଡିହା, ସତୀକୁଦର, ନଇଗାଁ, ପର୍ଜନପୁର, ନଇଁଗା, ସତୀକୁଦର, ଦେଉଳଡିହା, ନୂଆଡ଼ିହିରୁ ପାଖାପାଖି ୫୦୦ରୁ ଉର୍ଦ୍ଧ୍ୱ ଲୋକ ସମାଗମ ହୋଇଥିଲେ। ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ସହକାରୀ ଶ୍ରମ ଅଧିକାରୀ ଭରତ କୁମାର ଦାଶ ଓ ଦୀପ୍ତିମୟୀ ରାଉଳ ଶ୍ରମ କାର୍ଡର ପଞ୍ଜୀକରଣ ଓ ସୁବିଧା ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟରୁ ଅଭିଷେକ ଚକ୍ର ଓ ମୁସ୍କାନ ଚେଲ୍ଲାନି ଉପଲବ୍ଧ ମାଗଣା ତାଲିମ ଓ ରୋଜଗାର ଉପରେ ଆଲୋକପାତ କରିଥିଲେ। କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟରୁ ନିର୍ମଳ ସାହୁ ବନ୍ୟଜନ୍ତୁ ସଂରକ୍ଷଣ ଓ ବନାଗ୍ନି ନିବାରଣ ପାଇଁ ଲୋକଙ୍କୁ ଅନୁରୋଧ କରିଥିଲେ। ପ୍ରକଳ୍ପ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରା, କଲଣ୍ଡା ବନ ସୁରକ୍ଷା ସମିତିର ସଭାପତି ରାଜକିଶୋର ବାରିକ, ପର୍ଜନପୁର ସରପଞ୍ଚ ଡମ୍ବରୁଧର ମାଝି ଓ ସ୍ଥାନୀୟ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ପାଖାପାଖି ୩୫୯ଟି ଶ୍ରମକାର୍ଡ ଓ ୨୯ଟି ଦକ୍ଷତା ବିକାଶ ପଂଜୀକରଣ ହୋଇଥିଲା। ଅତି ଶୀଘ୍ର ପଂଜୀକୃତ ଶ୍ରମକାର୍ଡ ଓ ଦକ୍ଷତା ବିକାଶ ତାଲିମ ପ୍ରଦାନର ବ୍ୟବସ୍ଥା କରାଯାଉଛି। ଆଗାମୀ ଦିନରେ କେନ୍ଦୁଝର ବନଖଣ୍ଡ ଅଧିନସ୍ଥ ପାଖାପାଖି ୨୦୨ଟି ଗ୍ରାମ ପଞ୍ଚାୟତରେ ଏହିପରି ସଚେତନତା ଶିବିର ଆୟୋଜନ କରାଯାଇ ଶ୍ରମକାର୍ଡ ଓ ନିଯୁକ୍ତିର ସୁଯୋଗ ପହଞ୍ଚାଇବାକୁ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡ଼ି ଲକ୍ଷ୍ୟ ରଖିଛନ୍ତି।

# ଭଞ୍ଜନଗରରେ ନୂତନ ଉପଜିଲ୍ଲାପାଳଙ୍କ ଯୋଗଦାନ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ନୂତନ ଉପଜିଲ୍ଲାପାଳ ଭାବେ ଉମାଶଙ୍କର ବେହେରା ଗତକାଲି ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ବେହେରା ଭଞ୍ଜନଗର ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ସେ ଜଣେ ସୁଦକ୍ଷ ପ୍ରଶାସକଭାବେ ବହୁ ଖ୍ୟାତି ଅର୍ଜନ କରିଛନ୍ତି। ସେ ଜନହିତରେ ସରକାରୀ ଯୋଜନାକୁ ସଫଳ ରୂପେ ରୂପାୟନ କରିବାକୁ ପ୍ରତିଶୃତିବଦ୍ଧ ବୋଲି ନିଜ ପ୍ରତିକ୍ରିୟାରେ ଜଣାଇଛନ୍ତି। ସେ ସମସ୍ତ କର୍ମଚାରୀଗଣଙ୍କୁ ଦଳଗତ ସ୍ୱଚ୍ଛତା, ବୈଷୟିକ ଜ୍ଞାନ ସହ ଠିକ ସମୟରେ କାର୍ଯ୍ୟ ସୂଚାରୁରୂପେ ସମ୍ପାଦନ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଭଞ୍ଜନଗର ଉପଜିଲ୍ଲାପାଳ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଅମିତ ରଞ୍ଜନ ହୋତା, ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ନିହାର ରଞ୍ଜନ ମହାନ୍ତି, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ କୁମାର ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର ଉପଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ବଂଶୀଧର ବେହେରା, ଇଷ୍ଟାବ୍ଲିସମେଣ୍ଟ ଅଫିସର ଇନଚାର୍ଜ ବନବିହାରୀ ସ୍ୱାଇଁ ଏବଂ ସବୁ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ଓ କନିଷ୍ଠ ସହାୟକଙ୍କ ସହ କାର୍ଯ୍ୟାଳୟର ସବୁ କର୍ମଚାରୀଗଣ ନୂତନ ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିସହିତ ବହୁ ବୁଦ୍ଧିଜୀବୀଗଣ ଏବଂ ସାମ୍ବାଦିକ ବନ୍ଧୁଗଣ ନୂତନ ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା କରିଥିଲେ। ପ୍ରକାଶ ଥାଉ କି, ଏହା ପୂର୍ବରୁ ଉପଜିଲ୍ଲାପାଳ ଥିବା ଅନିଲ କୁମାର ସେଠୀ ଓଡ଼ିଶା ବିଧାନସଭା ମାନ୍ୟବର ସରକାରୀ ମୁଖ୍ୟ ସଚେତଙ୍କ ପ୍ରାଇଭେଟ ସେକ୍ରେଟାରୀ ଭାବେ ବଦଳି ହୋଇଛି। ସେଠୀ ଓଡିଶା ବିଧାନସଭା ମାନ୍ୟବର ସରକାରୀ ମୁଖ୍ୟ ସଚେତଙ୍କ ପ୍ରାଇଭେଟ ସେକ୍ରେଟାରୀ ଭାବେ ଯୋଗଦାନ କରିଛନ୍ତି।

## ୮ ସେଣ୍ଟରରେ ୧୧୦୫ ଛାତ୍ରୀଛାତ୍ର ଦେବେ ମାଟ୍ରିକ ପରୀକ୍ଷା

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ଆଗାମୀ ଶୁକ୍ରବାର ଠାରୁ ଚଳିତ ବର୍ଷ ମେଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ରଘୁନାଥପୁର ବ୍ଲକର ୮ଟି କେନ୍ଦ୍ରରେ ମୋଟ ୧୧୦୫ ଜଣ ଛାତ୍ର।ଛାତ୍ର ଦେବେ ୧୦ମ ବୋର୍ଡ ପରୀକ୍ଷା। ଏହି କ୍ରମରେ ବର୍ଡ଼ି ପାଟେଣି ଗାଁ' ସ୍ଥିତ ହରିକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୭୮, ନାଲିବାର ସ୍କୁଲରେ ୧୫୨ ଜଣ, ଗନାଇଲୋ କେନ୍ଦ୍ରରେ ୧୧୯, ରେଢୁଆ ସ୍କୁଲରେ ୧୪୧, ରଘୁନାଥପୁର ପିସିଭିଏମ୍ ରେ ୧୧୦, ତରିକୁନ୍ଦ ସ୍କୁଲରେ ୧୦୦, ସାଦେଇପୁର ସ୍କୁଲରେ ୧୬୮ ଓ ଜଇସୋଲ ସ୍କୁଲରେ ୧୩୭ ଜଣ ଛାତ୍ରୀଛାତ୍ର ମେଟ୍ରିକ ପରୀକ୍ଷା ଦେବାପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସମସ୍ତ ପରୀକ୍ଷା କେନ୍ଦ୍ରକୁ ପ୍ରସ୍ତୁତ ରଖାଯାଇଛି। କପି ଭଳି ବେନିୟମ କାର୍ଯ୍ୟକୁ ରୋକାଜିବା ପାଇଁ କେତେକ କେନ୍ଦ୍ରରେ ଏଆଇ କ୍ୟାମେରା ଓ ବାକି ସମସ୍ତ କେନ୍ଦ୍ରରେ ସିସି କ୍ୟାମେରା ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟଙ୍କ ସହ ଜଣେ ଅବଜରଭର ନିୟୋଜିତ ରହିବେ।

# ପ୍ରସିଦ୍ଧ ଚୈତ୍ର ପର୍ବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ବାରିପଦା, (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଚୈତ୍ର ପର୍ବ-୨୦୨୫ ପାଳନ ନେଇ ପ୍ରଶାସନ ତରଫରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମାଗାନ୍ଧୀ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲାପାଳ ସୟ ଉପସ୍ଥିତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ସଭ୍ୟ/ସଭ୍ୟା ଓ କଳାକାର ମାନଙ୍କୁ ସ୍ୱାଗତ ଜଣାଇ ମୟୁରଭଞ୍ଜର ପ୍ରସିଦ୍ଧ ଚୈତ୍ର ପର୍ବ ତଥା ଛଉ ନୃତ୍ୟ ଉତ୍ସବର ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖି ଏହାକୁ ମହାସମାରୋହରେ ପାଳନ କରିବା ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ଚଳିତ ବର୍ଷ ଆସନ୍ତା ଏପ୍ରିଲ ମାସ ୧୧ ତାରିଖ ରୁ ୧୪ ତାରିଖ ପର୍ଯ୍ୟନ୍ତ ମୟୁରଭଞ୍ଜ ଜିଲ୍ଲାର ବିଶ୍ୱ ପ୍ରସିଦ୍ଧ ଛଉନୃତ୍ୟ ସ୍ଥାନୀୟ ଛଉ ପଡିଆ ଠାରେ ପରିବେଷଣ କରାଯିବା ପାଇଁ ସ୍ଥିରୀକୃତ ହୋଇଛି। ମାତ୍ର ପ୍ରତିବର୍ଷ ଭଳି ୩ଦିନ ଯଥା ରୀତିରେ ଛଉ ନୃତ୍ୟ ଉତ୍ସବ ଅନୁଷ୍ଠିତ ହେବ ଓ ଏପ୍ରିଲ ୧୪ ତାରିଖରେ ବାହାର ରାଜ୍ୟମାନଙ୍କରୁ ବିଭିନ୍ନ ଛଉ ନୃତ୍ୟ ଦଳକୁ ଆମନ୍ତ୍ରଣ କରାଯାଇ ସେମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ କରାଯିବା ପାଇଁ ନିଷ୍ପତ୍ତି ନିଆହୋଇଛି। ଏହି ଅବସରରେ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଓରମାସ ପକ୍ଷରୁ ଛଉ ପଡ଼ିଆ ସଂଲଗ୍ନ କଲେଜ ପଡିଆ ଠାରେ ସମାନ୍ତରାଳ ଭାବେ ପଲ୍ଲିଶ୍ରୀ ମେଳା ଏପ୍ରିଲ ୧୧ ତାରିଖରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯିବ। ଉକ୍ତ ପଲ୍ଲିଶ୍ରୀ ମେଳାରେ ପାଖାପାଖି ୧୫୦ଟି ବିଭିନ୍ନ ଷ୍ଟଲରେ ଘରୋଇ ଉଦ୍ୟୋଗୀମାନଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରୟ ସହିତ ବିଭିନ୍ନ ପ୍ରକାର ଖାଦ୍ୟଦ୍ରବ୍ୟରେ ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟ ଲୋକମାନଙ୍କ ପାଇଁ ବିକ୍ରୟ କରାଯିବ। ପ୍ରତିଦିନ ସନ୍ଧ୍ୟାରେ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସାଂସ୍କୃତିକ ଦଳର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଜିଲ୍ଲାର ଐତିହ୍ୟ ସମ୍ପନ୍ନ ଛଉ ନୃତ୍ୟ ସାଂସ୍କୃତିକ ଉତ୍ସବର ପ୍ରଥମ ଦିବସ ୧୧ତାରିଖରେ ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡ ଅଞ୍ଚଳରୁ ଯୋଗ୍ୟ ବିବେଚିତ ଗ୍ରାମାଞ୍ଚଳ ଛଉ ନୃତ୍ୟ କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଛଉ ନୃତ୍ୟ ଉତ୍ସବକୁ ଜାତୀୟ ସ୍ତରରେ କିପରି ଅଧିକ ଲୋକାଭିମୁଖୀ କରିହେବ ଏବଂ ଏହା କିପରି ଜାତୀୟ ଉତ୍ସବର ମାନ୍ୟତା ପାଇବ ସେ ଦିଗରେ ପ୍ରଶାସନିକ ସ୍ତରରେ ଉଦ୍ୟମ କରାଯିବ ବୋଲି ଜିଲ୍ଲାପାଳ ପ୍ରକଶ କରିଥିଲେ। ଏଥିସହ ଉତ୍ସବକୁ ଚିହ୍ନିତ କରିବା ଉଦ୍ଦେଶ୍ୟରେ ଏକ ସ୍ମରଣିକା ପ୍ରକାଶନ ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ କାର୍ଣ୍ଣିଭାଲର ଆୟୋଜନ କରାଯିବା ନେଇ ପ୍ରସ୍ତାବ ରଖାଯାଇଛି। ସର୍ବୋପରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଛଉ ପଡିଆ ଠାରେ ବେରିକେଡ଼ ନିର୍ମାଣ, ଛଉ ନୃତ୍ୟ ମଞ୍ଚ ସାଜସଜା, ବିଦ୍ୟୁତ ଯୋଗାଣ, ଅଗ୍ନିଶମ ସେବା, ପାନୀୟ ଜଳ ଯୋଗାଣ, ପ୍ରାଥମିକ ସ୍ୱାସ୍ଥ୍ୟ ସେବା, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ପୋଲିସ ଫର୍ସ ମୁତୟନ ଆଦି ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ଛଉ ନୃତ୍ୟ କଳା କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା କଳାକାରମାନଙ୍କୁ ପୁରସ୍କାର ରାଶି ସହ ମାନପତ୍ର ଦେଇ ସମ୍ମାନିତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନୁଷ୍ଠିତ ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଶାନ, ବାରିପଦା ଉପଜିଲ୍ଲାପାଳ ଡ.ଦୟାସିନ୍ଧୁ ପରିଡ଼ା, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଓରମାସର କର୍ମକର୍ତ୍ତା ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସଭାପତି /ସମ୍ପାଦକ, ସଭ୍ୟ ସଭ୍ୟା ମାନେ ଯୋଗ ଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ନିଜନିଜର ମତପ୍ରକାଶ କରିଥିଲେ।

## ରାଜରାସ୍ତାରେ ୨୦୦ ଚକିଆ ଭାରିଯାନ

ଡେରାବିଶ, (ଭାସ୍କର ନ୍ୟୁଜ୍): ପାରାଦ୍ୱୀପ ବନ୍ଦରରୁ ଏକ ସାର କାରଖାନାର ଯନ୍ତ୍ରାଂଶ ନେଇ ତାଳଚେର ଅଭିମୁଖେ ଦୁଇଟି ୨୦୦ ଚକିଆ ଭାରୀଯାନ କଟକ-ଚାନ୍ଦବାଲି ରାଜରାସ୍ତାରେ ଯାଉଛି । ଆଜି ଚାନ୍ଦୋଳ ହାଟ ଥିବାରୁ ଏହି ଭାରିଯାନ ଦୁଇଟି ଚାନ୍ଦୋଳ ହାଟକୁ ଅତିକ୍ରମ କରିବା ବେଳେ ରାସ୍ତାରେ ଯାନବାହାନ ଚଳାଚଳରେ ବାଧାସୃଷ୍ଟି ହୋଇଥିଲା । ଏହି ଯାନ ଦୁଇଟି ଯିବା ସମୟରେ ରାସ୍ତା ଉପର ଦେଇ ପ୍ରବାହିତ ହୋଇଥିବା ବିଦ୍ୟୁତ୍ ତାରଗୁଡ଼ିକୁ ମଧ୍ୟ ବିଦ୍ୟୁତ୍ ବିଭାଗ ପକ୍ଷରୁ କଡ଼ା ଯାଉଥିବା ଦେଖିବାକୁ ମିଳିଥିଲା। ତେବେ ଏହି ଯାନଦୁଇଟି କେନ୍ଦ୍ରପଡ଼ା ଜିଲ୍ଲାର ସୀମା ଅନନ୍ତଦାସ ଛକରେ ରହିଥିବା ସ୍ୱାଗତ ତୋରଣ ଲାଗିବା ଆଶଙ୍କାରେ କାଙ୍କଡ଼ିଆ ନିକଟରେ ଅଟକି ରହିଥିବା ଦେଖିବାକୁ ମିଳିଥିଲା।

## ମହୁମାଛି ଆକ୍ରମଣରେ ୩ ଆହତ ୨ ଗୁରୁତର

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ କଙ୍କଡ଼ାହାଡ଼ ବ୍ଲକ୍ ବାମ ପଞ୍ଚାୟତର ବଣ ଜଙ୍ଗଲ ଘେରରେ ପଥରଗଡ ଗ୍ରାମରେ ମହୁମାଛି ଆକ୍ରମଣରେ ପାଞ୍ଚ ଜଣ ଆହତ ହୋଇଥିବା ଜଣାପଡୁଛି। ସେଠାରେ ଥିବା ପାହାଡ ଉପରକୁ ଅନୁଗୋଳ ଜିଲ୍ଲା ତାଳଚେର ଅଞ୍ଚଳର ବହ୍ଲର ଗ୍ରାମର ୫ ଜଣ ଯୁବକ ପ୍ରାୟ ୧୧ ଟା ବେଳକୁ ବାଇକ ଧରି ବୁଲିବାକୁ ଯାଇଥିଲେ। ପାହାଡ ତଳେ ବାଇକ ରଖି ପାହାଡ ଉପରକୁ ଚଢ଼ିବା ସମୟରେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ଏମାନଙ୍କ ଚିତ୍କାର ଶୁଣି ପାହାଡ ତଳେ ବସବାସ କରୁଥିବା ଲୋକମାନେ ଏମାନଙ୍କୁ ଉଦ୍ଧାର କରିଥିଲେ। ସ୍ଥାନୀୟ ଲୋକମାନଙ୍କ ସହାୟତାରେ ବହ୍ଲର ଗ୍ରାମର ରାହୁଲ ବଳ, ଶୁଭମ୍ ମହାରଥୀ, ପି - ଗୌରାଙ୍ଗ, ଅମିତ୍ ସାମଲ, ପି - ଅଜୟ, ଓମ୍ ମହାରଥୀ, ପି - ସଞ୍ଜୀବ, ଶୁଭମ୍ ରାଉତ, ପି - ଅଜୟଙ୍କୁ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଜଣେ ଅଧିକ ଗୁରୁତର ଥିବାରୁ ଜିଲ୍ଲା ଚିକିତ୍ସାଳୟକୁ ପଠାଇ ଦିଆଯାଇଥିବା ବେଳେ, ଅନ୍ୟ ଆହାତମାନେ ପରଜଙ୍ଗ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ରହିଥିବା ଜଣାପଡ଼ିଛି।

# ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ବୈଠକ



ଭଂଜନଗର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଉପେନ୍ଦ୍ରଭଞ୍ଜ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମଗ୍ର ଶିକ୍ଷା ଅଭିଯାନର ନିର୍ଦ୍ଦେଶ ଅନୁଯାୟୀ ଏକ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ଆବାହକ ଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାକାନ୍ତ ନାହାକ। ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ସୁନିତା କୁମାରୀ ଦାଶଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରଧାନ ଶିକ୍ଷକ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଷୟ ବସ୍ତୁ ସମୂହ ସମ୍ପର୍କିତ ଆଲୋଚନା ଯଥା ଆପାର ଆଇଡ଼ି, ସାଇବର ସଚେତନତା ସୃଷ୍ଟି, ବିଦ୍ୟାଳୟ କମ୍ପୋଜିଟ୍ ଅନୁଦାନ ଖର୍ଚ୍ଚ, ଗୁଣାତ୍ମକ ଶିକ୍ଷାଦାନ ପ୍ରକ୍ରିୟା, ମାଟ୍ରିକ ପରୀକ୍ଷାରେ ପାସ୍ ହାର ବୃଦ୍ଧି ଆଦି ବିଷୟରେ ଅଭିଭାବକ ମାନଙ୍କ ଗଠନମୂଳକ ପଦକ୍ଷେପ ଆହ୍ୱାନ କରିଥିଲେ। ସାମାଜିକ ସମୀକ୍ଷା କରିବା ନିମନ୍ତେ ଭଞ୍ଜନଗର ପଞ୍ଚାୟତ ସମିତି ତରଫରୁ ଏକ ଦଳ ସରୋଜ କୁମାର ପରିଚ୍ଛା ଓ ସଞ୍ଜୁ କୁମାରୀ ଷଡ଼ଙ୍ଗୀ ଆସିଥିଲେ ଯେଉଁମାନେ ବିଦ୍ୟାଳୟର ସମସ୍ତ ଦିଗ ଯଥା, ପୁସ୍ତକ ଓ ୟୁନିଫର୍ମ ବଣ୍ଟନ, ଆସିଥିବା ସମସ୍ତ ଅନୁଦାନର ହିସାବ ନିକାସ ଆଦି ଯାଞ୍ଚ କରିଥିଲେ ଏବଂ ସବୁ ଠିକ ଥିବାରୁ ଉଲ୍ଲାସ ପ୍ରକାଶ କରିଥିଲେ। ଏହାପରେ ସମଗ୍ର ଶିକ୍ଷା ଅଭିଯାନ ସମୀକ୍ଷା ବିଦ୍ୟାଳୟ ସଭାରେ ସମସ୍ତ ପିତାମାତାଙ୍କୁ ବିଦ୍ୟାଳୟ ସମ୍ପର୍କରେ ପଚାରି ବୁଝି ଥିଲେ ଏବଂ ମତାମତ ନେଇଥିଲେ। ସଭାରେ ପିତାମାତା ମାନେ ବିଦ୍ୟାଳୟ ରେ ଦଣ୍ଡ ବ୍ୟବସ୍ଥା ଲାଗୁ କରାଯାଉ, ଠିକ ସମୟରେ ସମସ୍ତ ବହି ଓ ୟୁନିଫର୍ମ ଯୋଗାଇ ଦିଆଯାଉ ବୋଲି ମତ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ସୁନୀତା କୁମାରୀ ଦାସ, ସଭ୍ୟ ରଶ୍ମିତା ଖାଡଙ୍ଗା, ଭାରତୀ ପ୍ରଧାନଙ୍କ ସମେତ ପ୍ରାୟ ୬୬ ଜଣ ପିତାମାତାଙ୍କ ସହ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ସସ୍ମିତା ନାୟକ, ବିଳାସିନୀ ଜେନା, ସ୍ୱପ୍ନେଶ୍ୱରୀ ଦିଗାଲ, ଶଙ୍କର ପ୍ରସାଦ ପଟନାୟକ, ଅମିତ କୁମାର ବେହେରା, ବିଷ୍ଣୁ ପ୍ରିୟା ସ୍ୱାଇଁ, ଜ୍ୟୋସ୍ନା ରାଣୀ ନାୟକ, ନମିତା କୁମାରୀ ବିଷୋୟୀ,ସନ୍ତୋଷ କୁମାର ବେହେରା, ସୁରେଶ ପ୍ରଧାନ, ସୁନିଲ୍ ବେହେରା, କିରଣ କହଁର, ବନିତା ସ୍ୱାଇଁ , କାଜଲ ବେହେରା, ଶୁଚିସ୍ମିତା ପ୍ରଧାନ, ଗଙ୍ଗାକଲ୍ୟାଣୀ କହଁର, ବିଭୁ ମହିମା ପ୍ରଧାନ ଏବଂ ଶ୍ୟାମ ପ୍ରସାଦ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ସକ୍ରିୟ ସହଯୋଗ କରିବା ସହିତ ସରକାରଙ୍କ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିବା ସମସ୍ତ ସଭ୍ୟଙ୍କୁ ଆବାହକ ସାଧୁବାଦ ଜ୍ଞାପନ କରିଥିଲେ।

# ଆଦିବାସୀ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ଗୁମୁକା ଗ୍ରାମରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ଜଣେ ଆଦିବାସୀ ମହିଳାଙ୍କୁ ଜଣେ ଦୁର୍ବୃତ୍ତ ବଳାତ୍କାର ପରେ ହତ୍ୟା କରିଛି। ପରେ ଅଭିଯୁକ୍ତକୁ ଗ୍ରାମବାସୀମାନେ ମିଳିମିଶି ଅଟକ ରଖିବା ପରେ ପୁଲିସକୁ ହସ୍ତାନ୍ତର କରିଛନ୍ତି। ମୃତକ ଆଦିବାସୀ ମହିଳାଜଣଙ୍କ ହେଲେ ଗୁମୁକା ଗ୍ରାମର ଶିଙ୍ଗେ ମାଡକାମୀ(୩୦) ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ଗୁମୁକା ପଞ୍ଚାୟତ କାର୍ଯ୍ୟାଳୟ ପଛପଟ ବସ୍ତିରେ ରହିଆସୁଥିବା ମାଲା ମାଡ଼କାମୀ ଆନ୍ଧ୍ରପ୍ରଦେଶରେ ରହି କାମ କରୁଥିବା ବେଳେ ତାଙ୍କ ସ୍ତ୍ରୀ ଶିଙ୍ଗେ ନିଜ ଛୋଟପିଲା ସହ ଘରେ ଏକାକୀ ରହୁଥିଲେ। ଗତକାଲି ବିଳମ୍ବିତ ରାତିରେ ଏହାର ସୁଯୋଗ ନେଇ ଅଭିଯୁକ୍ତ ଜଣଙ୍କ ଶିଙ୍ଗେଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା କୁହାଯାଉଛି। ତେବେ ଅଭିଯୁକ୍ତକୁ କାଳିମେଳା ପୁଲିସ ଏବେ ଥାନାରେ ଅଟକ ରଖିଛି। କୋରାପୁଟରୁ ସାଇଣ୍ଟିଫିକ ଟିମ ଡକାଯାଇଛି। ଘଟଣା ସ୍ଥଳର ଟିକିନିଖି ତଦନ୍ତ କରାଯିବ। ଶବ ବ୍ୟବଚ୍ଛେଦ ଏବଂ ସାଇଣ୍ଟିଫିକ ଟିମ ତଦନ୍ତ ରିପୋର୍ଟ ମିଳିଲା ପରେ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିବ ବୋଲି କାଳିମେଳା ଭାରାପ୍ରାପ୍ତ ଥାନାଧିକାରୀ ଏସଆଇ ଦ୍ରୋଣାଚାର୍ଯ୍ୟ ସୁନାନୀ କହିଛନ୍ତି। ଏହି ଜଘନ୍ୟ ହତ୍ୟାକାଣ୍ଡକୁ ନେଇ ଏବେ ଗୁମକା ଗାଁରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି।

## ବ୍ଲକଶିକ୍ଷା କାର୍ଯ୍ୟାଳୟ ହିସାବ ରକ୍ଷକ ଓ ଏମଆଇଏସଙ୍କ ଆନ୍ଦୋଳନ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ହିସାବ ରକ୍ଷକ ଓ ଏମ.ଆଇ.ଏସ. ସଂଯୋଜକମାନଙ୍କ ଆନ୍ଦୋଳନ ଅବ୍ୟାହତ ରହିଛି। ଦୀର୍ଘ ୧୨ବର୍ଷ ଧରି ଠିକାରେ କାର୍ଯ୍ୟ କରିଆସୁଥିବା ଏହି ବର୍ଗ କର୍ମଚାରୀମାନଙ୍କ ଚାକିରି ସ୍ଥାୟୀ କରିବା ଓ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ କରିବା ୨ଦଫା ଦାବି ପୂରଣ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ଧାରଣା ଗତ ୨୯ ତାରିଖରୁ ଆରମ୍ଭ ହୋଇଛି। ରାଜ୍ୟ ସଙ୍ଗଠନ ଆହ୍ୱାନରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ବହୁ କର୍ମଚାରୀ ସାମିଲ ହୋଇଥିବାରୁ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ୨୩ ଦିନ ଧରି କାର୍ଯ୍ୟବନ୍ଦ ସହ ଧାରଣାରେ ଯୋଗଦେଇଥିବା କର୍ମଚାରୀମାନଙ୍କ ଅଭାବ କାର୍ଯ୍ୟାଳୟରେ ଅନୁଭୁତ ହୋଇଛି। ଇତି ମଧ୍ୟରେ ବିଭିନ୍ନ ଶିକ୍ଷକ ସଙ୍ଗଠନ ଠିକା କର୍ମଚାରୀଙ୍କ ଆନ୍ଦୋଳନ ପ୍ରତି ସମର୍ଥନ ଜଣାଇଥିବାରୁ ଆନ୍ଦୋଳନ କ୍ରମେ ତୀବ୍ରତର ହେଉଛି। ସରକାର ଏହି ବର୍ଗ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ସାଇ ସ୍ୱରୂପ ମୃତ୍ୟୁ ପାଇଁ ଦାୟୀ କିଏ ?



କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): ଗୋବିନ୍ଦପୁର ଥାନା ଅଧିନସ୍ତ ଡିମିରି ପଞ୍ଚାୟତ ନୋଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଚେରୀ ଭୁଷୁଡ଼ି ନୋଦା ଗ୍ରାମର ଶିଶିର ଭୋଇଙ୍କ ପୁଅ ସାଇ ସ୍ୱରୂପଙ୍କ ମୃତ୍ୟୁ ଘଟିଛି। ଏହି ମୃତ୍ୟୁ ପାଇଁ ଦାଇ ରହିବ କିଏ ? ବିଦ୍ୟାଳୟରେ ଏଭଳି ଘଟଣା ଘଟିଥିବା ବେଳେ କାହିଁକି ବିଭାଗୀୟ ଅଧିକାରୀ ମାନେ ଆସିନାହାନ୍ତି। ଏଭଳି ଭୟଙ୍କର ଦୁର୍ଘଟଣା ଘଟିଥିଲେ ବି କାହିଁକି ଏକ ଘଣ୍ଟା ବିଳମ୍ବରେ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିଲା। ଅଡଶପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଲା ବେଳେ ସେଠାରେ ଥିବା ଡାକ୍ତର ନଳିନୀ କାନ୍ତ ରଥ ସାଇ ର ଜୀବନ ଅଛି କଟକ ପଠାଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଯଦି ସାଇଙ୍କୁ ଶୀଘ୍ର ନିଆଯାଇ ଥାନ୍ତା ହୁଏତ ତାଙ୍କ ଜୀବନ ବଞ୍ଚିଯାଇ ପାରିଥାନ୍ତା ! ଆଜି କଟକ ବଡ଼ ଡାକ୍ତରଖାନାରୁ ଶବ ବ୍ୟବଚ୍ଛେଦ ହୋଇ ଗ୍ରାମକୁ ଆସିଥିଲେ ମଧ୍ୟ ପୋଲିସ ଗ୍ରାମ ରାସ୍ତାରୁ ଶବ ଫେରାଇ ନେଇଥିଲା। ପରିବାର ଲୋକଙ୍କ ସମେତ ଗ୍ରାମବାସୀଙ୍କ କାନ୍ଦ ବୋବାଳିରେ ଗାଁ'ଦାଣ୍ଡ ଫାଟି ପଡିଥିଲା। ସାରା ଅଞ୍ଚଳ ଶୋକାକୁଳ ହୋଇଥିଲା। ସବୁଠାରୁ ଦୁଃଖ ଓ ପରିତାପର ବିଷୟ ଯୋଉ ବିଭାଗରେ ଏହି ଘଟଣା ଘଟିଥିଲା ଉକ୍ତ ବିଭାଗର ଉପରିସ୍ଥ ଅଧିକାରୀ ନଥିଲେ। ରେଡ଼କ୍ରସ ତରଫରୁ ପରିବାର ଲୋକଙ୍କୁ ୩୦ ହଜାର ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫଫଣ୍ଡରୁ ଦୁଇଲକ୍ଷ ଟଙ୍କା ଦିଆଯିବ ବୋଲି ଘୋଷଣା କରାଯାଇଛି। ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ ପୁରୀ ନିଆଯାଇଥିଲା। ସଦର ଏସଡିପିଓ କିରଣ ହେମରମ ଓଲଟ ପୁର ଥାନା ଆଇଆଇସି କାଦମ୍ବିନୀ ପରିଡା, ଗୋବିନ୍ଦ ପୁର ଥାନା ଅଧିକାରିଣୀ ଓ ଡ଼ିମିରି ଥାନା ଅଧିକାରୀ ଦୁର୍ଯ୍ୟୋଧନ ସେଠି, କଣ୍ଟାପଡା ବି ଡି ଓ ସ୍ୱପ୍ନିତା ନାୟକ, ଅତରିକ୍ତ ତହସିଲଦାର ଆଦ୍ୟସା ପ୍ରିୟଦର୍ଶନୀ ବଳ ଉପସ୍ଥିତ ରହିଥିଲେ। ସ୍ଥାନୀୟ ଅଞ୍ଚଳରେ ହଜାର ହଜାର ଲୋକଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା କାହାର ଭୁଲ ଯୋଗୁଁ ଏକ ନିରୀହ ନିଷ୍ପାପ ଶିଶୁର ଜୀବନ ଚାଲିଗଲା। ଏଥିପାଇଁ ଦାୟୀ ରହିବ କିଏ ?

# ୩ ଦିନ ହେଲା ପାନୀୟ ଜଳ ନପାଇ ଲୋକେ ହନ୍ତସନ୍ତ






ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଲକ୍ଷ ଲକ୍ଷ ଟଙ୍କା ନବ ନିର୍ମିତ ପାନୀୟ ଜଳ ପ୍ରକଳ୍ପ ଲୋକଙ୍କ କାମରେ ଆସୁନଥିବାର ଅଭିଯୋଗ ହୋଇଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଞ୍ଚାୟତ ଅଞ୍ଚଳରେ। ଏହି ପଞ୍ଚାୟତର ଶହ ଶହ ଲୋକ ଗତ ୩ ଦିନ ଧରି ଟୋପାଏ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ ଦ୍ୱାରା ନିକଟରେ ଅସୁରେଶ୍ୱର ଗ୍ରାମପଞ୍ଚାୟତରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏକ ନୂତନ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏହି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଅଟକଳ ଅନୁଯାଇ କରାଯାଇ ନଥିବାର ଅଭିଯୋଗ ହୋଇଛି। ଏପରିକି ପ୍ରକଳ୍ପ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବାର ଅଭିଯୋଗ ହୋଇଛି। ଯାହା ଦ୍ୱାରାକି ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ବହୁ ସ୍ଥାନରେ ଏହି ପ୍ରକଳ୍ପର ଷ୍ଟାଣ୍ଡ ଗୁଡିକ ଭାଙ୍ଗିବାକୁ ବସିଲାଣି। ଏପରିକି ବହୁ ସ୍ଥାନରେ ବିଛାଯାଇଥିବା ପାଇପଗୁଡିକ ମଧ୍ୟ ଫାଟି ଗଲାଣି। ତେବେ ପାନୀୟଜଳ ପ୍ରକଳ୍ପ ବିଭାଗୀୟ ଅଧିକାରୀଙ୍କ ମନମାନୀରେ ଏହି ପ୍ରକଳ୍ପ ଚାଲୁଥିବାର ଅଭିଯୋଗ ହୋଇଛି। ଏହି ପାନୀୟ ଜଳ ପ୍ରକଳ୍ପ ଉପରେ ସ୍ଥାନୀୟ ଦିକ୍ଷିତପଡା, ପାଇକରାପୁର, ପୁବଂଶ, କୁଳଗାଁ ଇଶାଳୋ ପ୍ରଭୃତି ବହୁ ଗ୍ରାମର ଲୋକମାନେ ଟୋପାଏ ପାନୀୟ ଜଳ ପାଇବା ନିମନ୍ତେ ନିର୍ଭର କରିଥାନ୍ତି। ତେବେ ଗତ ୩ଦିନ ହେଲା ଏହି ପ୍ରକଳ୍ପ କାର୍ଯ୍ୟାଳୟରେ ତାଲା ଝୁଲୁଥିବାର ଅଭିଯୋଗ ହୋଇଛି। ଲୋକେ ଟୋପାଏ ପାନୀୟ ଜଳ ପାଇନପାରି ଚରମ ହଟହଟାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଆମ ପ୍ରତିନିଧି ବିଭାଗୀୟ ଯନ୍ତ୍ରୀ ସତ୍ୟରଞ୍ଜନ ଭୋଇଙ୍କୁ ପଚାରିବାରୁ ଏସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନଥିବାର ପ୍ରକାଶ କରିଥିଲେ। ସରପଞ୍ଚଙ୍କ ପ୍ରତିନିଧି ଅନନ୍ତ ଦାସଙ୍କୁ ପଚାରିବାରୁ ଅସୁରେଶ୍ୱରର କିଛି ଅଞ୍ଚଳରେ ପାନୀୟ ଜଳ ପାଇପ ଲିକେଜ ଥିବା ଯୋଗୁ ତାହା ମରାମତି କରାଯାଉଛି। ଫଳରେ ପାନୀୟ ଜଳ ଯୋଗାଣ ବନ୍ଦ ରହିଥିବାର ପ୍ରକାଶ କରିଥିଲେ। ତେବେ ତୁରନ୍ତ ଅଞ୍ଚଳବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆନଗଲେ ଲୋକେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି।

# ବରିଷ୍ଠ ବିଜେପି ନେତା ଦୁର୍ଗା ନାୟକଙ୍କ ପରଲୋକ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ କୋହ୍ଲ ପଞ୍ଚାୟତ ଅନ୍ତର୍ଗତ ମୃଷାଙ୍ଗ ଗ୍ରାମର ବରିଷ୍ଠ ବିଜେପି ନେତା ଦୁର୍ଗାଚରଣ ନାୟକଙ୍କର ଗୁରୁବାର ଅପରାହ୍ନ ୩ଟା ୧୫ ମିନିଟ୍‌ରେ କଟକ ସ୍ଥିତ ଏସସିବି ମେଡ଼ିକାଲ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ସେ ଗତ ୬ମାସ ଧରି ଅସୁସ୍ଥ ଥାଇ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତ ନାୟକ ଦୀର୍ଘ ୩୦ବର୍ଷରୁ ଅଧିକ ସମୟ ଧରି ବିଜେପି ଦଳରେ ରହି ଦଳକୁ ମଜଭୁତ କରିବା ଦିଗରେ କାର୍ଯ୍ୟ କରି ରାଜନୈତିକ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସେ ପ୍ରଥମେ ବିଜେପିର ତିହିଡ଼ି ମଣ୍ଡଳ ସଭାପତି ଓ ପରେ ଭଦ୍ରକ ଜିଲା ଉପସଭାପତି ଭାବେ ନିଯୁକ୍ତି ପାଇ ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରି ଦଳକୁ ମାର୍ଗଦର୍ଶନ କରିଆସୁଥିଲେ। ଜଣେ ନିର୍ଭୀକ, ସ୍ପଷ୍ଟବାଦୀ ରାଜନେତା ଭାବେ ତାଙ୍କର ତିହିଡ଼ି ବ୍ଲକରେ ସୁଖ୍ୟାତି ଥିବା ବେଳେ ତାଙ୍କୁ ତିହିଡ଼ି ରାଜନୀତିର ପିତାମହ ବୋଲି କୁହାଯାଏ। ସେ ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁସେଠୀଙ୍କର ରାଜନୈତିକ ସହଯୋଗୀ ଥିଲେ। ଏଥି ସହିତ ସେ ଭଦ୍ରକ ଟ୍ରେକର ଆସୋସି-ଏସନର ସମ୍ପାଦକ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ସେ ଜଣେ ଶାନ୍ତ, ସରଳ, ଅମାୟିକ, ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଭାବେ ସମସ୍ତଙ୍କର ପ୍ରିୟଭାଜନ ହୋଇ ପାରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟ ଖେଳି ଯାଇଛି। ତାଙ୍କ ମୃତ୍ୟୁ ଖବର ପାଇବା ପରେ ବିଭିନ୍ନ ରାଜନୈତିକ ମହଲ ସହିତ ଜନସାଧାଣ ଗଭୀର ଶୋକପ୍ରକାଶ କରିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ପରଜଙ୍ଗ(ଭାସ୍କର ନ୍ୟୁଜ୍): ପରଜଙ୍ଗ ମହାବିଦ୍ୟାଳୟ ଯୁକ୍ତ ୩ ଛାତ୍ରୀମାନଙ୍କର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଗତ ୬ ତାରିଖରୁ ଆରମ୍ଭ କରାଯାଇଥିବା ଶିବିରରେ ୧୬୨ ଜଣ ଛାତ୍ରୀ ଅଂଶ ଗ୍ରହଣ କରି ସାମ୍ପ୍ରତିକ ସମାଜରେ ନିଜକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପ୍ରକାର ରଣକୌଶଳ ଉପରେ ଟ୍ରେନର ରଶ୍ମିତା ଦଳେଇ, ଶିବାନୀ ଦଳେଇ ଓ ମଧୁସ୍ମିତା ସାହୁ ଶିବିରାର୍ଥି ମାନଙ୍କୁ କୌଶଳ ସମ୍ବନ୍ଧୀୟ ଜ୍ଞାନ ଦେଇଥିଲେ। ଉଦଯାପନୀ ଉତ୍ସବରେ ସଂସ୍କୃତ ବିଭାଗର ଅଧ୍ୟାପିକା ଜ୍ୟୋତିର୍ମୟୀ ପରିଡ଼ାଙ୍କ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପିକା ଡ. ରାଜସ୍ମିତା ମଲ୍ଲିକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପାଠପଢା ସାଙ୍ଗକୁ ଦୁଷ୍କର୍ମ ଆଦି ଅସାମାଜିକ କାର୍ଯ୍ୟରୁ ରକ୍ଷା ପାଇଁ କୌଶଳର ଆବଶ୍ୟକତା ରହିଛି ବୋଲି ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଶିବିରାର୍ଥୀ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଓଡିଆ ବିଭାଗର ଅଧ୍ୟାପକ ଅଞ୍ଜନ କୁମାର ମହାରଣା ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶିବିରର ସଂଯୋଜିକା ତଥା ଅଧ୍ୟାପିକା ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ ଦାୟିତ୍ୱ ନିର୍ବାହ କରିଥିଲେ ।

# ବଢୁଛି ଚିନାବାଦାମ ଚାହିଦା

## ■ ରାସ୍ତାକଡ଼ରେ ରାଜସ୍ଥାନୀ ଚିନାବାଦାମର ପସରା

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ଗତ କିଛି ମାସ ହେଲା ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାର ସମେତ ବିଭିନ୍ନ ଅଞ୍ଚଳରେ ରାସ୍ତାକଡ଼ରେ ସୁଦୂର ଉତ୍ତର ପ୍ରଦେଶରୁ ଆସିଥିବା ବ୍ୟବସାୟୀ ରାଜସ୍ଥାନୀ ଚିନାବାଦାମ ପସରା ଖୋଲିଛନ୍ତି। ରାସ୍ତା କଡରେ ବସ୍ତା ବସ୍ତା ଚିନାବାଦାମ ଜମାଇଛନ୍ତି। କେବଳ ଗୋଟିଏ ଅସ୍ଥାୟୀ ଚୁଲି ଲଗାଇ ଗରମ୍ ଗରମ୍ ଚିନାବାଦାମ ବିକ୍ରି କରୁଛନ୍ତି। ରାସ୍ତାରେ ଯାଉଥିବା ଗ୍ରାହକ ବି ଅଟକି ଯାଇ କିଣୁଛନ୍ତି। ସକାଳ ସନ୍ଧ୍ୟା ଯାଏଁ ପ୍ରତ୍ୟେକ ଦିନ ଅସ୍ତରଙ୍ଗ ମୁଖ୍ୟ ବଜାରରେ ବ୍ୟବସାୟୀ ୨ପ୍ୟାକେଟ ଚିନାବାଦାମ ବିକି ବେଶ ରୋଜଗାର କରୁଛନ୍ତି। କୃଷି ପ୍ରଧାନ ଅଞ୍ଚଳ ଅସ୍ତରଙ୍ଗ ଅଞ୍ଚଳରେ ରାଜ୍ୟ ବାହାର ଚିନାବାଦାମ ବିକ୍ରିକୁ ନେଇ ବିଭିନ୍ନ ମହଲରେ ଆଲୋଚନା ବିଷୟ ହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ଚିନାବାଦାମ ଚାହିଦା ବେଶ ରହିଛି। ଆବଶ୍ୟକତା ଅନୁଯାୟୀ ଉତ୍ପାଦନ ହେଉ ନଥିବାରୁ ଏଭଳି ସ୍ଥିତି ବୋଲି ଚିନାବାଦାମ ଚାଷୀ ମହଲରେ ଆଲୋଚନା ହେଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଚାଷୀ ଚିନାବାଦାମ ଚାଷ କରିଥାନ୍ତି। କିଛି ଚାଷୀ ଚିନାବାଦାମ ଖୋଲା ବଜାରରେ ବିକ୍ରି କରୁଥିବା ବେଳେ କିଛି ତେଲ ପ୍ରସ୍ତୁତି ପାଇଁ ମଧ୍ୟ ଚାଷ କରିଥାନ୍ତି। ଯଦିଓ ଏହା ଏକ ଅର୍ଥକାରୀ ଫସଲ ଭାବରେ ଚାଷ କରାଯାଇଥାଏ। ଆବଶ୍ୟକ ବୈଷୟିକ ଜ୍ଞାନ କୌଶଳ ତଥା ପ୍ରୋତ୍ସାହନ ଅଭାବ ଯୋଗୁଁ ୨୦୧୯ ପରଠାରୁ ଖୁବ କମ୍ କାଁ ଭାଁ ଚାଷ ହେଉଥିବା ବିଭାଗୀୟ ତଥ୍ୟରୁ ସ୍ପଷ୍ଟ ହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ତାଳଦା, ନଗର, ଝାଡ଼ଲିଙ୍ଗ, ଆଳସାହି, ଆଳଙ୍ଗପୁର, ନଈଗୁଆଁ ଅଞ୍ଚଳରେ ଚାଷୀ ଚିନାବାଦାମ ଚାଷ କରୁଥିଲେ। ପ୍ରୋତ୍ସାହନ ଅଭାବରୁ ଚିନାବାଦାମରୁ ମୁହଁ ଫେରାଇ କିଛି ବର୍ଷ ହେଲା ଚାଷ କରୁନାହାନ୍ତି। ଏହା ବ୍ୟତୀତ ୨୦୨୪ଖରିଫରେ ଅସ୍ତରଙ୍ଗରେ ଜଳବାୟୁ ସହନଶୀଳତା କୃଷି ପାଇଁ ଜମିରେ ଚିନାବାଦାମ ଚାଷ ନମୁନା ପ୍ରଦର୍ଶନ କରାଯାଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଆଗାମୀ ଖରିଫ



ଋତୁରେ ଚିନାବାଦାମ ଚାଷ ଆରମ୍ଭ ହେବ ସୂଚନାରୁ ସ୍ପଷ୍ଟ ଯେ ଚିନାବାଦାମ ର ବେଶ ଚାହିଦା ରହିଛି। ସ୍ଥାନୀୟ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଚିନାବାଦାମ ବେଶ ଚାହିଦା ରହିଥିଲେ ସୁଦ୍ଧା ଆବଶ୍ୟକ ସରକାରୀ ପ୍ରୋତ୍ସାହନ ଅଭାବ ସାଙ୍ଗକୁ ବୈଷୟିକ ଜ୍ଞାନ କୌଶଳ ଅଭାବରୁ ଚାଷୀ ଏହି ଚାଷ ପ୍ରତି ମୁହଁ ମୋଡୁଛନ୍ତି। ଫଳରେ ଚିନାବାଦାମ ବେଶ ଚାହିଦା ରହିଥିଲେ ସୁଦ୍ଧା କ୍ରମାଗତ ଚାଷ ହ୍ରାସ ପାଇବାରେ ଲାଗିଥିବା ଦେଖାଯାଇଛି। ଏହାର ସୁଯୋଗ ନେଇ ବର୍ତ୍ତମାନ ଖୋଦ ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ଗ୍ରାମାଞ୍ଚଳ ରେ ଉତ୍ତର ପ୍ରଦେଶର କିଛି ବ୍ୟବସାୟୀ ରାଜସ୍ଥାନୀ ଚିନାବାଦାମ ଆଣି ବେଶ ଲାଭବାନ ହେଉଛନ୍ତି। ଏହି ବ୍ୟବସାୟୀ ମାନେ ଦିନକୁ ପ୍ରାୟ ୨ବସ୍ତା (୮୦କିଗ୍ରା )ଲେଖାଏଁ ଚିନାବାଦାମ ବିକ୍ରି କରୁଥିବା ବେଳେ ଅସ୍ତରଙ୍ଗ ରେ ଏଭଳି ବ୍ୟବସାୟୀ ଦୀର୍ଘ ୪ମାସରୁ ଊର୍ଦ୍ଧ୍ୱ ହେଲା ଏହି ବ୍ୟବସାୟ ପାଇଁ ଡେରା ପକାଇଥିବା ଦେଖାଯାଇଛି। ଏପରିକି ବିଭିନ୍ନ ସମୟରେ ଟ୍ରକରେ ଚିନାବାଦାମ ବୋଝେଇ ଆଣି ଏଠାରେ ଆସନ୍ତା ମାର୍ଚ୍ଚ ପର୍ଯ୍ୟନ୍ତ ବ୍ୟବସାୟ କରିବାକୁ ଲକ୍ଷ୍ୟ ରଖିଥିବା ବ୍ୟବସାୟୀ ମହମ୍ମଦ ସଲିମ୍ ପ୍ରକାଶ କରିଛନ୍ତି। ଏପରିକି ସେମାନେ ଚିନାବାଦାମ ସେଠାରୁ କେଜି ୮୦ଟଙ୍କା ରେ କିଣି ଭାଜି ଦେବା ପରେ ଏହାକୁ ଏମାନେ ବର୍ତ୍ତମାନ କେଜି ୧୮୦ଟଙ୍କା ବିକ୍ରି କରୁଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଚିନାବାଦାମ ଚାଷ କରୁନାହାନ୍ତି ନାଁ ପ୍ରୋତ୍ସାହନ ଅଭାବ ଯୋଗୁଁ ଚାଷୀ ଏହି ଚାଷରୁ ଦୁରେଇ ରହୁଛନ୍ତି ତାହା ତଦନ୍ତ ସାପେକ୍ଷ। ବ୍ଲକ କୃଷି ବିଭାଗ ସାଙ୍ଗକୁ ଏହି ଚାଷ ସହ ସମ୍ପୃକ୍ତ ବିଭିନ୍ନ ବିଭାଗର ବ୍ଲକ ଅଞ୍ଚଳରେ ଚିନାବାଦାମ ଚାଷୀଙ୍କୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ବ୍ଲକଅଞ୍ଚଳରେ ଏହି ଅର୍ଥକାରୀ ଫସଲର ଉତ୍ପାଦନ ବୃଦ୍ଧି ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବୀ ହେଉଛି।

# ଆରଗୁଣା ଛାଲି ସହ ପିକ୍‌ଅପ୍ ଭ୍ୟାନ୍ ଜବତ, ୩ ଗିରଫ



ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜ ବାଇବାଲି ଠାରୁ ନିଧିଆ ପଲ୍ଲୀ ରାସ୍ତାର ବିଣା ଗାଁ ଠାରେ ଏକ ପିକ୍‌ଅପ ଭ୍ୟାନରେ ଆରଗୁଣା ଛାଲି ଚାଲାଣ ହେଉଥିବା ବେଳେ ବନବିଭାଗ ପକ୍ଷରୁ ଏହାକୁ ଜବତ କରାଯାଇଛି। ମଙ୍ଗଳବାର ଭୋର ୫ଟା ସମୟରେ ବନ ବିଭାଗ କର୍ମଚାରୀ ମାନେ ସେହି ଅଞ୍ଚଳରେ ପେଟ୍ରୋଲିଂ କରୁଥିବା ବେଳେ କୈଣସି ସୂତ୍ରରୁ ଖବର ପାଇ ସେହି ରାସ୍ତା ଜଗିରହିଥିଲେ। ସେହି ଗାଡିଟି (ଓଡି୦୨ବିଡି୩୧୧୨) ଆସିବା କ୍ଷଣି ଅଟକାଇ ଯାଞ୍ଚ କରିଥିଲେ । ଫଳରେ ସେଥିରୁ ୨୭ଟି ବସ୍ତାରୁ ୯୫୦କେଜି ଆରଗୁଣା ଛାଲି ବାହାରିଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫୦ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ବେଝେଇ ଗାଡି ସହ ଉକ୍ତ ଛାଲିକୁ ମଧ୍ୟ ଜବତରାଯିବା ସହ ୩ଅଭିଯୁକ୍ତଙ୍କୁ ଗିରଫ କରି ମୁଜାଗଡ ବନାଞ୍ଚଳ କାର୍ଯ୍ୟାଳୟକୁ ଅଣା ଯାଇଥିଲା। ୩ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲ୍ଲା ଡମଣ ଭୂଇଁ ଗ୍ରାମର ସୁଶାନ୍ତ କୁମାର ଭୋଳ, ନୟାଗଡ଼ ଜିଲ୍ଲା କରଡ଼ା ପଲିର ଗୋବିନ୍ଦ ବେହେରା ଓ ଏହି ଜିଲ୍ଲା ମଝିଆ ଖଣ୍ଡ ଗ୍ରାମର ସଦାଶିବ ବେହେରାଙ୍କୁ ଆଜି ଭଞ୍ଜନଗର ଏସଡ଼ିଜେଏମ କୋର୍ଟରେ ହାଜର କରାଯାଇଛି ବୋଲି ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ ସୂଚନା ଦେଇଛନ୍ତି। ଏହି ଚଢଉରେ ମୁଜାଗଡ ବନପାଳ ଅଭିମନ୍ୟୁ ମଲ୍ଲିକ, ବନରକ୍ଷୀ ସୁଶାନ୍ତ ମିଶ୍ର ଥିଲେ। ଏହା ବନବିଭାଗକୁ ବଡ ସଫଳତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

## ପଞ୍ଚାନନ ସାର୍‌ଙ୍କ ପରଲୋକ



ରାଜନଗର(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ଗ୍ରାମର ଶିକ୍ଷକ ତଥା ଧର୍ମପରାୟଣ ପଞ୍ଚାନନ ଦାସଙ୍କର ୭୭ ବର୍ଷ ବୟସରେ ପରଲୋକ ହୋଇଯାଇଛି।ଦୀର୍ଘ ଦିନ ହେବ ଅସୁସ୍ଥ ଥାଇ ଆଇସିୟୁରେ ଥିଲେ। ସୋମବାର ତାଙ୍କର ମୃତ୍ୟୁହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ଶିକ୍ଷକ ମାନ୍ୟଗଣ୍ୟ ବ୍ୟକ୍ତି ଓ ବନ୍ଧୁ ପରିଜନମାନେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ଦାସ ମଦନପୁର ହାଇସ୍କୁଲରେ ଶିକ୍ଷକତା କରି ଅବସର ନେଇଥିଲେ। ତାଙ୍କ ମୃତ୍ୟୁ ସମୟରେ ପୁଅ ବୋହୂ ନାତି ନାତୁଣୀ ଉପସ୍ଥିତ ଥିଲେ । ନିଜ ବାଡିରେ ଶବ ଦାହ କରାଯାଇଥିବା ବେଳେ ପୁଅ ପ୍ରତାପ ମୁଖାଗ୍ନି ଦେଇଥିଲେ। ଖବର ପାଇ ନାଏବ ସରପଞ୍ଚ ବାଇଧର ମହାସେଠି, ସମାଜସେବୀ ତଥା ବଣିକ ସଂଘର ସଭାପତି ବାଇଧର ସେଠି, ମହେଶ୍ୱର ରାଉତ ଉପସ୍ଥିତ ରହି ଶେଷ ଦର୍ଶନ କରିଥିବା ବେଳେ ଶାଳକ ମାଧବା ନନ୍ଦ ଦାସ ସମସ୍ତ ସହଯୋଗ କରିଥିଲେ।

## ଦୋଳ ମେଳଣ ପ୍ରସ୍ତୁତି ବୈଠକ

ଫୁଲନଖରା(ଭାସ୍କର ନ୍ୟୁଜ୍): କଟକ ସଦର ଅନ୍ତର୍ଗତ ୨୨ ଗାଦି ଦୋଳ ମେଳଣ ପାଇଁ ଏକ ପ୍ରସ୍ତୁତି ବୈଠକ ଖଲର୍ଦ୍ଦାସ୍ଥିତ ଗୋପୀନାଥ ଜୀଉଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ୨୨ ଗାଦିର ସର୍ବାଧିକାରୀ ପର୍ଶୁରାମ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଆସନ୍ତା ଦୋଳ ଓ ଭାଗବତ ମେଳଣ କିପରି ସୂଚାରୁ ରୂପେ ପରିଚାଳନା କରାଯିବ ସେ ବିଷୟରେ ସବିଶେଷ ଆଲୋଚନା କରାଯାଇଛି । ଏଥିରେ ମହନ୍ତ ଶରତଚନ୍ଦ୍ର ପରିଡ଼ା , ଅକ୍ଷୟ କୁମାର ମୂଳିଆ , ଦେବରଂଜନ ବୈଠାଲୁ, ନରେଶ ଚନ୍ଦ୍ର ମୂଳିଆ, ଗୁରୁଚରଣ ସ୍ୱାଇଁ , ନିରଂଜନ ପରିଜା , ହୃଦାନନ୍ଦ ଜେନାଙ୍କ ସମେତ ସମସ୍ତ ଗାଦିର ମହନ୍ତ , ଅଧିକାରୀ ଓ ଖଲର୍ଦ୍ଦା ଗ୍ରାମବାସୀ ଉପସ୍ଥିତ ଥିଲେ ।

## ପୂର୍ବତନ ପ୍ରଧାନଶିକ୍ଷକ ସମ୍ମାନିତ

ରଘୁନାଥପୁର(ଭାସ୍କର ନ୍ୟୁଜ୍): ରଘୁନାଥପୁର ସ୍ଥାନୀୟ ଶିର୍ଲୋନବଗ୍ରାମ ଉଚ୍ଚ ବିଦ୍ୟାଳୟର ୧୯୮୬ ବ୍ୟାଚର ଛାତ୍ର ମାନେ ପୂର୍ବତନ ପ୍ରଧାନ ଶିକ୍ଷକ ରତ୍ନାକର ପଣ୍ଡାଙ୍କୁ ସମ୍ମାନୀତ କରି ଆଶୀର୍ବାଦ ନେଇଛନ୍ତି। ଲୋକନାଥ ଦାସ,ଶରତ ଚନ୍ଦ୍ର ଦାସ, ପିତାମ୍ବର ବାରିକ, କୈଳାସ ଦାସ, ସୁଦର୍ଶନ ପାତ୍ର, ବିଚିତ୍ର ନନ୍ଦ ରାଉତ, ଧିରେନ୍ଦ୍ର ସେନାପତି ପ୍ରମୁଖ ଛାତ୍ର ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡାଙ୍କ ସଅଁରାସ୍ଥିତ ସାନଶାରଳା ଗ୍ରାମରେ ଥିବା ବାସଭବନରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହିତ ଉତ୍ତରୀୟ ମାନପତ୍ର ଦେଇ ସମ୍ବର୍ଦ୍ଧନା କରି ଆଶୀର୍ବାଦ ଭିକ୍ଷା କରିଥିଲେ।



## ବାଦିପାଲା ମହୋତ୍ସବ ଉଦ୍‌ଯାପିତ



ଫୁଲନଖରା(ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକ ସାଇଁଶୋ ପଞ୍ଚାୟତ ଅନ୍ତର୍ଗତ ସାଇଁଶୋ ନକୁଳେଶ୍ୱର ନଗରସ୍ଥିତ ପାଲା ମଣ୍ଡପରେ ୮୦ ତମ ସତ୍ୟନାରାୟଣ ବାଦିପାଲା ମହୋତ୍ସବ ଉଦ୍‌ଯାପିତ ହୋଇଛି । ସାଇଁଶୋ ନକୁଳେଶ୍ୱର ନଗର ପାଲା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ପଞ୍ଚଦିବସୀୟ କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ଅଞ୍ଚଳର ଗାୟକ ତ୍ରିଲୋଚନ ନାୟକ ଓ ସାଥି ଏବଂ ପୁରୀ ବ୍ରହ୍ମଗିରି ଅଞ୍ଚଳର ଗାୟକ ହିଂମାଂଶୁଶେଖର ବରାଳ ଓ ସାଥି ପାଲା ପରିବେଷଣ କରିଥିଲେ । ଆଖପାଖ ଅଞ୍ଚଳର ବହୁ ପାଲାପ୍ରେମୀ ଏହି ପାଲା ମହୋତ୍ସବରେ ଯୋଗ ଦେଇଥିଲେ । ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର(ଭାସ୍କର ନ୍ୟୁଜ୍): ଏରସମା ବ୍ଲକ ଅନ୍ତର୍ଗତ ଆମ୍ବିକି ସ୍ଥିତ ଅମ୍ବିକେଇ ଉଚ୍ଚ ବିଦ୍ୟାଳୟରେ ଜଗତସିଂହପୁର ଜିଲ୍ଲା ଆଇନ ସେବାପ୍ରାଧିକର ତରଫରୁ ସଡକ ସୁରକ୍ଷା, ମୋଟର ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ, ବିକଳ୍ପ ବିବାଦ ସମାଧାନ ପ୍ରଣାଳୀ, ସାର୍ବଜନୀନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତର ପ୍ରତିଷ୍ଠା ଏବଂ କାର୍ଯ୍ୟକାରୀତା, ଆଇନସେବା ପ୍ରାଧିକରଣ ନିୟମ, ୧୯୮୭ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବରିଷ୍ଠ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱାଗତ ଭାଷଣ ଦେଇଥିଲେ । ଏହା ପରେ ଆଇନ ସେବା ପ୍ରାଧିକରଣ ସଚିବ ସଡ଼କ ସୁରକ୍ଷାର ନିୟମାବଳି ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ସଚିବଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ସଡ଼କ ସୁରକ୍ଷାର ସ୍ଲୋଗାନ ଦେଇ ଏକ ପଦଯାତ୍ରା କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।



# ନିଆଳି ମହୋତ୍ସବ ଉଦ୍‌ଯାପିତ

## ଶେଷ ସନ୍ଧ୍ୟାରେ ଦମ୍ ଦେଖାଇଲେ ପ୍ରମୋଦ ଓ ବାପି



ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ମହୋତ୍ସବ ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ନିଆଳିର ଆରାଧ୍ୟ ଦେବତା ପ୍ରଭୁ ଶୋଭନେଶ୍ୱରଙ୍କ ପଡିଆରେ ୧୪ ରୁ ୧୮ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପି ନିଆଳି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ପଞ୍ଚମ ସନ୍ଧ୍ୟାରେ ମାନ୍ୟବର ବିଧାୟକ ଡ଼ା.ଅରୁଣ କୁମାର ସାହୁ,ସାମ୍ମାନିତ ଅତିଥି ସାରଦା ପ୍ରସାଦ ଜେନା, ପଞ୍ଚାନନ କାନୁନଗୋ, ଅମିତ ମଲିକ, କବିତା ମଲିକ, ସୌଦାମିନୀ ମହାପାତ୍ର ଯୋଗଦେଇ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ କଳାକାର ମାନଙ୍କ ଦ୍ୱାରା ମୋଗଲ ତାମସା ପ୍ରଦର୍ଶନ କରିବା ସହିତ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ଗୀତରେ ମତୁଆଲା ହୋଇଥିଲେ ଦର୍ଶକ। ଆଞ୍ଚଳିକ କଳାକାର ମାନଙ୍କ ଦ୍ୱାରା କଳା ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନିଆଳି ପ୍ରେସକ୍ଲବ ପକ୍ଷରୁ କରାଯାଉଥିବା ବେଳେ ସମ୍ପୂର୍ଣ୍ଣ ବିଜୁ ଜନତା ଦଳ, ପୂର୍ବତନ ବିଧାୟକ ଡ଼ା. ପ୍ରମୋଦ କୁମାର ମଲିକ, ବିଜେପି ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ( ବାପି), ବିଜୁ ଜନତା ଦଳର ସମସ୍ତ ଜିଲ୍ଲା ପରିଷଦ, ସମର୍ଥିତ ସରପଞ୍ଚ ସମିତି ସଭ୍ୟ, ବ୍ଲକ ଅଧ୍ୟକ୍ଷ ଉମେଶଚନ୍ଦ୍ର ବେହେରା, ଉପାଧ୍ୟକ୍ଷ ସ୍ୱର୍ଣ୍ଣପ୍ରଭା ରାଉତ, ଆମ୍ଭାର ଅଧ୍ୟକ୍ଷ ବିଷ୍ଣୁ ସ୍ୱାଇଁ, ପ୍ରଦୀପ କୁମାର ଦାଶ, ବିଜେପି କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବଡୁ, ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ପ୍ରେସ କ୍ଲବ ପକ୍ଷରୁ ସଭାପତି ମନୋରଞ୍ଜନ ଶତପଥି, ସୁବାସ ମହାପାତ୍ର, ମଧୁସ୍ମିତା ସାହୁ, ଶରତ କୁମାର ସାହୁ ଅକ୍ଷୟ ସେନାପତି, ପ୍ରତାପ ମଲିକ ସମେତ ପ୍ରେସ କ୍ଲବର ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ସଦର ଏସଡିପିଓ କିରଣ ହେମ୍ବ୍ରମ, ଆଇଆଇସି ବିଜୟ କୁମାର ମଲିକଙ୍କ ସମେତ ନିଆଳି ଥାନାର ସମସ୍ତ ପୋଲିସ ସହଯୋଗ କରିଥିଲେ।

# ଟାଟାଷ୍ଟିଲ ଏଫ୍‌ଏଏମ୍‌ଡି ପକ୍ଷରୁ ପ୍ରଥମଥର ପାଇଁ ଫେରୋକ୍ରୋମ୍ ରପ୍ତାନୀ

ବ୍ୟାସନଗର(ଭାସ୍କର ନ୍ୟୁଜ୍): ଟାଟା ଷ୍ଟିଲର ଫେରୋଆଲଏଜ୍ ଏବଂ ମିନେରାଲ୍ସ ଡିଭିଜନ (ଏଫ୍‌ଏଏମଡି) ବୁଧବାର ଯାଜପୁରର ଫେରୋ ଆଲଏଜ୍ ପ୍ଲାଣ୍ଟରେ ରପ୍ତାନି ନିମନ୍ତେ ପ୍ରଥମ ଥର ପାଇଁ କମ୍ପ୍ରେସଡ ନାଚୁରାଲ ଗ୍ୟାସ୍ (ସିଏନଜି) ଟ୍ରକର ସଫଳ ପରୀକ୍ଷଣ କରିଛି। ଏହି ପଦକ୍ଷେପ ଟାଟା ଷ୍ଟିଲର ପରିବେଶ ସୁରକ୍ଷା ଲାଗି ଦୀର୍ଘସ୍ଥାୟୀତା ପ୍ରତିବଦ୍ଧତାକୁ ଦୃଢ଼ କରିବ ଏବଂ ଲଜିଷ୍ଟିକ ଏବଂ ଯୋଗାଣ ଶୃଙ୍ଖଳାରେ କାର୍ବନ ଫୁଟପ୍ରିଣ୍ଟକୁ ହ୍ରାସ କରିବା କ୍ଷେତ୍ରରେ ସାହାଯ୍ୟ କରିବ। ଏଫଏପି ଯାଜପୁରରୁ ଭାଇଜାଗକୁ ସିଏନଜି ଟ୍ରକରେ ଫେରୋ ଆଲଏଜ୍ ପରିବହନ, ହାଇସ୍ପିଡ ଡିଜେଲ ଟ୍ରକ୍ ତୁଳନାରେ ଅଙ୍ଗାରକାମ୍ଳ (ସିଓ୨) ମାତ୍ରାକୁ ପ୍ରାୟ ୨୦-୨୫% ହ୍ରାସ କରୁଛି। ଗ୍ରୀନ ସପ୍ଲାଇ ଚେନ୍, ଟାଟା ଷ୍ଟିଲ୍ ଏବଂ ମେସର୍ସ ସିଜେ ଡାର୍ସିଏଲ ଟିମର ପ୍ରୋକୁର୍ମେଣ୍ଟ ଟିମ୍‌ର ମିଳିତ ସହଯୋଗରେ ଏହା କାର୍ଯ୍ୟକାରୀ କରାଯାଇଛି। ଏଫଏପି ଯାଜପୁରର ମୁଖ୍ୟ ଆଲୋକ କୁମାର ପଣ୍ଡା, ଲଜିଷ୍ଟିକ୍-ଏଫଜି (ଏଫ୍‌ଏଏମଡି) ସିନିୟର ଏରିଆ ମ୍ୟାନେଜର ସୌମ୍ୟ ବସୁ, ପ୍ରୋକ୍ୟୁର୍ମେଣ୍ଟ , ପରିବହନ (କଞ୍ଚାମାଲ)ର ସିନିୟର ଏରିଆ ମ୍ୟାନେଜର ମୁନମୁନ୍ ତାହ, ଏବଂ ମେସର୍ସ ସିଜେ ଡାର୍ସିଏଲର ପ୍ରତିନିଧିଙ୍କ ଉପସ୍ଥିତିରେ ଲଜିଷ୍ଟିକ୍ ବିଭାଗ (ଏଫ୍‌ଏଏମଡି) ମୁଖ୍ୟ




ଅମିତ ଚୌବେ ପତାକା ଦେଖାଇ ଏହି ସିଏନଜି ଟ୍ରକର ଶୁଭାରମ୍ଭ କରିଥିଲେ। ଏହି ସଫଳତା ସମ୍ପର୍କରେ ଏଫ୍‌ଏଏମଡିର କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜ ସତିଜା କହିଛନ୍ତି ଯେ, ଆମ ପ୍ଲାଣ୍ଟ ପରିଚାଳନାରେ ସ୍ୱଚ୍ଛ ଇନ୍ଧନର ବ୍ୟବହାର ଦିଗରେ ଆମେ କାର୍ଯ୍ୟରତ ଅଛୁ ଏବଂ ଆମର ଯୋଗାଣ ଶୃଙ୍ଖଳାରେ ମଧ୍ୟ ଆମେ ଏହାକୁ ଲାଗୁ କରୁଛୁ। ଏହି ପରୀକ୍ଷଣ ସମଗ୍ର ମୂଲ୍ୟ ଶୃଙ୍ଖଳାରେ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ଫେରୋ କ୍ରୋମ୍ ରପ୍ତାନି ପାଇଁ ସିଏନଜି ଟ୍ରକର ସଫଳ ପରୀକ୍ଷଣ ସବୁଜ ଏବଂ ଅଧିକ ଦକ୍ଷ ଲଜିଷ୍ଟିକ୍ ସମାଧାନ ପାଇଁ ଆମର ନିରନ୍ତର ଅନୁସନ୍ଧାନର ପ୍ରମାଣ। ପରିବେଶ ଅନୁକୂଳ ପଦ୍ଧତି ଆପଣାଇବା ପାଇଁ କଂପାନୀର ପ୍ରୟାସର ଏକ ଅଂଶ ଭାବରେ, ଟାଟା ଷ୍ଟିଲ୍ - ନିକଟ ଅତୀତରେ ଏହାର କ୍ଷୁଦ୍ର ଦୂରତା କ୍ଷେତ୍ର ପାଇଁ ଫେରୋ କ୍ରୋମ୍ ଏବଂ ରିଡକ୍ଟେଣ୍ଟ ପରିବହନ ପାଇଁ ଏଫ୍‌ଏପି ଯାଜପୁରଠାରେ ଇଲେକ୍ଟ୍ରିକ୍ ଯାନ (ଇଭି) ଟ୍ରକର ପରୀକ୍ଷଣ କରିଥିଲା। ଭାରତର ପଶ୍ଚିମ ଭାଗରେ ଗ୍ରାହକଙ୍କ ସୁବିଧା ପାଇଁ ପାରାଦୀପ ବନ୍ଦର ଓ ଭାଇଜାଗ ବନ୍ଦର ଉପକୂଳ ମାର୍ଗ ଦେଇ ଓଡ଼ିଶାରେ ଥିବା ଏହାର କାରଖାନାରୁ ଫେରୋ ଆଲଏଜ୍‌ର ମଲ୍ଟି ମୋଡାଲ ପରିବହନ ଆରମ୍ଭ କରିଥିଲା। ପରିବେଶଗତ ପ୍ରଭାବକୁ କମ୍ କରିବା ସହିତ ଦକ୍ଷତା ବୃଦ୍ଧି ପାଇଁ କମ୍ପାନୀ ଅଭିନବ ଏବଂ ଦୀର୍ଘସ୍ଥାୟୀ ପରିବହନ ସମାଧାନ ଅନୁସନ୍ଧାନ କରୁଛି । ସିଏନଜି ଟ୍ରକର ପରୀକ୍ଷଣ ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଗ୍ରୀନହାଉସ ଗ୍ୟାସ ନିର୍ଗମନକୁ ହ୍ରାସ କରିବାରେ ଏହା ଯଥେଷ୍ଟ ସହାୟକ ହେବ ।

# ଚାଷୀଙ୍କ ଆୟକୁ ବହୁଗୁଣିତ କରିଛି ଚାଷଜମି ସଂଲଗ୍ନ ପୋଖରୀ




କେନ୍ଦୁଝର, (ଭାସ୍କର ନ୍ୟୁଜ୍):କେନ୍ଦୁଝର ଜିଲ୍ଲାର ଯୋଡ଼ା ଅଞ୍ଚଳରେ ଥିବା ଚାଷୀମାନଙ୍କୁ ସହଯୋଗ କରିବା ଲାଗି ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) ନିରନ୍ତର ଉଦ୍ୟମ ଜାରି ରଖିଛି। ଏହି ଅଞ୍ଚଳରେ ମାଛ ଚାଷ ମାଧ୍ୟମରେ ଚାଷୀମାନଙ୍କ ଜୀବନଜୀବିକାରେ ହୋଇଥିବା ଉନ୍ନତି ସ୍ପଷ୍ଟ ଭାବେ ପରିଲକ୍ଷିତ ହେଉଛି। ଯୋଡ଼ାର ସ୍ଥାନୀୟ ଅର୍ଥନୀତି ମୁଖ୍ୟତଃ, ଖଣି ଓ ଧାନ ଚାଷ ଉପରେ ନିର୍ଭରଶୀଳ। ଅନିୟମିତ ବର୍ଷା ଓ ଫସଲ ଅମଳରେ ଲଗାତାର ଦେଖାଦେଉଥିବା ଅସ୍ଥିରତା ଦ୍ୱାରା ଏହି ଅଞ୍ଚଳର ଚାଷ ପ୍ରଭାବିତ ହେଉଥିଲା। ତେଣୁ ଏହି ଅଞ୍ଚଳରେ ଫସଲରେ ବିବିଧତା ଆଣିବା ଏକ ଆବଶ୍ୟକତା ହୋଇପଡ଼ିଥିଲା। ଏହି ସମସ୍ୟାକୁ ବୁଝିପାରି, ଟିଏସ୍‌ଏଫ୍ ସହଯୋଗ କରିବା ପରେ ଏହି ଅଞ୍ଚଳର ୩୯୨ ଜଣ ଚାଷୀ ପୋଖରୀରେ ମାଛ ଚାଷ ଭଳି କାର୍ଯ୍ୟ ହାତକୁ ନେଇ ନିଜ ଆୟ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ଯୋଡ଼ା ଅନ୍ତର୍ଗତ ସରସପୋଷୀ ଅଞ୍ଚଳର ସେଭଳି ଜଣେ ଚାଷୀ ହେଉଛନ୍ତି ସୁବାସ ମହାନ୍ତ। ଟିଏସ୍‌ଏଫ୍‌ର ମାର୍ଗଦର୍ଶନ ଓ ସହଯୋଗରେ ସେ ନିଜ ଚାଷ ଜମିରେ ପୋଖରୀ ଖୋଳି ମାଛ ଚାଷ ଆରମ୍ଭ କରିଛନ୍ତି। ଗତବର୍ଷ ବଡ଼ଦିନ ସମୟରେ ସେ ୧୩୨ କିଲୋ ମାଛ ଅମଳ କରିଥିଲେ। ମାଛ ଚାଷର ସେହି ସଫଳତାରେ ଉତ୍ସାହିତ ହୋଇ ସେ ଚଳିତ ବର୍ଷ ମାର୍ଚ୍ଚ ମାସ ରେ ଆଉ ଥରେ ମାଛ ଅମଳ କରିବାକୁ ଯୋଜନା କରିଛନ୍ତି। ସୁବାସ କହିଛନ୍ତି ଯେ, “ମାଛ ଚାଷ ଆମ ପାଇଁ ନୂଆ ସୁଯୋଗ ଆଣିଦେଇଛି। ଏଥିପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନକୁ ଆମେ ଧନ୍ୟବାଦ ଜଣାଇବାକୁ ଚାହୁଁଛୁ। ମୋର ଏବେ ଏକ ସ୍ଥିର ଦ୍ୱିତୀୟ ଆୟ ଅଛି ଏବଂ ତାହା ବଢ଼ାଇବା ପାଇଁ ମୁଁ ଚେଷ୍ଟା ଜାରିରଖିଛି।’’ ସୁବାସଙ୍କ ସଫଳତା ଗ୍ରାମୀଣ ସମୁଦାୟକୁ ସଶକ୍ତ କରିବାରେ ମାଛ ଚାଷ ଓ ଟିଏସ୍‌ଏଫ୍ ଗ୍ରହଣ କରୁଥିବା ଭୂମିକା ଉପରେ ଆଲୋକପାତ କରୁଛି। କେବଳ ସୁବାଷ ନୁହଁନ୍ତି, ରାମଚନ୍ଦ୍ରପୁର ଅଞ୍ଚଳର ସୁଶାନ୍ତ ବାରିକ ଓ ସରସପୋଷୀ ଗାଁର ଫକୀର ମହନ୍ତ ମଧ୍ୟ ଏହି ଅଭିଯାନରୁ ଲାଭବାନ ହୋଇ ନିଜ ଆୟ ବଢ଼ାଇ ପାରିଛନ୍ତି। ଏହି ଅଭିଯାନର ଲାଭ ଉପରେ ଆଲୋକପାତ କରି ଫକୀର କହିଛନ୍ତି ଯେ, “ଏହି ଅଭିଯାନ ଆମ ଜୀବନଜୀବିକାରେ ଉଲ୍ଲେଖନୀୟ ଉନ୍ନତି ଆଣିପାରିଛି। ମାଛ ଚାଷ ଆମକୁ ବିକଳ୍ପ ଆୟ ସ୍ରୋତ ପ୍ରଦାନ କରିଛି ଏବଂ ଆମ ଫସଲର ଉନ୍ନତ ଜଳ ପରିଚାଳନାରେ ସହାୟକ ହୋଇପାରିଛି।’’ ପୋଖରୀ ଗୁଡ଼ିକ କେବଳ ମାଛ ଚାଷ ନୁହେଁ, ପନିପରିବା ଚାଷରେ ସହାୟକ ହୋଇଛି, ଯାହା ଅତିରିକ୍ତ ଆୟ ପ୍ରଦାନ କରୁଛି। ଅନେକ ଚାଷୀ ନିଜ ପାରମ୍ପରିକ ଚାଷ ପଦ୍ଧତି ସହିତ ମାଛ ଚାଷକୁ ଯୋଡ଼ିଛନ୍ତି ଯାହା ଫସଲ ବିବିଧୀକରଣର ବର୍ଦ୍ଧିତ ଧାରାକୁ ଦର୍ଶାଉଛି। ପୋଖରୀ ଖୋଳାଯାଇଥିବାରୁ ଏହି ଅଞ୍ଚଳର ଜଳ ଧାରଣ କ୍ଷମତାରେ ଉଲ୍ଲେଖନୀୟ ଉନ୍ନତି ହୋଇପାରିଛି। ଏହା ଜଳ ଉପଲବ୍ଧତାକୁ ବଢ଼ାଇଥିବା ବେଳେ ଉଭୟ ଫସଲ ଚାଷ ଓ ମାଛ ଚାଷରେ ତାହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି, ଫଳରେ ଉତ୍ପାଦକତା ଓ ଜୀବନଜୀବିକାରେ ଉନ୍ନତି ସହିତ ଚାଷୀମାନେ ସଶକ୍ତ ହୋଇପାରିଛନ୍ତି। ସ୍ଥାନୀୟ ଲୋକମାନଙ୍କ ଜୀବନଜୀବିକାରେ ଉନ୍ନତି ଆଣିବା ହେଉଛି ଟାଟା ଷ୍ଟିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ। ମାଛ ଚାଷ ଜରିଆରେ ଅତିରିକ୍ତ ଆୟ ଉତ୍ସ ସୃଷ୍ଟି କରିବା ସେହି ଉଦ୍ଦେଶ୍ୟକୁ ପୂରଣ କରୁଥିବା ବେଳେ ପାରମ୍ପରିକ ଚାଷ ପାଇଁ ଜଳ ଉପଲବ୍ଧତାରେ ମଧ୍ୟ ତାହା ଉନ୍ନତି ଆଣିପାରିଛି।

# ଏକାଗ୍ରତା, ଦୃଢ଼ ସଂକଳ୍ପ ହିଁ ସଫଳତାର ଚାବିକାଠି



ସରସ୍ୱତୀ ବିଦ୍ୟାସାଗରର ୨୭ତମ ବାର୍ଷିକ ଉତ୍ସବ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଯେଉଁ ଛାତ୍ର ନିଜ ଭିତରେ ଏକାଗ୍ରତା, ଅଧ୍ୟବସାୟ ଓ ଦୃଢ଼ ସଂକଳ୍ପ ରଖି ଛାତ୍ର ଜୀବନରୁ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୁଏ, ଦିନେ ନାଁ ଦିନେ ସିଏ ସଫଳତାର ଶୀର୍ଷରେ ପହଞ୍ଚେ ବୋଲି ମୁଖ୍ୟ ଅତିଥି ଡକ୍ଟର ସୁନ୍ଦରସାଇ ସାହୁ ନିଜ ବକ୍ତବ୍ୟରେ କହିଥିଲେ। ବୁଧବାର ସନ୍ଧ୍ୟାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଅଠଡିରା - ଆଳଙ୍ଗପୁର ସ୍ଥିତ ସରସ୍ୱତୀ ବିଦ୍ୟାସାଗର ବିଦ୍ୟାଳୟରେ ୨୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଭାରତୀୟ ଶିକ୍ଷା ପରିଷଦର ସଂଗଠନ ସମ୍ପାଦକ ଶ୍ରୀଯୁକ୍ତ ଯଯାତି କୁମାର ସ୍ୱାଇଁଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଶ୍ରୀରାମଚନ୍ଦ୍ର ଭଂଜ ମେଡିକାଲର ନିରୋ ସର୍ଜରୀ ଡକ୍ଟର ସୁନ୍ଦରସାଇ ସାହୁ, ମୁଖ୍ୟବକ୍ତା ଅବସର ପ୍ରଧାପକ ଶ୍ରୀଯୁକ୍ତ ଉପେନ୍ଦ୍ର ନାଥ ବିଶ୍ୱାଳ, ଅନ୍ୟତମ ବକ୍ତା ମଣ୍ଡଳଶିକ୍ଷାଅଧିକାରୀ ଶତ୍ରୁଘ୍ନ ବେହେରା, ସଂମ୍ମାନିତ ଅତିଥି ସମାଜସେବୀ ବିକାଶ ରଞ୍ଜନ ପୁହାନ, ଆଳଙ୍ଗପୁର ସରପଞ୍ଚ ଭାନୁପ୍ରିୟା ଭୋଳ, ନଈଗୁଆଁ ସରପଞ୍ଚ ମଞ୍ଜୁଲତା ଖୁଣ୍ଟିଆ, ରତନପୁର କଲେଜ ଅଧ୍ୟାପକ ଭଂଜକିଶୋର ମହାନ୍ତି, ସାଧନ କେନ୍ଦ୍ର ସଂଯୋଜନ ସନ୍ତୋଷ କୁମାର ସ୍ୱାଇଁ, ସମାଜସେବୀ ସତ୍ୟବ୍ରତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାପକ ଉପେନ୍ଦ୍ର ନାଥ ବିଶ୍ୱାଳ ନିଜ ବକ୍ତବ୍ୟରେ ଶିଶୁମାନଙ୍କୁ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ବକ୍ତା ମଣ୍ଡଳ ଶିକ୍ଷାଅଧିକାରୀ ଶତ୍ରୁଘ୍ନ ବେହେରା ନିଜ ବକ୍ତବ୍ୟରେ ସଂସ୍କୃତି, ପରମ୍ପରା ପର୍ଯ୍ୟବେକ୍ଷିତ ଶିକ୍ଷା ଦ୍ୱାରା ଶିଶୁର ଆଚରଣ, ଉଚ୍ଚାରଣ ମାର୍ଜିତ ହେବା ସହ ବ୍ୟବହାରିକ ଜ୍ଞାନ ବୃଦ୍ଧି ଘଟିଥାଏ। ଏହା ଦ୍ୱାରା ସୁସ୍ଥ ସମାଜ ଗଠନ କରାଯାଇ ପାରିବ ବୋଲି ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୁମର ବାରିକି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ର, ଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟତ୍ରୀ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ପରିଚାଳନା କମିଟିର ସଦସ୍ୟ ମାନେ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରତିଦିନ ସକାଳେ ଖାଲି ପେଟରେ ଜିରା ଭିଜା ପାଣି ପିଇବା ଉଚିତ। ରାତିସାରା ଗୋଟିଏ ଗ୍ଲାସ୍ ପାଣିରେ ଗୋଟିଏ ଚାମଚ ଗୋଟା ଜିରା ବୁଡ଼ାଇ ରଖନ୍ତୁ। ସକାଳେ ଖାଲି ପେଟରେ ସେହି ପାଣି ପିଅନ୍ତୁ। ଏହା ଶରୀର ପାଇଁ କ'ଣ ଲାଭଦାୟକ ହେବ ଜାଣି ଆପଣ ଆଶ୍ଚର୍ଯ୍ୟ ହୋଇଯିବେ। ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଏବଂ ଖରାପ ଖାଦ୍ୟ ଅଭ୍ୟାସ ଶରୀରକୁ ଭିତରୁ ଶୂନ୍ୟ କରିଦିଏ। ଫଳସ୍ୱରୂପ, ଅନେକ ରୋଗ ଶରୀରକୁ ଘେରି ରହିଥାଏ। ଏହି ରୋଗଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ମଧୁମେହ। ଯାହା ସାରା ବିଶ୍ୱର ଲୋକଙ୍କ ପାଇଁ ଏକ ବଡ଼ ଚିନ୍ତାର ବିଷୟ ହୋଇଯାଏ। ଟାଇପ୍ ୧ ମଧୁମେହ ଏବଂ ଟାଇପ୍ ୨ ମଧୁମେହ ପଛରେ ଅନେକ କାରଣ ଥାଇପାରେ, ଯାହାକୁ ବିଶେଷଜ୍ଞମାନେ ନିର୍ଦ୍ଦିଷ୍ଟ କାରଣ ବୋଲି ବିଶ୍ୱାସ କରନ୍ତି। ହଜମ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଯୋଗୁଁ ଅଗ୍ନାଶୟ ଇନସୁଲିନ୍ ହରମୋନ ମୁକ୍ତ କରେ। ଯେତେବେଳେ ଶରୀରରେ ଇନସୁଲିନ୍ ହରମୋନ୍ କ୍ଷରଣର ପରିମାଣ ହ୍ରାସ ପାଏ, ଶରୀରରେ ଶର୍କରା ସ୍ତର ବୃଦ୍ଧି ପାଏ। ଇନସୁଲିନର ପରିମାଣ କମିଗଲେ, ରକ୍ତରେ ଶର୍କରା ସ୍ତର ବଢ଼ିବାକୁ ଲାଗେ। ରକ୍ତରେ ସୁଗାର ଜମା ହୁଏ। ଏହାକୁ ଡାକ୍ତରୀ ଭାଷାରେ ମଧୁମେହ କୁହାଯାଏ। ଯେଉଁମାନେ ଉଚ୍ଚ ରକ୍ତ ଶର୍କରା ଭଳି ଭୟଙ୍କର ରୋଗରେ ଫସି ରହିଛନ୍ତି ସେମାନଙ୍କ ପାଇଁ ଏକ ବଡ଼ ଖବର ଅଛି।



## କୁକୁର ପାଇଁ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇଥିଲେ ଅରୁଣ

ବଲିଉଡ୍ ଇଣ୍ଡଷ୍ଟ୍ରିରେ ଆଫେୟାର୍ସ, ବ୍ରେକଅପ, ବିବାହ ଏବଂ ଛାଡପତ୍ର ଭଳି ଖବର ଆସିଥାଏ। ପ୍ରାୟତଃ ବ୍ରେକଅପ କିମ୍ବା ଛାଡପତ୍ରର କାରଣ ବୈବାହିକ ସମ୍ପର୍କ କିମ୍ବା ପାରସ୍ପରିକ ବୁଝାମଣାର ଅଭାବ ବୋଲି କୁହାଯାଏ। ଇଣ୍ଡଷ୍ଟ୍ରିରେ ଏମିତି ଜଣେ ଅଭିନେତା ଅଛନ୍ତି, ଯିଏ ବିବାହର ମାତ୍ର ତିନି ବର୍ଷ ପରେ ଛାଡପତ୍ର ଦେଇଥିଲେ। କିନ୍ତୁ ସେମାନଙ୍କ ଛାଡପତ୍ରର କାରଣ ଅନ୍ୟ କିଛି ନୁହେଁ ବରଂ କୁକୁର ଥିଲା। ଅଭିନେତା ଅରୁଣୋଦୟ ସିଂହ ୧୩ ଡିସେମ୍ବର ୨୦୧୬ରେ କାନାଡାର ଲି ଏଲଟନଙ୍କୁ ବିବାହ କରିଥିଲେ। ଭୋପାଳରେ ଲି ଏଲଟନଙ୍କ ସହ ଅଭିନେତାଙ୍କର ଏକ ରାଜକୀୟ ବିବାହ ହୋଇଥିଲା। କିନ୍ତୁ ଦୁର୍ଭାଗ୍ୟବଶତଃ ସେମାନଙ୍କର ବିବାହ ୩ ବର୍ଷ ପରେ ଭାଙ୍ଗିଗଲା। ଅରୁଣୋଦୟ ନିଜେ ତାଙ୍କର ଏବଂ ଲି ଏଲଟନଙ୍କ ଛାଡପତ୍ରର କାରଣ କହିଥିଲେ। ଅରୁଣୋଦୟ କୁକୁର ରଖିବାକୁ ପସନ୍ଦ କରନ୍ତି। ସେ ପ୍ରାୟତଃ ନିଜ ପାଳିତ କୁକୁରଙ୍କ ସହିତ ଫଟୋ ଶେୟାର କରନ୍ତି। ଏହି କୁକୁରମାନେ ପ୍ରାୟତଃ ପରସ୍ପର ସହିତ ଲଢ଼ି ଭୋକନ୍ତି। ଅରୁଣୋଦୟଙ୍କ ପୂର୍ବତନ ପତ୍ନୀ ଲି ଏଲଟନ ଏହି କୁକୁରଙ୍କ ଶବ୍ଦରେ ବିରକ୍ତ ହୋଇଯାଇଥିଲେ। ସେ ଅରୁଣୋଦୟଙ୍କ ସହିତ ଝଗଡ଼ା ଆରମ୍ଭ କଲେ। କୁକୁରମାନଙ୍କ ଶବ୍ଦ ଯୋଗୁ ହେଉଥିବା ଏହି ଝଗଡ଼ା ଏତେ ବୃଦ୍ଧି ପାଇଲା ଯେ ଅରୁଣୋଦୟ ତାଙ୍କ ସ୍ତ୍ରୀଙ୍କୁ ଛାଡପତ୍ର ଦେବାକୁ ନିଷ୍ପତ୍ତି ନେଲେ। ଅଭିନେତା ଭୋପାଳର ପରିବାର ଅଦାଲତରେ ଛାଡପତ୍ର ପାଇଁ ଆବେଦନ କରିଥିଲେ ଏବଂ ତାଙ୍କର ୨୦୧୯ ମସିହାରେ ଛାଡପତ୍ର ହୋଇଥିଲା। ଅରୁଣୋଦୟ ସିଂହଙ୍କ ଛାଡପତ୍ରକୁ ୬ ବର୍ଷ ବିତିଗଲାଣି, କିନ୍ତୁ ଏହା ପରେ ଅଭିନେତା ପୁନଃବିବାହ କରି ନ ଥିଲେ ଏବଂ ୪୨ ବର୍ଷ ବୟସରେ ମଧ୍ୟ ଅବିବାହିତ ଅଛନ୍ତି। ଅରୁଣୋଦୟ ୨୦୦୯ରେ ରିଲିଜ ହୋଇଥିବା ଫିଲ୍ମ 'ସିକନ୍ଦର'ରୁ ତାଙ୍କର ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ସେ ୨୦୧୧ରେ ଫିଲ୍ମ 'ୟେ ସାଲି ଜିନ୍ଦେଗୀ'ରେ କାମ କରିଥିଲେ। ସେ 'ଜିସ୍ମ ୨', 'ମେଁ ତେରା ହିରୋ', 'ମିଷ୍ଟର ଏକ୍ସ', 'ବ୍ଲାକମେଲ' ଏବଂ 'ମହେଞ୍ଜୋଦାରୋ'ରେ ମଧ୍ୟ ନଜର ଆସିଥିଲେ। ଓ୍ୱେବ ସିରିଜ 'ଅପହରଣ'ରେ ଅରୁଣୋଦୟ ସିଂହଙ୍କ ଅଭିନୟକୁ ବହୁତ ପ୍ରଶଂସା କରାଯାଇଥିଲା। କାମ କ୍ଷେତ୍ରରେ, ଅଭିନେତା ଏବେ 'ଶ୍ରୀମାନ'ରେ ନଜର ଆସିବେ ଯାହା ୨୦୨୬ରେ ମୁକ୍ତିଲାଭ କରିବ।





## ଝାନ୍ସିରେ 'ବର୍ଡର ୨' ସୁଟିଂ

ବଲିଉଡ୍ ଅଭିନେତା ସନ୍ନି ଦେଓଲଙ୍କ 'ବର୍ଡର ୨' ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ତେବେ ସନ୍ନି ଏହି ଫିଲ୍ମର ଶୁଟିଂ ଆରମ୍ଭ କରିଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଫିଲ୍ମର ଶୁଟିଂସେଟ୍‌ର ଏକ ଫଟୋ ସେୟାର କରିଛନ୍ତି। ଫଟୋରେ ସନ୍ନିଙ୍କୁ ଅଭିନେତା ବରୁଣ ଧାଓ୍ୱନ ଏବଂ 'ବର୍ଡର ୨' ଫିଲ୍ମର କ୍ରିଉ ସଦସ୍ୟଙ୍କ ସହ ପୋଜ୍ ଦେଉଥିବାର ଦେଖିବାକୁ ମିଳିଛି। ଏହି ଫଟୋରେ 'ବର୍ଡର ୨' ନିର୍ଦ୍ଦେଶକ ଅନୁରାଗ ସିଂ, ନିର୍ମାତା ଭୂଷଣ କୁମାର, ନିଧି ଦତ୍ତା ଏବଂ ସହ ନିର୍ମାତା ଶିବ ଚାନନ୍ ଓ ବିନୟ ଗାନ୍ଧୀ ନଜରକୁ ଆସିଛନ୍ତି। କ୍ୟାପ୍‌ସନ୍‌ରେ ସନ୍ନି ଲେଖିଛନ୍ତି, ଝାନ୍ସୀ ସହରର ଉପକଣ୍ଠସ୍ଥିତ କ୍ୟାଣ୍ଟନ୍‌ମେଣ୍ଟ୍ ଅଞ୍ଚଳରେ ନିର୍ମିତ ସୁଟିଂ ସେଟ୍‌ରେ ଭାରତର ସବୁଠାରୁ ବଡ଼ ଓ୍ୱାର ଡ୍ରାମା ଫିଲ୍ମର ନିର୍ମାଣ କରାଯାଉଛି। ତେବେ ରିପୋର୍ଟ ଅନୁଯାୟୀ, ଫିଲ୍ମର ଅନ୍ୟତମ ଷ୍ଟାର୍ ଅହାନ ସେଟ୍ଟୀ ଓ ଦିଲ୍‌ଜିତ ଦୋସାଞ୍ଜଙ୍କର ସୁଟିଂ ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇନାହିଁ। ପ୍ରକାଶ ଯେ, 'ବର୍ଡର ୨' ହେଉଛି ୧୯୯୭ ମସିହାର ସୁପରହିଟ୍ ଫିଲ୍ମ 'ବର୍ଡର'ର ସ୍ୱିକେଲ। ଆସନ୍ତା ବର୍ଷ ଜାନୁଆରୀ ୨୩ରେ 'ବର୍ଡର ୨' ଫିଲ୍ମ ମୁକ୍ତିଲାଭ କରିବାକୁ ଯାଉଛି।



## 'ସନମ ତେରି କସମ-୨'ରେ ମାଓ୍ୱରାଙ୍କ ସ୍ଥାନ ନେବେ ଶ୍ରଦ୍ଧା

ଫିଲ୍ମ ସନମ୍ ତେରି କସମ୍ ୯ବର୍ଷ ପୂର୍ବେ ସିନେମା ହଲରେ ମୁକ୍ତିଲାଭ କରିଥିଲା। ଚଳିତ ବର୍ଷ ଏହି ଫିଲ୍ମଟି ଭାଲେଣ୍ଟାଇନ୍ସ ସପ୍ତାହରେ ପୁଣିଥରେ ମୁକ୍ତିଲାଭ କରିଥିଲା। ସନମ୍ ତେରୀ କସମ୍ ପୁନଃ ମୁକ୍ତିଲାଭ କରିବା ପରେ ପ୍ରଥମ ରିଲିଜ୍ ଅପେକ୍ଷା ଢ଼େର ଅଧିକ ଟଙ୍କା ରୋଜଗାର କରିଛି। ଫିଲ୍ମର ଆୟକୁ ଦେଖି ନିର୍ମାତା ଏହାର ଦ୍ୱିତୀୟ ଭାଗ ଘୋଷଣା କରିଛନ୍ତି। ସନମ ତେରି କସମ୍-୨ ଘୋଷଣା ସହିତ, ଷ୍ଟାରକାଷ୍ଟକୁ ନେଇ ମଧ୍ୟ ଆଲୋଚନା ଆରମ୍ଭ ହୋଇଯାଇଛି। ମାଓ୍ୱରା ହୋକେନଙ୍କ ସ୍ଥାନରେ ବଲିଉଡ୍ ଷ୍ଟାର ଶ୍ରଦ୍ଧା କପୁରଙ୍କୁ କାଷ୍ଟ କରାଯିବା ନେଇ ଆଲୋଚନା ହେଉଛି। ସନମ ତେରି କସମର ଲେଖକ ଏବଂ ନିର୍ଦ୍ଦେଶକ ଏକ ସାକ୍ଷାତକାରରେ କହିଛନ୍ତି ଯେ, କିଛି ପ୍ରଶଂସକ ଚାହୁଁଛନ୍ତି ଯେ ଫିଲ୍ମରେ ହର୍ଷବର୍ଦ୍ଧନଙ୍କ ବିପକ୍ଷରେ ଶ୍ରଦ୍ଧା କପୁରଙ୍କୁ କାଷ୍ଟ କରାଯାଉ। ଏହି ବୟାନ ପରେ ଏବେ ଲୋକମାନେ ଏହା ଉପରେ ପ୍ରତିକ୍ରିୟା ମଧ୍ୟ ଦେବା ଆରମ୍ଭ କରିଛନ୍ତି। କିଛି ଏହି ଖବର ଶୁଣି ଖୁସି ହୋଇଥିବା ବେଳେ କିଛି ନିରାଶ ହୋଇଛନ୍ତି। ଶ୍ରଦ୍ଧାଙ୍କୁ ନେଲେ ଆମେ ଫିଲ୍ମ ଦେଖିବାକୁ ଯିବୁ ନାହିଁ। କାରଣ ସେ ଅଧିକ ଖରାପ ଅଭିନୟ କରନ୍ତି ବୋଲି କିଛି ଲୋକ ମତ ରଖିଛନ୍ତି।



## ରକ୍ତଚାପକୁ ନିୟନ୍ତ୍ରଣ କରେ ଲାଲ୍ କଦଳୀ

ନାଲି କଦଳୀ ବିଷୟରେ ପଢ଼ିବା ପରେ କିଛି ଲୋକ ଆଶ୍ଚର୍ଯ୍ୟ ହେବା ଆବଶ୍ୟକ । ଏପରି କଦଳୀ ଅଛି କି ? ହଁ, ନାଲି କଦଳୀ ମଧ ଅଛି । ଭାରତରେ ସବୁଜ ଏବଂ ହଳଦିଆ କଦଳୀ ବିଷୟରେ ଲୋକେ ଜାଣିଛନ୍ତି । କିନ୍ତୁ ଆଜିକାଲି ବଜାରରେ ନାଲି କଦଳୀ ମଧ ମିଳିବା ଆରମ୍ଭ କରିଛି । ଯଦିଓ ଏହା ପ୍ରାୟତ ଅଷ୍ଟ୍ରେଲିଆ, ଓ୍ୱେଷ୍ଟଇଣ୍ଡିଜ୍, ମେକ୍ସିକୋ ଏବଂ ଆମେରିକାରେ ଚାଷ ହୁଏ, କିନ୍ତୁ ଏହାର ଚାଷ ଭାରତରେ ମଧ ଆରମ୍ଭ ହୋଇଛି । କର୍ଣ୍ଣାଟକରେ ଲାଲ କଦଳୀ ଚାଷ କରାଯାଉଛି। ଏହି କଦଳୀ ବିଷୟରେ କୁହାଯାଏ ଯେ ଏହା ସବୁଜ ଏବଂ ହଳଦିଆ କଦଳୀ ଅପେକ୍ଷା ଅଧିକ ପୁଷ୍ଟିକର ଅଟେ ।

■ ହଳଦିଆ। କଦଳୀ ଅପେକ୍ଷା ଲାଲ୍ କଦଳୀରେ ଅଧିକ ପୋଷକ ତତ୍ତ୍ୱ ଥାଏ । ଲାଲ୍ କଦଳୀରେ ଭିଟାମିନ୍ ସି, ବି-୬ ଭରପୂର ରହିଥାଏ । ଏହାକୁ ଖାଇବା ଦ୍ୱାରା ଇମ୍ୟୁନିଟି ବଢିଥାଏ । ପ୍ରତିଦିନ ନାଲି କଦଳୀ ଖାଇବା ଦ୍ୱାରା ହାଡ଼ ମଧ୍ୟ ମଜବୁତ ହୋଇଥାଏ ।

■ ହଳଦିଆ କଦଳୀ ଅପେକ୍ଷା ଲାଲ୍ କଦଳୀରେ ଅଧିକ ପୋଷକ ତତ୍ତ୍ୱ ଥାଏ । ଲାଲ୍ କଦଳୀ ରେ ଭିଟାମିନ୍ ସି, ବି୬ରେ ଭରପୂର ରହିଥାଏ। ଏହାକୁ ଖାଇବା ଦ୍ୱାରା ଇମ୍ୟୁନିଟି ବଢିଥାଏ । ପ୍ରତିଦିନ ନାଲି

■ ଲାଲ୍ କଦଳୀ ଖାଇବା ଦ୍ୱାରା ଡାଏବେଟିସ୍ କଣ୍ଟ୍ରୋଲ୍ ରହିଥାଏ। ମଧୁମେହ ରୋଗୀମାନେ ଲାଲ୍ କଦଳୀ ଖାଇବା ଆବଶ୍ୟକ। ଲାଲ୍ କଦଳୀରେ ଫାଇବର ଥାଏ, ଯାହା ଶରୀରରେ ସୁଗାର୍ ଲେଭଲ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ।

■ ପ୍ରକାଶ ଥାଉ ଯେ, ଲାଲ୍ କଦଳୀ ଖାଇବା ଦ୍ୱାରା ଓଜନ କମ୍ ହୋଇଥାଏ। ଏହାକୁ ଖାଇବା ଦ୍ୱାରା ପେଟ ବହୁତ ସମୟ ଯାଏଁ ଭରି ରହିଥାଏ। ଲାଲ୍ କଦଳୀକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ଉଚିତ ।





## ପାଠପଢ଼ା ସମୟ ଖରାପ ଅଭ୍ୟାସ

*ବିଦ୍ୟାର୍ଥୀମାନେ ବିଭିନ୍ନ ସମୟରେ ଅଜାଣତରେ କିଛି ଭୁଲ ଏମିତି କରି ବସନ୍ତି, ଯାହାକି ତାଙ୍କ ପଢ଼ାରେ ସମସ୍ୟା ସୃଷ୍ଟି କରେ। ତେବେ ପଢ଼ାବେଳର ବିଦ୍ୟାର୍ଥୀଙ୍କର କିଛି ଖରାପ ଅଭ୍ୟାସ ସଂପର୍କରେ ଜାଣିନିଅନ୍ତୁ...*

◆ କିଛି ବିଦ୍ୟାର୍ଥୀ ଦୀର୍ଘ ସମୟ ବସି ପାଠ ପଢ଼ନ୍ତି। ଏଭଳି କରିବା ଭୁଲ। ପଢ଼ିବା ବେଳେ ମଝିରେ ମଝିରେ ବ୍ରେକ୍ ନେବା ଜରୁରି। ଏହା ଦ୍ୱାରା ପାଠପଢ଼ାରେ ଧ୍ୟାନ କେନ୍ଦ୍ରିତ କରିବା ସହଜ ହୁଏ।

◆ ଖଟରେ ଶୋଇ ରହି ପଢୁଥିବେଳେ ଏହି ଅଭ୍ୟାସ ଠାରୁ ଦୂରେ ରୁହନ୍ତୁ। ଏଭଳି ଶୈଳୀରେ ପଢ଼ାରେ ମନ ଲାଗେ ନାହିଁ। ଅଳସୁଆ ଲାଗେ।

◆ ପଢ଼ାବେଳେ ମନରେ ଚିନ୍ତା, ଦୁଃଖ ଆଣିବା ଠିକ୍ ନୁହେଁ। ଚିନ୍ତାମୁକ୍ତ ରହିବା ଲାଗି ଯୋଗ, ପ୍ରାଣାୟମର ସାହାଯ୍ୟ ନେଇପାରିବେ।

◆ ପଢ଼ା ପରିବେଶ ଶାନ୍ତ ରହିଲେ ଭଲ। ପଢ଼ିବା ବେଳେ ଟିଭି ଦେଖିବା, ଗୀତ ଶୁଣିବା ତଥା ମୋବାଇଲ ବ୍ୟବହାର କରିବା ଦ୍ୱାରା ପଢ଼ା ବାଧାପ୍ରାପ୍ତ ହୁଏ।

◆ ଅନେକ ସମୟରେ ବିଦ୍ୟାର୍ଥୀ ପଢ଼ିବାବେଳେ ପାଖରେ ନୋଟସ୍ ଆଦି ରଖିନଥାନ୍ତି। ଏହାକୁ ଏଣେତେଣେ ରଖନ୍ତି ଏବଂ ପଢ଼ିବା ବେଳେ ହିଁ ଖୋଜନ୍ତି। ଏଭଳି ଅଭ୍ୟାସ ପଢ଼ାକୁ ପ୍ରଭାବିତ କରିଥାଏ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

## ଆମପାଣିକୁ ବ୍ଲକ ଘୋଷଣା ଦାବି:ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକର ଆମପାଣି ପଞ୍ଚାୟତକୁ ନୂତନ ବ୍ଲକ ଘୋଷଣା ନିମନ୍ତେ ଦାବି ଜୋର ଧରିଛି। ବୁଧବାର ବ୍ଲକ ଗଠନ କ୍ରିୟାନୁଷ୍ଠାନ କମିଟି ସଭାପତି ରତୁରାଜ ମାଝୀଙ୍କ ନେତୃତ୍ୱରେ କୋକସରା ବ୍ଲକର ୮ଟି ପଞ୍ଚାୟତ ସମେତ ଜୟପାଟଣା ବ୍ଲକର ୨ଟି ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଧର୍ମଗଡ଼ ପଞ୍ଚାୟତ ପଡିଆଠାରୁ ବିଭିନ୍ନ ସ୍ଲୋଗାନ ଦେଇ ଦାବି ସମ୍ପର୍କିତ ପ୍ଲାକାର୍ଡ ଧରି ବିରାଟ ଶୋଭାଯାତ୍ରା ମାଧ୍ୟମରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଏବଂ ଉପ ଜିଲ୍ଲାପାଳଙ୍କ ଅନୁପସ୍ଥିତ କାରଣରୁ ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ମଲ୍ଲିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କୋକସରା ବ୍ଲକର ଆମପାଣି ୧ ନମ୍ବର ଜିଲ୍ଲା ପରିଷଦ ଜୋନରେ ମୋଟ ୮ ଗୋଟି ପଞ୍ଚାୟତ- ବଡ଼ପୋଡ଼ାଗୁଡ଼ା, ବରାଡଙ୍ଗା, କାଉଡୋଲ, ଡୁଡୁକାଠେଙ୍ଗା, ମହିମା, ସାନ ପୋଡାଗୁଡା ଓ ଗୋତମୁଣ୍ଡା ପଞ୍ଚାୟତ ରହିଛି। ଏହି ପଞ୍ଚାୟତ ଗୁଡ଼ିକ ସାହାଜଖୋଲ ଜଙ୍ଗଲ ପାଦଦେଶରେ ରହିଛି। ମୂଳ ବ୍ଲକ କୋକସରା ଠାରୁ ୨୫ରୁ ୩୦ କିଲୋମିଟର ଦୂରରେ ଅବସ୍ଥିତ ଅଛନ୍ତି ଏହି ଗାଁ ଗୁଡ଼ିକ। ସେହିପରି ଜୟପାଟଣା ବ୍ଲକର ବଡପୁଝାରୀଗୁଡା ଓ ଉଛୁଲା ପଞ୍ଚାୟତ ମଧ ବଣ ଜଙ୍ଗଲ ଉପରାନ୍ତରେ ରହିଛନ୍ତି। ମୂଳ ଜୟପାଟଣା ବ୍ଲକକୁ ଯିବାକୁ ହେଲେ ଏହି ୨ ଗୋଟି ପଞ୍ଚାୟତକୁ ୩୫ କିଲୋମିଟର ଯିବାକୁ ପଡୁଛି, ନିକଟରେ ଆମପାଣି ୧୨. କିମି ଦୂରରେ ରହିଛି। ଏହି ପଞ୍ଚାୟତ ଗୁଡ଼ିକ ଭୌଗୋଳିକ ଦୃଷ୍ଟିକୋଣରୁ ପାହାଡ଼, ପର୍ବତ, ନଦୀ, ନାଳ ଓ ଜଙ୍ଗଲ ଘେରା ଅଞ୍ଚଳ ରହୁଛି। ଯାହା ଫଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ଲୋକଙ୍କ ନିକଟରେ ଠିକ୍ ସମୟରେ ପହଞ୍ଚି ପାରୁନାହିଁ। ଭୌଗୋଳିକ ଦୃଷ୍ଟିକୋଣରୁ ଆମପାଣି ଗ୍ରାମ ଏହି ଅଞ୍ଚଳର ମୁଖ୍ୟ ସ୍ଥାନ ହୋଇଥିବାବେଳେ ଏଠାରେ ବ୍ଲକ ଗଠନ ନିମିତ୍ତ ସବୁ ପ୍ରକାର ଭିତ୍ତିଭୂମି ରହିଛି। ୧୦ ଗୋଟି ପଞ୍ଚାୟତ ବ୍ୟତୀତ ପଡୋଶୀ ନବରଙ୍ଗପୁର ଜିଲ୍ଲା ବିଭିନ୍ନ ଅଞ୍ଚଳର ହଜାର ହଜାର ଲୋକ ଆମପାଣି ଉପରେ ନିର୍ଭର କରିଥାନ୍ତି। ଏଠାରେ ଥିବା ସ୍କୁଲ, ଦୁଇଟି କଲେଜ, ଡାକ୍ତରଖାନା, ଥାନା, ଫରେଷ୍ଟ ଅଫିସ, ଆର୍‌ଆଇ ଅଫିସ, ଗ୍ୟାସ ପଏଣ୍ଟ, ବ୍ୟାଙ୍କ, ସମବାୟ ସମିତି, ପୋଷ୍ଟ ଅଫିସ, ଏସ୍‌ଏସଡି ସ୍କୁଲ ଇତ୍ୟାଦି ଉପରେ ଆଖପାଖ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ଆମପାଣିକୁ ୨୬ ନମ୍ବର ଜାତୀୟ ରାଜପଥ ସହ ବିଜୁ ଏକ୍ସପ୍ରେସୱେ ସଂଯୋଗ କରୁଥିବାରୁ ଯାତାୟତରେ ମଧ ସୁବିଧା ରହିଛି। ସବୁ ଦୃଷ୍ଟିରୁ ଆମପାଣି ଗ୍ରାମ ପଞ୍ଚାୟତ ନୂତନ ବ୍ଲକ ଗଠନ ପାଇଁ ପ୍ରଯୁଜ୍ୟ ରହିଛି। ଯଦି ସରକାର ଆମପାଣି ଗ୍ରାମ ପଞ୍ଚାୟତକୁ ନୂତନ ବ୍ଲକ ଘୋଷଣା କଲେ ସାଧାରଣ ଲୋକଙ୍କ ନିକଟରେ ଶିକ୍ଷା, ସ୍ୱାସ୍ଥ୍ୟ, ଜଳ, ପରିମଳ, ମହିଳା ଓ ଶିଶୁ ବିକାଶ ଯୋଜନା ଆଦି ଏହି ଅଞ୍ଚଳରେ ହାତ ପାଆନ୍ତାରେ ପହଞ୍ଚିବାରେ ସହଜ ହେବା ସହ ଅଞ୍ଚଳରେ ବିକାଶ ହେଲେ ଲୋକେ ଉପକୃତ ହୋଇପାରିବେ। ଏହି ଦାବିପତ୍ର ପ୍ରଦାନ ସମୟରେ କ୍ରିୟାନୁଷ୍ଠାନ କମିଟି ସଭାପତି ରତୁରାଜ ମାଝୀଙ୍କ ସମେତ ଟିକିଚନ୍ଦ୍ର ଧଙ୍ଗଡାମାଝୀ, କୁମୁଦ ପୁଝାରୀ, ଧନୁ ଦୁର୍ଗା, ଜିତୁ ପଣ୍ଡା, ବିଘ୍ନେଶ୍ୱର ନାଏକ, ସନ୍ତୋଷ ମାଝୀ, ଭଜମନ ନାଏକ, ସତ୍ୟ ନାଏକ, ଆମପାଣି ସରପଞ୍ଚ ରୁକ୍ମିଣୀ ବାଣୁଆ, ବଡ଼ପୋଡ଼ାଗୁଡ଼ା ସରପଞ୍ଚ ଜମୁନା ନାଏକ, କାଉଡୋଲା ସରପଞ୍ଚ ଦେବୀ ସିଂ ତାଣ୍ଡି, କୁମୁଦ ସେଠୀ, ବିଜୟ କୁମାର ପଣ୍ଡା, ଚକ୍ରଧର ବେଶ୍ରା, ତାପସ ରାୟ, ଖଗେଶ୍ୱର ପାଣିଗ୍ରାହୀ, ମଣିରାମ ବାଣୁଆ, ଯୁଗଲ କିଶୋର ନାଏକ, ମନୋରଞ୍ଜନ ବାଣୁଆ, ଧରିତ୍ରୀ ବାଗ, ସୁରେଶ ସାହୁ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ଅର୍ଜୁନ ଭାଟି, ଅଜୟ ପଣ୍ଡା, ବିନୋଦ ସିଂ, ଧର୍ମାନନ୍ଦ ନାଏକ, ରାଜୁ ପଟେଲ, କେଶବ ବେଣୁପାଣି, ନୃପରାଜ ନାଏକ ସମେତ ୧୦ ଗୋଟି ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

## ମାଆ ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରା



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ମାଘମାସରେ ବିଭିନ୍ନ ଦେବାଦେବୀଙ୍କ ସ୍ୱତନ୍ତ୍ର ପର୍ବ ପାଳନ ହୋଇଥାଏ। ଦଣ୍ଡପାଟ ଅଞ୍ଚଳର ବିଭିନ୍ନ ସ୍ଥାନରେ ଏହି ପରିପ୍ରେକ୍ଷୀରେ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହେଉଛି। ବୁଧବାର ଦିନ ଧର୍ମଗଡ଼ ବ୍ଲକ ଜୟନ୍ତପୁର ଠାରେ ମାଆ ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଠାକୁରାଣୀ ପୀଠରେ ପୂଜାର୍ଚ୍ଚନା ସହ ନୂତନ ବଜାର ପରିସରରେ ସ୍ଥାପନ କରାଯାଇଛି। ଏଥିରେ ବିଭିନ୍ନ ଗ୍ରାମର ଦେବାଦେବୀଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଆମନ୍ତ୍ରଣ ପାଇଁ ଦେବାଦେବୀ ମାନେ ଲାଠି କୁର୍ଚ୍ଚି ଓ ମଣିଷ ସବାରି ହୋଇ ମଣ୍ଡେଇ ପର୍ବକୁ ଆସିଥିଲେ। ସମସ୍ତ ଦେବାଦେବୀଙ୍କୁ ସୁସ୍ୱାଗତ କରିବା ସହ ପାଛୋଟି ନିଆଯାଇଥିଲା। ପୀଠରେ ପୂଜାର୍ଚ୍ଚନା କରିବା ପରେ ମାନସିକ ଧାରୀ ମାନେ କୁକୁଡ଼ା ପାରା ଛେଳି ମେଣ୍ଢା ଆଦି ବଳି ଦେଇଥିଲେ। ଏକ ପ୍ରକାର ଦେବୀଙ୍କ ପୀଠ ରକ୍ତ ରଞ୍ଜିତ ହୋଇଥିଲା। ପରେ ସମସ୍ତ ଦେବାଦେବୀ ଲାଠି କୁର୍ଚି ଓ ମଣିଷ ସବାରି ହୋଇ ବଜାର ଓ ଗ୍ରାମ ପରିଭ୍ରମଣ କରିଥିଲେ। ହଜାର ହଜାର ଶ୍ରଦ୍ଧାଳୁ, ଭକ୍ତ ଓ ଦର୍ଶକଙ୍କ ଭିଡ଼ ଜମି ରହିଥିଲା। ଗାଁ ଗହନ୍ତିଆ ପୂର୍ଣ୍ଣ ଚନ୍ଦ୍ର ନାଏକ, ପୁଝାରି ବଳରାମ ପୁଝାରି, କମିଟି ସଭାପତି ଭବାନୀ ପ୍ରସାଦ ଭୋଇ, ସମ୍ପାଦକ ତୁଳସିରାମ ନାଏକ ପ୍ରମୁଖ ମୁଖ୍ୟ ଭୂମିକା ତୁଲାଇ ଥିବାବେଳେ କମିଟି ସଦସ୍ୟ ହୀରାଜିତ ନାଏକ, କୃଷ୍ଣଚନ୍ଦ୍ର ନାଏକ, ବଦ୍ରୀ ପ୍ରସାଦ ଭୋଇ, ମହେଶ୍ୱର ନାଏକ, ଜୟଧର ନାଏକ, ଲିଙ୍ଗରାଜ ଦୁରିଆ, ଉମାକାନ୍ତ ମେହେର, ଗଗନ ମେହେର, ସରପଞ୍ଚ ପ୍ରତିନିଧି ନଜଲ ବାଗ, କ୍ଷୀରୋଦ ଭୋଇ, ଜୁବିନ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ମଣ୍ଡେଇ ଯାତ୍ରା ଉପଲକ୍ଷେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାଟକ ପରିବେଷଣ ହୋଇଥିଲା।

## ଦୁର୍ଘଟଣାରେ ଦୁଇ ଯୁବକ ମୃତ

ଜୁନାଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ଛୋରିଆଗଡ ଗ୍ରାମର ଦୁଇ ଯୁବକ ନିଜ ବନ୍ଧୁ ଘରକୁ ବୁଧବାର ଦିନ ଯାଇ ଭୋଜି ଖାଇ ଓଡି ୦୮ ସି ୧୭୮୭ ନମ୍ବର ବାଇକରେ ଛୋରିଆଗଡ଼ କେନାଲ ରାସ୍ତାରେ ଫେରୁଥିବା ସମୟରେ କେନାଲରେ ପଡ଼ି ଦୁଇ ଯୁବକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଛି। ସେମାନେ ହେଲେ କଳିଆକୁଣ୍ଡଲ ଗ୍ରାମର ଶିବରାମ ବିଶ୍ୱାଳ (୪୦) ଓ ବ୍ରାହ୍ମଣୀ ଗୁଡ଼ା ଗ୍ରାମର ରୋହିତ ପୁଝାରୀ( ୩୦)ବୋଲି ଜଣାପଡ଼ିଛି। ଘଟଣା ସ୍ଥଳରୁ ଜୁନାଗଡ ଥାନାକୁ ଫୋନ କରିବାରୁ ସେଠାରେ ପୋଲିସ ପହଞ୍ଚିଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଡାକିଥିଲେ କିନ୍ତୁ ଆମ୍ବୁଲାନ୍ସ ପହଞ୍ଚି ଶବକୁ ନେଇ ନ ଥିଲେ, ପରେ ପୋଲିସ ଅଧିକାରୀ ପ୍ରାଇଭେଟ୍ ଗାଡ଼ି ଡାକି ଜୁନାଗଡ ଡାକ୍ତରଖାନକୁ ପଠାଇଥିଲେ । ପରିବାର ଲୋକେ ଏହା ଦୁର୍ଘଟଣା କରାଯାଇଛି ବୋଲି ପୋଲିସକୁ ଅଭିଯୋଗ କରିଥିଲେ ଏବଂ ରାସ୍ତାରେ ଏକ ନମ୍ବର ପ୍ଲେଟ ଓଡି ୦୮ଏନ୍ ୯୬୩୪ ପଡ଼ିଥିବା ଦେଖି ଏହି ନମ୍ବର ଗାଡ଼ି ଦୁର୍ଘଟଣା କରିଥିବ ବୋଲି ଅଭିଯୋଗ କରିଥିଲେ । ଏ ନେଇ ଜୁନାଗଡ଼ ଥାନାରେ ଏକ ମାମଲା ରୁଜୁ କରି ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ଏକ୍ସ କ୍ୟାଡର ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ



ଲାଞ୍ଜିଗଡ, (ଭାସ୍କରନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଏକ୍ସ କ୍ୟାଡର ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି ସୁବ୍ରତ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ସାହୁ, ସାଧାରଣ ସମ୍ପାଦକ ପ୍ରଶାନ୍ତ ଖମାରି, ମନୋଜ ମହାଖୁଡ଼ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଲାଞ୍ଜିଗଡ ବ୍ଲକ ଏକ୍ସ କ୍ୟାଡର ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ପଞ୍ଚାନନ ନାଗଙ୍କୁ ମନୋନୀତ କରାଯାଇଥିବାବେଳେ ଉପସଭାପତି ଭାବେ କ୍ଷୀରସିନ୍ଧୁ ସାହୁ, ଉପସଭାନେତ୍ରୀ ଭାବେ ଜ୍ୟୋତ୍ସ୍ନା କୁମାର, ସାଧାରଣ ସମ୍ପାଦକ ଭାବେ ଗିରିଧାରୀ ଗଉଡ଼, କୋଷାଧ୍ୟକ୍ଷ ଭାବେ ଉଜ୍ଜ୍ୱଳ ନାଏକ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଏହି ଅବସରରେ ନିର୍ବାଚନ ଅଧିକାରୀ ଭାବେ ସଂଘର ଉପଦେଷ୍ଟା ପ୍ରଶାନ୍ତ ପ୍ରଧାନ ଓ ଉପସଭାପତି ଟୁନା ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ଏହାପରେ ସଂଘର ନୂତନ କର୍ମକର୍ତ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢଳଦେବ ମୁଣ୍ଡ, ଭାରତ ଭୂଷଣ ସାହୁ, ଶାନ୍ତିପ୍ରିୟା ମୁଦୁଲିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ବ୍ଲକରେ କାର୍ଯ୍ୟରତ ଏକ୍ସ କ୍ୟାଡର ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବା ଜଣାପଡିଛି।

## ନକଲି ବିଦେଶୀ ମଦ କାରଖାନା ଠାବ, ବିପୁଳ ମଦ ଜବତ



ଧର୍ମଗଡ଼, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମୁଖୀଗୁଡାରେ ନକଲି ବିଦେଶୀ ମଦ ପ୍ରସ୍ତୁତି କାରଖାନା ଠାବ କରିଛି ଅବକାରୀ ବିଭାଗ। ଜୟପାଟଣା ଓ ଧର୍ମଗଡ ଅବକାରୀ ବିଭାଗର ମିଳିତ ଚଢାଉରେ ବିପୁଳ ପରିମାଣର ମଦ ଜବତ କରାଯାଇଛି। କୌଣସି ସୂତ୍ରରୁ ମୁଖିଗୁଡ଼ା ଗାଁର କ୍ଷମା ସାହୁ ନିଜ ଘରେ ମେସିନ ବସାଇ ନକଲି ବିଦେଶୀ ମଦ ତିଆରି କରୁଥିବା ସୁରାଗ ପାଇ ମାଡି ବସିଲା ଅବକାରି ବିଭାଗ । ବିପୁଳ ପରିମାଣର ବିଭିନ୍ନ ବ୍ରାଣ୍ଡର ନକଲି ମଦ, ଲେବଲ, ମଦ ତିଆରି ସାମଗ୍ରୀ ଜବତ କରିଛି ଅବକାରୀ ବିଭାଗ। ଦୀର୍ଘଦିନ ହେଲା ଏଠି ମଦ ପ୍ରସ୍ତୁତ ହୋଇ ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଥିବା ବେଳେ ଏହାର ଟେର ପାଉନଥିଲା ଅବକାରୀ ବିଭାଗ। ନକଲି ମଦ ପ୍ରସ୍ତୁତ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ବେଳେ ଏହି ମଦ ପିଇ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା କ'ଣ ହେଉଥିବ ତାହା ସହଜେ ଅନୁମେୟ। ଅଞ୍ଚଳରେ ନକଲି ମଦ କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ତେବେ ନକଲି ମଦ ଚୋରାକାରବାରର ଚେର ଲମ୍ବୀ ଥିବାବେଳେ ବିଭାଗ ତାର ଠୋସ ପାଉ ନ ଥିଲା। ବିଳମ୍ବରେ ହେଉ ପଛେ ଅବକାରୀ ବିଭାଗ ନକଲି ମଦ କାରଖାନା ଠାବ କରି ଏକ ସଫଳ ପାହାଚ ଚଢ଼ିଛି।

## ନିମ୍ନମାନର ଗାଧୁଆ ତୁଠ ନିର୍ମାଣ ନେଇ ଅଭିଯୋଗ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କେସିଙ୍ଗା ବ୍ଲକ ଅଧୀନସ୍ଥ ତୁର୍ଲାଖମନ ଗ୍ରାମର କୁଇକଟା ଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଗୋଟିଏ ଗାଧୁଆ ତୁଠ ନିର୍ମାଣ ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଗୋଟିଏ ଗାଧୁଆ ତୁଠ ନିର୍ମାଣ ପାଇଁ ଦୁଇ ଜଣ ଠିକାଦାର ଦୃଢ ଇଚ୍ଛା କରିବାରୁ ଅଳ୍ପ ବ୍ୟବଧାନରେ ଦୁଇଟି ଗାଧୁଆ ତୁଠ ନିର୍ମାଣ କରିଥିଲେ। ଏହା ଡିପାର୍ଟମେଣ୍ଟାଲ କାମ ହୋଇଥିଲା ବେଳେ ସଂପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ବିନା ଲେ ଆଉଟ୍ ଓ ବିନା ତଦାରଖରେ ଏହି ଦୁଇଟି ଗାଧୁଆ ତୁଠ ନିର୍ମାଣ ସମୟରେ ନିମ୍ନମାନର କାମ ହୋଇଥିବା ଯୋଗୁଁ ଅଳ୍ପ ଦିନରେ ଗୋଟିଏ ଗାଧୁଆ ତୁଠ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ନିମ୍ନମାନର କାମ ଯୋଗୁଁ ଗୋଟିଏ ଗାଧୁଆ ତୁଠ ଭାଙ୍ଗି ଯାଇଥିବାରୁ ପୂର୍ବତନ ବିଡ଼ିଓ କଳାହାଣ୍ଡି ଜିଲ୍ଲା ପରିଷଦର (ଏପିଡି ଟେକ୍ନିକାଲ) ଟିମ୍ ଏହାର ମାନ ଯାଞ୍ଚ କରି ଗୋଟିଏ ଗାଧୁଆ ତୁଠର ପେମେଣ୍ଟ କରିବାକୁ ଅର୍ଡର ସିଟ୍‌ରେ ଉଲ୍ଲେଖ କରିଥିବା ବିଶେଷ ସୂତ୍ରରୁ ପ୍ରକାଶ।



## ଡ଼ା ବିଦ୍ୟୁତ୍‌ପ୍ରଭା କରଙ୍କୁ ସମ୍ବର୍ଦ୍ଧନା




ଜୁନାଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାର ସମାଜସେବୀ ତଥା ବରିଷ୍ଠ ଆଇନଜୀବୀ ବିଶ୍ୱନାଥ କରଙ୍କ ସୁପୁତ୍ରୀ ଡ଼ାକ୍ତର ବିଦ୍ୟୁତ୍ ପ୍ରଭା କର ଓଡ଼ିଶା ଲୋକ ସେବା ଆୟୋଗ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଗତ ଫେବୃଆରୀ ୭ ତାରିଖ ଦିନ ଓଡ଼ିଶା ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇ କଳାହାଣ୍ଡି ଜିଲ୍ଲାର କଲମପୁର ବ୍ଲକ ଅଧିନରେ ଥିବା ମଣ୍ଡଳ ସରକାରୀ ଡାକ୍ତରଖାନାରେ ଆୟୁର୍ବେଦିକ ଡ଼ାକ୍ତର ଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ପ୍ରକାଶ ଥାଉ କି ଡ଼ା ବିଦ୍ୟୁତ୍‌ପ୍ରଭା କର ପ୍ରାରମ୍ଭରୁ ହିଁ ଜଣେ ମେଧାବୀ ଛାତ୍ରୀ ଥିଲେ। ସେ ମାତା ପଦ୍ମାବତୀ ପାଣିଗ୍ରାହୀ (ଶିକ୍ଷୟିତ୍ରୀ) ଓ ପିତା ବିଶ୍ୱନାଥ କର(ଓକିଲ)ଙ୍କ ପ୍ରଥମ କନ୍ୟା ଅଟନ୍ତି। ଗତ ଫେବୃଆରୀ ୧୬ତାରିଖ ରବିବାର ଦିନ ଜୁନାଗଡ଼ ସ୍ଥିତ ହିଞ୍ଜିଲିବାହାଲି ଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା, ଏଥିରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ବନ୍ଧୁବର୍ଗ ଓ କର ପରିବାର ସମେତ ଶତାଧିକ ଲୋକ ଯୋଗ ଦେଇ ବାପାଙ୍କ ପରି ଲୋକଙ୍କ ସେବାରେ ନିଜକୁ ବ୍ରତୀ ହୋଇ ଦୁଃଖୀ ଦରିଦ୍ର ଓ ଅସହାୟଙ୍କ ସେବାକୁ ପାଥେୟ କରି ଅଞ୍ଚଳରେ ଖ୍ୟାତି ଅର୍ଜନ କରିବାକୁ ବକ୍ତା ମାନେ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ଦାମୋଦର ବେହେରା, ଗୋବର୍ଦ୍ଧନ ବାଗ, ହିଙ୍ଗୁଳେଶ୍ୱର ସେଠ୍, ଅଚ୍ୟୁତାନନ୍ଦ ନାଗ, ତ୍ରିଲୋଚନ ବାଗ, ଖଗେଶ୍ୱର ଛତ୍ରିଆ, ସନାତନ ନାୟକ, ଜୟସେନ୍ ବାଗ, ପୂର୍ଣ୍ଣଚନ୍ଦ୍ର ନିଆଲ, ଟିକଚନ୍ଦ ବାଗ, ଯତୀନ୍ଦ୍ର କର, ଉଗ୍ରସେନ କନ୍ଧପାନ ପ୍ରଭୃତି ବକ୍ତବ୍ୟ ରଖିଥିଲେ । ଡ଼ା ବିଦ୍ୟୁତ୍‌ପ୍ରଭାଙ୍କୁ ପୂର୍ବତନ ବିରୋଧୀଦଳ ନେତା ପ୍ରଦୀପ୍ତ କୁମାର ନାୟକ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ, କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ସଭାପତି ଗୋପବନ୍ଧୁ ବେହେରା, ସିଡ୍ ସଂଗଠନର ସମ୍ପାଦକ ନେପାଳ ଚନ୍ଦ୍ର ବାଗ ଓ ଅନେକ ଗଣ୍ୟ ମାନ୍ୟ ବ୍ୟକ୍ତି ବାର୍ତ୍ତା ମାଧ୍ୟମରେ ଶୁଭେଚ୍ଛା ଜଣାଇଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୃନ୍ଦାବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି ।ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଉପସ୍ଥିତ ଥିବାବେଳେ ସମ୍ମାନୀତ ଅତିଥି ଭାବରେ ସମାଜସେବୀ ଅଶୋକ ପଟ୍ଟଯୋଶୀ, ମୁଖ୍ୟବକ୍ତା ଭାବରେ କଳାହାଣ୍ଡି ବିଭାଗ ପ୍ରମୁଖ ଗରିବ ସୁନାନି, ବିଦ୍ୟାଳୟର ସଭାପତି ଶତ୍ରୁଘ୍ନ ନାଏକ, ବିଦ୍ୟାଳୟର ସଂପାଦକ ତ୍ରିଲୋଚନ ନାୟକ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜୁ ନାଏକ, ପୂର୍ବତନ ସଂପାଦକ ତରଙ୍ଗ ଚଣ୍ଡି ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ସଂନ୍ଧ୍ୟା ୫:୩୦ରେ ଦ୍ୱୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟପରିଚାଳନ ଆରମ୍ଭ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ରାଜୁ ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମସ୍ତ ଅତିଥି ମାନେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଯୋଜନା ବିଷୟରେ ନିଜ ନିଜ ମତାମତ ଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ସୁଶାନ୍ତ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପରିଚାଳନା ସମିତି ଅଭିଭାବକ ଅଭିଭାବିକା ତଥା ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ସଭା କାର୍ଯ୍ୟ ସମାପନ ପରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ରାଶିଫଳ

ଶୁକ୍ରବାର, ୨୧ ଫେବୃଆରୀ ୨୦୨୫



**ମେଷ:** ବକେୟା ରାଶି ପୁନରୁଦ୍ଧାର ପାଇଁ ଉଦ୍ୟମ ସଫଳ ହେବ। ବ୍ୟବସାୟ ଯାତ୍ରା ଲାଭଦାୟକ ହେବ। ଲାଭ ସୁଯୋଗ ଆସିବ। ଏକ ନୂତନ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବିନିଯୋଗ ଶୁଭ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି । ଏହାର ପ୍ରଭାବ ଚାକିରି କ୍ଷେତ୍ରରେ ପଡିବ।



**ବୃଷ:** ନୂତନ ଯୋଜନା ପ୍ରସ୍ତୁତ ହେବ। ଜଣେ ପ୍ରଭାବଶାଳୀ ବ୍ୟକ୍ତି ମାର୍ଗଦର୍ଶନ ଏବଂ ସମର୍ଥନ ପାଇପାରିବେ। ବ୍ୟବସାୟ କାର୍ଯ୍ୟରେ ଉନ୍ନତି ହେବ । ଆପଣ ସାମାଜିକ ସେବା କରିବାକୁ ପ୍ରେରଣା ପାଇବେ। ଆଘାତ ଏବଂ ରୋଗ ହେତୁ ବାଧା ହେବାର ସମ୍ଭାବନା ଅଛି।



**ମିଥୁନ:** ଯେ କୈଣସି ବଡ ସମସ୍ୟାର ସମାଧାନ ସହଜ ହେବ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ସଫଳ ହେବ । ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି । ଭାଗ୍ୟ ଆପଣଙ୍କ ସହିତ ରହିବ ।



**କର୍କଟ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ । ଆର୍ଥିକ ପରିସ୍ଥିତି ଆହୁରି ଖରାପ ହୋଇପାରେ । ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତତ୍ପର ହୁଅନ୍ତୁ ନାହିଁ । ବକ୍ତବ୍ୟର ନିୟନ୍ତ୍ରଣ କରନ୍ତୁ । ଚିନ୍ତା ଏବଂ ଟେନସନ ରହିବ ।



**ସିଂହ:** ଶତ୍ରୁତା ରହିବ । ପୂଜାରେ ନିୟୋଜିତ ହେବେ। ବ୍ୟବସାୟରୁ ଲାଭ ବୃଦ୍ଧି ହେବ। କୋର୍ଟ ଇତ୍ୟାଦିରେ ପରିସ୍ଥିତି ଅନୁକୂଳ ହେବ। ଏକ ବିବାଦରେ ବିଜୟ ହାସଲ କରାଯାଇପାରେ । ବ୍ୟବସାୟରେ ନୂତନ ସୁଯୋଗ ମିଳିପାରିବ । ଚିନ୍ତିତ ହେବେ । ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ ।



**କନ୍ୟା:** ଦୂରରୁ ଭଲ ଖବର ଗ୍ରହଣ କରାଯିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କୁ ସମର୍ଥନ କରିବେ। ପରିବାରରେ ଯେ କୈଣସି ଚାହିଦା କାମ ସମ୍ଭବ । ଅସ୍ଥିରତା ହୋଇପାରେ । ବକ୍ତବ୍ୟରେ କଠିନ ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ । ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ ।



**ତୁଳା:** ବିବାଦକୁ ପ୍ରୋତ୍ସାହନରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ । ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି । ପ୍ରୟାସ ସଫଳ ହେବ। ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ। କିଛି ବଡ କରିବାର ଇଚ୍ଛା ହେବ। ବ୍ୟବସାୟ ଭଲ କରିବ। ଟଙ୍କା ମିଳିବା ସହଜ ହେବ।



**ବିଛା:** ଯାତ୍ରାରେ ଶୀଘ୍ର ଯାଆନ୍ତୁ ନାହିଁ । ଜଣେ ବ୍ୟକ୍ତି ସହିତ ବିନା କାରଣରେ ବିବାଦ ହୋଇପାରେ । ଦୌଡାଦୌଡି ଯୋଗୁଁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ । ବେପରୁଆ ହୁଅନ୍ତୁ ନାହିଁ। କିଛି ଦୁଃଖଦ ଖବର ପାଇବାର ସମ୍ଭାବନା ଅଛି । ଚିନ୍ତା ଏବଂ ଟେନସନ ରହିବ । ବ୍ୟବସାୟ ଭଲ କରିବ ।



**ଧନୁ:** ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି । ଯାନ ଏବଂ ଯନ୍ତ୍ରପାତି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ଶାରୀରିକ ଯନ୍ତ୍ରଣା ଦ୍ୱାରା କରାଯାଇଥିବା କାର୍ଯ୍ୟରେ ବ୍ୟାଘାତ ହୋଇପାରେ। ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବ୍ୟବସାୟ ଭଲ କରିବ । ଆୟରେ ନିଶ୍ଚିତତା ରହିବ । ଚିନ୍ତିତ ହେବେ।



**ମକର:** କାରବାରରେ ସାବଧାନ ରୁହ। ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ସମ୍ଭାବନା ହେଉଛି । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆୟ ବୃଦ୍ଧି ପାଇବ। ଅଂଶୀଦାରମାନଙ୍କଠାରୁ ଭିନ୍ନତା ପରିସ୍ଥିତିକୁ ଅନୁକୂଳ କରିବ। କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ବଦନାମ ହୋଇପାରନ୍ତି, ସାବଧାନ ରୁହନ୍ତୁ ।



**କୁମ୍ଭ:** ମାନସିକ ଅସ୍ଥିରତା ଦେଖାଯିବ। ବନ୍ଦ କାର୍ଯ୍ୟଗୁଡିକ କୋର୍ଟ ଏବଂ ସରକାରୀ କାର୍ଯ୍ୟାଳୟରେ ଗତି କରିବ। ବିବାଦର ସମାଧାନ ହୋଇପାରିବ । ଜୀବନସାଥୀ ଉପହାର ଦେବାର ସୁଯୋଗ ପାଇବେ। ଖୁସି ହେବେ। ପାରିବାରିକ ସହାୟତା ଜାରି ରହିବ। ଆୟ ବୃଦ୍ଧି ପାଇବ ।



**ମୀନ:** ସୁଖ ବୃଦ୍ଧି ପାଇବ। ଏକ ଚିତ୍ତାକର୍ଷକ ମାର୍ଗ ପ୍ରସ୍ତୁତ କରାଯାଇପାରିବ । ଛାତ୍ରମାନେ ସେମାନଙ୍କର କାର୍ଯ୍ୟକୁ ସଫଳତାର ସହିତ କରିବାକୁ ସମର୍ଥ ହେବେ । ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ। ଆପଣ ପ୍ରିୟ ଖାଦ୍ୟର ଆନନ୍ଦ ପାଇବେ । ପ୍ରେମ ସମ୍ପର୍କ ପାଇଁ ଏକ ପ୍ରସ୍ତାବ ମିଳିପାରିବ ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯